# ସଂଚାର
THE SANCHAR
ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 32 | ISSUE 327 | ଭାଗ ୩୨ | ସଂଖ୍ୟା ୩୨୭ | Bhubaneswar | Thursday 20 February 2025 | Page 8 Rs. 4.00 | ● ଭୁବନେଶ୍ୱର ଗୁରୁବାର ୨୦ ଫେବୃଆରୀ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା





ବିଶ୍ୱର ନମ୍ବର-୧ ବ୍ୟାଟ୍ସମ୍ୟାନ ହେଲେ ଶୁବମନ ଗିଲ୍ ପୃଷ୍ଠା ୬


## ୫ ରାଜ୍ୟକୁ ୧୫୫୪.୯୯ କୋଟିର ଅତିରିକ୍ତ ସହାୟତା

# ଓଡ଼ିଶା ପାଇଁ ୨୫୫.୨୪ କୋଟି

### ଧନ୍ୟବାଦ ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୯।୨(ସଂଚାର ବ୍ୟୁରୋ): କେନ୍ଦ୍ର ସ୍ୱରାଷ୍ଟ୍ର ବ୍ୟାପାର ଓ ସମବାୟ ମନ୍ତ୍ରୀ ଅମିତ ଶାହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଚ୍ଚସ୍ତରୀୟ କମିଟି (ଏଚଏଲସି) ୨୦୨୪ ବର୍ଷରେ ବନ୍ୟା, ଭୂସ୍ଖଳନ ଓ ସାମୁଦ୍ରିକ ଝଡ଼ ଆଦି ପ୍ରାକୃତିକ ଦୁର୍ବିପାକ ଦ୍ୱାରା ପ୍ରଭାବିତ ୫ ରାଜ୍ୟ ପାଇଁ ଜାତୀୟ ବିପର୍ଯ୍ୟୟ ମୁକାବିଲା ପାଣ୍ଠି (ଏନଡିଆରଏଫ) ଅଧୀନରେ ୧୫୫୪.୯୯ କୋଟି ଟଙ୍କାର ଅତିରିକ୍ତ କେନ୍ଦ୍ରୀୟ ସହାୟତାକୁ ଅନୁମୋଦନ ପ୍ରଦାନ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ କେନ୍ଦ୍ର ସରକାରଙ୍କ ଏହି ପଦକ୍ଷେପ ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେଉଥିବା ଉକ୍ତ ୫ଟି ରାଜ୍ୟର ଲୋକଙ୍କ ସହାୟତା କରିପାରିବ। ଏଥିରେ ଓଡ଼ିଶାର ଭାଗ ୨୫୫.୨୪ କୋଟି ଟଙ୍କା ଥିବା ଜଣାପଡ଼ିଛି।

ଏସଡିଆରଏଫରେ ଉପଲବ୍ଧ ପ୍ରାରମ୍ଭିକ ରାଶିର ୫୦ ପ୍ରତିଶତ ଆଡଜଷ୍ଟମେଣ୍ଟ ଅଧୀନରେ ରହିବ। ୧୫୫୪.୯୯ କୋଟି ଟଙ୍କାରୁ ଓଡ଼ିଶା ବ୍ୟତୀତ ଆନ୍ଧ୍ରପ୍ରଦେଶ ପାଇଁ ୬୦୮.୦୮ କୋଟି, ନାଗାଲାଣ୍ଡ ପାଇଁ ୧୭୦.୯୯ କୋଟି, ତେଲଙ୍ଗାନା ପାଇଁ ୨୩୧.୭୫ କୋଟି ଟଙ୍କା ଓ ତ୍ରିପୁରା ପାଇଁ ୨୮୮.୯୩ କୋଟି ଟଙ୍କାର ସହାୟତା ରହିଛି। ଏହି ଅତିରିକ୍ତ ସହାୟତା ଏସଡିଆରଏଫରୁ କେନ୍ଦ୍ର ସରକାର ରାଜ୍ୟମାନଙ୍କୁ ପ୍ରଦାନ କରାଯାଇଥିବା ପାଣ୍ଠିଠାରୁ ଅଧିକ। ୨୦୨୪-୨୫ ଆର୍ଥିକ ବର୍ଷରେ କେନ୍ଦ୍ର ସରକାର ଏସଡିଆରଏଫରୁ ୨୭ଟି ରାଜ୍ୟକୁ ୧୮,୩୨୨.୮୦ କୋଟି ଟଙ୍କା ଓ ଏନଡିଆରଏଫରୁ ୧୮ଟି ରାଜ୍ୟକୁ ୪୮୦୮.୩୦ କୋଟି, ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି (ଏସଡିଏମଏଫ)ରୁ ୧୪ଟି ରାଜ୍ୟକୁ ୨୨୦୮.୫୫ କୋଟି ଓ ଏନଡିଏମଏଫରୁ ୮ଟି ରାଜ୍ୟକୁ ୭୧୯.୭୨ କୋଟି ଟଙ୍କା ପ୍ରଦାନ କରିଛନ୍ତି। ତେବେ କେନ୍ଦ୍ର ସରକାର କୌଣସି ରାଜ୍ୟଠାରୁ ଆନୁଷ୍ଠାନିକ ସ୍ମାରକପତ୍ରକୁ ଅପେକ୍ଷା ନ କରି ବିପର୍ଯ୍ୟୟ ପରେ ତୁରନ୍ତ ଉପରୋକ୍ତ ରାଜ୍ୟଗୁଡ଼ିକୁ ଆନ୍ତଃମନ୍ତ୍ରଣାଳୟ କେନ୍ଦ୍ରୀୟ ଟିମ୍ (ଆଇଏମସିଟି) ପଠାଇ କ୍ଷୟକ୍ଷତି ନେଇ ଅବଗତ ହୋଇଥିଲେ। ରାଜ୍ୟ ପାଇଁ ଅନୁମୋଦିତ ସହାୟତା ରାଶି ସକାଶେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଶ୍ରୀ ଶାହଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# କରିତ୍‌କର୍ମା ଅଚ୍ୟୁତ: ୨୪ ଘଣ୍ଟାରେ ସବୁ ମ୍ୟାନେଜ

ଭୁବନେଶ୍ୱର, ୧୯।୨(ସଂଚାର ବ୍ୟୁରୋ): କିଟରେ ଜଣେ ବି.ଟେକ ଛାତ୍ରୀ ଆତ୍ମହତ୍ୟା କଲେ । ଓଡ଼ିଶା ଓ ଭାରତ ଅଚ୍ୟୁତ ସାମନ୍ତଙ୍କ ଗୁଣ୍ଡାଗିରି ପାଇଁ ବଦନାମ ହେଲା। ଭାରତ ଓ ନେପାଳ ମଧ୍ୟରେ ସମ୍ପର୍କ ବି

- ଗଣମାଧ୍ୟମ ଚୁପ, ସାମାଜିକ କର୍ମୀମାନେ ବି ନିସ୍ତେଜ
- ବିଜେଡିର ସୁରକ୍ଷା ବଳୟରେ ଅଚ୍ୟୁତ ସାମନ୍ତ
- ପୁଣି ନାଲିଫିତା ତଳେ ହଜିଯିବ କି କିଟ୍ କେଲେଙ୍କାରୀ ?

ବାଜିରେ ଲାଗିଛି। ହେଲେ ଏହି ଘଟଣାକୁ ନେଇ ରାଜ୍ୟ ଯେଉଁଭଳି ଘଟଣାବହୁଳ ରହିବା କଥା, ସେପରି ନାହିଁ। ଗଣମାଧ୍ୟମରେ ବି ଗୋଟିଏ ଦିନ ହଲାପଟା ହେବା ପରେ ଆଜି ଆଉ ସେପରି ହଟଚମଟ ନାହିଁ। ଅବଶ୍ୟ ଏ ଶ୍ରେୟ ନିଶ୍ଚିତ ଭାବେ ଅଚ୍ୟୁତ ସାମନ୍ତଙ୍କର। ଜଣେ ଲ୍ୟାବ ଆସିଷ୍ଟାଣ୍ଟରୁ ଶିକ୍ଷା ଉଦ୍ୟୋଗୀ। କିଟ୍ ପ୍ରତିଷ୍ଠା ଦିନରୁ ସବୁକିଛି ମ୍ୟାନେଜ କରି ଏତେବଡ଼ ସାମ୍ରାଜ୍ୟ ପ୍ରତିଷ୍ଠା କରିଥିବା ଅଚ୍ୟୁତ ସବୁ ଆନ୍ଦୋଳନକାରୀଙ୍କୁ ମାତ୍ର ୨୪ ଘଣ୍ଟାରେ ଚୁପ କରିବାରେ ବି ସଫଳ ହୋଇଛନ୍ତି। ନା ବିରୋଧୀ ନା ଶାସକ ଦଳର ବିଧାୟକ ଏହି ପ୍ରସଙ୍ଗକୁ ନେଇ ତୁମ୍ବିତୋଫାନ କରୁଛନ୍ତି ନା ସାମାଜିକ ସଙ୍ଗଠନ ଆନ୍ଦୋଳନକୁ ଓହ୍ଲାଉଛନ୍ତି। ଥରେ ଦୁଇ ଥର ନାରାବାଜି ପରେ ଯେଉଁ ଦୁଇ ତିନିଟି ସଂଗଠନ ବିକ୍ଷୋଭ କରୁଥିଲେ, ସେମାନେ ବି ସାଇଲେଣ୍ଟ ହୋଇଯାଇଛନ୍ତି।

କିଟ୍ ବିରୋଧରେ ମାଳ ମାଳ ଅଭିଯୋଗ। ଅଚ୍ୟୁତ ନିଜ ସାମ୍ରାଜ୍ୟ ଗଢ଼ିବାକୁ ଯାଇ ହଜାର ହଜାର ଲୋକଙ୍କୁ ଦଳିମକଚି, କିଛି ଆଦିବାସୀ ପରିବାରକୁ ତଳିତଳାନ୍ତ କରି ଦେଶର ଜଣେ ପ୍ରତିଷ୍ଠିତ ଉଦ୍ୟୋଗୀ ହୋଇଥିଲେ। ଏମିତି ବିଭିନ୍ନ ସମୟରେ ଅଭିଯୋଗ ହୋଇଥାଏ। ଆର୍‌ଟିଆଇ କର୍ମୀମାନେ ➣ପୃଷ୍ଠା-୬



## ଉଚ୍ଚସ୍ତରୀୟ ତଦନ୍ତ ଆରମ୍ଭ

କିଟରେ ନେପାଳୀ ଛାତ୍ରୀଙ୍କ ମୃତ୍ୟୁ ଓ ପରବର୍ତ୍ତୀ ହିଂସା ଘଟଣାର ତଦନ୍ତ ପାଇଁ ବିଶ୍ୱବିଦ୍ୟାଳୟରେ ପହଞ୍ଚିଛନ୍ତି ରାଜ୍ୟ ସରକାରଙ୍କ ଉଚ୍ଚସ୍ତରୀୟ ଟିମ। ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ନେତୃତ୍ୱରେ ଏହି ଟିମ୍ କିଟ୍‌ରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ହଷ୍ଟେଲରେ ଥିବା ନେପାଳୀ ଛାତ୍ରଛାତ୍ରୀ ଓ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ସହ ଟିମ୍‌ର ସଦସ୍ୟମାନେ ଆଲୋଚନା କରିଛନ୍ତି ଏବଂ ଉପଯୁକ୍ତ ସମୟରେ ସରକାରଙ୍କୁ ରିପୋର୍ଟ ଦିଆଯିବ ବୋଲି କହିଛନ୍ତି। ସେହିଭଳି ପୁଲିସ କମିଶନର କହିଛନ୍ତି ଯେ କିଟରେ ଏବେ ଆଇନଶୃଙ୍ଖଳା ସ୍ଥିତି ସ୍ୱାଭାବିକ ରହିଛି। ଛାତ୍ରଛାତ୍ରୀଙ୍କ କ୍ଲାସ ଚାଲିଛି। ଯେଉଁ ନେପାଳୀ ଛାତ୍ରଛାତ୍ରୀମାନେ ଚାଲିଯାଇଛନ୍ତି, ସେମାନଙ୍କୁ ଫେରିଆସିବାକୁ ଅପିଲ କରାଯାଇଛି। ସୂଚନାଯୋଗ୍ୟ ଯେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଦ୍ୱାରା ➣ପୃଷ୍ଠା-୬

## ଧମକାଇଲେ ନେପାଳ ସରକାର

**କାଠମାଣ୍ଡୁ:** କିଟ୍ ବିଶ୍ୱବିଦ୍ୟାଳୟର ଜଣେ ନେପାଳୀ ଛାତ୍ରୀଙ୍କ ମୃତ୍ୟୁ ପରେ ସାରା ଦେଶ ଉଠୁଛି ପଡୁଛି। ଘଟଣାକୁ ନେଇ ସବୁଆଡୁ ତୀବ୍ର ବିରୋଧ କରାଯାଉଥିବା ବେଳେ ରାଜ୍ୟକୁ ନିନ୍ଦିତ ହେବାକୁ ପଡ଼ିଛି। ଘଟଣା ଦିନକୁ ଦିନ ବିବାଦୀୟ ହୋଇପଡୁଥିବା ବେଳେ ବର୍ତ୍ତମାନ ନେପାଳ ସରକାର ଏହି ଘଟଣା ନେଇ କଡ଼ା ଆଭିମୁଖ୍ୟ ପୋଷଣ କରିଛନ୍ତି। ନେପାଳ ସରକାରଙ୍କ ପକ୍ଷରୁ କୁହାଯାଇଛି ଯେ ଛାତ୍ରୀଙ୍କ ପରିବାରକୁ ନ୍ୟାୟ ଓ ଆଇନଗତ ଉପାୟରେ ପରିଚାଳନା ନ କଲେ, ଓଡ଼ିଶା ଶିକ୍ଷାନୁଷ୍ଠାନଗୁଡ଼ିକରେ ପଢ଼ିବାକୁ ଚାହୁଁଥିବା ଛାତ୍ରୀଛାତ୍ରଙ୍କୁ ଆଗାମୀ ଦିନରେ ନୋ-ଅବଜେକ୍ସନ ସାର୍ଟିଫିକେଟ (ଏନଓସି) ପ୍ରଦାନ ପ୍ରକ୍ରିୟାରେ ରୋକ ଲଗାଯିବ।

## ପ୍ରକୃତିଙ୍କୁ ନ୍ୟାୟ ନଦେଇ ବ୍ୟାନ କରିଥିଲେ



କିଟ୍‌ରେ ନେପାଳୀ ଛାତ୍ରୀ ମୃତ୍ୟୁ ଘଟଣା ସାରା ରାଜ୍ୟକୁ ତାଜୁବ କରିଦେଇଛି। ଏହାକୁ ନେଇ ରାଜ୍ୟ ରାଜନୀତି ଉଠୁଛିପଡୁଛି। ଘଟଣା ପାଇଁ ଓଡ଼ିଶାକୁ ସାରା ବିଶ୍ୱରେ ନିନ୍ଦା କରାଯାଉଛି। ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ପ୍ରରୋଚନାରେ କିଟ୍ କର୍ତ୍ତୃପକ୍ଷଙ୍କ ଏଭଳି ବ୍ୟବହାରକୁ ନେପାଳ ସରକାର ଏବଂ ସେଠାକାର ଛାତ୍ର ସଂଘ କଡ଼ା ବିରୋଧ କରିଛନ୍ତି। ଇତିମଧ୍ୟରେ ଏକ ଜାତୀୟ ଗଣମାଧ୍ୟମରେ ଘଟଣା ସମ୍ପର୍କରେ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି। ଜାତୀୟ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ବିଟେକ୍ ତୃତୀୟ ବର୍ଷର ଛାତ୍ର ଆଦ୍ୱିକ୍ ଶ୍ରୀବାସ୍ତବ ନେପାଳୀ ଛାତ୍ରୀ ତଥା ବି. ଟେକ୍ କମ୍ପ୍ୟୁଟର ସାଇନ୍ସର ତୃତୀୟ ବର୍ଷରେ ପଢୁଥିବା ପ୍ରକୃତି ଲାମ୍‌ସଲଙ୍କୁ ନିର୍ଯାତନା ଦେଉଥିଲେ। ଏହାକୁ ସହି ନପାରି ବିଶ୍ୱବିଦ୍ୟାଳୟ କ୍ୟାମ୍ପସସ୍ଥିତ ହଷ୍ଟେଲ 'କ୍ୟୁସି-୪'ର ରୁମ ନମ୍ବର ୪ଏ-୧୨୫ରେ ରବିବାର ଅପରାହ୍ଣରେ ପ୍ରକୃତି ଆତ୍ମହତ୍ୟା କରିଥିଲେ। ଆଦ୍ୱିକ ➣ପୃଷ୍ଠା-୬

## ଆଶ୍ୱାସନା ଦେଲେ ମୁଖ୍ୟମନ୍ତ୍ରୀ

ରାଜ୍ୟ ଅତିଥି ଭବନରେ ନେପାଳର କାଉନସେଲର ସଞ୍ଜୀବ ଦାସ ଶର୍ମା ଓ ନବୀନ ରାଜ ଅଧିକାରୀଙ୍କ ସହ କଥା ହେଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। କିଟ ଛାତ୍ରୀ ପ୍ରକୃତି ମୃତ୍ୟୁ ମାମଲାରେ ନ୍ୟାୟ ପାଇଁ ଆଶ୍ୱାସନା ଦେଇଛନ୍ତି ମୁଖ୍ୟମନ୍ତ୍ରୀ। କିଟ କ୍ୟାମ୍ପସରେ ପୁଣି ଶାନ୍ତି ଫେରିବା ନେଇ ବି ମୁଖ୍ୟମନ୍ତ୍ରୀ ଆଶ୍ୱାସନା ଦେଇଥିବା ଜଣାପଡ଼ିଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନେପାଳ ଛାତ୍ରଛାତ୍ରୀଙ୍କୁ କ୍ୟାମ୍ପସ ଫେରିବାକୁ ନିବେଦନ କରିଛନ୍ତି। ଏହି ଆଲୋଚନାରେ ନେପାଳର ଅଧିକାରୀଙ୍କ ସହ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ➣ପୃଷ୍ଠା-୬

# ରେଖାଙ୍କ ହାତରେ ଦିଲ୍ଲୀ ଭାଗ୍ୟ

### ଆଜି ରାମଲୀଳା ମୈଦାନରେ ଶପଥପାଠ



**ନୂଆଦିଲ୍ଲୀ, ୧୯।୨:** ଶେଷରେ ବିଜେପି ପକ୍ଷରୁ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ପଦ ପାଇଁ ପ୍ରାର୍ଥୀ ଚୂଡ଼ାନ୍ତ ହୋଇଛନ୍ତି। ବିଜେପିର ବରିଷ୍ଠ ନେତୃବୃନ୍ଦ ଶାଲିମାର୍ ବାଗ୍ ବିଧାୟିକା ରେଖା ଗୁପ୍ତାଙ୍କ ନାମରେ ମୋହର ମାରିଛନ୍ତି। ଅର୍ଥାତ୍ ୨୭ ବର୍ଷ ପରେ ଦିଲ୍ଲୀରେ ବିଜେପି ଦଳର ନେତୃତ୍ୱ ନେବେ ରେଖା। ଦଳର ଉଭୟ ପର୍ଯ୍ୟବେକ୍ଷକ ରବି ଶଙ୍କର ପ୍ରସାଦ ଓ ଓମ୍ ପ୍ରକାଶ ଧନଖଡ଼ ନବନିର୍ବାଚିତ ବିଧାୟକମାନଙ୍କ ସହ ଆଲୋଚନା ପରେ ରେଖାଙ୍କ ନାମ ଚୂଡ଼ାନ୍ତ କରିଛନ୍ତି। ସେହିପରି ପୂର୍ବତନ ମୁଖ୍ୟମନ୍ତ୍ରୀ ସାହିବ୍ ସିଂହ ବର୍ମାଙ୍କ ସୁପୁତ୍ର ପ୍ରବେଶ ବର୍ମାଙ୍କୁ ଉପମୁଖ୍ୟମନ୍ତ୍ରୀ ଭାବେ ଚୟନ କରାଯାଇଛି। ପ୍ରବେଶ ଗତ ନିର୍ବାଚନରେ ଦିଲ୍ଲୀର ଦୁଇ ଥରର ମୁଖ୍ୟମନ୍ତ୍ରୀ ତଥା ଆପ୍ ମୁଖ୍ୟ ଅରବିନ୍ଦ କେଜ୍ରିୱାଲ୍‌ଙ୍କୁ ହରାଇ ଚର୍ଚ୍ଚାର ପରିସରକୁ ଆସିଥିଲେ। ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କ ନାମ ଘୋଷଣା ହେବା ପରେ ଫଳାଫଳ ଆସିବାର ଦୀର୍ଘ ୧୧ ଦିନ ଧରି ରାଜଧାନୀବାସୀଙ୍କ ମନରେ ଜାରି ରହିଥିବା ସସପେନ୍ସରେ ପୂର୍ଣ୍ଣଚ୍ଛେଦ ପଡ଼ିଛି। ୫୦ ବର୍ଷୀୟା ରେଖା ଗତ ବିଧାନସଭା ନିର୍ବାଚନରେ ଶାଲିମାର୍ ବାଗ୍ ନିର୍ବାଚନମଣ୍ଡଳୀରୁ ବିଧାୟିକ ଭାବେ ନିର୍ବାଚିତ ହୋଇଛନ୍ତି। ସେ ଆପ୍'ର ବନ୍ଦନା କୁମାରୀଙ୍କୁ ୨୯ ହଜାରରୁ ଊର୍ଦ୍ଧ୍ୱ ଭୋଟ୍‌ରେ ପରାସ୍ତ କରି ଉକ୍ତ ନିର୍ବାଚନମଣ୍ଡଳୀରେ ଦଳକୁ ବିଜୟୀ କରାଇଥିଲେ। ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ବାଛିବା ପାଇଁ ଆଜି ସନ୍ଧ୍ୟାରେ ବିଜେପି ବିଧାୟକ ଦଳ ବୈଠକ ବସିଥିଲା। ଉକ୍ତ ବୈଠକରେ ଦଳର ବରିଷ୍ଠ ନେତା ରବି ଶଙ୍କର ପ୍ରସାଦ ଏବଂ ଓମ ପ୍ରକାଶ ଧନଖଡ଼ ବିଧାୟକମାନଙ୍କ ସହ ଜଣକ ପରେ ଜଣେ କଥା ହୋଇଥିଲେ। ଶେଷରେ ସର୍ବସମ୍ମତିକ୍ରମେ ରେଖାଙ୍କ ନାଁ ଘୋଷଣା କରାଯାଇଥିଲା। ନିର୍ବାଚନ ଫଳାଫଳ ଆସିବା ପରେ ମୁଖ୍ୟମନ୍ତ୍ରୀ ପଦ ପାଇଁ ଏକାଧିକ ଦାବିଦାରଙ୍କ ନାଁକୁ ନେଇ ଚର୍ଚ୍ଚା ହେଉଥିଲା। କିନ୍ତୁ ଶେଷରେ ଏହି ଦୌଡ଼ରେ ରେଖା ସମସ୍ତଙ୍କୁ ପଛରେ ପକାଇ ବାଜିମାତ୍ କରିଛନ୍ତି। ତାଙ୍କ ନାଁ ଘୋଷଣା ହେବା ପରେ ଦଳୀୟ କାର୍ଯ୍ୟାଳୟରେ ଏକ ଉତ୍ସବର ମାହୋଲ୍ ସୃଷ୍ଟି ହୋଇଥିଲା ଏବଂ ସମର୍ଥକମାନେ ➣ପୃଷ୍ଠା-୬

## ବିଜେଡି ଯାଇଛି, ଆସିଛି ବିଜେପି ଶାସନ: କିନ୍ତୁ ବାବୁରାଜ ଜାରି ରହିଛି

# ମନ୍ତ୍ରୀଙ୍କୁ ଭୁଲ ତଥ୍ୟ ଦେଉଛନ୍ତି ଜିଲ୍ଲାପାଳ

ମାହାଙ୍ଗା, ୧୯।୨(ସଂଚାର ବ୍ୟୁରୋ): ମୁଖ୍ୟମନ୍ତ୍ରୀଙ୍କ ସରଳତାର ସୁଯୋଗ ନେଇ ଏବେବି ପାଣ୍ଡିଆନଙ୍କ ସ୍ଲିପର ସେଲର କିଛି ଅଧିକାରୀ ଆଖିରେ ଆଙ୍ଗୁଠି ଗେଞ୍ଜି ଦୁର୍ନୀତିକୁ ପ୍ରଶ୍ରୟ ଦେଉଛନ୍ତି। ଏହା ଆମର ମନଗଢା କାହାଣୀ ନୁହେଁ, ବରଂ ହସ୍ତଗତ ହୋଇଥିବା ଦୁଇଟି ଦସ୍ତାବିଜ ଏହାକୁ ଦର୍ଶାଉଛି। ଉଲ୍ଲେଖଯୋଗ୍ୟ ଯେ ୨୦୨୪ ଅକ୍ଟୋବର ୧୯ ତାରିଖରେ କଟକ ଜିଲ୍ଲାପାଳଙ୍କ ଅଫିସରୁ ଏକ ଚିଠି (୧୦୭୦/ଜିପି)କରାଯାଇଥିଲା। ଏହି ଚିଠି କଟକ ଜିଲ୍ଲା ଅନ୍ତର୍ଗତ ବାଙ୍କି, କଟକ-ସଦର ଓ ଆଠଗଡ଼ ଉପଖଣ୍ଡର ଉପଜିଲ୍ଲାପାଳମାନଙ୍କୁ କରାଯାଇଥିଲା। କାରଣ ଏହି ଉପଖଣ୍ଡର ବ୍ଲକ୍ ଅଧ୍ୟକ୍ଷମାନେ ବିଭିନ୍ନ ବିଲ ଉପରେ କାଉଣ୍ଟର ଦସ୍ତଖତ କରାଉନାହାନ୍ତି, ଯାହା ଫଳରେ ବିଲଗୁଡ଼ିକ ନିର୍ଦ୍ଦିଷ୍ଟ ଅବଧି ପରେ ବାତିଲ ହୋଇଯାଉଛି ବୋଲି ଚିଠିରେ ଉଲ୍ଲେଖ କରାଯାଇଛି। ଏହାଦ୍ୱାରା ପଞ୍ଚାୟତ ସମିତି ଅଧୀନରେ ଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି, ତେଣୁ ସମସ୍ତ ବିଲକୁ ଉପଜିଲ୍ଲାପାଳମାନେ ସପ୍ତାହକ ମଧ୍ୟରେ କାଉଣ୍ଟର ଦସ୍ତଖତ କରାଇବାକୁ ପରାମର୍ଶ ଦିଆଯାଇଥିଲା। ଏହାର ଅର୍ଥ ଓଡିଶା ପଞ୍ଚାୟତ ସମିତି ହିସାବ ପଦ୍ଧତି ନିୟମ ୨୦୦୨ର ନିୟମ ୧୬(୨)ର ଖିଲାପ ହୋଇଛି। ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକଙ୍କର ଅଣତାରକା ପ୍ରଶ୍ନ ସଂଖ୍ୟା ୯୭୬ ରେ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ ଗତକାଲି ବିଧାନସଭାର ଏକ ପ୍ରଶ୍ନର ଉତ୍ତର ➣ପୃଷ୍ଠା-୬



OFFICE OF THE COLLECTOR, CUTTACK
Email:-dpo.od-cut@nic.in,
No 1070 /GP/ Dt 19/10/2024

To
The Sub-Collector,
Cuttack Sadar/Athagarh/Banki

Sub: - Counter signature in Panchayat Samiti Works' Bills
Ref:- Section 16(1), 16(2) of Odisha Panchayat Samiti Accounting Procedure Rules-2002.

Sir,

It has come to the notice of the undersigned that Chairman of some Blocks are not counter signing the Works' Bills even after the laps of the scheduled time which will be detrimental to the progress of various developmental projects within the PS periphery.

In this context, I am to say that when such situation arises the concerned BDO of the Block shall place the Case Record to the concerned Sub-Collector for Counter Signature and the Sub-Collector shall Countersign the Work Bills within 7days positively.

Yours faithfully
Collector, Cuttack

Memo No. 1071 Dt. 19/10/2024
Copy to all BDOs for information and necessary action.
Collector, Cuttack

ତା ୧୮/୦୨/୨୦୨୫

ଉପଜିଲ୍ଲାପାଳ ମାନଙ୍କ ଦ୍ୱାରା ପ୍ରକଳ୍ପ ବିଲ କାଉଣ୍ଟର ହସ୍ତଗତ

ଅଣତାରକା ଚିହ୍ନିତ ପ୍ରଶ୍ନ ସଂଖ୍ୟା ୯୭୬. ଶ୍ରୀମତୀ ସୀମାରାଣୀ ନାୟକ : ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- 2024 ସାଧାରଣ ନିର୍ବାଚନ ପରେ ରାଜ୍ୟର କେଉଁ ଜିଲ୍ଲାର ଜିଲ୍ଲାପାଳମାନେ ପଞ୍ଚାୟତ ସମିତି ବିଲ ଗୁଡିକ ପାଇଁ ସମିତି ଅଧ୍ୟକ୍ଷ ପରିବର୍ତ୍ତେ ଉପଜିଲ୍ଲାପାଳ ମାନେ ପ୍ରକଳ୍ପ ବିଲ ପାଇଁ କାଉଣ୍ଟର ହସ୍ତଗତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ଏଥିପାଇଁ କେଉଁ ଜିଲ୍ଲାରେ ଜନସାଧାରଣଙ୍କ ଠାରୁ ଅଭିଯୋଗ ହୋଇଥିଲା କି ଯଦି ହୋଇଛି ତାର ସମସ୍ତ ତଥ୍ୟ ପ୍ରଦାନ କରିବେ କି ଏବଂ ବର୍ତ୍ତମାନ କେଉଁ ଉପଜିଲ୍ଲାପାଳମାନେ କାଉଣ୍ଟର ଦସ୍ତଖତ କରୁଛନ୍ତି ?

ଉତ୍ତର

ଶ୍ରୀ ରବି ନାରାୟଣ ନାଏକ, ମାନ୍ୟବର ମନ୍ତ୍ରୀ, ପଞ୍ଚାୟତିରାଜ ଓ ପାନୀୟ ଜଳ :

ଓଡ଼ିଶା ପଞ୍ଚାୟତ ସମିତି ହିସାବ ପଦ୍ଧତି ନିୟମ, ୨୦୦୨ ର ନିୟମ-୧୬ (୨) ଅନୁଯାୟୀ ସମିତି ଅଧ୍ୟକ୍ଷ ୭ (ସାତ) ଦିନ ମଧ୍ୟରେ ପଞ୍ଚାୟତ ସମିତି ବିଲ ଗୁଡ଼ିକରେ କାଉଣ୍ଟର ଦସ୍ତଖତ କରିବାର ବିଧି ବ୍ୟବସ୍ଥା ଅଛି । ସମୟ ସୀମା ମଧ୍ୟରେ କାଉଣ୍ଟର ଦସ୍ତଖତ ନହେଲେ ଉକ୍ତ ବିଲ କାଉଣ୍ଟର ଦସ୍ତଖତ ପାଇଁ ଉପଜିଲ୍ଲାପାଳଙ୍କ ପାଖକୁ ପ୍ରେରଣ କରାଯାଏ । ସମିତି ଅଧ୍ୟକ୍ଷଙ୍କ ପରିବର୍ତ୍ତେ ଉପଜିଲ୍ଲାପାଳ ମାନେ ପ୍ରକଳ୍ପ ବିଲ ପାଇଁ କାଉଣ୍ଟର ଦସ୍ତଖତ କରିବାକୁ ଜିଲ୍ଲାପାଳମାନଙ୍କ ଦ୍ୱାରା ନିର୍ଦ୍ଦେଶ ଦିଆଯିବା ବିଷୟ ସରକାରଙ୍କ ଦୃଷ୍ଟିକୁ ଆସି ନାହିଁ ।

● ସନ୍ଦେହରେ ବିଜେଡିର ବିଧାନସଭା ରଣନୀତି

## ମୁଲତବୀ ନୋଟିସ ନଦେଇ ଗୃହରେ ହଟ୍ଟଗୋଳ

ଭୁବନେଶ୍ୱର, ୧୯।୨(ସଂଚାର ବ୍ୟୁରୋ): ବିଧାନସଭାର ବଜେଟ ଅଧିବେଶନରେ ବିଜେଡିର ଆଭିମୁଖ୍ୟକୁ ନେଇ ରାଜନୈତିକ ସମୀକ୍ଷକ ଉଠାଇଛନ୍ତି ପ୍ରଶ୍ନ। ପୂର୍ବନିର୍ଦ୍ଧାରିତ ସୂଚୀ ଅନୁଯାୟୀ ଆଜି ବିଜେଡି ମୁଲତବୀ ଆଲୋଚନା ପାଇଁ ନୋଟିସ ଦେବା କଥା। କିନ୍ତୁ ମୁଲତବୀ ନୋଟିସ ନଦେଇ ପ୍ରଶ୍ନକାଳ ଆରମ୍ଭରୁ ହଟ୍ଟଗୋଳ କରି ଗୃହକୁ ବନ୍ଦ କରିଦେଲା। ଏପରିକି ଅପରାହ୍ଣ ଅଧିବେଶନକୁ ମଧ୍ୟ ଚଳାଇଦେଲେନି ମୁଖ୍ୟ ବିରୋଧୀ ଦଳ। ପ୍ରଶ୍ନକାଳ ଆରମ୍ଭରୁ ବିଜେଡି ଧାରଣାରତ ମିଶନ ଶକ୍ତି ମହିଳାଙ୍କୁ ନ୍ୟାୟ ଦାବି କରି ହଟ୍ଟଗୋଳ କରିଥିଲା। ସମୀକ୍ଷକଙ୍କ ପ୍ରଶ୍ନ, ଯଦି ବିଜେଡି ବିଧାୟକମାନେ ମହିଳାଙ୍କୁ ନ୍ୟାୟ ଦେବାକୁ ହୃଦୟର ସହ ଚାହୁଁଥିଲେ, ତେବେ ସେମାନେ ଏ ସମ୍ପର୍କରେ ସ୍ୱତନ୍ତ୍ର ଆଲୋଚନା କରିପାରିଥାନ୍ତେ କିମ୍ବା ଶୂନ୍ୟ କାଳରେ ଏକାଧିକ ବିଧାୟକ ଏହି ପ୍ରସଙ୍ଗ ଉଠାଇ ସରକାରଙ୍କୁ ଘେରି ପାରିଥାନ୍ତେ। କିନ୍ତୁ ତାହା ନ କରି ପ୍ରଶ୍ନକାଳ ଆରମ୍ଭରୁ ➣ପୃଷ୍ଠା-୬

### ଯୋଗାଣମନ୍ତ୍ରୀ ଆଣିଲେ ସାଂଘାତିକ ଅଭିଯୋଗ

## ୫ ବର୍ଷ ଧରି ମୃତ ବ୍ୟକ୍ତିଙ୍କ ନାଁରେ ଉଠିଛି ଚାଉଳ



୩.୨୮ ଲକ୍ଷ ଭୂତ ରାସନକାର୍ଡ !

ଭୁବନେଶ୍ୱର, ୧୯।୨(ସଂଚାର ବ୍ୟୁରୋ): ମୃତ ଲୋକଙ୍କୁ ଚାଉଳ ଦେଉଥିଲା ବିଜେଡି ସରକାର। ଗତ ୫ ବର୍ଷ ମଧ୍ୟରେ ବିଜେଡି ସରକାର କ୍ଷମତାରେ ଥିବା ସମୟରେ ରାଜ୍ୟରେ ପାଖାପାଖି ୩.୨୮ ଲକ୍ଷ ମୃତକଙ୍କ ନାମରେ ଚାଉଳ ଉଠାଯାଇଛି। ଆସନ୍ତା ମାର୍ଚ୍ଚ ୩୧ ତାରିଖରେ ଇ-କେୱାଇସି ପ୍ରକ୍ରିୟା ଶେଷ ହେବା ପରେ ରାଜ୍ୟରେ କେତେକ ଭୂତ ହିତାଧିକାରୀଙ୍କ ନାଁରେ ଚାଉଳ ହଡ଼ପ ହୋଇଛି, ସେନେଇ ସ୍ପଷ୍ଟ ହୋଇପାରିବ ବୋଲି କହିଛନ୍ତି ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର।

ମନ୍ତ୍ରୀ କହିଛନ୍ତି ଯେ ୩.୨୮ ଲକ୍ଷରୁ ଅଧିକ ମୃତ ହିତାଧିକାରୀ ଚାଉଳ ନେଇଥିବା ସମ୍ପ୍ରତି ଜାରି ରହିଥିବା ଇ-କେୱାଇସି ପ୍ରକ୍ରିୟାରୁ ସ୍ପଷ୍ଟ ହୋଇଛି। ଇତିମଧ୍ୟରେ ଏହିସବୁ କାର୍ଡକୁ କଟାଯାଇସାରିଛି। ଏହାଛଡ଼ା ଅଯୋଗ୍ୟ ସତ୍ତ୍ୱେ କାର୍ଡ ହାତେଇଥିବା ଆୟକରଦାତାମାନଙ୍କୁ ମଧ୍ୟ ନୋଟିସ ଜାରି ହୋଇଛି। ଏବେ ଫିଜିକାଲ ଭେରିଫିକେସନ ଚାଲିଛି। ସେହିପରି ଗତ ୪/୫ ବର୍ଷ ହେଲା ମୃତ ଲୋକଙ୍କ ନାଁରେ ଚାଉଳ କିଏ ଖାଉଥିଲା, ତା'ର ମଧ୍ୟ ତଦନ୍ତ ଚାଲିଛି। ଏଥିରେ କୋଟି କୋଟି ଟଙ୍କା ଦୁର୍ନୀତି ହୋଇଥିବା ବେଳେ ବିଜେଡି ସରକାର ଅମଳର ପ୍ରତିଟି ଦୁର୍ନୀତିର ପୁଙ୍ଖାନୁପୁଙ୍ଖ ତଦନ୍ତ ହେବ। ବିଜେଡି ଅମଳରେ ହୋଇଥିବା ➣ପୃଷ୍ଠା-୬


SIKSHA 'O' ANUSANDHAN
(DEEMED TO BE UNIVERSITY)

Empowering students for a brighter future

EMERGING B.TECH PROGRAMMES IN COMPUTING
- Computer Science and Engineering (AI and ML)
- Computer Science and Engineering (Data Science)
- Computer Science and Engineering (Cyber Security)
- Computer Science and Engineering (Internet of Things)

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2024
- 14th Best in University Category
- 26th Best in Engineering Category

INTERNATIONAL RANKINGS 2025
- Ranked in QS World Rankings 2025
- Ranked in Times World Rankings 2025

To apply for admission through JEE-Main, Please visit: www.soa.ac.in


# ଓଡ଼ିଆ ଅସ୍ମିତାର ଅଗ ମୋଡୁଛନ୍ତି ଓପିଜିସି ବାବୁ



- ଅଣଓଡ଼ିଆ ଠିକାଦାରଙ୍କୁ ଅଗ୍ରାଧିକାର
- ତିନିବର୍ଷିଆ ଟେଣ୍ଡରକୁ ନେଇ କେଁ

ଭୁବନେଶ୍ୱର, ୧୯।୨(ସଂଚାର ବ୍ୟୁରୋ): ରାଜ୍ୟର ବିଜେପି ସରକାର ଓଡ଼ିଆ ଅସ୍ମିତାକୁ ଅଗ୍ରାଧିକାର ଦେଉଥିବା ବେଳେ ରାଜ୍ୟ ସରକାରଙ୍କ ଅଧୀନରେ ଥିବା ଓଡ଼ିଶା ତାପଜ ବିଦ୍ୟୁତ୍ ନିଗମ (ଓପିଜିସି)ର କିଛି ବାବୁ ଏହାର ଅଗ ମୋଡ଼ିବାରେ ଲାଗିଛନ୍ତି। ନିକଟରେ ଓପିଜିସି ପକ୍ଷରୁ ବାହାରିଥିବା ୧୦୦ କୋଟି ଟଙ୍କାର ଟେଣ୍ଡର କାମଟି ରାଜ୍ୟ ବାହାରର ଅଣଓଡ଼ିଆ ସଂସ୍ଥାମାନଙ୍କୁ ଲକ୍ଷ୍ୟରେ ରଖାଯାଇଛି ଓ ଏହା ଓଡ଼ିଆ ଅସ୍ମିତାର ପରିପନ୍ଥୀ ବୋଲି ଆଲୋଚନା ଜୋର ଧରିଛି।

ଓପିଜିସିର ଇବ୍ ତାପଜ ବିଦ୍ୟୁତ କେନ୍ଦ୍ରରୁ ବନହାରିପାଲି ପର୍ଯ୍ୟନ୍ତ ଲମ୍ବିଛି ରେଲଲାଇନ୍।ଏ ହି ରେଲଲାଇନ୍‌ଟି ହେଉଛି ଓପିଜିସିର ନିଜସ୍ୱ ଏବଂ ଏହା ମାଧ୍ୟମରେ ତାପଜ କେନ୍ଦ୍ରକୁ କେବଳ କୋଇଲା ପରିବହନ ହୋଇଥାଏ। ରେଲଲାଇନ୍ ସମେତ ରେଲୱାଗନଗୁଡ଼ିକର ମରାମତି ପାଇଁ ପ୍ରତି ବର୍ଷ ଟେଣ୍ଡର ପ୍ରକାଶ ପାଇଥାଏ ଓ ଏଥିରେ ପ୍ରାୟତଃ ରାଜ୍ୟ ବାହାରର କମ୍ପାନୀମାନେ କାମ ପାଇଥାନ୍ତି। ତେବେ ହେଉଥିବା ଆଲୋଚନା ଅନୁଯାୟୀ, ଓପିଜିସିର ବାବୁମାନେ ଏଭଳି କାଇଦାରେ ଟେଣ୍ଡର କରିଥାନ୍ତି ଯେ ତାହା ରାଜ୍ୟ ବାହାରର ସଂସ୍ଥାମାନଙ୍କୁ ସୁହାଇଥାଏ।

ତେବେ ଚଳିତ ବର୍ଷ ଟେଣ୍ଡରରେ ଆହୁରି ବ୍ୟତିକ୍ରମ ଦେଖିବାକୁ ମିଳୁଛି। ପୂର୍ବରୁ ଗୋଟିଏ ବର୍ଷ ପାଇଁ ଟେଣ୍ଡର ହେଉଥିବା ବେଳେ ଚଳିତ ବର୍ଷ ଏକାଥରକେ ୩ ବର୍ଷ ପାଇଁ ଟେଣ୍ଡର ବାହାରିଛି। ୧୦୦ କୋଟି ଟଙ୍କାର ଏହି ଟେଣ୍ଡରକୁ ଏଭଳି କାଇଦାରେ କରାଯାଇଛି ଯେଭଳି ସମାନ ସଂସ୍ଥା ତିନିଟିଯାକ ଟେଣ୍ଡରରେ ଅଂଶଗ୍ରହଣ କରିପାରିବେ। ଓପିଜିସିରେ ହେଉଥିବା ଆଲୋଚନା ଅନୁଯାୟୀ ଟେଣ୍ଡରକୁ ରୂପରେଖ ଦେଉଥିବା ବାବୁଙ୍କ କାର୍ଯ୍ୟକାଳ ସରିଯାଉଥିବାରୁ ଏକାଥରକେ ତିନି ବର୍ଷ ପାଇଁ ଟେଣ୍ଡର ଡାକିଛନ୍ତି। ଏଥିରେ କାହାର କେତେ ଲାଭ ହେବ, ତା' କହିବାର କିଛି ଆବଶ୍ୟକତା ନାହିଁ।

ଓପିଜିସି ଓଡ଼ିଶାର ଗର୍ବ ଓ ଗୌରବ ହୋଇଥିବାବେଳେ ଏହାର ବିଭିନ୍ନ କାର୍ଯ୍ୟ କିଭଳି ରାଜ୍ୟ ବାହାରର ସଂସ୍ଥାମାନେ ହାତେଇ ନେଉଛନ୍ତି, ତାହା ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ଓପିଜିସି ଭଳି ନାଲ୍‌କୋ ଓ ଏନଟିପିସିର ନିଜସ୍ୱ ରେଲଲାଇନ୍ ଓ ୱାଗନ ଆଦି ଥିବାବେଳେ ତାହାର ➣ପୃଷ୍ଠା-୬

# ବାଲି ଖାଦାନ ଉପରେ ଲୋକଦେଖାଣିଆ ରେଡ୍

- ଜିଲ୍ଲାରେ ବଢୁଛି ବେଆଇନ୍ ବାଲି ଚାଲାଣ
- ଆଖି ବୁଜିଦେଇଛି ଜିଲ୍ଲା ଖଣି ବିଭାଗ
- ମାଲେମାଲ୍ ବାଲି ମାଫିଆ



**କେନ୍ଦ୍ରାପଡ଼ା,୧୯।୨ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲାର ଗତ କିଛି ମାସ ଧରି ବିଭିନ୍ନ ନଦୀରୁ ବେଧଡକ ଭାବେ ଚାଲିଛି ବାଲି ଚୋରା ଚାଲାଣ । ଖଣିଜ ସମ୍ପଦ ମାଫିଆ ମାନେ ସକ୍ରିୟ ହୋଇ ଲୁଟି ଚାଲିଥିବା ବେଳେ ମଉନ ସାଜିଛନ୍ତି ଜିଲ୍ଲା ଖଣି ଅଧିକାରୀ ଏବଂ ଜିଲ୍ଲା ପ୍ରଶାସନ ।

କେନ୍ଦ୍ରାପଡ଼ା ଜିଲ୍ଲା ହେଉଛି ନଦୀ ନାଳ ଘେରା ଜିଲ୍ଲା। ଏଠାରେ ମିଠା ବାଲି ଚୋରା ଚାଲାଣ ଦିନକୁ ଦିନ ବଢି ବଢି ଚାଲିଛି। ଖଣି ଅଧିକାରୀ ଏବଂ ଜିଲ୍ଲା ପ୍ରଶାସନ ବେଆଇନ୍ ଖାଦାନ ଉପରେ ଅଚାନକ ଚଢ଼ାଉ କରୁଥିବା ବେଳେ ତାହା କେବଳ ଲୋକ ଦେଖାଣିଆ ହୋଇ ରହିଯାଉଛି। କାରଣ ରେଡ୍ ସମୟରେ ଯେଉଁ ଗାଡି କିମ୍ବା ମେସିନ୍ ଜବତ କରୁଛନ୍ତି ତାହାକୁ କିଛି ସମୟ ପରେ ଛାଡି ଦେଉଥିବା ଅଭିଯୋଗ ହେଉଛି। ଜବତ ଗାଡ଼ି ଉପରେ କେଉଁ ଭଳି କାର୍ଯ୍ୟାନୁଷ୍ଠାନ ବା କେତେ ଫାଇନ କରାଯାଇଛି ଏନେଇ ଖଣି ଅଧିକାରୀଙ୍କୁ ପ୍ରଶ୍ନ କଲେ ଉତ୍ତର ନଦେଇ ବରଂ ପ୍ରଶ୍ନକୁ ଏଡାଇ ଦେଉଥିବା ଦେଖା ଯାଉଛି। ଯାହାକୁ ନେଇ ଜିଲ୍ଲା ଖଣିଅଧିକାରି ଏବଂ ଜିଲ୍ଲା ପ୍ରଶାସନ ଉପରେ ସନ୍ଦେହ ସୃଷ୍ଟି ହୋଇଛି।

ଜିଲ୍ଲାର ଉତ୍ତର ପଟେ ରହିଛି ଯାଜପୁର ଜିଲ୍ଲା ଓ ଦକ୍ଷିଣ ପଟେ ରହିଛି ଜଗତସିଂପୁର ଜିଲ୍ଲା କିନ୍ତୁ କେନ୍ଦ୍ରାପଡ଼ା ଜିଲ୍ଲାକୁ ସଂଯୋଗ କରୁଥିବା ନଦୀରୁ ବାଲି ମାଫିଆମାନେ ବେଆଇନ ଭାବେ ଲୁଟି ଚାଲିଛନ୍ତି ବାଲି। ସୁଦୂର ମହାକାଳପଡା ଗ୍ରାମ ପଞ୍ଚାୟତ ବରି ନିର୍ବାଚନ ମଣ୍ଡଳୀର ବାଟି ଟାଙ୍କି ବାଲି ନିଲାମ ଧାରୀ ଘାଟରୁ ଶହଶହ ବାଲି ଚୋରା ଚାଲାଣ ହେଉଥିବାବେଳେ ଜିଲ୍ଲା ପ୍ରଶାସନ ଓ ଖଣି ଅଧିକାରୀ ନଜର ନରଖି ଲୋକ ଦେଖାଣିଆ ଭାବେ ଗୋଟେ ଦୁଇଟା ରାସ୍ତା ଆସିଥିବା ବାଲି ଗାଡ଼ି ଅଟକାଇ ଜବତ କରି ବା ବାହା ନେଉଛି। ଡେରାବିଶ ବ୍ଲକ ଛୋଟି ଗ୍ରାମ ପଞ୍ଚାୟତର ବିରୂପା ନଦୀ ଉପରେ ଥିବା ବିଜୁ ସେତୁ ଉକ୍ତ ବାଲି ଘାଟକୁ ସଂଯୋକ କରିଥିବାରୁ ସେହି ବାଟ ଦେଇ ଶହ ଶହ ଟ୍ରକ ବାଲି ମାଫିଆ ଲୁଟି ନେଉଛନ୍ତି। ଚନ୍ଦନପୁର ଘାଟରେ ଗୋଷ୍ଠୀ ସଂଘର୍ଷ ଘଟଣା ଘଟିବା ପରଠୁ ଆଉ ବାଲି ଉଠୁନି। କିନ୍ତୁ ଏହାର ପାଞ୍ଚ ଶହ ମିଟର୍ ଦୂର ନାୟାଡିଆ ଘାଟରୁ ବେଧଡ଼କ ବାଲି ଲୁଟ୍ ହେଉଛି । ଗରଦପୁରର ବିଚଣା, ଜଗନ୍ନାଥପୁର, ଗରଦପୁର, ରାମଚନ୍ଦ୍ରପୁର, କୁଦାନଗରି, ତେଣ୍ଡାକୁଡ଼ା ଆଦି ସ୍ଥାନରୁ ବେଆଇନ୍ ଭାବେ ବାଲି ମାଫିଆ ପ୍ରତିଦିନ ବାଲି ଲୁଟ୍ କରି ଚାଲିଛନ୍ତି। ସେହିପରି ଡେରାବିଶର ବେଣିପୁର ଘାଟରେ ବି ସମାନ ଚିତ୍ର ଦେଖିବାକୁ ମିଳିଛି।

ସ୍ଥାନୀୟ ପୁଲିସ, ତହସିଲଦାର ବାଲି ଚୋରା ଚାଲାଣ ବିଷୟରେ ଜାଣି ବି ନିରବ। ଲୋକବଳ ଅଭାବର ବାହାନା କରି ଖଣି ଅଧିକାରୀ ଏଥିପ୍ରତି ସମ୍ପୂର୍ଣ୍ଣ ଆଖି ବୁଜି ଦେଇଛନ୍ତି। ଫଳରେ ବ୍ରାହ୍ମଣୀ ନଦୀର ନାୟାଡିଆ, ଚିତ୍ରୋପ୍ତଳାର ବିଚଣା ଓ ବିରୂପାର ବେଣିପୁର ଘାଟରୁ ଗଲା ପ୍ରାୟ ମାସକ ଭିତରେ ମାଫିଆମାନେ କୋଟି କୋଟି ଟଙ୍କାର ବାଲି ଲୁଟି ସାରିଲେଣି। ଦିନଦ୍ୱିପ୍ରହରରେ ଲଘୁ ଖଣିଜ ସମ୍ପଦ ଲୁଟି ମାଫିଆମାନେ ମାଲାମାଲ୍ ହେଉଥିଲା ବେଳେ ବିପୁଳ ରାଜସ୍ୱ ହରାଉଥିବା ପ୍ରଶାସନ ସବୁ ଜାଣି ବି ଚୁପ୍ ବସିବା ଘଟଣା ସାଧାରଣରେ ସନ୍ଦେହ ସୃଷ୍ଟି କଲାଣି। ତେଣୁ ସଠିକ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସାଧାରଣରେ ଦାବି ହେଉଛି।

## ମହାକାଳପଡ଼ା ବ୍ଲକ୍‌ରେ ଯୋଗଦେଲେ ନୂତନ ବିଡିଓ



**ମହାକାଳପଡ଼ା,୧୯।୨ (ସଂଚାର ବ୍ୟୁରୋ):** ମହାକାଳପଡ଼ା ବ୍ଲକର ନୂତନ ବିଡ଼ିଓ ଭାବରେ ଆଜି କାର୍ଯ୍ୟରେ ଯୋଗ ଦେଇଛନ୍ତି ସୌମ୍ୟଶ୍ରୀ ପାଣିଗ୍ରାହୀ। ଆଜି ସେ ଯୋଗଦାନ ପରେ କର୍ମଚାରୀମାନେ ତାଙ୍କୁ ସ୍ୱାଗତ କରିଛନ୍ତି। ପୂର୍ବରୁ ସେ କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକର ବିଡ଼ିଓ ଭାବରେ କାର୍ଯ୍ୟ କରିଥିଲେ। ବହୁଦିନ ଧରି ମହାକାଳପଡ଼ାର ସ୍ଥାୟୀ ବିଡ଼ିଓ ପଦବୀ ଖାଲି ପଡିଥିଲା। ପୂର୍ବତନ ବିଡ଼ିଓ ସାଗର ନନ୍ଦଙ୍କ ବଦଳି ପରେ ମହାକାଳପଡ଼ା ବିଡ଼ିଓ ଆସନରେ କେହି ସ୍ଥାୟୀ ବିଡ଼ିଓ ନଥିଲେ। ମହାକାଳପଡ଼ା ତହସିଲଦାର ଭାବରେ କାର୍ଯ୍ୟରତ ଶିବ ମଲ୍ଲିକଙ୍କୁ ମହାକାଳପଡ଼ା ବ୍ଲକର ଭାରା ପ୍ରାପ୍ତ ବିଡ଼ିଓ ଭାବରେ ପ୍ରଶାସନ ନିୟୋଜିତ କରିଥିଲା।

- ଜିଲ୍ଲାପାଳଙ୍କୁ ଭେଟିଲେ ଆଳି ବିଜେଡି ପ୍ରତିନିଧି

## ସପ୍ତାହକ ମଧ୍ୟରେ ଅଭିଯୁକ୍ତ ଗିରଫ ନହେଲେ ଥାନା ଘେରାଉ ଚେତାବନୀ



**କେନ୍ଦ୍ରାପଡ଼ା,୧୯।୨ (ସଂଚାର ବ୍ୟୁରୋ):** ଆଳି ବ୍ଲକର ଯୁବ ବିଜେଡି ସଭାପତି କେଦାରନାଥ ବେହେରାଙ୍କୁ ବିଜେପିର ସ୍ଥାନୀୟ କେତେକ ଯୁବକ ମରଣାତ୍ମକ ଆକ୍ରମଣ କରିଛନ୍ତି । ଏହି ଘଟଣାରେ ପୋଲିସ ବିଜେଡି ସଭାପତି ଶ୍ରୀ ବେହେରାଙ୍କ ଏତଲା ଅନୁଯାଇ ୭୮/୨୫ରେ ଏକ ମାମଲା ରୁଜୁ କରି ହାତବାନ୍ଧି ବସିଥିବା ବିଜେଡିର ଏକ ପ୍ରତିନିଧି ଦଳ ଜିଲ୍ଲାପାଳଙ୍କୁ ଭେଟି ଆଲୋଚନା କରିବା ସହ ଆସନ୍ତା ୨୬ ତାରିଖ ମଧ୍ୟରେ ଅଭିଯୁକ୍ତଙ୍କୁ ଗିରଫ କରା ନଗଲେ ଥାନା ଘେରାଉ ଓ ରାସ୍ତାରୋକ କରାଯିବ ବୋଲି ଚେତାବନି ଦେଇଛନ୍ତି। ଘଟଣାରୁ ପ୍ରକାଶ ଯେ, ଗତ ୧୧ ତାରିଖ ଦିନ ଆଳିର ଯୁବ ବିଜେଡି ସଭାପତି କେଦାରନାଥ ବେହେରାଙ୍କୁ ପ୍ରାୟ ୮ଜଣ ଯୁବକ ଠେଙ୍ଗା ଲୁହା ରଡ ଇତ୍ୟାଦିରେ ଜୀବନରୁ ମାରିଦେବା ଉଦ୍ଦେଶ୍ୟରେ ଆକ୍ରମଣ କରିଥିଲେ । ଏନେଇ ଦୀର୍ଘ ୮ଦିନ ବିତି ଯାଇଥିଲେ ମଧ୍ୟ ପୋଲିସ ପ୍ରଶାସନ କୌଣସି ଅଭିଯୁକ୍ତଙ୍କୁ ଗିରଫ ନକରିବାରୁ ଅଭିଯୁକ୍ତମାନେ ଖୋଲାଖୋଲି ଭାବରେ ବୁଲୁଛନ୍ତି। ପୁନର୍ବାର ଶ୍ରୀ ବେହେରାଙ୍କୁ ଧମକ ଦେଉଥିବା ନେଇ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଏବଂ ଜିଲ୍ଲାପାଳଙ୍କୁ ଭେଟି ପ୍ରତିନଧି ଦଳ ଆଲୋଚନା କରିବା ସହ ତୁରନ୍ତ ଅଭିଯୁକ୍ତ ମାନଙ୍କୁ ଗିରଫ କରିବାକୁ ଦାବି କରିଛନ୍ତି ।

## ଯୁକ୍ତ ଦୁଇ ପରୀକ୍ଷାର୍ଥୀଙ୍କୁ ଛାତ୍ର ସୁରକ୍ଷା ମଞ୍ଚ ପକ୍ଷରୁ ସମ୍ବର୍ଦ୍ଧନା



**ରାଜନଗର,୧୯।୨ (ସଂଚାର ବ୍ୟୁରୋ):** ଆରମ୍ଭ ହୋଇଛି ଯୁକ୍ତ ଦୁଇ ପରୀକ୍ଷା। ରାଜନଗରସ୍ଥିତ ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟର ଯୁକ୍ତ ଦୁଇ ପରୀକ୍ଷାର୍ଥୀମାନଙ୍କୁ ଫୁଲ ଚନ୍ଦନ ଦିଆଯାଇ ସମ୍ବର୍ଦ୍ଧନା ଦିଆଯିବା ସହିତ ସଫଳତା କାମନା କରାଯାଇଛି। ରାଜନଗର ମୁଖ୍ୟ ଫାଟକ ନିକଟରେ ଛାତ୍ର ସୁରକ୍ଷା ମଞ୍ଚର କର୍ମକର୍ତ୍ତା ଓ ଛାତ୍ରଛାତ୍ରୀମାନେ +୨ ବାଣିଜ୍ୟ, କଳା ଓ ବିଜ୍ଞାନ ବିଭାଗର ପରୀକ୍ଷାର୍ଥୀମାନଙ୍କୁ ଶୁଭେଚ୍ଛା ଜଣାଯିବା ସହିତ ସଫଳତାର ସହିତ ପରୀକ୍ଷା ସମାପ୍ତ କରିବା ପାଇଁ ଶୁଭମନାସୀ ଥିଲେ। ଛାତ୍ର ସୁରକ୍ଷା ମଞ୍ଚର ମହାବିଦ୍ୟାଳୟର ଛାତ୍ର ପ୍ରମୁଖ ସୌମ୍ୟ ରଞ୍ଜନ ସେଠୀ, ହରିହର ମଲିକ୍, ଶୁଭକାନ୍ତ ସାହୁ, ସିଦ୍ଧାନ୍ତ ସାହୁ, ଗୋବିନ୍ଦା ମଲ୍ଲିକ, ସୁବ୍ରତ ସାହୁ, ଛାତ୍ରୀ ଶୁଭଶ୍ରୀ ବଳ, ରାଜଲକ୍ଷ୍ମୀ ଦାସ, ଶୁଭଶ୍ରୀ ବାଗ୍, ଲକ୍ଷ୍ମୀ ପ୍ରିୟା ସେଠୀ, ଜୁଲି ଦାସ, ଅଲିପ୍ତ ପ୍ରଧାନ, ସ୍ମିତା ମହାନ୍ତି, ପ୍ରିୟଙ୍କା ଦାସ, ସୁଭଲକ୍ଷ୍ମି ବଳ, ସୁଚିସ୍ମିତ ନାୟକ, ସୁମିତ୍ରା ନାୟକ, ମନୀଷା ମହାରଥୀ, ସତ୍ୟବତୀ ବିଶ୍ୱାଳ, ପ୍ରମୁଖ ଛାତ୍ର ଛାତ୍ରୀ ମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ।

### ବିବାଦରେ ଡେରାବିଶ ଥାନାଧିକାରୀ

## ଡିଜି ଓ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରସ୍ଥ ହେଲେ ଗଣମାଧ୍ୟମ ପ୍ରତିନିଧି

**କେନ୍ଦ୍ରାପଡ଼ା,୧୯।୨ (ସଂଚାର ବ୍ୟୁରୋ):** ଥାନା ବାବୁ ସାଧାରଣ ଲୋକଙ୍କୁ ନ୍ୟାୟ ଦେବା ପରିବର୍ତ୍ତେ ଓଲଟା ଭୟଭୀତ କରାଉଛନ୍ତି। ବାବୁଙ୍କ କଥା ନରଖିଲେ ମିଛ ମାମଲାରେ ଛନ୍ଦି ଜେଲ୍‌ରେ ପୁରାଇ ଦେବାକୁ ଧମକ ଦେଉଥିବା ଜାଣିବାକୁ ମିଳିଛି। ଏଭଳି ଘଟଣା ସାମ୍ନାକୁ ଆସିବା ପରେ ପୋଲିସ ସୁରକ୍ଷା ବ୍ୟବସ୍ଥା ଉପରେ ନାନାଦି ପ୍ରଶ୍ନ ଉଠିଛି। ଜଣେ ଗଣମାଧ୍ୟମ ପ୍ରତିନିଧି ଡ଼େରାବିଶ ଥାନାକୁ ନ୍ୟାୟ ପାଇବାକୁ ଯାଇ ଥାନା ଅଧିକାରୀଙ୍କ ଦ୍ୱାରା ନିର୍ଯ୍ୟାତିତ ହେବା ଘଟଣାକୁ ଜିଲ୍ଲା ପୋଲିସ ପ୍ରଶାସନ ଏଡ଼ାଇ ଯାଇଥିବା ବେଳେ ଗଣମାଧ୍ୟମର ପ୍ରତିନିଧି ଜଣକ ରାଜ୍ୟ ପୋଲିସ ଡିଜି ଓ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରସ୍ଥ ହୋଇଥିବା ଜଣାଯାଇଛି । ଘଟଣାରୁ ପ୍ରକାଶଯେ, ଏକ ଗଣମାଧ୍ୟମର ପ୍ରତିନିଧି ପ୍ରସନ୍ନ କୁମାର ଧଳଙ୍କୁ ପଲ୍ଲୀ ରଘୁନାଥପୁର ଗ୍ରାମର ମୃତ୍ୟୁଞ୍ଜୟ ପାତ୍ର ଓରଫ ଗୁଡୁ ପାତ୍ର ନାମକ ଜଣେ ଯୁବନ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରି ବଟି ମାଗିବା ସହିତ ବନ୍ଧୁକ ଦେଖାଇ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ଏ ସଂପର୍କରେ ପ୍ରସନ୍ନ ଡ଼େରାବିଶ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ କ୍ରମେ ଡ଼େରାବିଶ ଥାନା ପୋଲିସ ଗତ ତା ୧୩/୦୧/୨୦୨୫ରିଖରେ ମୃତ୍ୟୁଞ୍ଜୟ ପାତ୍ର ଓରଫ ଗୁଡୁ ପାତ୍ର ନାମରେ ବିଏନଏସ ଦଫା ୧୨୬(୨) /୧୧୫(୨) /୨୯୬/ ୩୫୧ (୨) /୩(୫) ଓ ୨୫ଆର୍ମସ ଆକ୍ଟରେ ଏକ ମାମଲା (ନଂ-୧୧/୨୫) ରୁଜୁ କରିଥିଲା । ହେଲେ ଅଭିଯୁକ୍ତ ଯୁବକକୁ ଗିରଫ କରିବା ପରିବର୍ତ୍ତେ ପୋଲିସ ଦିନ ଗଡ଼ାଇବା ସହିତ ଲୋକଙ୍କ ଦୃଷ୍ଟି ଏଡ଼ାଇବା ପାଇଁ ତା' ପରିବାର ଲୋକଙ୍କୁ ଥରେ ଦୁଇ ଥର ଥାନାକୁ ଆଣି କିଛି ସମୟ ବସାଇ ପୁଣି ଛାଡ଼ି ଦେଉଥିଲା । ତେବେ ଏହି ମାମଲା ନେଇ ପୋଲିସ ଉପରେ ଚାପ ବଢ଼ିବାରୁ ପୋଲିସ ବାଧ୍ୟ ହୋଇ ଅଭିଯୁକ୍ତ ଯୁବକ ଜଣକୁ ଧରି ଥାନାକୁ ଆଣିଥିଲେ । ପୂର୍ବରୁ ଅଭିଯୁକ୍ତ ଜଣକ ନାମରେ ନିକିରାଇ ଥାନାରେ ବିଏନଏସ ଦଫା ୨୯୬/୭୮/୭୯/୩୫(୨) ଓ ଆଇଟି ଦଫା ୬୭ରେ ଏକ ମାମଲା (ନଂ-୧୭୮/୨୪) ଓ ବିଏନଏସ ଓ ୧୩୭ (୨)/୩(୫) ରେ ଅନ୍ୟଏକ ମାମଲା (ନ - ୮/୨୫) ରହିଥିଲା। କିନ୍ତୁ ପୋଲିସ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିବା ପରିବର୍ତ୍ତେ ଦିନକ ପରେ ଛାଡ଼ିଦେଇଥିଲେ । ପୋଲିସ ଛୋଟମୋଟ କେଶ୍‌ରେ ଲୋକଙ୍କୁ ଆଣି କୋର୍ଟ ଚାଲାଣ କରୁଥିବାବେଳେ ଏହି ଅଭିଯୁକ୍ତକୁ ଛାଡ଼ିବା ରହସ୍ୟ ହୋଇ ରହିଛି। ତେବେ ପୋଲିସ ପ୍ରସନ୍ନଙ୍କୁ ରାତି ଅଧିଆ ତାଙ୍କ ଘରୁ ଉଠାଇ ଆଣି ମାମଲାକୁ ରଫାଦଫା କରିବାକୁ ଥାନାରେ ରଖି ଧମକ ଚମକ୍ ଦେବା, ସାଦା କାଗଜରେ ଦସ୍ତଖତ କରାଇ ନେଇ ତଣ୍ଟିଆ ମାରି ବିଦା କରିବା ଭଳି ଏକ ସମ୍ବେଦନଶୀଳ ଘଟଣା ପ୍ରସନ୍ନଙ୍କ ଭଳି ଜଣେ ଗଣମାଧ୍ୟର ପ୍ରତିନିଧିଙ୍କୁ ଗଭୀର ଆଘାତ ଦେଇଥିଲା । ଗୋଟିଏ ପଟରେ ପୋଲିସ୍ ନିର୍ଯ୍ୟାତନା ଓ ଅନ୍ୟପକ୍ଷରେ ଅଭିଯୁକ୍ତକୁ ପୋଲିସ ଛାଡ଼ିଦେବା ଫଳରେ ପ୍ରସନ୍ନ ନିଜର ଓ ନିଜ ପରିବାର ପ୍ରତି ବିପଦ ଅଶଙ୍କା କରି ଡ଼ିଜି ଓ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରସ୍ଥ ହୋଇଥିବା ଜଣାଇଛନ୍ତି । ଏନେଇ ପୋଲିସ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରୁ ନଥିବାରୁ ପୋଲିସର ଭୂମିକା ଉପରେ ଏବେ ବିଭିନ୍ନ ପ୍ରଶ୍ନ ହୋଇ ଛିଡା ହୋଇଛି।

## ରାଜନୈତିକ ଆକ୍ରୋଶ, ବାସନ୍ଦ ଜୀବନ କାଟୁଛି ପରିବାର

### ଦେଢ଼ ବର୍ଷ ହେଲା ନିଜ ଘର ଛାଡ଼ି ବାହାରେ ନେଉଛନ୍ତି ଆଶ୍ରୟ

**ଯାଜପୁର,୧୯।୨ (ସଂଚାର ବ୍ୟୁରୋ):** ଦେଢ଼ ବର୍ଷ ହେବ ଗାଁରୁ ବାସନ୍ଦ ପରିବାର। ରାଜନୈତିକ ଆକ୍ରୋଶ ଯୋଗୁଁ ଗୋଟେ ପରିବାରକୁ ଗାଆଁରୁ ବାସନ୍ଦ କରାଯାଇଥିବା ଅଭିଯୋଗ ହୋଇଛି। ଯାହାକୁ ପ୍ରତିବାଦ କରି ଆଜି ପୁରା ପରିବାର ଯାଜପୁର ଜିଲ୍ଲାପାଳଙ୍କୁ ଭେଟି ନିଜର ଦୁଃଖ ଜଣାଇବା ସହ ନ୍ୟାୟ ଭିକ୍ଷା କରିଛନ୍ତି।

ସୂଚନା ଅନୁସାରେ ବରୀ ନିର୍ବାଚନ ମଣ୍ଡଳୀର ରସୁଲପୁର ବ୍ଲକ୍ ମଙ୍ଗରାଜପୁର ପଞ୍ଚାୟତ ବାଲିଗୁଡ଼ା ଗ୍ରାମର ବୀରକିଶୋର ମଲ୍ଲିକଙ୍କ ସମେତ ତାଙ୍କ ୫ ଭାଇ ଓ ପରିବାର ସଦସ୍ୟଙ୍କୁ ଗାଁରୁ ବାଛନ୍ଦ କରାଯାଇଥିବାର ଅଭିଯୋଗ ହୋଇଛି। ଗତ ପଞ୍ଚାୟତ ନିର୍ବାଚନରେ ବିଜେଡିକୁ ଭୋଟ ଦେଇ ନଥିବାରୁ ସ୍ଥାନୀୟ ସରପଞ୍ଚଙ୍କ ନିର୍ଦ୍ଦେଶକ୍ରମେ କିଛି କୁଚକ୍ରୀ ଲୋକ ପଡୋଶୀ ଏହି ପରିବାର ସଦସ୍ୟଙ୍କ ମାଡ ମାରିବା ସହ ନିଆଁ ପାଣି ବନ୍ଦ କରି ଘର ସମ୍ମୁଖ ରାସ୍ତାକୁ ଅବରୋଧ କରି ବିତାଡିତ କରିଛନ୍ତି। ପ୍ରାୟ ଦେଢ଼ବର୍ଷ ହେବ ଏହି ପରିବାର ଲୋକେ ବନ୍ଧୁବାନ୍ଧବ ଓ ସଂର୍ପକୀୟଙ୍କ ଘରେ ବୁଲିବୁଲି ଦିନ କାଟୁଥିବା କହିଛନ୍ତି। ପଞ୍ଚାୟତ ଭୋଟକୁ କେନ୍ଦ୍ର କରି ଏହି ଘଟଣା ଘଟିଥିବା ଅଭିଯୋଗ ଆସିଛି। ତେବେ ଆକ୍ରମଣର ଶିକାର ପରିବାର ବହୁବାର ଥାନା ଓ ପ୍ରଶାସନ ଦ୍ୱାରସ୍ଥ ହେଇଥିଲେ ମଧ୍ୟ କୌଣସି ସାହାଯ୍ୟ ମିଳିନାହିଁ ବରଂ ବିଜେପିକୁ ଭୋଟ ଦେଇଛ କହି ପରିବାର ସଦସ୍ୟଙ୍କୁ ଦେଢ଼ ବର୍ଷ ହେବ ଗାଁରୁ ଦୂରେଇ ଦିଆଯାଇଛି। ଯାହାକି ପୀଡ଼ିତ ପରିବାରର ସମସ୍ତ ସଦସ୍ୟଙ୍କ ପକ୍ଷରୁ ଆଜି ଯାଜପୁର ଜିଲ୍ଲାପାଳଙ୍କ ନିକଟରେ ନ୍ୟାୟ ପାଇଁ ନିବେଦନ କରଯାଇଛି। ଯଦି ଆଗାମୀ ଦିନରେ ପ୍ରଶାସନ ଅସହାୟ ପରିବାରକୁ ନ୍ୟାୟ ନଦିଏ ତେବେ ପୁରା ପରିବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଆମରଣ ଅନଶନ କରିବାକୁ ଚେତାବନୀ ଦେଇଛନ୍ତି।



## ବାବା ଲୋକନାଥ ମହାଦେବଙ୍କ ମନ୍ଦିର ପ୍ରତିଷ୍ଠା ଓ ମହାଯଜ୍ଞ

**ଆଳି,୧୯।୨ (ସଂଚାର ବ୍ୟୁରୋ):** ଲୋକନାଥ ମହାଦେବଙ୍କ ମନ୍ଦିର ପ୍ରତିଷ୍ଠା ଓ ବିଶ୍ୱଶାନ୍ତି ମହାଯଜ୍ଞ ବହୁ ଆଡମ୍ବର ସହ ପାଳିତ ହେଉଛି। ଧର୍ମୀୟ ଭାବନାର ଜାଗ୍ରତ ପ୍ରହରୀ ରୂପେ ମାନବ ସମାଜ ଅଗ୍ରସର ହେଉଥିବା ବେଳେ କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଭୂଇଁପୁର ପଞ୍ଚାୟତର ବାଲିସାହି ବାସିନ୍ଦାଙ୍କ ପ୍ରଚେଷ୍ଟାରେ ନବ ନିର୍ମିତ ଶ୍ରୀ ଶ୍ରୀ ବାବା ଲୋକନାଥ ମହାଦେବ ମନ୍ଦିର ପ୍ରତିଷ୍ଠା ଉତ୍ସବର ମହାଯଜ୍ଞ ଧୁମଧାମରେ ପାଳିତ ହୋଇଯାଇଛି। କଳସ ଶୋଭାଯାତ୍ରାରେ ଶହ ଶହ ମହିଳା ପୁରୁଷ ଯୋଗଦେଇ କାଣୀ ନଦୀରୁ ପାଣି ଉଠାଇଥିବା ବେଳେ ସୁବୈଦ୍ୟ ବ୍ରାହ୍ମଣ ପଣ୍ଡିତ ମାନଙ୍କ ଦ୍ୱାରା ସମସ୍ତ ନୀତିକାନ୍ତିରେ ପୂଜାର୍ଚ୍ଚନା ଏବଂ ଏକ ଦିନାତ୍ମକ ମହାଜଜ୍ଞ ପୂର୍ଣ୍ଣାହୁତି ହୋଇଥିଲା। ଶହ ଶହ ଶ୍ରଦ୍ଧାଳୁଙ୍କ ସମାଗମ ମନ୍ଦିର ପ୍ରାଙ୍ଗଣରେ ଭକ୍ତି ଭାବପୂର୍ଣ୍ଣ ପରିବେଶ ସୃଷ୍ଟି ହୋଇଥିଲା। ଏହି କାର୍ଯ୍ୟକ୍ରମ ତିନି ଦିନ ଧରି ଚାଲିବ ବୋଲି ଗ୍ରାମବାସୀ କହିଛନ୍ତି।



### ମିଶନ ଶକ୍ତି ଗୃହ ଭଡ଼ା ଲାଗିବା ଘଟଣା

## ଚାବି ହସ୍ତାନ୍ତର କଲେ ଏମବିକେ ଦିଦି

**'ସଂଚାର' ମହାପ୍ରଭାବ**

**ମହାକାଳପଡ଼ା,୧୯।୨ (ସଂଚାର ବ୍ୟୁରୋ):** ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟା ମାନଙ୍କ ପାଇଁ ଥିବା ମହାସଙ୍ଘ ଗୃହକୁ ଶ୍ରମିକ ମାନଙ୍କ ପାଇଁ ସମର୍ପି ଦେଇଥିଲେ ଏମବିକେ ଦିଦି। ଏନେଇ ସଂଚାରରେ ଖବର ପ୍ରକାଶ ପରେ ତତ୍ପରତା ଦେଖିବାକୁ ମିଳିଛି। ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଏ ଘଟଣାରେ ହସ୍ତକ୍ଷେପ କରି ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ତାଗିଦ୍ କରିବା ପରେ ଘଟଣାସ୍ଥଳରେ ବିପିସି ସାଗରିକା ମଲ୍ଲିକ ପହଞ୍ଚି ଏମବିକେ ଦିଦିଙ୍କ ପାଖରୁ ଚାବି ଆଣି ମହାସଂଘ ଘର ଖୋଲିବା ସହ ସଭାନେତ୍ରୀ ଓ ସମ୍ପାଦିକାଙ୍କୁ ଚାବି ହସ୍ତାନ୍ତର କରିଛନ୍ତି।

କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକର ଅମେଇପାଳ ପଞ୍ଚାୟତ ଅଧିନସ୍ଥ ଅମେଇପାଳ ମିଶନ ଶକ୍ତି କାର୍ଯ୍ୟାଳୟ ଗୃହ ଏବେ ଭଡ଼ାରେ ଲାଗୁଥିଲା ବୋଲି ଅଭିଯୋଗ ହେଉଥିଲା। କୌଣସି ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା ଘରକୁ ବ୍ୟବହାର କରୁନଥିଲେ ବରଂ ଶ୍ରମିକମାନେ ବ୍ୟବହାର କରୁଥିଲେ। ଏମବିକେ ମ୍ୟାଡାମଙ୍କ ସହ ଆମେ ଯୋଗାଯୋଗ କରିବାରୁ ସେ କହିଥିଲେ ଘରଟି ଫାଙ୍କା ଥିଲା ତେଣୁ ସେମାନେ ସକାଳୁ ଚାବି ନେଉଥିଲେ ଓ ସଂଧ୍ୟାରେ ଫେରାଉଥିଲେ। ଦିଦିଙ୍କ ପାଖରୁ ଏମିତି ଉତ୍ତର ସବୁ ସନ୍ଦେହକୁ ଏକ ପ୍ରକାର ପୂର୍ଣ୍ଣଚ୍ଛେଦ ପକାଇଥିଲା। ଏନେଇ ଗତକାଲି ସଂଚାରରେ ଖବର ପ୍ରକାଶ ପରେ ବ୍ଲକ୍ ପ୍ରୋଜେକ୍ଟ କୋଡିନେଟର ସାଗରିକା ମଲ୍ଲିକ ପହଞ୍ଚି ଘର ଖୋଲାଇବା ସହିତ ଚାବି ଏମବିକେଙ୍କ ଠାରୁ ମହାସଂଘ ସଦସ୍ୟାଙ୍କୁ ହସ୍ତାନ୍ତର କରିଛନ୍ତି।



### ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା

## ୩୯ ଜଣଙ୍କୁ ନିଯୁକ୍ତି ପତ୍ର ବଣ୍ଟନ

**କେନ୍ଦ୍ରାପଡ଼ା,୧୯।୨ (ସଂଚାର ବ୍ୟୁରୋ):** ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ଓ କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଏକ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ଖେଳ ପଡିଆ ପରିସରରେ ଅନୁଷ୍ଠିତ ହୋଇଯାଇଅଛି। ଏହି ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳାକୁ ଆନୁଷ୍ଠାନିକ ଭାବେ ମୁଖ୍ୟ ଅତିଥି ଜିଲ୍ଲାପାଳ ସ୍ମୃତିରଞ୍ଜନ ପ୍ରଧାନ ଉଦଘାଟନ କରିଥିଲେ । ଏହି ନିଯୁକ୍ତି ମେଳାର ଆଭିମୁଖ୍ୟ ବିଷୟରେ ଜିଲ୍ଲା ଦକ୍ଷତା ବିକାଶ ଓ ନିୟୋଜନ ଅଧିକାରୀ ଘନଶ୍ୟାମ ସା ଉପସ୍ଥିତଥିବା ଚାକିରୀ ଆଶାୟୀ ଯୁବକ ଓ ଯୁବତୀ ମାନଙ୍କୁ ଉଦବୋଧନ ଦେଇଥିଲେ । ଏହି ନିଯୁକ୍ତି ମେଳାରେ ମେଡପ୍ଲସ, ଅରବିନ୍ଦ ଲିମିଟେଡ, ଅସ୍ମିତା ହଲିଡେ, ଏସଏସଡିପି କଂସଲ୍ଟିଂ ଆଣ୍ଡ ସର୍ଭିସେସ ପ୍ରାଇଭେଟ ଲିମିଟେଡ, ଅନୁଦିପ ଫାଉଣ୍ଡେସନ, ମୁକ୍ତି ସେବା ଫାଉଣ୍ଡେସନ, ସାହି ଏକ୍ସପର୍ଟ, କେଏଲଆର ଗ୍ରୁପ, ପିନାକଲ ଏଚଆର, ମଦର ସନ ସୁମୀ, ଏସ ଆଣ୍ଡ ଏନ ଷ୍ଟାଫିଙ୍ଗ, ପାୟିକ୍ ସେଣ୍ଟିନେଲ୍ସ, ସୁରକ୍ଷା ହେଲଥ କେୟାର, ସହନ କ୍ଲୋଥିଂ, ଅରେଞ୍ଜ କ୍ରସ, ଗ୍ରାମ ତରଙ୍ଗ ଆଦି ୬୦ ଗୋଟି ନିଯୁକ୍ତି ପ୍ରଦାନକାରୀ ଓ ତାଲିମ ପ୍ରଦାନକାରୀ ସଂସ୍ଥା ଯୋଗ ଦେଇଥିଲେ । ଏହି ନିଯୁକ୍ତି ମେଳାରେ ୧୫୭୫ ଜଣ ଚାକିରୀ ଆଶାୟୀ ଯୁବକଯୁବତୀ ଅଂଶଗ୍ରହଣ କରିଥିଲେ ଏବଂ ୭୫୭ ଜଣ ଆଶାୟୀ ଯୁବକଯୁବତୀ ଅଂଶଗ୍ରହଣ କରିଥିବା ଚାକିରୀ ପ୍ରଦାନକାରୀ ସଂସ୍ଥା ଦ୍ୱାରା ମନୋନୀତ ହୋଇଥିଲେ ଏବଂ ୩୯ ଜଣ ଯୁବକଯୁବତୀଙ୍କୁ ଉପସ୍ଥିତ ଥିବା ଅତିଥିମାନଙ୍କ ଦ୍ୱାରା ନିଯୁକ୍ତି ପତ୍ର ବଣ୍ଟାଯାଇଥିଲା।

## ବିଜେଡ଼ି ନେତା ରବୀନ୍ଦ୍ର ପାଳଙ୍କ ନାମରେ ଏତଲା



- ତହସିଲ କାର୍ଯ୍ୟାଳୟରେ ମହିଳା କର୍ମଚାରୀଙ୍କୁ କରିଥିଲେ ଦୁର୍ବ୍ୟବହାର
- ଏତଲା ପରେ ଦୋଷ ସ୍ୱୀକାର କରି ଭୁଲ୍ ମାନିଲେ
- ଥାନାରେ ଦାଖଲ କଲେ ପ୍ରତିଶ୍ରୁତି ପତ୍ର

**ମହାକାଳପଡ଼ା,୧୯।୨ (ସଂଚାର ବ୍ୟୁରୋ):** ବିଜେଡ଼ି ନେତା ରବିନ୍ଦ୍ର ପାଳଙ୍କ ନାମରେ ଆଜି ମହାକାଳପଡ଼ା ଥାନାରେ ପୃଥକ୍ ପୃଥକ୍ ଦୁଇଟି ଏତଲା ହୋଇଛି। ତହସିଲ କାର୍ଯ୍ୟାଳୟରେ ଅତିରିକ୍ତ ତହସିଲଦାର ଓ କନିଷ୍ଠ ରାଜସ୍ୱ ସହାୟକଙ୍କୁ ବଡ଼ ପାଟି କରି କଟୁ କଥାବାର୍ତ୍ତା କରିବା ଅଭିଯୋଗରେ ତାଙ୍କ ନାମରେ ଏହି ଏତଲା କରାଯାଇଛି। କର୍ମଚାରୀଙ୍କ ଏତଲା ଆଧାରରେ ମହାକାଳପଡ଼ା ତହସିଲଦାର ପ୍ରାଥମିକ ସୂଚନା ରିପୋର୍ଟକୁ ଗୁରୁତର ସହ ନେଇ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ୭୫୩ ନମ୍ବର ଚିଠିରେ ମହାକାଳପଡ଼ା ଥାନାକୁ ଉଲ୍ଲେଖ କରିଛନ୍ତି। ଜଣେ ସଙ୍ଗଠକଙ୍କ ବିରୋଧରେ ସରକାରୀ କର୍ମଚାରୀମାନଙ୍କ ଏତଲା ଘଟଣା ଏବେ ମହାକାଳପଡ଼ା ରାଜନୀତି ପାଣିପାଗକୁ ସରଗରମ କରିଛି।

ସୂଚନା ମୁତାବକ ମହାକାଳପଡ଼ା ତହସିଲରେ କାର୍ଯ୍ୟରତ ଅତିରିକ୍ତ ତହସିଲଦାର ଶାନ୍ତିଲତା ହେମ୍ବ୍ରମ୍ କାର୍ଯ୍ୟ କରୁଥିବା ସମୟରେ ମହାକାଳପଡ଼ା ପଞ୍ଚାୟତ କେୟାରବାଙ୍କ ଗ୍ରାମର ବାମଦେବ ପାଳଙ୍କ ପୁତ୍ର ରବିନ୍ଦ୍ର ପାଳ ହଠାତ କାର୍ଯ୍ୟାଳୟରେ ପହଞ୍ଚି ତାଙ୍କୁ ବଡ଼ ପାଟିରେ ସମସ୍ତ କର୍ମଚାରୀଙ୍କ ସାମ୍ନାରେ କଟୁ କଥା ବାର୍ତ୍ତା କରିଛନ୍ତି। ସେ ତାଙ୍କ ଅଭିଯୋଗର କାରଣ ବିଷୟରେ ବୁଝିବାକୁ ଚାହିଁଥିଲେ ମଧ୍ୟ ସେ ସମସ୍ତଙ୍କ ଆଗରେ ଚିତ୍କାର କରି କଥାବାର୍ତ୍ତା କରିଛନ୍ତି। ଜଣେ ମହିଳା ଅଧିକାରୀ ଭାବରେ ଏମିତି ବ୍ୟବହାର ତାଙ୍କ ସମ୍ମାନ ଓ ମର୍ଯ୍ୟାଦାକୁ ହାନି ପହଞ୍ଚାଇଛି। ତେଣୁ ଏହି ଘଟଣାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଆଠ ଜଣ ସାକ୍ଷୀଙ୍କ ସହିତ ମହାକାଳପଡ଼ା ଥାନାକୁ ଦେଇଥିବା ଏତଲାରେ ଉଲ୍ଲେଖ କରିଛନ୍ତି। ସେହିପରି ଅନ୍ୟଜଣେ କନିଷ୍ଠ ରାଜସ୍ୱ ସହାୟକ ବାସନ୍ତୀ ମାରାଣ୍ଡି ମଧ୍ୟ ରବିନ୍ଦ୍ର ପାଳଙ୍କ ନାମରେ ଏତଲା ଦେଇଛନ୍ତି।

ମହିଳା କର୍ମଚାରୀମାନଙ୍କୁ ଦୁର୍ବ୍ୟବହାର କରିବା ସମ୍ପର୍କିତ ଏତଲା ଆଧାରରେ ଏତଲା ଗୁଡ଼ିକୁ ଗୁରୁତର ସହ ନେଇ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ମହାକାଳପଡ଼ା ଥାନା ଅଧିକାରୀଙ୍କୁ ମହାକାଳପଡ଼ା ତହସିଲ କାର୍ଯ୍ୟାଳୟ ତରଫରୁ ଚିଠି କରାଯାଇଥିଲା। ଏତଲା ଆଧାରରେ ମହାକାଳପଡ଼ା ଥାନା ଅଧିକାରୀ ରବିନ୍ଦ୍ର ପାଳଙ୍କୁ ମହାକାଳପଡ଼ା ଥାନାକୁ ଡାକିଥିଲେ। ରବିନ୍ଦ୍ର ପାଳ ଥାନାରେ ପହଞ୍ଚି ନିଜର ଦୋଷ ସ୍ୱୀକାର କରିବା ସହିତ ଏକ ହାତଲେଖା ରାଜିନାମା ସ୍ୱାକ୍ଷର କରି ମହାକାଳପଡ଼ା ଥାନାରେ ଦାଖଲ କରିଛନ୍ତି। ଭବିଷ୍ୟତରେ କୌଣସି ଅଫିସରେ ଏମିତି ବ୍ୟବହାର କରିବି ନାହିଁ। ଯଦି ଏଥିରୁ ବ୍ୟତିକ୍ରମ ହୁଏ ତେବେ ଆଇନ୍ ଅନୁସାରେ ଦଣ୍ଡିତ ହେବାକୁ ତାଙ୍କ ହାତ ଲେଖା ରାଜିନାମା ମହାକାଳପଡ଼ା ଥାନାରେ ପଇଠ କରି ତାଙ୍କୁ ନ୍ୟାୟ ଦେବାକୁ ସେ ଅନୁରୋଧ କରିଛନ୍ତି।

## ରାସ୍ତା ମରାମତି କରୁନି ଠିକାସଂସ୍ଥା

### ଆଖୁ ବୋଝେଇ ଟ୍ରକ ଯାତାୟାତରେ ଅସୁବିଧା



**ମାର୍ଶାଘାଇ,୧୯।୨ (ସଂଚାର ବ୍ୟୁରୋ):** ମାର୍ଶାଘାଇ ଅଂଚଳର ଆଖୁ ଚାଷୀଙ୍କ ଆଖୁ ବୋଝେଇ ଟ୍ରକ ବିପଦପୂର୍ଣ୍ଣ ଭାବରେ କ୍ଷେତରୁ ଚାଷୀମାନେ ଆଖୁ ପରିବହନ କରୁଥିବା ଅଭିଯୋଗ କରିଛନ୍ତି । ଜମ୍ବୁ ମାର୍ଶାଘାଇ ରାସ୍ତା ପ୍ରଶସ୍ତିକରଣ କରୁଥିବା ଠିକା ସଂସ୍ଥା ମାର୍ଶାଘାଇ ଜଳସମ୍ପଦ କାର୍ଯ୍ୟାଳୟର ପଛ ପାର୍ଶ୍ୱରେ ଏକ ସେତୁ ନିର୍ମାଣ କରୁଛି । ତେଣୁ ନଦୀ ବନ୍ଧକୁ କାଟି ଦେଇ ନଦୀ ଶଯ୍ୟାରେ ଏକ ଗଡ଼ାଣି ରାସ୍ତା ତିଆରି କରିଛି । ଉକ୍ତ ରାସ୍ତାରେ ଆଖୁ ବୋଝେଇ ଟ୍ରକ ଯାତାୟାତରେ ସମସ୍ୟା ଦେଖାଦେଉଛି । ବାର ଚକିଆ ଟ୍ରକ ବହୁ କଷ୍ଟରେ ଉଠି ପାରୁଥିବା ବେଳେ ଛଅ ଚକିଆ ଏବଂ ଦଶ ଚକିଆ ଟ୍ରକ ଉଠାଣିରେ ବନ୍ଧ ଉପରକୁ ଉଠି ନ ପାରିବାରୁ ପୋକ୍ଲିନ ମେସିନ ଆଖୁ ବୋଝେଇ ଦୁଇଟି ଟ୍ରକକୁ ପଛରୁ ଠେଲି ଠେଲି ବନ୍ଧ ଉପରକୁ ଉଠାଇଥିଲା । ସେହି ଦିନ ଠାରୁ ଛଚକିଆ ଏବଂ ଦଶ ଚକିଆ ଟ୍ରକ କୈଳାସ ଗଡ଼ା ବାଟେ ନଦୀବନ୍ଧକୁ ଉଠି ପଛେଇ ପଛେଇ ବିପଦପୂର୍ଣ୍ଣ ଭାବରେ ବାଲିକଷୋଟି ହନୁମାନ ନିକଟକୁ ଯାଉଛି । ନଦୀ ବନ୍ଧରେ ଥିବା କୈଳାସ ଗଡ଼ାକୁ ଉନ୍ନତିକରଣ କରାଇ ଦେଲେ ଆଖୁ ବୋଝେଇ ଟ୍ରକ ଗୁଡିକ ସେହି ଗଡ଼ାରେ ବନ୍ଧ ଉପରକୁ ଉଠି ବାଲିକଷୋଟି ଗ୍ରାମ ହନୁମାନ ନିକଟ ପୋଲ ଦେଇ ମୁଖ୍ୟ ରାସ୍ତାକୁ ସହଜରେ ଯାତାୟତ କରିପାରନ୍ତା ବୋଲି ଚାଷୀମାନେ ଠିକା ସଂସ୍ଥାକୁ ବାରମ୍ବାର ନିବେଦନ କରିଥିଲେ ବି ନିର୍ମାଣକାରୀ ଠିକା ସଂସ୍ଥା କର୍ଣ୍ଣପାତ କରୁନାହିଁ ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି । ଚାଷୀ କପିଳ ବସନ୍ତିଆ, ସୁରେନ୍ଦ୍ର ନାଥ ବସନ୍ତିଆ, ନିହାର ରଞ୍ଜନ ବସନ୍ତିଆ, ସୁବାସ ବସନ୍ତିଆ, ଖଗେଶ୍ୱର ବେହେରା, କୁନାଲ ବେହେରା, ଗଣେଶ ବେହେରା, ଚିତ୍ତରଞ୍ଜନ ବେହେରା, ରେଣୁକା ଦଳାଇ, କପିଳ ଚରଣ ବେହେରା, ରାଜେନ୍ଦ୍ର ବସନ୍ତିଆ, ନିର୍ମଳ ଦଳାଇ ପ୍ରମୁଖ କହିଛନ୍ତି ।

## ସ୍ମୃତି ସାଉଁଟିଲେ ୧୯୭୩ ବ୍ୟାଚ ଛାତ୍ର

**ମାର୍ଶାଘାଇ,୧୯।୨ (ସଂଚାର ବ୍ୟୁରୋ):** ମାର୍ଶାଘାଇ ସରକାରୀ ଉଚ୍ଚ ବିଦ୍ୟାଳୟ ୧୯୭୩ମସିହା ବ୍ୟାଚ ପୁରାତନ ଛାତ୍ରମାନେ ବୁଧବାର ବନ୍ଧୁମିଳନ କାର୍ଯ୍ୟକ୍ରମ କରି ବିଦ୍ୟାଳୟ ଛାଡିବାର ୫୧ବର୍ଷ ତଳର ସ୍ମୃତିକୁ ଖୋଜିଥିଲେ। ବୁଧବାର ମାର୍ଶାଘାଇ ଯଜ୍ଞ ମଠ ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୁରାତନ ଛାତ୍ର ଦିବାକର ବେହେରା, ଅଜୟ କୁମାର ରଥ, ଶୁକଦେବ ଦାସଙ୍କ ସଂଯୋଜନାରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା । ଅବସରପ୍ରାପ୍ତ ବ୍ୟାଙ୍କ ମ୍ୟାନେଜର ଅକ୍ଷୟ ନାୟକ, ଅଧ୍ୟାପକ ଗୋବିନ୍ଦ ଚନ୍ଦ୍ର ଦାସ, ମାର୍ଶାଘାଇ କଲେଜର ଅବସରପ୍ରାପ୍ତ ମୁଖ୍ୟ ଲିପିକ ମଧୁସୂଦନ ବେହେରା, ପରୀକ୍ଷିତ ବେହେରା, ନୃସିଂହ ବାରିକ, ଗୁରୁଚରଣ ନାୟକ, ଧିରେନ କୁମାର ଦାସ , ଗୋପବନ୍ଧୁ ଦାସ, ଗୌରାଙ୍ଗ ବେଉରା, ରବୀନ୍ଦ୍ରନାଥ ପ୍ରଧାନ, ରବିନ୍ଦ୍ର ରଥ, ସୁରେନ୍ଦ୍ର ନାଥ ମଲିକ, ଦିଗାମ୍ବର ସାହୁ, ଖଗେଶ୍ୱର ପତି, ପ୍ରହ୍ଲାଦ ସ୍ୱାଇଁ, ଅନାମ ଜେନା, ଖଗେଶ୍ୱର ପ୍ରଧାନ, କେଶବ ପତି , ପ୍ରଶାନ୍ତ ବେହେରା, ଉତ୍ତମ ଚରଣ ବସନ୍ତିଆ, ଗୋବିନ୍ଦ ସାହୁ, କରୁଣାକର ସାହୁ, ଅଞ୍ଜନ କୁମାର ଷଡ଼ଙ୍ଗୀ, ଭରତ ଚନ୍ଦ୍ର ବେହେରା, ସନ୍ତୋଷ କୁମାର ନାୟକ, ସରୋଜ କୁମାର ସ୍ୱାଇଁ ପ୍ରମୁଖ ଯୋଗଦେଇ ଛାତ୍ରଜୀବନର ସ୍ମୃତି ଚାରଣ କରିଥିଲେ ।

## ବଡ଼ ଘାଟିରେ ଓଲଟିଲା ଅଙ୍ଗୁର ବୋଝେଇ ଟ୍ରକ୍



**ଖଲ୍ଲିକୋଟ,୧୯।୨(ସଂଚାର ବ୍ୟୁରୋ):** ଖଲ୍ଲିକୋଟ ନିକଟସ୍ଥ ବଡ଼ ଘାଟିରେ ଭାରସାମ୍ୟ ହରାଇ ଏକ ଅଙ୍ଗୁର ବୋଝେଇ ଟ୍ରକ ଓଲଟି ପଡ଼ିଛି। ତେବେ ଅଳ୍ପକେ ଟ୍ରକ ଡ୍ରାଇଭର ବର୍ତ୍ତି ଯାଇଛନ୍ତି । ଟ୍ରକ ଟି ଓଲଟି ପଡିବା ପରେ ବିଛାଡି ହୋଇ ପଡିଥିବା ଅଙ୍ଗୁରକୁ ରାସ୍ତାରେ ଯାଉଥିବା ଲୋକେ ବୋହି ନେଇଯାଇଥିଲେ। ଆନ୍ଧ୍ରପ୍ରଦେଶରୁ ଭୁବନେଶ୍ୱର ଅଭିମୁଖେ ଏକ ଅଙ୍ଗୁର ବୋଝେଇ ଟ୍ରକ ଆସୁଥିଲା। ରାସ୍ତାରେ ଭାରସାମ୍ୟ ହରାଇ ବଡ଼ ଘାଟି ଉପରେ ଟ୍ରକ୍ଟି ଓଲଟି ପଡ଼ିଥିଲା । ତେବେ ଟ୍ରକ ଡ୍ରାଇଭର ଜଣଙ୍କ ଅଳ୍ପକେ ବର୍ତ୍ତି ଯାଇଥିଲେ। ଖବର ପାଇ ହାଇୱେ ପାଟ୍ରୋଲିଂ ପୋଲିସ ଓ ଖଲ୍ଲିକୋଟ ଥାନା ପୋଲିସ ଦୁର୍ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି । ପୁଲିସ ଆସିବା ପୂର୍ବରୁ ରାସ୍ତା ଉପରେ ବିଛାଡି ହୋଇ ପଡ଼ିଥିବା ଅଙ୍ଗୁର ଲୋକେ ବୋହି ନେଇଯାଉଥିବା ଦେଖିବାକୁ ମିଳିଥିଲା।

### ଜାତୀୟସ୍ତରୀୟ ହସ୍ତତନ୍ତ ମେଳା ଉଦ୍‌ଘାଟିତ

# ଗରିମାମୟ ଐତିହ୍ୟର ବାର୍ତ୍ତାବହ ହସ୍ତତନ୍ତ

**ଭୁବନେଶ୍ୱର,୧୯।୨ (ସଂଚାର ବ୍ୟୁରୋ):** ସ୍ଥାନୀୟ ୟୁନିଟ୍-୩ସ୍ଥିତ ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆଠାରେ ଆଜିଠାରୁ ଜାତୀୟସ୍ତରୀୟ ହସ୍ତତନ୍ତ ମେଳା ଆରମ୍ଭ ହୋଇଛି। ଏହି ପ୍ରଦର୍ଶନୀର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସମବାୟ, ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଯୋଗଦେଇ କହିଛନ୍ତି ଯେ ହସ୍ତତନ୍ତ ଆମ ଗରିମାମୟ ଐତିହ୍ୟର ବାର୍ତ୍ତାବହ। ଏହା ଆମ ଅସ୍ମିତାର ନିଦର୍ଶନ। ଏହାର ସଂରକ୍ଷଣ ଓ ପ୍ରଚାର ପ୍ରସାର ସହ ବୁଣାକାର ବନ୍ଧୁମାନଙ୍କୁ ଆର୍ଥିକ ଭାବେ ସଶକ୍ତ କରିବା ହେଉଛି ସାମ୍ପ୍ରତିକ ସମୟର ଆହ୍ୱାନ। ସେହିପରି ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗ କମିଶନର ତଥା ଶାସନ ସଚିବ ଗୁହା ପୁନମ୍ ତାପସ୍ କୁମାର କହିଛନ୍ତି ଯେ ରାଜ୍ୟ ତଥା ଦେଶର ସମସ୍ତ ବୟନ କଳାକୁ ପ୍ରଦର୍ଶିତ କରିବା ସହ ବିକ୍ରୟ ପାଇଁ ଏହି ପ୍ରଦର୍ଶନୀ ଏକ ପ୍ରକୃଷ୍ଟ ସ୍ଥାନ। ଉତ୍କୃଷ୍ଟ ବୟନ କଳାକୁ ବଞ୍ଚାଇ ରଖିବା ପାଇଁ ଅଧିକରୁ ଅଧିକ ଗ୍ରାହକ ଆଗେଇ ଆସି ବୁଣାକାରଙ୍କୁ ଉତ୍ସାହିତ କରିବାକୁ ଶ୍ରୀମତୀ ଗୁହା ଆହ୍ୱାନ ଦେଇଛନ୍ତି।

- ଅପ୍ରେଲ୍ ୧ ପର୍ଯ୍ୟନ୍ତ ଚାଲିବ ପ୍ରଦର୍ଶନୀ
- ଦୈନିକ ୧୦ ଘଣ୍ଟା ଖୋଲା ରହିବ
- ୨୨୫ ଷ୍ଟଲ, ୧୫ କୋଟି ବ୍ୟବସାୟ ଲକ୍ଷ୍ୟ

ଗୋ।ଟି ଏ ସ୍ଥାନରେ ବୟନକଳାକୁ ପ୍ରଦର୍ଶିତ କରିବା ସହ ବୁଣାକାରମାନଙ୍କ ଆର୍ଥିକ ଉନ୍ନତି ନିମନ୍ତେ ବାଣିଜ୍ୟିକ ଆଭିମୁଖ୍ୟକୁ ତ୍ୱରାନ୍ୱିତ କରିବା ହେଉଛି ଏହି ଆୟୋଜନର ମୂଳ ଲକ୍ଷ୍ୟ। ରାଜ୍ୟ ସରକାରଙ୍କ ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗ ଏହାର ପ୍ରାୟୋଜକ ଥିବା ବେଳେ ଓଡ଼ିଶା ରାଜ୍ୟ ହସ୍ତତନ୍ତ ବୁଣାକାର ସମବାୟ ସମିତି ଲିମିଟେଡ୍ (ବୟନିକା) ଏହାର ଆୟୋଜକ। ଏହି ପ୍ରଦର୍ଶନୀ ଆସନ୍ତା ଅପ୍ରେଲ୍ ୧ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରତିଦିନ ପୂର୍ବାହ୍ନ ସାଢ଼େ ୧୧ଟାରୁ ରାତି ସାଢ଼େ ୯ଟା ପର୍ଯ୍ୟନ୍ତ ଅର୍ଥାତ୍ ଦୈନିକ ୧୦ ଘଣ୍ଟା ଧରି ଏହି ପ୍ରଦର୍ଶନୀ ଖୋଲା ରହିବ। ଏଥିରେ ଜନସାଧାରଣ ବିଶେଷ ରିହାତି ଦରରେ ମନପସନ୍ଦର ହାତତିଆରି ବସ୍ତ୍ର କିଣିପାରିବେ। ମେଳାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ପାରମ୍ପରିକ ଖାଦ୍ୟ ଓ ପିଲାମାନଙ୍କ ପାଇଁ ଖେଳକୁଦର ବ୍ୟବସ୍ଥା କରାଯାଇଛି। ଚଳିତ ଥର ଏହି ପ୍ରଦର୍ଶନୀରେ ମୋଟ ୨୨୫ଟି ଷ୍ଟଲ୍ ଖୋଲାଯାଇଥିବା ବେଳେ ୧୫ କୋଟି ଟଙ୍କାର ବ୍ୟବସାୟ ଲକ୍ଷ୍ୟ ରହିଥିବା ବୟନିକା ପକ୍ଷରୁ କୁହାଯାଇଛି। ମେଳାରେ ଓଡ଼ିଶାର ବିଭିନ୍ନ ଅଞ୍ଚଳର ଲୋକାଦୃତ ବୟନବସ୍ତ୍ର ସମ୍ବଲପୁରୀ, ସୋନପୁରୀ, ବମକାଇ, ଖଣ୍ଡୁଆପାଟ, ମାଣିଆବନ୍ଧି, ହାବସପୁରୀ ଆଦି ଉପଲବ୍ଧ ହେବ। ସେହିପରି ଦର୍ଶକଙ୍କ ପ୍ରମୁଖ ଆକର୍ଷଣ ପାଲଟିବ କରୁଣା ରେଶମ ବସ୍ତ୍ର। ପ୍ରଦର୍ଶନୀରେ ଓଡ଼ିଶାର ବାନ୍ଧବସ୍ତ୍ର ସହ ପଶ୍ଚିମବଙ୍ଗର ଜାମଦାନି ଓ ଟାଙ୍ଗାଇଲ୍, ଜାମ୍ମୁ କାଶ୍ମୀରର ପସମିନା-ଶାଲ୍, ତାମିଲନାଡୁର କାଞ୍ଜିବରମ୍ ପାଟଶାଢ଼ୀ, ଦିଲ୍ଲୀ, ହରିୟାନାର ଫର୍ନିଶିଙ୍ଗ୍ ବସ୍ତ୍ର, କର୍ଣ୍ଣାଟକର ଶିଲ୍କ ଶାଢ଼ି ଆଦି ହସ୍ତତନ୍ତ ବସ୍ତ୍ର ଗ୍ରାହକଙ୍କ ପାଇଁ ଉପଲବ୍ଧ ହେବ। ଚଳିତ ଥରର ମେଳାରେ ମୋଟ ୧୫ କୋଟି ଟଙ୍କାର ବ୍ୟବସାୟ ହେବା ନେଇ ବୟନିକା ଲକ୍ଷ୍ୟ ରଖିଛି।

ଆଜିର ଉଦଘାଟନୀ ଉତ୍ସବରେ ହସ୍ତତନ୍ତ ଓ ବୟନଶିଳ୍ପ ନିର୍ଦ୍ଦେଶକ ବିକ୍ରମାଦିତ୍ୟ ବାରିକ, ବୟନିକାର ପରିଚାଳନା ନିର୍ଦ୍ଦେଶକ ପ୍ରଣତି ଛୋଟରାୟ, ସଭାପତି ପ୍ରକାଶ ଚନ୍ଦ୍ର ମେହେରଙ୍କ ସହ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ମେଳାରେ ବହୁ ସଂଖ୍ୟାରେ ଗ୍ରାହକମାନେ ଆସି ହସ୍ତତନ୍ତ ବସ୍ତ୍ର କ୍ରୟ କରିବା ସହ ବୁଣାକାରଙ୍କୁ ଉତ୍ସାହିତ କରିବା ପାଇଁ ବୟନିକା ପକ୍ଷରୁ ନିବେଦନ କରାଯାଇଛି।



# ଏଣିକି କୋର୍ଡ କହିବ କିଏ କରିଛି ପ୍ରଶ୍ନ ଭାଇରାଲ

**କଟକ,୧୯।୨(ସଂଚାର ବ୍ୟୁରୋ):** ଆସନ୍ତା ୨୧ରୁ ମାଟ୍ରିକ ପରୀକ୍ଷା । ମଝିରେ ଆଉ ମାତ୍ରେ ଦିନେ । ଏଥର ପରୀକ୍ଷା ଦେବେ ୫ ଲକ୍ଷ ୨୨ ହଜାର ୩୩୬ ପରୀକ୍ଷାର୍ଥୀ। ଏଥର ପରୀକ୍ଷାକୁ ତ୍ରୁଟିଶୂନ୍ୟ କରିବାକୁ ପ୍ରସ୍ତୁତି ଜୋରଦାର କରିଛି ମାଧ୍ୟମିକ ଶିକ୍ଷା ପରିଷଦ। ମାଟ୍ରିକ ପରୀକ୍ଷା ପାଇଁ ଚୟନ ହୋଇଥିବା କମାଣ୍ଡ ସେଣ୍ଟର ତଥା ନୋଡାଲ୍ ସେଣ୍ଟର ଓ ସମ୍ବେଦନଶୀଳ ପରୀକ୍ଷା କେନ୍ଦ୍ର ଗୁଡ଼ିକରେ ଭିଡିଓ ସିଧା ପ୍ରସାରଣ ହେବ । ଏଥିପାଇଁ ବୋର୍ଡ କର୍ତ୍ତୃପକ୍ଷ ଓ ଦାୟିତ୍ୱରେ ଥିବା ଅନ୍ୟ ଅଧିକାରୀ ୬ ଶହ କେନ୍ଦ୍ରରେ ଭିଡିଓ ଲାଇଭ୍ ବ୍ୟବସ୍ଥାର ଅନୁଧ୍ୟାନ କରିବେ । ମାଟ୍ରିକ ପରୀକ୍ଷା ପାଇଁ କଣ କଣ ବ୍ୟବସ୍ଥା କରାଯାଇଛି ? ଦେଖନ୍ତୁ ନିମ୍ନରେ ।

ଆସନ୍ତା ୨୧ ତାରିଖରୁ ରାଜ୍ୟରେ ଆରମ୍ଭ ହେଉଛି ମାଟ୍ରିକ ପରୀକ୍ଷା । ଯାହା ମାର୍ଚ୍ଚ ୬ ପର୍ଯ୍ୟନ୍ତ ଚାଲିବ । ମାଟ୍ରିକ ସହ ରାଜ୍ୟ ମୁକ୍ତ ବିଦ୍ୟାଳୟ ଓ ସଂସ୍କୃତ ମଧ୍ୟମା ପରୀକ୍ଷା ଏକା ସାଙ୍ଗରେ ହେବ। ମୋଟ ୩୧୩୩ ପରୀକ୍ଷା କେନ୍ଦ୍ରରେ ମାଟ୍ରିକ ପରୀକ୍ଷା ହେବ । ମୋଟ ୫ ଲକ୍ଷ ୨୨ ହଜାର ୩୩୬ ପରୀକ୍ଷାର୍ଥୀ ଏହି ପରୀକ୍ଷା ଦେବାକୁ ଯାଉଛନ୍ତି। ରାଜ୍ୟର ୩ହଜାର ୧୩୩ଟି ପରୀକ୍ଷା କେନ୍ଦ୍ରର ହଲ୍ ସିସିଟିଭି ଫୋକସରେ ରହିଥିବା ବେଳେ ଏଥିରେ ୨୮୬ଟି ସମ୍ବେଦଶୀଳ ପରୀକ୍ଷା କେନ୍ଦ୍ର ଓ ୩୧୪ଟି ନୋଡାଲ୍ ସେଣ୍ଟରରେ ଭିଡିଓ ଲାଇଭ ହେବ। ଲାଇଭ୍ ଭିଡିଓର ଅନୁଧାନ ଲାଗି ବୋର୍ଡ କାର୍ଯ୍ୟାଳୟରେ କଣ୍ଟ୍ରୋଲ୍ ରୁମ୍ କରାଯାଇଛି। ପରୀକ୍ଷା ପରିଚାଳନା କରିବା ପାଇଁ ବୋର୍ଡ ପକ୍ଷରୁ ଚୟନ ହୋଇଥିବା କମାଣ୍ଡ ସେଣ୍ଟର୍ ତଥା ନୋଡାଲ୍ ସେଣ୍ଟର୍ ଓ ସମ୍ବେଦନଶୀଳ ପରୀକ୍ଷା କେନ୍ଦ୍ରଗୁଡ଼ିକରେ ଭିଡିଓ ସିଧା ପ୍ରସାରଣ ବା ଲାଇଭ୍ ଷ୍ଟ୍ରିମିଙ୍ଗ୍ ବ୍ୟବସ୍ଥା ଅନୁଧାନ ଲାଗି ଆଜି ଠାରୁ ପରୀକ୍ଷା ମୂଳକ ଭାବେ ପ୍ରଦର୍ଶନ କରାଯାଇଛି ବା ଡ୍ରାଏ ରନ ହେବ । ବୋର୍ଡ କର୍ତ୍ତୃପକ୍ଷ ଓ ଦାୟିତ୍ୱରେ ଥିବା ଅନ୍ୟ ଅଧିକାରୀମାନେ ୬ ଶହ କେନ୍ଦ୍ରରେ ଭିଡିଓ ଲାଇଭ୍ ବ୍ୟବସ୍ଥାର ଅନୁଧାନ କରିବେ। ଦୁଇ ଦିନ ଧରି ପରୀକ୍ଷାମୂଳକ ଭାବେ ଏହା ଅନୁଧାନ କରାଯିବ ।

ଚଳିତ ବର୍ଷ ପ୍ରଶ୍ନପତ୍ରର ଭାଇରାଲ ରୋକିବା ପାଇଁ ମାଟ୍ରିକ ପ୍ରଶ୍ନପତ୍ରରେ ୱାଟର ମାର୍କ, ଷ୍ଟାଟିକ କ୍ୟୁ ଆର କୋର୍ଡ ଓ ଡାଇନାମିକ କୋର୍ଡ ବ୍ୟବସ୍ଥା କରାଯାଇଛି। ପରୀକ୍ଷାର ସୁପରିଚାଳନା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରତ୍ୟେକ ଜିଲ୍ଲାରେ ଜଣେ ଜଣେ ଅତିରିକ୍ତ ଏସପି ଓ ଜଣେ ଜଣେ ଡ଼ିଏସପିଙ୍କୁ ନୋଡାଲ ଅଫିସର ଦାୟିତ୍ୱ ଦିଆଯାଇଛି ।




# ପରକୀୟା ପ୍ରୀତି ସନ୍ଦେହରେ ହତ୍ୟାକାରୀ ସାଜିଲା ସ୍ୱାମୀ

## କାଠଫାଳିଆରେ ନେଲା ପଡ଼ୋଶୀ ଜୀବନ

**ଚୌଦ୍ୱାର,୧୯।୨(ସଂଚାର ବ୍ୟୁରୋ):** ପରକୀୟା ପ୍ରୀତି ସନ୍ଦେହରୁ ହତ୍ୟାକାଣ୍ଡ ପରି ଜଘନ୍ୟ ଘଟଣା ଘଟିଛି ଟାଙ୍ଗୀ ଚୌଦ୍ୱାର ବ୍ଲକ ମହିଷାଲଣ୍ଡା ପଞ୍ଚାୟତ ଆମ୍ବିଳିଝରି ଗାଁରେ। ନିଜ ସ୍ତ୍ରୀର ଚରିତ୍ର ଉପରେ ସନ୍ଦେହ କରି ଜଣେ ପଡ଼ୋଶୀର ଜୀବନ ନେଇଛି ସ୍ୱାମୀ। ଏହି ଘଟଣାରେ ସ୍ଥାନୀୟ ପୁଲିସ୍ ଅଭିଯୁକ୍ତ ସ୍ୱାମୀକୁ ଗିରଫ କରି କୋର୍ଟଚାଲାଣ କରିଥିବା ଜଣାପଡ଼ିଛି।

ସ୍ତ୍ରୀର ଚରିତ୍ର ଉପରେ ସନ୍ଦେହ କରି ସୁବର୍ଣ୍ଣ କଳା (୬୦) ବାରମ୍ବାର ଝଗଡ଼ା କରିଆସୁଥିଲା। କୌଣସି କାମରେ ସକାଳୁ ବାହାରକୁ ଯାଇଥିବା ସୁବର୍ଣ୍ଣ ମଧ୍ୟାହ୍ନ ପ୍ରାୟ ୧୨ଟା ସମୟରେ ଫେରି ତା' ଘରେ ପଡ଼ୋଶୀ ନଣ୍ଡା ନାୟକ (୫୦)କୁ ଦେଖି କ୍ରୋଧରେ ଲାଲ୍ ପଡ଼ିଯାଇଥିଲା। ସେ କ୍ରୋଧରେ ନଣ୍ଡା ଓ ପତ୍ନୀ ମିଳିକୁ ଘରେ ପୂରାଇ କବାଟ କିଳିଦେଇଦେଲା। ପରେ ସେ ପାଖରେ ଥିବା ଏକ କାଠଫାଳିଆରେ ମିଳି ମୁଣ୍ଡକୁ ପିଟିଦେଇଥିଲା। ଏଥିରେ ନଣ୍ଡା ବାରଣ କରିବାରୁ ସୁବର୍ଣ୍ଣ ତା' ମୁଣ୍ଡକୁ ମଧ୍ୟ ଶକ୍ତ ପାହାର ଦେଇଥିଲା। ଫଳରେ ମୁଣ୍ଡ ଫାଟିଯିବାରୁ ନଣ୍ଡା ସେହିଠାରେ ପଡ଼ିଯାଇଥିଲା। କିନ୍ତୁ ଏହା ସତ୍ତ୍ୱେ ବି ସୁବର୍ଣ୍ଣ ମାଡ଼ମାରିବା ବନ୍ଦ କରିନଥିଲା। ଫଳରେ ପ୍ରବଳ ରକ୍ତସ୍ରାବ ଯୋଗୁଁ ଘଟଣାସ୍ଥଳରେ ହିଁ ନଣ୍ଡାର ମୃତ୍ୟୁ ହୋଇଯାଇଥିଲା। ଏହାପରେ ସେ ମିଳିକୁ ନଣ୍ଡାର ଶବ ସହ ଘର ଭିତରେ ବନ୍ଦ କରି ବାହାରୁ କବାଟ ଦେବା ସହ ଗ୍ରାମବାସୀଙ୍କୁ ଜଣାଇଥିଲା। ଖବର ପାଇ ଚୌଦ୍ୱାର ପୁଲିସ ପହଞ୍ଚି ମୃତଦେହକୁ କଟକ ବଡ଼ ମେଡିକାଲକୁ ପଠାଇଛି। ଶିକ୍ଷକ ବୀରବର ଦେହୁରୀଙ୍କ ଘରେ ହରିପୁର ଅଞ୍ଚଳର ସୁବର୍ଣ୍ଣ ଦୀର୍ଘ ବର୍ଷ ହେବ ତା'ର ପତ୍ନୀ ମିଳି ସହ ରହିଆସୁଥିଲା। ପାଞ୍ଚ ବର୍ଷ ତଳେ ସେମାନଙ୍କ ବିବାହ ହୋଇଥିଲେ ହେଁ ସେମାନଙ୍କର କୌଣସି ସନ୍ତାନସନ୍ତତି ନାହାନ୍ତି। ନଣ୍ଡା ଅଧିକାଂଶ ସମୟରେ ସୁବର୍ଣ୍ଣ ଘରକୁ ଯିବାଆସିବା କରୁଥିଲା। ତେବେ ନଣ୍ଡା ଘରକୁ ଆସି ତା'ର ସ୍ତ୍ରୀ ସହ ସମ୍ପର୍କ ରଖୁଥିବା ନେଇ ସନ୍ଦେହ କରି ସୁବର୍ଣ୍ଣ ବିଭିନ୍ନ ସମୟରେ ମିଳି ସହ କଳିଝଗଡ଼ା କରିଆସୁଥିଲା। ତେବେ ସୁବର୍ଣ୍ଣର ଏପରି ଭୟାବହ କାଣ୍ଡ ନେଇ ସ୍ଥାନୀୟ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି ହୋଇଛି।



## ବିଧାନସଭା ଖବର

### ବସିଲାଣି ୩ ଲକ୍ଷରୁ ଉର୍ଦ୍ଧ୍ୱ ଡିଜିଟାଲ୍ ମିଟର

**ଭୁବନେଶ୍ୱର,୧୯।୨(ସଂଚାର ବ୍ୟୁରୋ):** ଚଳିତ ଆର୍ଥିକ ବର୍ଷରେ ବିଦ୍ୟୁତ୍ ଗ୍ରାହକମାନଙ୍କର ୩ ଲକ୍ଷରୁ ଉର୍ଦ୍ଧ୍ୱ ସଚଳ ବିଦ୍ୟୁତ୍ ମିଟରକୁ ବଦଳାଯାଇଛି। ଏହା ସ୍ଥାନରେ ଡିଜିଟାଲ ମିଟର ସ୍ଥାପନ କରାଯାଇଛି ବୋଲି ବିଧାସଭାରେ ସୂଚନା ଦେଇଛନ୍ତି ଶକ୍ତି ବିଭାଗ ଦାୟିତ୍ୱରେ ଥିବା ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ। ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଏକ ପ୍ରଶ୍ନର ଉତ୍ତରରେ ଶକ୍ତିମନ୍ତ୍ରୀ କହିଛନ୍ତି ଯେ ସାରା ରାଜ୍ୟରେ ୨୦୨୪-୨୦୨୫ ବର୍ଷରେ ୩ ଲକ୍ଷ ୪୬ ହଜାର ୩୭୦ଟି ସଚଳ ବିଦ୍ୟୁତ୍ ମିଟର ବଦଳରେ ଡିଜିଟାଲ ମିଟର ଲଗାଯାଇଛି। ଏହି ତାଲିକାରେ ଗଞ୍ଜାମ ଜିଲ୍ଲାରେ ସର୍ବାଧିକ ୫୬,୪୧୮ଟି ସଚଳ ମିଟର ବଦଳାଯାଇଥିବାବେଳେ ବରଗଡ ଜିଲ୍ଲାରେ ୪୪,୬୪୯ଟି, କଳାହାଣ୍ଡି ଜିଲ୍ଲାରେ ୩୪,୬୨୦ଟି, ସୁନ୍ଦରଗଡ଼ରେ ୩୩,୮୯୮ଟି, ବଲାଙ୍ଗିରରେ ୨୩,୭୧୫ଟି ମିଟର ବଦଳାଯାଇଛି। ସେହିପରି ଝାରସୁଗୁଡ଼ା ଜିଲ୍ଲାରେ ୧୮,୬୬୩ଟି ସଚଳ ମିଟର ବଦଳରେ ଡିଜିଟାଲ ମିଟର ଲାଗିଥିବା ବେଳେ ସବୁଠାରୁ କମ୍ ୬୫୪ଟି ମିଟର ଜଗତ୍‌ସିଂହପୁର ଜିଲ୍ଲାରେ ବଦଳାଯାଇଛି। କେନ୍ଦୁଝରରେ ଏହି ସଂଖ୍ୟା ୭୦୯ ରହିଛି ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି। ତାଙ୍କ କହିବାନୁସାରେ, ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗଙ୍କ ନିର୍ଦ୍ଧାରିତ ଦର ଅନୁଯାୟୀ ଗ୍ରାହକଙ୍କୁ ମିଟର ଭଡ଼ା ପୈଠ କରିବାକୁ ପଡ଼ିଥାଏ। ଅଦ୍ୟାବଧି ରାଜ୍ୟରେ ୧ ଲକ୍ଷ ୨୪ ହଜାର ୭୭୭ଟି ପ୍ରି-ପେଡ୍ ମିଟର ସ୍ଥାପନ କରାଯାଇସାରିଲାଣି ବୋଲି ମନ୍ତ୍ରୀ କହିଛନ୍ତି।

### ଖରିଫ ଧାନ ସଂଗ୍ରହ ପାଇଁ ୩୯୮୧ ମଣ୍ଡି

ଚଳିତ ବର୍ଷ ୨୦୨୪-୨୫ ଖରିଫ ଧାନ ସଂଗ୍ରହ ପାଇଁ ରାଜ୍ୟରେ ମୋଟ ୩୯୮୧ଟି ମଣ୍ଡି ପ୍ରତିଷ୍ଠା କରାଯାଇଛି। ଧାନ ମଣ୍ଡି ସ୍ଥାପନ ସଂକ୍ରାନ୍ତରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ। ମନ୍ତ୍ରୀ କହିଛନ୍ତି ଯେ ରାଜ୍ୟରେ ଧାନ ସଂଗ୍ରହ କାର୍ଯ୍ୟକ୍ରମକୁ ସୂଚାରୁ ରୂପେ ସମ୍ପାଦନ କରିବା ସକାଶେ ପ୍ରମୁଖ ଧାନ ସଂଗ୍ରହ କେନ୍ଦ୍ରକୁ ସମ୍ପୃକ୍ତ ନିୟନ୍ତ୍ରିତ ବଜାର କମିଟି ଦ୍ୱାରା ୨୦୦ଟି ଏଆଇ ଆଧାରିତ ଶସ୍ୟ ବିଶ୍ଳେଷକ ଯନ୍ତ୍ର, ୧୪୦ଟି ଅତ୍ୟାଧୁନିକ ଭ୍ରାମ୍ୟମାଣ ଧାନ ସଫେଇ ଯନ୍ତ୍ର ଯୋଗାଇ ଦିଆଯାଇଛି। ଏହାଛଡ଼ା ସମସ୍ତ ଧାନ ସଂଗ୍ରହ କେନ୍ଦ୍ରକୁ ୧୩,୭୦୭ଟି ଓଜନ ଓ ମାପ ଯନ୍ତ୍ରପାତି, ୭୨୧୫ଟି ଆର୍ଦ୍ରତା ମାପିବା ଯନ୍ତ୍ର, ୫୪୪୬ଟି ଆନାଲିସିସ୍ କିଟ୍, ୩୬୪୦ ନମୁନା ପୃଥକୀକରଣ ଯନ୍ତ୍ର, ୩୨୭୨ଟି ମିନି ଗ୍ରେଡର, ୪୭୨୩ଟି ସେଟ୍ ଅଫ୍ ସେଭିଏସ୍ ଏବଂ ୨୯,୫୫୬ଟି ପଲିଥିନ୍/ତାରପୋଲିନ୍ ଯୋଗାଇ ଦିଆଯାଇଛି। ଧାନର ସଠିକ୍ ମାନ ନିର୍ଦ୍ଧାରଣ ପାଇଁ ରାଜ୍ୟର ସମସ୍ତ ନିୟନ୍ତ୍ରିତ ବଜାର କମିଟିଙ୍କ ଦ୍ୱାରା ଧାନ କ୍ରୟ କେନ୍ଦ୍ରଗୁଡ଼ିକରେ ମୋଟ ୧୭୫୮ ଜଣ ଯୋଗ୍ୟ ଗୁଣବତ୍ତା ବିଶ୍ଳେଷଣକାରୀଙ୍କୁ ବାହ୍ୟ ସଂସ୍ଥା ଦ୍ୱାରା ନିୟୋଜିତ କରାଯାଇଛି। ଏମାନଙ୍କୁ ଦୈନିକ ୬୯୯ ଟଙ୍କା ୮୩ ପଇସା ହାରରେ ମାସକୁ ୧୯,୧୯୬ ଟଙ୍କା ପାରିଶ୍ରମିକ ବାବଦରେ ପ୍ରଦାନ କରାଯାଉଛି। ବାହ୍ୟ କର୍ମଚାରୀଙ୍କ ନିଯୁକ୍ତି ପାଇଁ ରାଜ୍ୟରେ ଦୁଇଟି ସଂସ୍ଥାଙ୍କୁ ଦାୟିତ୍ୱ ଦିଆଯାଇଛି। ଏଥିମଧ୍ୟରୁ କ୍ୱିଇସ୍ କର୍ପୋରେସନ ୮୭୫ ଜଣଙ୍କୁ ନିଯୁକ୍ତି ଦେଇଥିବାବେଳେ ଏଲଆଣ୍ଡକେ ସର୍ଭିସେସ୍ ୮୮୩ ଜଣଙ୍କୁ ନିୟୋଜିତ କରିଥିବା ମନ୍ତ୍ରୀ କହିଛନ୍ତି।

### ୧୮୦ ଆବଶ୍ୟକ ବେଳେ ମୁଣ୍ଡପିଛା ଅଣ୍ଡା ଉତ୍ପାଦନ ମାତ୍ର ୮୦

ରାଜ୍ୟରେ ବାର୍ଷିକ ମୁଣ୍ଡପିଛା ୧୮୦ଟି ଅଣ୍ଡା ଆବଶ୍ୟକ ହେଉଥିବାବେଳେ ଉପଲବ୍ଧ ହେଉଛି ମାତ୍ର ୮୦ଟି। ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଏକ ପ୍ରଶ୍ନର ଉତ୍ତର ଦେବାକୁ ଯାଇ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ ଭାରତୀୟ ଭେଷଜ ଅନୁସନ୍ଧାନ ସଂସ୍ଥା (ଆଇସିଏମଆର)ର ତଥ୍ୟ ଅନୁଯାୟୀ, ରାଜ୍ୟରେ ବାର୍ଷିକ ମୁଣ୍ଡପିଛା ୧୮୦ଟି ଅଣ୍ଡା ଓ ୧୦.୮୦ କିଲୋ ମାଂସର ଆବଶ୍ୟକତା ରହିଛି। ତେବେ ୨୦୨୩-୨୪ ବର୍ଷରେ ରାଜ୍ୟରେ ବାର୍ଷିକ ମୁଣ୍ଡପିଛା ୮୦ଟି ଅଣ୍ଡା ଓ ୫.୨୦ କିଲୋ ମାଂସ ଉପଲବ୍ଧ ହେଉଛି। ଉପଲବ୍ଧ ହେଉଥିବା ମାଂସ ମଧ୍ୟରୁ କୁକୁଡ଼ା ମାଂସର ପରିମାଣ ୨.୯୩ କିଲୋଗ୍ରାମ ରହିଛି। ସେହିପରି ବିଂଶତମ ପଶୁଗଣନା ଅନୁଯାୟୀ, ଓଡ଼ିଶାରେ ୧୩ ଲକ୍ଷ ୯୮ ହଜାର ୧୮୬ ଜଣ କୁକୁଡ଼ା ଚାଷୀ ଅଛନ୍ତି। ସେମାନେ ୧୩୬ ମେଟ୍ରିକ ଟନ୍ କୁକୁଡ଼ା ମାଂସ ଓ ୩୭୨ କୋଟିରୁ ଅଧିକ ଅଣ୍ଡା ଉତ୍ପାଦନ କରୁଛନ୍ତି। ଓଡ଼ିଶାରୁ ଉତ୍ପାଦିତ କୁକୁଡ଼ା ମାଂସ ପଶ୍ଚିମବଙ୍ଗ, ଛତିଶଗଡ଼ ଓ ଝାଡ଼ଖଣ୍ଡ ରାଜ୍ୟକୁ ରପ୍ତାନି କରାଯାଉଛି। ଏହାଛଡ଼ା ବଲାଙ୍ଗିରଠାରେ ଥିବା ଓଭୋ ଫାର୍ମରୁ ରାଜ୍ୟରୁ ଓମାନ, କାତାର ଓ ଅନ୍ୟାନ୍ୟ କେତେକ ଆଫ୍ରିକୀୟ ଦେଶକୁ ଅଣ୍ଡା ରପ୍ତାନି ହେଉଛି ବୋଲି ମନ୍ତ୍ରୀ ତାଙ୍କ ଉତ୍ତରରେ ଦର୍ଶାଇଛନ୍ତି।

### ସମ୍ଭାବ୍ୟ ଅଂଶୁଘାତ ନେଇ ଏଲ୍‌ଇଏସ୍‌ଆଇସି ବିଭାଗ ସତର୍କ

# ୧୧ଟାରୁ ୩ଟା ପର୍ଯ୍ୟନ୍ତ କାମ କରିବେନି ଶ୍ରମିକ



**ଭୁବନେଶ୍ୱର,୧୯।୨(ସଂଚାର ବ୍ୟୁରୋ):** ଆସନ୍ତା ଏପ୍ରିଲ୍‌ରେ ରୌଦ୍ରତାପ ବୃଦ୍ଧି ପାଇଥିବା ଦୃଷ୍ଟିରୁ ଗ୍ରୀଷ୍ମ ଋତୁରେ ସମ୍ଭାବ୍ୟ ରୌଦ୍ରତାପଜନିତ ଅଂଶୁଘାତ ଆଶଙ୍କାକୁ ଏଡ଼ାଇ ଦିଆଯାଇ ନପାରେ। ଏଣୁ ସମ୍ପୂର୍ଣ୍ଣ ଖରାରେ କାର୍ଯ୍ୟରତ ଶ୍ରମିକମାନଙ୍କୁ ରକ୍ଷା କରିବା ସକାଶେ ଆସନ୍ତା ଏପ୍ରିଲ୍ ୧ରୁ ଜୁନ ୧୫ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟହ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ମଧ୍ୟରେ କାମ ନ କରିବାକୁ କୁହାଯାଇଛି। ଏ ଦିଗରେ ବିହିତ ପଦକ୍ଷେପ ନେବା ସକାଶେ ଶ୍ରମ ଓ କର୍ମଚାରୀ ରାଜ୍ୟବୀମା (ଏଲ୍‌ଇଏସ୍‌ଆଇସି) ବିଭାଗ ପକ୍ଷରୁ ସମସ୍ତ ରାଜସ୍ୱ କମିଶନର, ସମସ୍ତ ଜିଲ୍ଲାର ଜିଲ୍ଲାପାଳ ଓ ରାଜ୍ୟ ଶ୍ରମ କମିଶନରଙ୍କୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ଉପରୋକ୍ତ ସମୟ ମଧ୍ୟରେ କୌଣସି ବି ଶ୍ରମିକଙ୍କୁ କୌଣସି ପ୍ରକାର କାର୍ଯ୍ୟରେ ନିୟୋଜିତ ନ କରିବା ସକାଶେ ମଧ୍ୟ ରାଜ୍ୟ ତଥା ଭାରତ ସରକାରଙ୍କ ବିଭିନ୍ନ ବିଭାଗ, ବେସରକାରୀ ନିଯୁକ୍ତିଦାତା, ବାଣିଜ୍ୟ ଓ ଶିଳ୍ପ ସଂସ୍ଥା, ଦୋକାନ ଓ ବ୍ୟବସାୟ ପ୍ରତିଷ୍ଠାନର ମାଲିକ ଓ ଠିକାଦାରମାନଙ୍କୁ ନିବେଦନ କରାଯାଇଛି। ତେଣୁ ଆବଶ୍ୟକ ସ୍ଥଳେ ନିଯୁକ୍ତିଦାତାମାନେ କାର୍ଯ୍ୟନିର୍ଘଣ୍ଟର ସମୟ ପରିବର୍ତ୍ତନ କରିବାକୁ ବିଭାଗ ପକ୍ଷରୁ କୁହାଯାଇଛି। ସେହିପରି ଯଦି ଉପରୋକ୍ତ ସମୟ ମଧ୍ୟରେ କାମ କରାଯିବା ନିହାତି ଜରୁରୀ ହୋଇଥାଏ, ତା'ହେଲେ ସମ୍ଭାବ୍ୟ ଅଂଶୁଘାତରୁ ଶ୍ରମିକମାନଙ୍କୁ ରକ୍ଷା କରିବା ସକାଶେ ବ୍ୟାପକ ସତର୍କତାମୂଳକ ପଦକ୍ଷେପ ନେବା ସକାଶେ କୁହାଯାଇଛି।

ସମ୍ଭାବ୍ୟ ଅଂଶୁଘାତ ଏଡ଼ାଇବା ସକାଶେ ଶୀତଳ ପାନୀୟ ଜଳର ସୁବ୍ୟବସ୍ଥା, ଛାୟା ପ୍ରଦାନ ନିମନ୍ତେ ଉପଯୁକ୍ତ ବ୍ୟବସ୍ଥା, ସ୍ୱାସ୍ଥ୍ୟ ସେବା ପାଇଁ ଡାକ୍ତରୀ ଚିକିତ୍ସାର ବ୍ୟବସ୍ଥା, ପ୍ରତ୍ୟେକ ଶ୍ରମିକ ପାଇଁ ଓଆର୍‌ଏସ୍ ପ୍ୟାକେଟ୍ ବ୍ୟବସ୍ଥା କରାଯିବା ସକାଶେ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଜିଲ୍ଲାର ଚିକିତ୍ସାଧିକାରୀ (ସିଡିଏମ୍‌ଓ), ଉପମଣ୍ଡଳ ଚିକିତ୍ସାଧିକାରୀ (ଏସ୍‌ଡିଏମ୍‌ଓ), ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର (ପିଏଚ୍‌ସି), ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର (ସିଏଚ୍‌ସି) ଆଦିର ଚିକିତ୍ସାଧିକାରୀ ତଥା କର୍ମଚାରୀ ରାଜ୍ୟ ବୀମା ଯୋଜନା ଅଧୀନରେ ଥିବା ଚିକିତ୍ସାଳୟର ଚିକିତ୍ସାଧିକାରୀମାନଙ୍କୁ ରୌଦ୍ରତାପଜନିତ ପରିସ୍ଥିତିର ମୁକାବିଲା ସହ ରୋଗୀଙ୍କ ତତ୍‌ସମ୍ବନ୍ଧୀୟ ରୋଗର ଚିକିତ୍ସା ପାଇଁ ସତର୍କ ରହିବା ସକାଶେ ମଧ୍ୟ ଏଲ୍‌ଇଏସ୍‌ଆଇ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

# ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ସ୍ଥାନ ପାଇଲେ ବିସ୍ମୟ ବାଳକ ସ୍ମୃତି ସ୍ୱରାଜ



**ପୁରୀ,୧୯।୨(ସଂଚାର ବ୍ୟୁରୋ):** ଚିତ୍ର ଦେଖି ଜୀବଜନ୍ତୁଙ୍କ ନାମ ହେଉ ଅଥବା ବିଭିନ୍ନ ପ୍ରକାରର ପନି ପରିବା ସବୁକିଛି ଚିତ୍ର ଦେଖି ତାହାର ନାମକୁ ନିଜ ମୁହଁରେ ସ୍ପଷ୍ଟ ଭାବରେ କହି ଚାଲୁଛନ୍ତି ଏହି ତିନି ବର୍ଷର ବାଳକ ଜଣକ । ଏତିକିରେ ଶେଷ ହୋଇ ନାହିଁ ତାଙ୍କର ଏହି ଉଦ୍ୟମ। ଗାଣିତିକ ସଂଖ୍ୟା ହେଉ ଆମ ଦେଶର ଥିବା ସମସ୍ତ ରାଜ୍ୟର ନାମ ରାଜଧାନୀର ନାମ ଏବଂ ସପ୍ତାହର ନାମ ଇନ୍ଦ୍ରଧନୁର ରଙ୍ଗକୁ ଇଂରାଜୀ ଭାଷାରେ ସୁବୁକିଛିକୁ ସେ ନିମିଷକେ ମଧ୍ୟରେ ଗାଇ ଚାଲୁଛନ୍ତି। ଏଭଳି ଜଣେ ବିସ୍ମୟ ବାଳକ ହେଉଛନ୍ତି ପୁରୀ ଜିଲ୍ଲା ଡ଼େଲାଙ୍ଗ ବ୍ଲକ କଲ୍ୟାଣପୁର ଗାଁର ବିସ୍ମୟ ବାଳକ ସ୍ମୃତି ସ୍ୱରାଜ ପ୍ରଧାନ । ଏକ ଘରୋଇ ସ୍କୁଲରେ ନାମ ଲେଖାଇଥିବା ବେଳେ ଶିକ୍ଷା ଆରମ୍ଭ କରିନାହାନ୍ତି । ଖେଳକୁଦ ବୟସରେ ଏଭଳି ବିଭିନ୍ନ ବିଷୟରେ କହିବା ପାଇଁ ତାଙ୍କୁ ଇଣ୍ଡିଆ ବୁକ ଅଫ ରେକର୍ଡ଼ରେ ସ୍ଥାନ ମିଳିଛି । ଯାହାକୁ ନେଇ ତାଙ୍କ ପରିବାର ବେଶ ଖୁସି ଅଛନ୍ତି ।

ଖାଲି ଦେଶ ସମ୍ପର୍କରେ କହୁନ୍ତି ତାହା ନୁହେଁ ଆମର ଜାତୀୟ ଫୁଲ ଜାତୀୟ ଫଳ ଜାତୀୟ ପଶୁଙ୍କ ଠାରୁ ଆରମ୍ଭ କରି ସମସ୍ତ ଜାତୀୟ ସମ୍ପର୍କିତ ଜିନିଷକୁ ସେ ଦୃତ ଗତିରେ କହି ଚାଲନ୍ତି। ତେବେ ସବୁଠାରୁ ବଡ଼ କଥା ହେଉଛି ସ୍ମୃତି ସ୍ୱରାଜଙ୍କ ମା ଘରେ ଠାକୁରଙ୍କ ପୂଜା କରୁଥିବାବେଳେ ଯେଉଁ ଶ୍ଳୋକ ପାଠ କରିଥାନ୍ତି ତାଙ୍କ ଠାରୁ ସ୍ମୃତି ସ୍ୱରାଜ ଶିକ୍ଷା କରି ତାହାକୁ ମଧ୍ୟ ସ୍ପଷ୍ଟ ଭାବରେ ଗାଇ ଚାଲୁଛନ୍ତି । ବାପା ଜଣେ ଘରୋଇ କମ୍ପାନୀରେ କାର୍ଯ୍ୟ କରୁଥିବାବେଳେ ମା' ଜଣେ ଗୃହିଣୀ ଭାବରେ ହୋଇ ସ୍ମୃତି ସ୍ୱରାଜଙ୍କୁ ସମୟ ଦେଇ ଆଜି ଏଭଳି ବିରଳ କୃତୀତ୍ୱର ଅଧିକାର କରାଇ ପାରିଛନ୍ତି । ତେବେ ଏହାକୁ ନେଇ ତାଙ୍କ ପରିବାର ସହିତ ଗାଁର ପଡ଼ୋଶୀ ମଧ୍ୟ ବେଶ ଖୁସି ଥିବାର କହିଛନ୍ତି ।

# ତାପଜ ବିଦ୍ୟୁତ୍ ଓଡ଼ିଶାକୁ ଭରସା

**ଭୁବନେଶ୍ୱର,୧୯।୨:** ଓଡ଼ିଶାକୁ ତାପଜ ବିଦ୍ୟୁତ୍ ଭରସା ପାଲଟିଛି। ରାଜ୍ୟରେ ଯେତିକି ବିଜୁଳି ଉତ୍ପାଦିତ ହେଉଛି, ତା'ର ସିଂହଭାଗ ତାପଜ କେନ୍ଦ୍ରରୁ ଆସୁଛି। ଏହା ପଛକୁ ଜଳବିଦ୍ୟୁତ୍ ରହିଥିବାବେଳେ ଏଥିରେ ଏବେ ଅକ୍ଷୟଶକ୍ତି ଯୋଡ଼ି ହେଉଛି।



ରାଜ୍ୟରେ ବିଦ୍ୟୁତ୍ ଉତ୍ପାଦନ ସଂକ୍ରାନ୍ତରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଏକ ପ୍ରଶ୍ନର ଉତ୍ତରରେ ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଦେଇଥିବା ଉତ୍ତରରୁ ଉପରୋକ୍ତ ସୂଚନା ମିଳିଛି। ମନ୍ତ୍ରୀଙ୍କ ସୂଚନାନୁଯାୟୀ, ୨୦୨୪ ଏପ୍ରିଲରୁ ଡିସେମ୍ବର ମଧ୍ୟରେ ରାଜ୍ୟରେ ବିଭିନ୍ନ ସୂତ୍ରରୁ ୪୯୮୪ ମେଗାୱାଟ ବିଜୁଳି ଉତ୍ପାଦନ ହୋଇଛି। ଏଥିମଧ୍ୟରେ କେନ୍ଦ୍ରୀୟ ସଂସ୍ଥାରୁ ୧୯୩୨ ମେଗାୱାଟ ବିଜୁଳି ମିଳିଥିବା ବେଳେ ରାଜ୍ୟରେ ଥିବା ସଂସ୍ଥାଗୁଡିକରୁ ୨୮୭୫ ମେଗାୱାଟ ଓ ଟ୍ରେଡିଂରୁ ୧୭୭ ମେଗାୱାଟ ବିଜୁଳି ଆସିଛି। ତେବେ କେନ୍ଦ୍ରୀୟ ସଂସ୍ଥାରୁ ମିଳିଥିବା ୧୯୩୨ ମେଗାୱାଟ ବିଜୁଳି ମଧ୍ୟରୁ ୧୬୦୫ ମେଗାୱାଟ ତାପଜ କେନ୍ଦ୍ରରୁ ମିଳିଥିବା ବେଳେ ଜଳବିଦ୍ୟୁତ୍ କେନ୍ଦ୍ରରୁ ୭୧ ମେଗାୱାଟ ଓ ଅକ୍ଷୟ ଶକ୍ତିରୁ ୨୫୬ ମେଗାୱାଟ ଉତ୍ପାଦିତ ହୋଇଛି। ସେହିଭଳି ରାଜ୍ୟ ସଂସ୍ଥାରୁ ମିଳିଥିବା ୨୮୭୫ ମେଗାୱାଟ ବିଜୁଳି ମଧ୍ୟରୁ ସରକାରୀ ତାପଜ କେନ୍ଦ୍ରରୁ ୧୩୪୯ ମେଗାୱାଟ, ବିଭିନ୍ନ କମ୍ପାନୀର ଆଇପିପିରୁ ୬୧୭ ମେଗାୱାଟ, ସିପିପିରୁ ୪୨ ମେଗାୱାଟ ଉତ୍ପାଦିତ ହୋଇଛି। ଏହାଛଡ଼ା ରାଜ୍ୟରେ ଥିବା ଜଳବିଦ୍ୟୁତ୍ କେନ୍ଦ୍ରରୁ ୭୨୪ ମେଗାୱାଟ ବିଜୁଳି ଉତ୍ପାଦିତ ହୋଇଥିବାବେଳେ ଅକ୍ଷୟଶକ୍ତି ଉତ୍ସରୁ ୧୪୩ ମେଗାୱାଟ ଶକ୍ତି ମିଳିଛି। ମୋଟାମୋଟି ଭାବେ ରାଜ୍ୟରେ ଉପଲବ୍ଧ ବିଜୁଳିର ସିଂହଭାଗ ତାପଜ ବିଦ୍ୟୁତ୍ କେନ୍ଦ୍ରରୁ ହିଁ ଆସୁଛି।

ସେହିଭଳି ରାଜ୍ୟରେ ଖର୍ଚ୍ଚ ହେଉଥିବା ବିଜୁଳିର ସିଂହଭାଗ ଶିଳ୍ପସଂସ୍ଥାକୁ ଯାଉଛି। ଶିଳ୍ପସଂସ୍ଥାରେ ୮୫୨୫ ନିୟୁତ୍ ୟୁନିଟ୍ ବ୍ୟବହାର ହୋଇଛି, ଯାହା ଖର୍ଚ୍ଚ ହୋଇଥିବା ମୋଟ୍ ବିଜୁଳିର ୩୭.୨୮ ପ୍ରତିଶତ। ସେହିଭଳି ଘରୋଇ କ୍ଷେତ୍ରରେ ୩୩.୫୬ ପ୍ରତିଶତ ବିଜୁଳି ବ୍ୟବହାର ହେଉଥିବା ବେଳେ କୃଷି କ୍ଷେତ୍ରରେ ମାତ୍ର ୨.୨୭ ପ୍ରତିଶତ ବିଜୁଳି ଖର୍ଚ୍ଚ ହେଉଥିବା ମନ୍ତ୍ରୀ ଦର୍ଶାଇଛନ୍ତି।

ଏହାଛଡ଼ା ରାଜ୍ୟରେ ଉତ୍ପାଦିତ ବିଜୁଳି ମଧ୍ୟରୁ ଓଡ଼ିଶା ଅନ୍ୟ ରାଜ୍ୟକୁ ବିଜୁଳି ବିକ୍ରି କରୁଥିବା ବେଳେ କେତେକ ରାଜ୍ୟରୁ ବିଜୁଳି କିଣିଥାଏ। ତେବେ ୨୦୧୯-୨୦ ଓ ୨୦୨୦-୨୧ରେ ଓଡ଼ିଶାରେ ଯେଉଁ ସରକାର ଅନ୍ୟ ରାଜ୍ୟକୁ ବିଜୁଳି ବିକ୍ରି କରିଛି, ତା'ଠାରୁ ଅଧିକ ଦରରେ ବିଜୁଳି ଖରିଦ କରିଛି। ୨୦୧୯-୨୦ରେ ଓଡ଼ିଶା ରାଜ୍ୟ ବାହାରକୁ ୧୨୮୫ ନିୟୁତ ୟୁନିଟ୍ ବିଜୁଳି ୟୁନିଟ୍ ପିଛା ୨.୬୮ ଟଙ୍କାରେ ବିକ୍ରି କରିଥିବା ବେଳେ ଉକ୍ତବର୍ଷ ୟୁନିଟ୍ ପିଛା ୩.୯୫ ଟଙ୍କାରେ ବିଜୁଳି କିଣିଥିଲା। ୨୦୨୦-୨୧ ବର୍ଷରେ ୨.୭୬ ଟଙ୍କାରେ ବିଜୁଳି ବିକ୍ରି କରିଥିବାବେଳେ ୩.୮୬ ପଇସା ଦରରେ ବିଜୁଳି କିଣିଥିଲା। ୨୦୨୨-୨୩ରେ ବି ଏଭଳି ଦେଖିବାକୁ ମିଳିଥିଲା। ଏହିବର୍ଷ ସରକାର ୫.୨୩ ଟଙ୍କାରେ ବିଜୁଳି ବିକ୍ରି କରିଥିବା ବେଳେ ୬.୦୮ ଟଙ୍କାରେ ବିଜୁଳି କିଣିଥିଲେ। ତେବେ ୨୦୨୩-୨୪ରେ ୫.୦୨ ଟଙ୍କାରେ ବିଜୁଳି ବିକ୍ରି କରିଥିବାବେଳେ ୪.୬୨ ଟଙ୍କାରେ ବିଜୁଳି କିଣିଛନ୍ତି। ଏହିବର୍ଷ ଓଡ଼ିଶା ଅନ୍ୟ ରାଜ୍ୟକୁ ୨୨୫୧ ନିୟୁତ ୟୁନିଟ୍ ବିଜୁଳି ବିକ୍ରି କରିଥିବା ମନ୍ତ୍ରୀ ତାଙ୍କ ଉତ୍ତରରେ ଦେଖାଯାଇଛି। (ତଥ୍ୟ)

## ୨୧ରେ ମୁଖ୍ୟମନ୍ତ୍ରୀଙ୍କ କେନ୍ଦୁଝର ଗସ୍ତ

**କେନ୍ଦୁଝର, ୧୯।୨ (ସଂଚାର ବ୍ୟୁରୋ):** ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର କେନ୍ଦୁଝର ପୁରୁଣା ବଜାରରେ ନବନିର୍ମିତ ଆଶ୍ରମକୁ ଆସନ୍ତା ୨୧ ତାରିଖରେ ଉଦ୍‌ଘାଟନ କରିବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଆଜି ଏନେଇ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି କେନ୍ଦୁଝର କେନ୍ଦ୍ରର ସଞ୍ଚାଳିକା ବ୍ରହ୍ମକୁମାରୀ ବିନ୍ଦୁ ଓ ବଡ଼ବିଲ କେନ୍ଦ୍ରର ସଞ୍ଚାଳିକା ବ୍ରହ୍ମକୁମାରୀ ଜୟନ୍ତୀ। ଶନିବାର ସୁଖ ଶାନ୍ତି ସରୋବର ନାମକ ଏହି ଭବ୍ୟ ଆଶ୍ରମର ଉଦଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀଙ୍କ ବ୍ୟତୀତ କେନ୍ଦୁଝର ଏମ୍‌ପି ଅନନ୍ତ ନାୟକ ଓ ବ୍ରହ୍ମକୁମାରୀ ସଂଗଠନର ଅତିରିକ୍ତ ମୁଖ୍ୟ ପରିଚାଳିକା ବ୍ରହ୍ମକୁମାରୀ ଜୟନ୍ତୀ, କଟକ ଉପଖଣ୍ଡର ନିର୍ଦ୍ଦେଶିକା ବ୍ରହ୍ମ କୁମାରୀ କମଲେଶ ଉପସ୍ଥିତ ରହିବେ। ସାମ୍ପ୍ରତିକ ସମୟରେ ସମାଜରେ ଅଶାନ୍ତି ଓ ଜଞ୍ଜାଳରୁ ମୁକ୍ତି ପାଇଁ ଆଧ୍ୟାତ୍ମିକ ଜ୍ଞାନ ତଥା ଧ୍ୟାନ ମାଧ୍ୟମରେ ସମାଜକୁ ଶୃଙ୍ଖଳିତ କରିବା ପାଇଁ ଏହି ଆଶ୍ରମ କାର୍ଯ୍ୟ କରିବ ବୋଲି ବୋଲି କେନ୍ଦୁଝର କେନ୍ଦ୍ରର ସଞ୍ଚାଳିକା ବ୍ରହ୍ମକୁମାରୀ ବିନ୍ଦୁ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ସମସ୍ତଙ୍କୁ ଯୋଗଦେବା ପାଇଁ ସଂଗଠନ ପକ୍ଷରୁ ନିବେଦନ କରାଯାଇଛି।

ଜୀବନ ଅମୃତ ଅନୁଚିନ୍ତା

ମହାନତାର ଗୁଣ-ଉତ୍ତମ କର୍ମ, ନିଃସ୍ୱାର୍ଥପର ସେବା, ପରୋପକାର ଓ ତ୍ୟାଗ ଜୀବନର କୁେଁଠଇ ନା କେଉଁଠି ବହୁଗୁଣ ହୋଇ ପ୍ରତିଦାନ ସ୍ୱରୂପ ପ୍ରାପ୍ତ ହୋଇଥାଏ ଆଉ ଜୀବନ ମହାନ କରି ତୋଳେ।

SANCHAR
ସଂଚାର

୪ ଗୁରୁବାର ୨୦ ଫେବ୍ରୁଆରୀ ୨୦୨୫, ଭୁବନେଶ୍ୱର
Thursday 20 February 2025 Bhubaneswar


# ଏନଟିଏର ଆବଶ୍ୟକତା

ନିଟ-ୟୁଜି ପରୀକ୍ଷାରେ ବ୍ୟାପକ ଅନିୟମିତତା ଅଭିଯୋଗ ଆସିବା ପରେ ଅନେକ ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି ବା ଏନଟିଏର ଉଚ୍ଛେଦ ନିମନ୍ତେ ଦାବି କରୁଛନ୍ତି। ତାମିଲନାଡୁ ଭଳି ରାଜ୍ୟର ସରକାର ବହୁ ପୂର୍ବରୁ ଏଭଳି ଦାବି ଉଠାଇଛନ୍ତି ଏବଂ ପୂର୍ବପରି ରାଜ୍ୟ ସରକାରମାନଙ୍କୁ ସେମାନଙ୍କ ନିଜ ନିଜ ରାଜ୍ୟରେ ପ୍ରତିଷ୍ଠିତ ମେଡିକାଲ କଲେଜରେ ନାମ ଲେଖାଇବାର ନୀତି ନିୟମ ଏବଂ ପ୍ରକ୍ରିୟା ନିର୍ଦ୍ଧାରଣ କରିବାର ଦାୟିତ୍ୱ ହସ୍ତାନ୍ତର କରିବା ଲାଗି ଦାବି କରି ଆସୁଛନ୍ତି। ଏବେ କଂଗ୍ରେସ ମଧ ଏନଟିଏ ଉଚ୍ଛେଦ ଦାବି କରୁଛି। ଏଥର ନିଟ ପରୀକ୍ଷାରେ ଅନିୟମିତତା ହୋଇଛି ସତ, ମାତ୍ର ଏନଟିଏ ଗଠନର ଉଦ୍ଦେଶ୍ୟ ବିଫଳ ହୋଇ ନାହିଁ। ଆଜି ନହେଲେ କାଲି ଦୁର୍ନୀତିକୁ ରୋକାଯାଇପାରିବ। କିନ୍ତୁ ଏନଟିଏ ଉଚ୍ଛେଦ ହେଲେ ସବୁ ଦିନ ପାଇଁ ଦୁର୍ନୀତିର ବାଟ ଖୋଲିଯିବ। ଦେଶକୁ ଭଲ ଡାକ୍ତରଙ୍କ ଆବଶ୍ୟକତା ରହିଛି। ସେଥିପାଇଁ ମେଧାବୀ ଛାତ୍ରଙ୍କୁ ମେଡିକାଲ ପଢ଼ିବାର ସୁଯୋଗ ଦିଆଯିବା ଉଚିତ। ଏଥିପାଇଁ ଏନପଟିଏ ଗଠିତ ହୋଇଛି। ଯଦି ରାଜ୍ୟ ସ୍ତରରେ ମେଡିକାଲ ପ୍ରବେଶିକା ପରୀକ୍ଷା ହେବ ତେବେ ପ୍ରତି ରାଜ୍ୟରେ ପ୍ରଶ୍ନପତ୍ର ଲିକଠାରୁ ଆରମ୍ଭ କରି ଅନେକ ଦୁର୍ନୀତିର ରାସ୍ତା ଖୋଲିଯିବ। ଗରିବ ଓ ମେଧାବୀ ଛାତ୍ରଛାତ୍ରୀଙ୍କୁ ମେଡିକାଲ ପଢ଼ିବାର ସୁଯୋଗ ନମିଳିପାରେ। ତେଣୁ ଏନଟିଏ ଉଚ୍ଛେଦ ଦାରବି କଦାପି ଗ୍ରହଣୀୟ ନୁହେଁ। ଭାରତରେ କୌଣସି ଭଲ ଶିକ୍ଷାନୁଷ୍ଠାନରେ ନାମ ଲେଖାଇବାକୁ ବା କୌଣସି ସରକାରୀ ପଦପଦବୀରେ ନିଯୁକ୍ତି ନିମନ୍ତେ ଆବେଦନ ଲାଗି ବିଜ୍ଞାପନ ପ୍ରକାଶ ପାଏ, ସେତେବେଳେ ଗୋଟିଏ ଗୋଟିଏ ପଦ ବା ସିଟ ଲାଗି ଲକ୍ଷେ ପିଲା ଆବେଦନ କରନ୍ତି। ସରକାରୀ ଅଫିସରେ ପିଅନ ପଦ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଲେ ସ୍ନାତକୋତ୍ତର ଡିଗ୍ରୀଧାରୀ ମେଧାବୀ ଛାତ୍ରଟିଏ ମଧ ଏଥିପାଇଁ ଆଗ୍ରହୀ ହୋଇଥାଏ। କାରଣ ହେଲା ବଞ୍ଚିବାକୁ ସଂଘର୍ଷ। ଗରିବ, ନିମ୍ନମଧବିତ୍ତ ବର୍ଗର ଛାତ୍ରଟିଏ ପାଠ ପଢ଼ିବାର ମୁଖ୍ୟ ଉଦ୍ଦେଶ୍ୟ ରଖିଥାଏ କିପରି ସରକାରୀ ଚାକିରୀ ଖଣ୍ଡେ ପାଇବ। କାରଣ ସରକାରୀ ଚାକିରୀରେ ସ୍ଥାୟିତ୍ୱ ରହିଛି, ଘରୋଇ କ୍ଷେତ୍ରରେ ଚାକିରୀ କହିଲେ ଶୋଷଣ ଏବଂ ଅତ୍ୟାଚାର। ଭାରତର ଜନସଂଖ୍ୟା ଯାହା ସେଥିରେ ସମସ୍ତଙ୍କୁ ବା ଅଧା ଆବେଦନକାରୀଙ୍କୁ ନିଯୁକ୍ତି ଦେବା ମଧ ଅସମ୍ଭବ। ଯେତେବେଳେ ଗୋଟିଏ ପଦକୁ ଲକ୍ଷେ ପିଲା ଆବେଦନ କରନ୍ତି, ସେତେବେଳେ ଦୁର୍ନୀତିର ମଧ ଆଶଙ୍କା ରହିଛି। କେବଳ ସରକାରୀ ଚାକିରୀ ନୁହେଁ, ଭଲ ଶିକ୍ଷାନୁଷ୍ଠାନରେ ବିଶେଷ କରି ବୈଷୟିକ ଶିକ୍ଷାନୁଷ୍ଠାନରେ ନାମ ଲେଖାଇବାକୁ ମଧ ଏଭଳି ଅସମ୍ଭବ ଭିଡ଼ ପରିଲକ୍ଷିତ ହୋଇଥାଏ ଏବଂ ଏଥିର ମଧ ଦୁର୍ନୀତି ହେଉଛି। ନିକଟରେ ଏନଟିଏ ଦ୍ୱାରା ପରିଚାଳିତ ନିଟ-ୟୁଜି ପରୀକ୍ଷାରେ ବ୍ୟାପକ ଅନିୟମିତତା ଅଭିଯୋଗ ଆସିଛି। ପ୍ରଶ୍ନପତ୍ର ଲିକଠାରୁ ଆରମ୍ଭ କରି କିଛି ପରୀକ୍ଷାର୍ଥୀଙ୍କୁ ବେଆଇନ ଭାବେ ଗ୍ରେସ ମାର୍କ ଦିଆଯିବା ଅଭିଯୋଗ ହେବା ପରେ ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଲହାର ସିବିଆଇ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ସିବିଆଇ ଏହା ଉପରେ ମାମଲା ରୁଜୁ କରି ଗିରଫଦାରୀ ଆରମ୍ଭ କରିଛି। ବିହାର ପୋଲିସ ମଧ ଏହାର ତଦନ୍ତ କରି ୧୮ଜଣଙ୍କୁ ଗିରଫ କରିଛି। ଏହାର ଚେର ବେଶ ଗଭୀରକୁ ଯାଇଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ୧୫୬୩ଜଣ ପରୀକ୍ଷାର୍ଥୀଙ୍କୁ ମିଳିଥିବା ଗ୍ରେସ ମାର୍କକୁ ମଧ ବାତିଲ କରାଯାଇଛି। ସେମାନଙ୍କୁ ପୁନର୍ବାର ପରୀକ୍ଷା ଦେବାକୁ ସୁଯୋଗ ମିଳିଥିଲା। କିନ୍ତୁ ସେମାନଙ୍କ ମଧରୁ ଅଧା ପରୀକ୍ଷା ଦେଲେନି। କେବଳ ନିଟ-ୟୁଜି ନୁହେଁ ନିଟ-ପିଜି ପରୀକ୍ଷା ଏବଂ ସିଏସଆଇଆର-ନିଟ ପରୀକ୍ଷାକୁ ମଧ ବାତିଲ କରାଯାଇଛି। ଏଥିନେଇ ସୁପ୍ରିମକୋର୍ଟ ଉଦବେଗ ପ୍ରକାଶ କରିଛନ୍ତି। ସୁପ୍ରିମକୋର୍ଟ କହିଛନ୍ତି ଯେ, ଯଦି ଜଣେ ଯୋଗ୍ୟ ଛାତ୍ର ଗଳାବାଟରେ ମେଡିକାଲ ପାଠ୍ୟକ୍ରମରେ ନାମ ଲେଖାଇ ଡାକ୍ତର ହୁଏ ତେବେ ସମାଜର ଅବସ୍ଥା କ'ଣ ହେବ ତାହା ଅନୁମାନ ଯୋଗ୍ୟ। ଏମିତି ସଂରକ୍ଷଣ ବ୍ୟବସ୍ଥାରେ ଅନେକ ଅଯୋଗ୍ୟ ଏବଂ ନିମ୍ନମାନର ଛାତ୍ରଛାତ୍ରୀ ମେଡିକାଲ ପଢ଼ିବାର ସୁଯୋଗ ପାଉଛନ୍ତି। ସେଥିରେ ଦୁର୍ନୀତି କରି ଅନେକ ଅଯୋଗ୍ୟ ଛାତ୍ରଛାତ୍ର ମେଡିକାଲ ପଢ଼ି୧ବାର ସୁଯୋଗ ପାଉଛନ୍ତି। ସେଥିରେ ଭଲ ଡାକ୍ତର କେମିତି ବାହାରିବେ? ଏକଥା ସ୍ୱୀକାର କରିବାକୁ ପଡ଼ିବ ଯେ, ପ୍ରବେଶିକା ପରୀକ୍ଷା ବିଫଳ ହେଉଥିବା ଅନେକ ମେଧାବୀ ଛାତ୍ରଛାତ୍ରୀ ଯୋଗ୍ୟତା ଥାଇ ମଧ ସାମାନ୍ୟ ତ୍ରୁଟିରୁ ମେଡିକାଲ ପାଠ୍ୟକ୍ରମରେ ନାମ ଲେଖାଇବାକୁ ସକ୍ଷମ ହେଉ ନାହାଁନ୍ତି। କିନ୍ତୁ କିଛି ଅଯୋଗ୍ୟ ଛାତ୍ର ବିଭିନ୍ନ ବାଟରେ ମେଡିକାଲ ପଢ଼ିବାକୁ ସୁଯୋଗ ପାଉଛନ୍ତି। ଏହା ଦ୍ୱାରା ଅନେକ ଛାତ୍ରଛାତ୍ରୀ ଅନ୍ୟାୟର ଶୀକାର ହେଉଛନ୍ତି। ଏନଟିଏ ଭଳି ଜାତୀୟ ସ୍ତରର ଏଜେନ୍ସି ଦ୍ୱାରା ପରିଚାଳିତ ପରୀକ୍ଷାରେ ଯଦି ଏଭଳି ଦୁର୍ନୀତି ହୁଏ ତେବେ ଏହା ଚିନ୍ତାଜନକ, ଦୁର୍ଭାଗ୍ୟଜନକ ଏବଂ ନିନ୍ଦନୀୟ। ପରୀକ୍ଷା ବ୍ୟବସ୍ଥାରେ ସଂସ୍କାର ନିମନ୍ତେ କେନ୍ଦ୍ର ସରକାର ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିଛନ୍ତି। କମିଟିର ସୁପାରିସକ୍ରମେ ସରକାର ପରୀକ୍ଷା ବ୍ୟବସ୍ଥାରେ ସଂସ୍କାର ଆଣିବେ। ଏହା ସ୍ୱାଗତଯୋଗ୍ୟ। ଅନେକ ଏନଟିଏକୁ ବନ୍ଦ କରି ପୂର୍ବପରି ରାଜ୍ୟସ୍ତରରେ ପ୍ରତିଯୋଗିତା ମୂଳକ ପରୀକ୍ଷା ହେଉ ଏବଂ ସର୍ବଭାରତୀୟ ପରୀକ୍ଷାକୁ ରଦ୍ଦ କରାଯାଉ ବୋଲି ଦାବି କରିଛନ୍ତି। ଏହାକୁ ବିଚାର କରାଯିବା ଉଚିତ। ବାସ୍ତବରେ ମେଡିକାଲ, ଇଞ୍ଜିନିୟରିଂ କଲେଜରେ ଆଡମିଶନ ନିମନ୍ତେ ସର୍ବଭାରତୀୟ ସ୍ତରରେ ପରୀକ୍ଷାର ଆବଶ୍ୟକତା ନାହିଁ। କେବଳ ଆଇଆଇଟି, ଏମସ, ଆଇଆଇଏମ ଭଳି ଜାତୀୟ ସ୍ତରର ଶିକ୍ଷାନୁଷ୍ଠାନରେ ନାମ ଲେଖାଇବାକୁ ଏନଟିଏ ମାଧମରେ ପରୀକ୍ଷା ହେଉ। ତେବେ ମୂଳ ପ୍ରଶ୍ନ ହେଉଛି ପରୀକ୍ଷାରେ କିପରି ସ୍ୱଚ୍ଛତା ଏବଂ ନିରପେକ୍ଷତା ବଜାୟ ରହିବ। ହଜାର ହଜାର ମେଧାବୀ ଛାତ୍ରଛାତ୍ରୀଙ୍କ ଜୀବନ ସହ ଖେଳ ନହେଉ। ମେଡିକାଲ ପାଠ୍ୟକ୍ରମରେ କେବଳ ଯୋଗ୍ୟତା ଆଧାରରେ ଆଡମିଶନ ମିଳୁ। କୌଣସି ସଂରକ୍ଷଣ ବ୍ୟବସ୍ଥାକୁ ଏ କ୍ଷେତ୍ରରେ କାର୍ଯ୍ୟକାରୀ କରାନଯାଉ। ଭଲ ଛାତ୍ର ପାଠ ପଢ଼ିଲେ ଭଲ ଡାକ୍ତର ବାହାରିବେ। ପରୀକ୍ଷା ପରିଚାଳନା ବ୍ୟବସ୍ଥାକୁ ଏଭଳି କରାଯାଉ ଯେପରି ପ୍ରଶ୍ନପତ୍ର ଲିକର ସମ୍ଭାବନା ହିଁ ରହିବ ନାହିଁ। ଏହା ଏକ ଅତି ସ୍ପର୍ଶକାତର ଏବଂ ସମ୍ବେଦନଶୀଳ ପ୍ରସଙ୍ଗ। ଏହାକୁ ନେଇ ରାଜନୀତି ନହେଉ। ସ୍ୱାଧୀନତାର ୭୭ ବର୍ଷ ପରେ ଉଚ୍ଚ ଶିକ୍ଷାରେ ଜାତିଗତ ସଂରକ୍ଷଣ ବ୍ୟବସ୍ଥା କଦାପି ଗ୍ରହଣୀୟ ନୁହେଁ। ଏହା ହେଉଛି ମେଧାକୁ ହତ୍ୟା। ଜଣେ ମେଧାବୀ ଛାତ୍ରକୁ ତାଙ୍କ ପରିଶ୍ରମ ଏବଂ ଅଧବସାୟର ମୂଲ୍ୟ ମିଳିବା ଉଚିତ। ନଚେତ ଆମ ରାଜନୈତିକ ସ୍ୱାଧୀନତା ଏବଂ ଶିକ୍ଷା ବ୍ୟବସ୍ଥା ମୂଲ୍ୟହୀନ ହୋଇଯିବ। ଏନଟିଏ ଭଳି ଜାତୀୟ ସଂସ୍ଥାକୁ ସ୍ୱଚ୍ଛ, ନିରପେକ୍ଷ ଏବଂ ଦକ୍ଷ କରିବାକୁ ହେଲେ ଏହାର ସଂସ୍କାର ଆବଶ୍ୟକ। ଅନେକ ସମୟରେ ପୋଲିସ ବିରୋଧରେ ଦୁର୍ନୀତି ଏବଂ ଚୋରୀ ଭଳି ମାରାତ୍ମକ ଅଭିଯୋଗ ଆସେ। ସେହିପରି ଶିକ୍ଷା ବ୍ୟବସ୍ଥାରେ ମଧ କିଛି ଅଶିକ୍ଷିତ (ଶିକ୍ଷାର ମୂଲ୍ୟ ବୁଝି ନଥିବା ବ୍ୟକ୍ତି)ଅଛନ୍ତି। ଅନେକ ଦୁର୍ନୀତିଗ୍ରସ୍ତ ବ୍ୟକ୍ତି ଅଛନ୍ତି। ସେମାନଙ୍କୁ ବିଦା କରାଯିବା ଉଚିତ। ନଚେତ ଆମର ମେଧାବୀ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନ୍ଧକାରମୟ ହୋଇଯିବ। ଏଥିଲାଗି ଏନଟିଏକୁ ଅଧିକ ଶକ୍ତିଶାଳି କରାଯିବା ଉଚିତ। ବୈଷୟିକ ଶିକ୍ଷାରେ ଆଞ୍ଚଳିକ ବାଦ ବିପଦଜ୍ଜନକ। ସାରା ଦେଶରେ ମେଧା ଚୟନ ଲାଗି ଗୋଟିଏ ମାନଦଣ୍ଡ ନିର୍ଦ୍ଧାରିତ ହେବା ଉଚିତ। ଭଲ ଛାତ୍ରଙ୍କୁ ଆଗକୁ ଯିବାରେ କେହି ପ୍ରତିବନ୍ଧକ ସୃଷ୍ଟି କରିବା ଅନୁଚିତ।

## ସମ୍ପାଦକଙ୍କୁ ପତ୍ର

### ରାଜମହଲ ଛକରେ ଟ୍ରାଫିକ ଅବ୍ୟବସ୍ଥା

ମହାଶୟ,

ରାଜଧାନୀ ଭୁବନେଶ୍ୱରର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଏବଂ ପୁରାତନ ଛାକ ଭାବେ ପରିଚିତ ରାଜମହଲ ଛକରେ ଟ୍ରାଫିକ ଅଚଳାବସ୍ଥା ସୃଷ୍ଟି ହୋଇଛି। ଟ୍ରାଫ୍ରିକ ନିୟନ୍ତ୍ରଣ ପାଇଁ କଳ୍ପନାରୁ ଏକାମ୍ରର ହାଟ ପର୍ଯ୍ୟନ୍ତ ଯାଇଥିବା ଫ୍ଲାଇ ଓଭରବ୍ରିଜ ନିର୍ମାଣ ସତ୍ତ୍ୱେ ସମସ୍ୟାର ସମାଧାନ ହୋଇପାରିନି। ଏହାର କାରଣ ହେଲା ଶିଶୁଭବନ ଛକରୁ ମାଷ୍ଟରକ୍ୟାଣ୍ଟିନ ପର୍ଯ୍ୟନ୍ତ ଏକ ଭୂତଳ ରାସ୍ତା ନିର୍ମାଣ ଯୋଜନା କାର୍ଯ୍ୟକାରୀ ନହେବା। କାହିଁକି ରାଜମହଲ ଛକରେ ଏହି କାମକୁ ବନ୍ଦ କରାଗଲା ତାହା ରାଜଧାନୀବାସୀ ଜାଣିବାର ଅଧିକାର ରଖିଛନ୍ତି। ଏହା ଉପରେ ସରକାର ଜବାବ ରଖନ୍ତୁ। କାହାର ଷଡ଼ଯନ୍ତ୍ରରେ ମୂଳ ଯୋଜନାକୁ କାର୍ଯ୍ୟକାରୀ କରାଗଲା ନାହିଁ, ତାହା ଉନ୍ମୋଚିତ ହେଉ।

ଅରୁଣ ମହାନ୍ତି, ବାପୁଜୀନଗର

# ଫ୍ଲୋର ଲେନ୍‌ଥ ସ୍ଲିଭ୍ ଫ୍ୟାଶନ



**ଅପର୍ଣ୍ଣା ନାୟକ**

ଆଜିକାଲି କାହାକୁ ବା ଟ୍ରେଣ୍ଡି ଆଉ ଫ୍ୟାଶନେବଲ ଦେଖାଯିବାକୁ ଇଛା ନୁହେଁ। ଖାସ କରି ପ୍ରତି ଅକେଜନରେ ନିଜ ଲୁକ କେମିତି ଆଟ୍ରାକ୍ଟିଭ ଲାଗିବ, ସେ ନେଇ ଯୁବତୀମାନେ ବେଶ ସଚେତନ ରହିଥାନ୍ତି। ଏପରିକି ସେମାନେ ଲାଟେଷ୍ଟ ଫ୍ୟାଶନ ଟ୍ରେଣ୍ଡକୁ ଆପଣେଇବାକୁ ମଧ ପଛଘୁଞ୍ଚା ଦିଅନ୍ତି ନାହିଁ। ତେଣୁ ସେହି ଦୃଷ୍ଟିରୁ ଦେଖିଲେ ବର୍ତ୍ତମାନ ଫ୍ଲୋର ଲେଙ୍ଗଥ ସ୍ଲିଭ ଆଉଟଫିଟ ହଟେଷ୍ଟ ଟ୍ରେଣ୍ଡରେ ରହିଛି, ଯାହାକୁ ପିନ୍ଧି ଯୁବତୀମାନେ ଷ୍ଟାଇଲିଶ ଲୁକ ପାଇପାରିବେ। ପ୍ରିଣ୍ଟେଡ ଫ୍ଲୋର ଲେଙ୍ଗଥ ସ୍ଲିଭ ଅନାରକଲି : ଅନାରକଲି ଡ୍ରେସ ବି ଯୁବତୀଙ୍କୁ ଗର୍ଜିୟସ ଲୁକ ଦେଇଥାଏ। ଆଉ ଯଦି ଏହି ଡ୍ରେସର ସ୍ଲିଭ ଫ୍ଲୋର ଲେଙ୍ଗଥ ହେବା ସହ ଏଥିରେ ପ୍ରିଣ୍ଟେଡ ଡିଜାଇନ ହୋଇଥାଏ, ତାହେଲେ ତ ଏହାର ଆକର୍ଷଣ ଆହୁରି ବଢ଼ିଯାଏ। ଏହି ଡ୍ରେସକୁ ଖାସ କରି ପାର୍ଟି, ଫଙ୍କସନରେ ପିନ୍ଧିଲେ ଲୁକ ବେଶ ଆକର୍ଷଣୀୟ ଲାଗିଥାଏ। ଫ୍ଲୋର ଲେଙ୍ଗଥ ସ୍ଲିଭ ଅନାରକଲି ଚୁଡ଼ିଦାର ସୁଟ : ଅନାରକଲି ଡିଜାଇନର ଚୁଡ଼ିଦାର ସୁଟ ବି ଯୁବତୀଙ୍କୁ ଆକର୍ଷଣୀୟ ଲୁକ ଦେଇଥାଏ। ଆଜିକାଲି ଏହାର ଅନେକ ସୁନ୍ଦର ସୁନ୍ଦର ଡିଜାଇନ ବି ମିଳିଲାଣି। ତେବେ ଫ୍ଲୋର ଲେଙ୍ଗଥ ସ୍ଲିଭ ଡିଜାଇନର ଅନାରକଲି ଚୁଡ଼ିଦାର ସୁଟ ଏବେ ଲାଟେଷ୍ଟ ଟ୍ରେଣ୍ଡରେ ରହିଛି। ଏହା ସୁନ୍ଦର ଦେଖାଯିବା ସହ ପିନ୍ଧିବାକୁ କମ୍ଫଟେବଲ ହେଉଥିବାରୁ ଏହାର ଚାହିଦା ମଧ ଭଲ ରହୁଥିବା ଦେଖିବାକୁ ମିଳୁଛି। ଫ୍ଲୋର ଲେଙ୍ଗଥ ନେଟ ସ୍ଲିଭ : ଡୁପିଅନ ସିଲ୍କ କପଡ଼ାରେ ତିଆରି ଲେହେଙ୍ଗାରେ ନେଟ ଡିଜାଇନର ଫ୍ଲୋର ଲେଙ୍ଗଥ ସ୍ଲିଭ ପରଫେକ୍ଟ ମ୍ୟାଚ କରିବା ସହ ଲେହେଙ୍ଗାର ଲୁକକୁ ବି ଅଧିକ ଆକର୍ଷଣୀୟ କରିଦେଇଥାଏ। ଯଦି ବାହାଘର କିମ୍ବା ଏନଗେଜମେଣ୍ଟ ସେରିମୋନିରେ ଶାଢ଼ି ବଦଳରେ ଲେହେଙ୍ଗା ଟ୍ରାଏ କରିବାକୁ ଚାହୁଁଥାନ୍ତି, ତାହେଲେ ଏହି ଡିଜାଇନର ଲେହେଙ୍ଗା ପିନ୍ଧି ବି ଯୁବତୀମାନେ ଗର୍ଜିୟସ ଲୁକ ପାଇପାରିବେ। ଫ୍ଲୋର ଲେଙ୍ଗଥ ଟାସେଲ ସ୍ଲିଭ ଲେହେଙ୍ଗା : ଟାସେଲ ଡିଜାଇନ ହୋଇଥିବା ଏହି ଫ୍ଲୋର ଲେଙ୍ଗଥ ସ୍ଲିଭ ବାଲା ଲେହେଙ୍ଗା ଦେଖିବାକୁ ଯେମିତି ଆକର୍ଷଣୀୟ ଲାଗିଥାଏ ପିନ୍ଧିଲେ ସେମିତି ଗର୍ଜିୟସ ଲୁକ ଦେଇଥାଏ। ଏହାକୁ ନିର୍ବନ୍ଧ, ବାହାଘର ଆଦି ଫଙ୍କସନରେ ପିନ୍ଧିଲେ ଲୁକ ଅଧିକ ଆଟ୍ରାକ୍ଟିଭ ଲାଗିଥାଏ। ଆଉ ଯଦି ଏହି ଲେହେଙ୍ଗା ଓ ଏହାର ଫ୍ଲୋର ଲେଙ୍ଗଥ ସ୍ଲିଭରେ ପର୍ଲ ଅବ ବିଡ଼ସର କିଛି କାମ ହୋଇଥାଏ, ତାହେଲେ ତ ଲେହେଙ୍ଗାର ଡିଜାଇନ ଆହୁରି ସୁନ୍ଦର ଦେଖାଯାଇଥାଏ। ଗୋଲ୍ଡ ଫ୍ଲୋରାଲ ଏମ୍ବ୍ରୋଏଡୋରି ଫ୍ଲୋର ଲେଙ୍ଗଥ ସ୍ଲିଭ ଲେହେଙ୍ଗା : ସୁନେଲି ରଙ୍ଗର ସୂତାରେ ଫୁଲ ଡିଜାଇନର ଏମ୍ବ୍ରୋଏଡୋରି କାମ ହୋଇଥିବା ଲେହେଙ୍ଗା ବି ଆକର୍ଷଣୀୟ ଦେଖାଯାଇଥାଏ। ଆଉ ଯଦି ଏହି ଲେହେଙ୍ଗାରେ ଫ୍ଲୋର ଲେଙ୍ଗଥ ସ୍ଲିଭ ରହିଥାଏ, ତାହେଲେ ତ ଏହାର ଆକର୍ଷଣ ଆହୁରି ବଢ଼ିଥାଏ। ଖାସ କରି ଏହି ଡିଜାଇନ ହୋଇଥିବା ପେଷ୍ଟଲ ପିଙ୍କ କଲରର ଲେହେଙ୍ଗା ଯୁବତୀଙ୍କୁ ଗର୍ଜିୟସ ଲୁକ ଦେଇଥାଏ। ଟ୍ୟୁବ ବ୍ଲାଉଜ ଉଇଥ ଫ୍ଲୋର ଲେଙ୍ଗଥ ସ୍ଲିଭ ଲେହେଙ୍ଗା : ଲେହେଙ୍ଗା ତ ସବୁବେଳେ ଯୁବତୀଙ୍କୁ ଆକର୍ଷଣୀୟ ଲୁକ ଦେଇଥାଏ। ତେବେ ଆଜିକାଲି ଏମିତି କିଛି ଲେହେଙ୍ଗା ବି ଆସିଲାଣି, ଯାହାର ବ୍ଲାଉଜ ଟ୍ୟୁବ ଡିଜାଇନର ହେବା ସହ ଏଥିରେ ଫ୍ଲୋର ଲେଙ୍ଗଥ ସ୍ଲିଭ ବି ଲାଗିକି ରହୁଛି। ପାର୍ଟି, ଫଙ୍କସନରେ ଆଲଟ୍ରାମଡ଼ର୍ନ ଲୁକ ଚାହୁଁଥିବା ଯୁବତୀମାନଙ୍କ ପାଇଁ ଏହି ଟାଇପର ଲେହେଙ୍ଗା ପରଫେକ୍ଟ ହୋଇପାରିବ। ତେବେ କେବଳ ଏତିକି ନୁହେଁ ଫ୍ଲୋର ଲେଙ୍ଗଥ ସ୍ଲିଭ ଡିଜାଇନର ଆହୁରି ଅନେକ ସୁନ୍ଦର ସୁନ୍ଦର ଲେହେଙ୍ଗା ହେଉ ଅବା ଅନାରକଲି ତଥା ଚୁଡ଼ିଦାର ସୁଟ ବି ମାର୍କେଟରେ ମିଳିଲାଣି। କିନ୍ତୁ ଏସବୁକୁ କିଣିବା ପୂର୍ବରୁ ନିଜ ଲୁକକୁ ଏହା କେତେ ଦୂର ମ୍ୟାଚ କରୁଛି ତାହାକୁ ଭଲରେ ପରଖି ସାରିବା ପରେ ଯାଇ ଏହି ଡିଜାଇନର ଡ୍ରେସ କିଣିବା ଦରକାର।


ମେନ ସାଗର ପାନ ରୋଡ଼, ନଂ-୩, ବାଲାଜୀ ଡିପାର୍ଟମେଣ୍ଟାଲ ଷ୍ଟୋର, ନୂଆଦିଲ୍ଲୀ, ପିନ-୧୧୦୦୪୬


# ଭାବନାତ୍ମକ ପରିପକ୍ୱତା ଓ ସାମଗ୍ରିକ ବିକାଶ



**ଇଂ. ଆଲେକଜାଣ୍ଡାର ଦାସ**

ଭାରତରେ ମାନବିକ ଭାବନାକୁ ଅନେକ ଗୁରୁତ୍ୱ ଦିଆ ଯାଏ ଓ ଭାବନତ୍ମକ ଭାବରେ ଅନେଗୁଡିଏ ସାମାଜିକ ସମ୍ପର୍କ ମଧ ଗଢି ଉଠି ଥାଏ। ଅନ୍ୟ ଦେଶ ମାନଙ୍କରେ ଜଣେ ବ୍ୟକ୍ତିର ସାମଗ୍ରିକ ବିକାଶ ତାର ବୁଦ୍ଧିର ପରିମାପକ ଉପରେ ନିର୍ଭରଶୀଳ ହୋଇ ଥିବା ବେଳେ ଭାରତରେ ବ୍ୟକ୍ତିର ଆଚାର ବ୍ୟବହାର, ସଂସ୍କାର ଓ ଧର୍ମୀୟ ବିଶ୍ୱାସ ଆଦିକୁ ନେଇ ତାକୁ ବିକଶିତ ବା ଅବିକଶିତ ବୋଲି ବିଚାର କରାଯାଏ। ମଣିଷର ଉଚ୍ଚ ଆକାଂକ୍ଷା ଓ ମାନବୀୟ ମୂଲ୍ୟବୋଧ ମଧରେ ସଂଘଟିତ ଉତ୍ତରଣ ଓ ଅବରୋହଣର ରାସ୍ତା ଟି ବୋଧହୁଏ ମାନସିକ ବିକାଶ ର ଲକ୍ଷ୍ୟ ସାଧନ କରେ। ଆମେ ମାନେ ପିଲାବେଳୁ ଏକ ଭାବନାତ୍ମକ ସୂତ୍ରରେ ପରିବାର ସହ ବନ୍ଧା ହୋଇ ଥାଆନ୍ତି। ପରିବାରରେ ଯେପରି ପିତାମାତା ତାଙ୍କର ବ୍ୟକ୍ତିଗତ ସୁଖ ସୁବିଧାକୁ ପଛରେ ପକାଇ ପିଲା ମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଓ ଅନ୍ୟାନ୍ୟ ସୁବିଧାକୁ ଅଗ୍ରାଧିକାର ଦିଅନ୍ତି ତାହା ଅନ୍ୟ ଦେଶରେ ଦେଖିବାକୁ ମିଳେ ନାହିଁ। ଅନ୍ୟ ଦେଶରେ ତେର ଚଉଦ ବର୍ଷ ହେଲା ବେଳକୁ ପିଲାଟି ନିଜ ଶିକ୍ଷାର ଭାର ନିଜହାତକୁ ନେଇ ଯାଏ। କର୍ମରେ ଛୋଟ ବଡ଼ ର ବିଚାର ନଥାଏ। ଗୋଟିଏ ଆତ୍ମନିର୍ଭରଶୀଳ ପିଲା ତାର ପଢା ଖର୍ଚ୍ଚ, ଘର ଭଡ଼ା ଆଦି ର ବ୍ୟବସ୍ଥା ନିଜେ କରେ। ଭରତୀୟ ପରିବାରରେ ତେଇଶ ଚବିଶ ବର୍ଷ ଯାଏଁ ପିଲା ଆତ୍ମନିର୍ଭରଶୀଳ ହୁଅନ୍ତି ନାହିଁ। ଯେଉଁ ପିତାମାତା ପିଲା ପଛରେ ସମସ୍ତେ ଶ୍ରମ, ସମୟ ଓ ପୁଞ୍ଜି ବିନିଯୋଗ କରି ଥାଆନ୍ତି, ସେମାନେ ଏବେ ପିଲା ଠାରୁ ଆଶା ରଖନ୍ତି ଯେ ସେ ଘରର ଦାୟିତ୍ୱ ନେବ। ତାର ରୋଜଗାର ମଧ ଏହି ଭାବରେ ବାଣ୍ଟି ହୁଏ ଏବଂ ଏହା ଚକ୍ରବତ୍ ଜାରି ରହେ। ଏହା ଏକ ସମ୍ପୂର୍ଣ୍ଣ ଭାବନାତ୍ମକ ପରିମାପକ, ଯାହା ଗୋଟିଏ ପରିବାରର ସଦସ୍ୟଙ୍କୁ ବିକଶିତ ବା ଅବିକଶିତ ଭାବେ ପରିଚିତି ଦିଏ। ମାତ୍ର ଅଧିକାଂଶ ସମୟରେ ଏହି ପ୍ରକ୍ରିୟା ଅନ୍ୟ ବିକାଶରେ ବାଧା ସୃଷ୍ଟି କରେ। ଯେପରି ସାମାଜିକ ଦାୟିତ୍ୱବୋଧତା ଓ କର୍ମ କୁଶଳତା। ଜଣେ ଭାବନାତ୍ମକ ଭାବରେ ଅପରିପକ୍ୱ ବ୍ୟକ୍ତି ପାରିବାରିକ ବିକାଶରେ ସହାୟକ ହୋଇ ପାରେ ନାହିଁ। ଏହି ସମସ୍ୟାରେ ପୁଣି ଯୋଡ଼ା ହୋଇ ଥାଏ ବିବାହ ପରି ସାମାଜିକ ବ୍ୟବସ୍ଥା। ସଂପୂର୍ଣ୍ଣ ଅନୁଷ୍ଠାନଟି ପାରିବାରିକ ଆବେଗ ଓ ଭାବନା ଉପରେ ପର୍ଯ୍ୟବେସିତ। ଏଥିରେ ରହି ଥାଏ, ଭୋଜିଭାତ, ଉପହାର, ଯୌତୁକ ପରି ଖର୍ଚ୍ଚବହୁଳ ବିଧି ବିଧାନ। ବିବାହ ଅନୁଷ୍ଠାନର ଚାକଚକ୍ୟ ପରବର୍ତ୍ତୀ ଅସୁବିଧା ବା ଅବୁଝାମଣାରେ କିଛି ସହାୟତା କରି ପାରେ ନାହିଁ। ଏହି ସବୁ ସମସ୍ୟା ନ ଉପୁଜିବା ପାଇଁ ପୂର୍ବ କାଳରେ ମଣିଷ ଜୀବନକୁ ଚାରି ପର୍ଯ୍ୟାୟ ଯଥା, ବ୍ରହ୍ମଚର୍ଯ୍ୟ, ଗାର୍ହସ୍ଥ୍ୟ, ବାନପ୍ରସ୍ଥ ଓ ସନ୍ନ୍ୟାସରେ ବାଣ୍ଟି ଦିଆ ଯାଇଥିଲା। ଆଶ୍ରମରେ ରହି ସେ ବିଦ୍ୟାଲାଭ କରୁଥିଲା। ତାର ବିବାହ ଆଦି ସମାପନ ବେଳକୁ ପିତାମାତା ଗୃହ ତ୍ୟାଗ କରି ତୀର୍ଥ ଭ୍ରମଣରେ ବାହାରି ଯାଉଥିଲେ। ଏହାକୁ ଆମେ ଭାବନାର



ନିୟନ୍ତ୍ରିତ ପରିମାପ ଭାବରେ ନେଇ ପାରିବା। ଏବେ ଏବେ ସାରା ବିଶ୍ୱ ମହାକୁଂଭରେ ପାପ କ୍ଷାଳନରେ ଲାଗି ପଡ଼ିଥିବା ବେଳେ ଅନେକ ଉଚ୍ଚ ଶିକ୍ଷିତ ଓ ପଦାଧିକାରୀ ନିଜର ସାଂସାରିକ ଜୀବନ ପରିତ୍ୟାଗ କରି ଆଧାତ୍ମ୍ୟ ଜ୍ଞାନ ପାଇଁ ଆସିଥିବାର ଦେଖିବାକୁ ମିଳିଥିଲା। ଆକଳନ ଅନୁସାରେ ସାଧୁ ମାନଙ୍କର ସଂଖ୍ୟା ଆଶାତୀତ ଭାବରେ ବୃଦ୍ଧି ପାଇଥିବାର କାରଣ ପାରିବାରିକ ଓ ସାମାଜିକ ଅସଫଳତାକୁ ଧରା ଯାଉଛି। ଏହା ମଧ ପ୍ରମାଣ କରୁଛି କି ମଣିଷକୁ ଭାବନାତ୍ମକ ଭାବରେ ମଧ ବୁଦ୍ଧିମାନ ହେବାକୁ ପଡ଼ିବ। ପ୍ରଥମତଃ ନିଜ ବିଷୟରେ ସଚେତନ ହେବା। ଆମେ କଣ ଚାହୁଁ ଏବଂ ଆମର ସେହି ଇଚ୍ଛା ଗୁଡ଼ିକ ଆମ ଚାରି ପାଖର ଲୋକଙ୍କୁ କିପରି ପ୍ରଭାବିତ କରୁଚି। ଏହି ଭାବନାରୁ ଜନ୍ମ ନିଏ ସମ୍ବେଦନଶୀଳତା। ଏହା ତ ସମସ୍ତେ ଜାଣନ୍ତି ଯେ ଆମେ ମାନେ ପରସ୍ପର ପ୍ରତି ସମ୍ବେଦନଶୀଳ ନୁହନ୍ତି। ଗୋଟିଏ ଜାଗାରେ ଅନ୍ୟାୟ ହେଉ ଥିବାର ଦେଖିଲେ ମଧ ଆମେ ପ୍ରତିରୋଧ କରନ୍ତି ନାହିଁ। ବାଟରେ ଦୁର୍ଘଟଣା ଦେଖିଲେ ଆମେ ବାଟ ଭାଙ୍ଗି ଚାଲି ଯାଆନ୍ତି। ଆମେ ଏଠି ନିଜସ୍ୱ ଭାବନାକୁ ଅଗ୍ରାଧିକାର ଦେଲେ ଓ ବିକଶିତ ବୁଦ୍ଧିର ପ୍ରୟୋଗ କଲେ ନାହିଁ। ତେଣୁ ଆମେ ମଧ କେଉଁଠି ନା କେଉଁଠି ଅନ୍ୟ ଠାରୁ ସାହାଯ୍ୟର ଆଶା କରି ପାରିଲେ ନାହିଁ। ଅନେକ ସମୟରେ ଆବେଗ ପ୍ରବଣ ହୋଇ ଆମେ ଭୁଲ୍ ନିଷ୍ପତ୍ତି ନିଅନ୍ତି ଓ ଏହାର ପରିଣାମ ଆମର ମାନସିକ ଅସ୍ଥିରତାର କାରଣ ହୁଏ। ଏକ ଆକଳନ ଅନୁସାରେ ବିଶ୍ୱର ଅନେକ ସଫଳ ବ୍ୟକ୍ତିତ୍ୱ ପଛରେ ବୌଦ୍ଧିକ ଜ୍ଞାନ ଅପେକ୍ଷା ଭାବନାତ୍ମକ ବୁଦ୍ଧିମତ୍ତା ନବେ ପ୍ରତିଶତ ଦାୟୀ। ସେହି ବ୍ୟକ୍ତି ମାନେ ନିଜର ଆବେଗ ଉପରେ ନିୟନ୍ତ୍ରଣ ରଖି ପାରନ୍ତି ଓ ଆବେଗର ସଠିକ୍ ଉପଯୋଗ ମଧ କରି ଥାଆନ୍ତି।ତେବେ ଏହି ଠାରେ ହିଁ ଆଧାତ୍ମିକତା ର ଆବଶ୍ୟକତା ଅନୁଭୂତ ହୁଏ। ଅନେକ ସମୟରେ ଆମେ ଧର୍ମ ଓ ଆଧାତ୍ମ୍ୟ ମଧରେ ଥିବା ପ୍ରଭେଦକୁ ବୁଝି ପାରନ୍ତି ନାହିଁ। ଆମକୁ ଲାଗେ, ଧର୍ମ ଗ୍ରନ୍ଥ ପଢ଼ିବା, ଧର୍ମ ସ୍ଥଳୀ ପରିଦର୍ଶନ କରିବା ଓ ନିରାମିଷ ଭୋଜନ ହିଁ ଆଧାତ୍ମ୍ୟ। ପ୍ରକୃତରେ ଏହି ସବୁ କଥାର ଆଧାତ୍ମ୍ୟ ସହ କିଛି ସମ୍ପର୍କ ନଥାଏ। ନିଜକୁ ନିଜେ ଚିହ୍ନିବା ଗୋଟିଏ ବଡ଼ ଉପଲବ୍ଧି। ଆମେ ଠିକ୍ ଏବଂ ଏହି ଗ୍ରହଣଶିଳତା ମଧ ରହିବା ପାଇଁ ଆତ୍ମବିଶ୍ୱାସ ଜରୁରୀ। ମଣିଷ ମଣିଷକୁ ସାହାଯ୍ୟ କରିବା, ସାମାଜିକ ଦାୟିତ୍ୱ ବୋଧ ଓ ସଂସ୍କାର ମଧ ଆଧାତ୍ମ୍ୟ ଜ୍ଞାନ ପ୍ରଦାନ କରିଥାଏ। ମାନସିକ ଭାରସାମ୍ୟ ରକ୍ଷା କରିବା ପାଇଁ ଆତ୍ମ ଅନୁସନ୍ଧାନ ଜରୁରୀ ଓ ଏହା ହିଁ ଆଧାତ୍ମ୍ୟ ଆଡ଼କୁ ନେଇ ଯାଇ ଥାଏ। ଏଥିପାଇଁ ତ୍ୟାଗ କିମ୍ବା ତପସ୍ୟା କରିବାକୁ ପଡେ ନାହିଁ। ୨୦୨୪ରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆଯାଇଥିବା ରିପୋର୍ଟ୍ ଅନୁସାରେ ଭାରତରେ ୫୩% ବ୍ୟକ୍ତି ମାନସିକ ଚାପ ର ସମ୍ମୁଖିନ ହେଉଛନ୍ତି। ୨୫% ସହରାଞ୍ଚଳର ଲୋକ ନିରାଶ ବୋଧ ଦେଇ ଗତି କରୁଛନ୍ତି। ଦୁଃଖର କଥା ୧୮ ରୁ ୨୪ ବର୍ଷ ବୟସର ଯୁବକ ଯୁବତୀ ମାନେ ଅଧିକ ମାନସିକ ଭାବେ ଦୁର୍ବଳ ଓ ଆତ୍ମହତ୍ୟା ପ୍ରବଣତା ମଧ ବଢ଼ି ଚାଲିଛି। ଏହା ଏକ ବିରାଟ ସମସ୍ୟା ହୋଇ ଥିଲେ ମଧ ଆମେ ଏହାକୁ ଧାନ ଦିଅନ୍ତି ନାହିଁ। ଜୀବନର ସରଳ, ସୁନ୍ଦର ଦିଗକୁ ଛାଡି ଆମେ ନିଜ ପାଇଁ ବାଛି ନିଅନ୍ତି ଜଟିଳତା। ବିଶ୍ୱାସ, ଭରସା ଓ ସହଯୋଗ ହିଁ ଏକ ସୁସ୍ଥ ମାନସିକତାର ପରିଚୟ, ଯାହା ବର୍ତ୍ତମାନ ସମୟର ବଡ଼ ଆହ୍ୱାନ।


କଳିଙ୍ଗ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନସ୍ ଯାଜପୁର
୯୦୪୦୬୯୬୯୬୯


# ଉଚ୍ଚାଭିଳାଷ ଜୀବନ ଓ ସ୍ୱପ୍ନ



**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**

ସ୍ୱପ୍ନ ଆମେ ଦେଖୁ। ସ୍ୱପ୍ନ ଦେଖିବା ଆମ ଅଧିକାର। ଯଦିଓ ତାହା ସତ ହୋଇପାରେ ଅବା ନ ହୋଇପାରେ। ତେବେ ପ୍ରଚୁର ସ୍ୱପ୍ନ, ବଡ଼ ବଡ଼ ସ୍ୱପ୍ନ ଦେଖିବା ପାଇଁ ଆମକୁ ଉତ୍ସାହିତ କରି ଆସିଛନ୍ତି ମୋଟିଭେସନାଲ ସ୍ପିକର, ମହାମନିଷୀ, ଦାର୍ଶନିକମାନେ। ତେବେ ସେମାନେ ଏ ବାବଦରେ ମଧ ସତର୍କ, ସଚେତନ କରାଇ ଦେବାକୁ ଭୁଲି ନାହାନ୍ତି ଯେ, କେବଳ ସ୍ୱପ୍ନ ଦେଖିଲେ ହେବନାହିଁ। ତକୁ ସାକାର କରିବାକୁ ହେଲେ କଠିନ ପରିଶ୍ରମ, କଠୋର ଅଧବସାୟ, ସାଧନା ଦରକାର। ପୁଣି ସାଧନାରେ, ପ୍ରୟାସରେ ଆନ୍ତରିକତା, ନିଷ୍ଠା ମଧ ଆବଶ୍ୟକ। ବ୍ୟକ୍ତି ବିଶେଷରେ ସ୍ୱପ୍ନ ଭିନ୍ନ ଭିନ୍ନ ହୋଇପାରେ କିନ୍ତୁ ସେହିସବୁ ସ୍ୱପ୍ନ ପଛରେ ଅନେକେ ଦଉଡୁଥାଆନ୍ତି ପାଗଳ ପରି। କେତେକ କେବଳ ଖିଆଲି ହୋଇ ଖାଲି ସ୍ୱପ୍ନ ଦେଖନ୍ତି, ତାହାକୁ ପୁରା କରିବା ପାଇଁ କୌଣସି ଆନ୍ତରିକତା ସେମାନଙ୍କର ନଥାଏ। ଆଉ କେତେକ ତ ଦିବା ସ୍ୱପ୍ନରେ ଚୁର। ସ୍ୱପ୍ନର ମାଦକତା କିନ୍ତୁ ସମସ୍ତଙ୍କୁ ସବୁକାଳେ ଘାରି ଆସିଛି, ଚୋରି କରିନେଇଛି ରାତିର ନିଦ। ସ୍ୱପ୍ନ ଖୋଲା ଆଖିର ଅଞ୍ଜନ ମୁଦା ଆଖିର ବି। ଖୋଲା ଆଖିରେ ଆମେ ଦେଖୁ ଆଗକୁ ବଢ଼ିବାର ବିକଶିତ ହେବାର ସ୍ୱପ୍ନ, ପ୍ରତିଷ୍ଠା ପ୍ରତିପତ୍ତିର ସ୍ୱପ୍ନ। ଆଖି ବୁଜିଥିବାବେଳେ ଗଭୀର ନିଦ୍ରାର ଆଶ୍ଳେଷ ଭିତରେ ବି ଆମେ ଦେଖୁ ଭଳିକି ଭଳି ସ୍ୱପ୍ନ। ସ୍ୱପ୍ନ ଆମକୁ କେବେ ଦିଏ ଆକାଶୀ ଉଡାଣର ଚଞ୍ଚଳତା ତ କେବେ ଆମକୁ କଚାଡ଼ି ଦିଏ ମାଟିରେ। ସ୍ୱପ୍ନରେ ଆମେ ଦେଖୁ ହଠାତ ଆମ ଚାରିପାଖରେ ଧନଧାନ୍ୟର ପ୍ରାଚୁର୍ଯ୍ୟ, ନଭଶ୍ଚୁମ୍ବୀ ଅଟ୍ଟାଳିକା, ବିଳାସପୂର୍ଣ୍ଣ ଯାନ, ଘରେ ଚାକର ଚାକରାଣୀ, ନିଜେ ଆମେ ସାହେବ, ସାହେବାଣୀ ସ୍ୱପ୍ନରେ ବି ଆମେ ଦେଖୁ ଆମର ପିଲାମାନେ ଭଲ ଚାକିରି ପାଇଛନ୍ତି ସମାଜରେ ପାଞ୍ଚ ଜଣକ ମଧ ଜଣେ ଭାବରେ ଗଣା ହେଉଛନ୍ତି। ପୁଣି କେବେ କେମିତି ଆମେ ସ୍ୱପ୍ନରେ ଦେଖୁ ପ୍ରିୟ ଜନଙ୍କର ମୃତ୍ୟୁ, ଦୁର୍ଘଟଣା, ସେମାନଙ୍କର ଯନ୍ତ୍ରଣାକାତର ଚାହାଣୀ। ହେଲେ ନିଦ ଭାଙ୍ଗିଗଲାବେଳକୁ ଆମେ ନିଜକୁ ଠାବ କରୁ ଯେଉଁଠିକୁ ସେଇଠି। ସୁଖ ସ୍ୱପ୍ନ ହୋଇଥିଲେ ଆମେ ଆଧାରୁ ଭାଙ୍ଗି ପଡ଼ିଥିବା ସ୍ୱପ୍ନକୁ ଆଉ ଥରେ ଦେଖିବାକୁ ଚାହୁଁ। ଆଶା କରୁ ଆହାଃ ଏମିତି ଅଧା ପୁଲକିତ, ଅଧା ରୋମାଞ୍ଚିତ ଆଉ ଅଧା ଶିହରିତ କରି ସ୍ୱପ୍ନଟି ଏମିତି ଅଧା ବାଟରୁ ବାଟ ଭାଙ୍ଗି ଚାଲିଗଲା। ଆଉ ଟିକେ ଆଗକୁ ବଢ଼ିପାରିଥାନ୍ତି କି। ଆଉ ଟିକେ ଲମ୍ବା ହୋଇଥାନ୍ତାକି ନିଦ। ହେଉ ପଛେ ସ୍ୱପ୍ନରେ, ନିଜର ଶ୍ରୀ, ସମୃଦ୍ଧି ଦେଖିବାକୁ ଆମେ ଆତୁର। ଆଉ ସ୍ୱପ୍ନ ଭିତରେ ଆମେ ଯଦି ଦେଖୁ ଦୁଃଖ, ଯନ୍ତ୍ରଣା ତା ହେଲେ ବିଚଳିତ ହୋଇଯାଉ। ମୋଟାମୋଟି ସ୍ୱପ୍ନ ଆମ ଆଖିରେ ବୋଳିଦିଏ କୁହୁକ ଅଞ୍ଜନ। ସ୍ୱପ୍ନ ଆମକୁ କେଉଁଠି ନାହିଁ କେଉଁଠି ନେଇ ପହଞ୍ଚାଇ ଦିଏ ଦୂର ଦିଗବଳୟରୁ ଘନଜଙ୍ଗଲ ଚନ୍ଦ୍ରରୁ ମଙ୍ଗଳ।

ସ୍ୱପ୍ନ ଦେଖିବାକୁ କିଏ ଅବା ଭଲ ନପାଏ। କିଏ ଅବା ସୁଖ ମଣେ ସୁନେଲି ସ୍ୱପ୍ନରେ ଆବିଷ୍ଟ ହେବା ପାଇଁ। ଅନେକ ପ୍ରେରଣାଦାୟୀ ବକ୍ତା, ମହାପୁରୁଷ କହିଯାଇଛନ୍ତି ଜୀବନରେ ବଡ଼ ବଡ଼ ସ୍ୱପ୍ନ ଦେଖ। ସ୍ୱପ୍ନହୀନ ଜୀବନ, ନାଉରି ନଥିବା ନାଆ ସଦୃଶ। ତେଣୁ ଜୀବନରେ ପ୍ରଚୁର ସ୍ୱପ୍ନ ଦେଖ। ତାହାକୁ ସାକାର କରିବାକୁ ପାରୁ ପର୍ଯ୍ୟନ୍ତତ ଚେଷ୍ଟା କର। ନିଷ୍ଠା, ଆନ୍ତରିକତା ଆଉ କଠୋର ଅଧବସାୟ ଥିଲେ ସ୍ୱପ୍ନ ଦିନେ ନିଶ୍ଚି ଭାବେ ସାକାର ହେବ। ଏତେ ସପନକୁ ରାତି କାହିଁ। ବୋଲି ଯାହା କୁହାଯାଏ, ଯଦି ସେହି ଅନୁସାରେ ବି ଆମେ ସ୍ୱପ୍ନକୁ ତଉଲିବା ତାହେଲେ ଅଧା ସ୍ୱପ୍ନ ସତ ହୋଇପାରେ ବାକି ଅଧକ ସ୍ୱପ୍ନରେ ହିଁ ହୁଏତ ରହିଯାଇପାରେ। ତେବେ ଏଥିରେ କାତର ହେବ ଉଚିତ ନୁହେଁ। ଗୁଡ଼ାଏ ସ୍ୱପ୍ନ ଦେଖିଥିବାରୁ ଅଧା ହୁଏତ ବାସ୍ତବ ରୂପ ନେଲା, ବାକି ଅଧିକ ସମାଧି ନେଇଗଲା ସେଇ ସ୍ୱପ୍ନ ଭିତରେ। କିନ୍ତୁ ଆମେ ଯଦି ଆଦୌ ସ୍ୱପ୍ନ ଦେଖିବା ନାହିଁ, ଆମ ଜୀବନର ନିର୍ଦ୍ଦିଷ୍ଟ ମନେହେବ ଅସାର ଓ ଅଳୀକ। ସ୍ୱପ୍ନ ବ୍ୟାପ୍ତି, ତାର ରୂପରେଖ ଭିନ୍ନ ଭିନ୍ନ ହୋଇପାରେ ବ୍ୟକ୍ତିବିଶେଷରେ। ଆର୍ଥିକ ଅସ୍ୱଚ୍ଛଳତା ଭୋଗୁଥିବା ଗରିବ ଲୋକଟିଏର ସ୍ୱପ୍ନ ଭଲରେ ଗଣ୍ଡେ ଖାଇବା, ଖଣ୍ଡେ ପିନ୍ଧିବା, ମୁଣ୍ଡ ଗୁଞ୍ଜିବା ପାଇଁ ଚାରିହାତ ଛାତ। ହଁ, ବେଳ ଅବେଳକୁ କିଛି ଟଙ୍କା ପଇସା ହାତରେ। ନିମ୍ନ ମଧବିତ୍ତ ଓ ମଧବିତ୍ତ ପରିବାରର ମୁରବୀଟିଏ ପାଇଁ ସ୍ୱପ୍ନ ଭିନ୍ନ କିଛି ମାଏନା ରଖେ। ଏଇ ଯେମିତି ପିଲାଏ ଭଲ ପାଠ ପଢ଼ନ୍ତୁ, ଭଲ ଚାକିରି ଚାକିରି କରି ସମାଜରେ ମର୍ଯ୍ୟାଦାବନ୍ତ ହୁଅନ୍ତୁ। ସହରରେ ନିଜର ବୋଲି ଦୃଶ୍ୟମାନ ଘରଟିଏ ହେଉ, ଆୟ ଅଳଙ୍କାର ବଢୁ। ଘର ଆଗରେ ଥୁଆ ହେଉ ଚକ ଚକ ଚାରିକିଆ। ସୁବିଧା ଅସୁବିଧାକୁ ଚଳେଇ ନେବା ପାଇଁ ବ୍ୟାଙ୍କ ବାଲାନ୍ସ ତ ନିହାତି ଲୋଡ଼ା। କୁହାଯାଏ ମଧବିତ୍ତ ଭାରତୀୟମାନେ ସବୁଠୁ ଅଧିକ ସ୍ୱପ୍ନ ଦେଖନ୍ତି। ସ୍ୱପ୍ନରେ ବୁଡ଼ି ରହିବାକୁ ଭଲ ପାଆନ୍ତି। ସ୍ୱପ୍ନ ପୂରଣ ହେବା ସହଜ ନୁହେଁ ଜାଣିବା ସତ୍ତ୍ୱେ ସ୍ୱପ୍ନ ବିଳାସୀ ହେବାକୁ ଭଲ ପାଆନ୍ତି। ସଫଳତାର ଗୋଟିଏ ଗୋଟିଏ ପାହାଚ ଚଢ଼ିବା ପାଇଁ ପ୍ରଥମେ ସ୍ୱପ୍ନ ଦେଖନ୍ତି, ପରେ ପ୍ରୟାସ କରନ୍ତି। କାରଣ ସ୍ୱପ୍ନ ଦେଖିଲେ ତ କାହା କିପରି ପୂର୍ଣ୍ଣାଙ୍ଗ ରୂପ ନେବ ସେଥିପାଇଁ ଚେଷ୍ଟା କରାଯିବ। ସ୍ୱପ୍ନର ଆକର, ପ୍ରକାର, ବ୍ୟାପ୍ତି, ସ୍ଥିତି, ରୂପରେଖ ଭଳିକି ଭଳି -ବ୍ୟକ୍ତି ବିଶେଷରେ। ସ୍ୱପ୍ନ ଦେଖିବାକୁ କାହାକୁ ମନା ନାହିଁ, ଯିଏ ଯାହା ସ୍ୱପ୍ନକୁ ବାସ୍ତବରେ ପରିଣତ କରିବା ପାଇଁ ଧାଇଁଛି ଅଣନିଶ୍ୱାସୀ ହୋଇ। ସବୁ ସ୍ୱପ୍ନ ଯେ ସତ ହୁଏ ବା ସୁଖଦ ନିଦ୍ରା ସମୟରେ ମଣିଷ ଯେଉଁ ସୁନେଲି ସ୍ୱପ୍ନ ଦେଖିଥାଏ ଆଖି ଖୋଲିଲେ ମାତ୍ରେ ତାହା ନଥାଏ। କିନ୍ତୁ ଲୋକେ ଧନୀ ହେବାର ନିଜକୁ ପ୍ରତିଷ୍ଠିତ କରିବାର, ଅନ୍ୟ ମାନଙ୍କ ଠାରୁ ଭଲରେ ରହିବାର, ମନଲାଖି ଜୀବନସାଥୀ ପାଇବାର, ମନପସନ୍ଦର ନୀଡ଼ଟିଏ ଗଢ଼ିବାର, ସନ୍ତାନମାନେ ଆକାଶ ଛୁଇଁବାର ସ୍ୱପ୍ନ ଦେଖି ଚାଲନ୍ତି। ଦାର୍ଶନିକମାନେ ସ୍ୱପ୍ନକୁ ନେଇ ଭିନ୍ନ ଭିନ୍ନ ବିଶ୍ଳେଷଣ କରିଆସିଛନ୍ତତି। ମନସ୍ତାତ୍ତ୍ୱିକମାନେ ବି ସୁଖଦ ସ୍ୱପ୍ନ ଓ ଦୁଃସ୍ୱପ୍ନ ମଧରେ ବିଭେଦର ପ୍ରାଚୀର ତିଆରି କରିଛନ୍ତି। କିନ୍ତୁ ଗୋଟିଏ କଥାରେ କହିଲେ ସ୍ୱପ୍ନର ସୀମାରେଖା ଅସୀମ, ପରିବ୍ୟାପ୍ତ ଏହାର ରୂପରେଖା। ସାଧାରଣତଃ ଆମେ ସ୍ୱପ୍ନ ଦେଖୁ ରାତିରେ, ସୁକୋମଳ, ସୁଗଭୀର, ସୁନିଦ୍ରାର ସୁଷୁପ୍ତିରେ ଆଦୌ ଆଖିକୁ ଆବୋରିବସେ ସ୍ୱପ୍ନ। କୁହାଯାଏ ଯେଉଁ କଥା, ବ୍ୟଥା ସମ୍ପର୍କ, ସମ୍ବନ୍ଧ, ଚାହାଣୀ, ଚଳଣି ବିଷୟରେ ଆମେ ବେଶି ଭାବିଥାଉ ଯାହାକୁ ନେଇ ବ୍ୟସ୍ତ ବିବ୍ରତ ବିଚଳିତ ହେଉ, ଯେଉଁ ଭାବନା ଆମକୁ ବାରମ୍ବାର ଆନ୍ଦୋଳିତ କରେ, ମନକୁ ଚଳଚଞ୍ଚଳ କରେ ଆମେ ଉଦବିଗ୍ନ ହେଉ, ଯେଉଁ କାମରେ ଅକୃତକାର୍ଯ୍ୟ ହେଉ ସେ ସବୁ ଆମ ମନ ଭିତରେ ବସା ବାନ୍ଧି ରହିଥାଏ। ଯେତେବେଳେ ସାରା ଦିନର ପରିଶ୍ରମ ପରେ ଆମେ ଶଯ୍ୟାରେ ନିଜ ଅବସନ୍ନ ଶରୀରକୁ ଲୋଟାଇ ଦେଉ ଆମକୁ ନିଦ ତ ଘାରେ, ସ୍ୱପ୍ନ ମଧ ତା ଭିତରେ ଉଙ୍କି ମାରେ। ସ୍ୱପ୍ନର ଫଳାଫଳ ଆମ ଜୀବନରେ କେବେ ପ୍ରତିଫଳିତ ହୁଏ ତ ଆଉ କେବେ ଆମେ ପାସୋରିଯାଉ। ସ୍ୱପ୍ନ ସମ୍ପର୍କରେ ମନୋଚିକିତ୍ସକ, ମନସ୍ତାତ୍ତ୍ୱିବିତ, ସ୍ୱପ୍ନଶାସ୍ତ୍ରୀ ଭିନ୍ନ ଭିନ୍ନ ମତ ପୋଷଣ କରନ୍ତି। ସ୍ୱପ୍ନର ପରିଭାଷା କାହା ପାଇଁ କଣ ହୋଇପାରେ। ତେବେ ମହାନ ବୈଜ୍ଞାନିକ ମିଜାଇଲ ମ୍ୟାନ ତଥା ଲୋକଙ୍କ ରାଷ୍ଟ୍ରପତି ଭାବେ ସୁବିଦିତ ଡକ୍ଟର ଏପିଜେ ଅବଦୁଲ କଲାମ କିନ୍ତୁ ସ୍ୱପ୍ନ ସମ୍ବନ୍ଧରେ ଏକ ଖୁବ ସୁନ୍ଦର ଆପ୍ତବାକ୍ୟ କହିଯାଇଛନ୍ତି, ଯାହା ବେଶ ପ୍ରେରଣାଦାୟକ। ଡକ୍ଟର କଲାମଙ୍କ ମତରେ ସ୍ୱପ୍ନ ତାହା ନୁହେଁ, ଯାହା ଆମେ ବନ୍ଦ ଆଖିରେ ବା ଶୋଇଥିବାବେଳେ ଦେଖୁ। ସ୍ୱପ୍ନ ହେଉଛି ତାହା ଯାହା ଆମକୁ ଶୋଇବାକୁ ଦିଏନାହିଁ। ଆମ ଜୀବନର ଲକ୍ଷ୍ୟ, ଉଦ୍ଦେଶ୍ୟ ବାବଦରେ ଯିଏ ଆମକୁ ବାରମ୍ବାର ଚେତେଇ ଦେଉଥାଏ। ଜୀବନରେ ଉଚ୍ଚାଭିଳାଷ ପୋଷଣ କରିବା ତାହାକୁ ସାକାର କରିବା ପାଇଁ ନିଷ୍ଠାପର ଭାବେ ଉଦ୍ୟମ କରିବା ପାଇଁ ଡ.କଲାମ ପ୍ରେରିତ କରିଛନ୍ତି ଏହି ମହତବାଣୀ ମାଧମରେ।




ସହ ପ୍ରତିରତ୍ୱିକ ଓ ପ୍ରଫେସର, ହେପାଟୋଲୋଜି ବିଭାଗ,
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୫୧୯୫୭

# ବନ୍ଦ ହେବ ରୁଷିଆ-ୟୁକ୍ରେନ ଯୁଦ୍ଧ !

**ୱାଶିଂଟନ୍,୧୯।୨:** ଆମେରିକାର ବୈଦେଶିକ ସଚିବ ମାର୍କୋ ରୁବିଓ କହିଛନ୍ତି ଯେ ଆମେରିକା-ରୁଷିଆ ଆଲୋଚନାରେ ସାମିଲ ପକ୍ଷଗୁଡ଼ିକ ୟୁକ୍ରେନରେ ଶାନ୍ତି ପ୍ରତିଷ୍ଠା ଏବଂ ଆର୍ଥିକ ସହଯୋଗକୁ ପ୍ରୋତ୍ସାହିତ କରିବା ପାଇଁ ଏକ ଉଚ୍ଚସ୍ତରୀୟ ଦଳ ଗଠନ କରିବାକୁ ସହମତ ହୋଇଛନ୍ତି। ୟୁକ୍ରେନ ସଙ୍କଟର ସମାଧାନ ଖୋଜିବା ପାଇଁ ମଙ୍ଗଳବାର ଆମେରିକା ଏବଂ ରୁଷିଆ ପ୍ରତିନିଧିମଣ୍ଡଳ ରିୟାଦରେ ସାକ୍ଷାତ କରିଥିଲେ। ଏହି ସମୟରେ ରୁଷିଆର ବୈଦେଶିକ ମନ୍ତ୍ରୀ ସର୍ଗେଇ ଲାଭରୋଭ ମଧ୍ୟ ଉପସ୍ଥିତ ଥିଲେ। ଗଣମାଧ୍ୟମ ରିପୋର୍ଟ ଅନୁସାରେ, ରୁବିଓ କହିଛନ୍ତି, ଦୂତାବାସରେ କର୍ମଚାରୀଙ୍କ ସଂଖ୍ୟା ପୁନଃସ୍ଥାପିତ କରିବା ପାଇଁ ମଧ୍ୟ ଏକ ଚୁକ୍ତି ହୋଇଛି। ସେ କହିଛନ୍ତି , ଗତ କିଛି ବର୍ଷ ମଧ୍ୟରେ ନିଆଯାଇଥିବା ପଦକ୍ଷେପ ଉଭୟ ଦେଶର କୂଟନୈତିକ ମିଶନର କାର୍ଯ୍ୟକ୍ଷମ କ୍ଷମତାକୁ ହ୍ରାସ କରିଛି। ଆମେରିକାର ବୈଦେଶିକ ମନ୍ତ୍ରୀ କହିଛନ୍ତି, ଆମକୁ ଏଭଳି ସକ୍ରିୟ କୂଟନୈତିକ ମିଶନର ଆବଶ୍ୟକତା ପଡିବ ଯେଉଁମାନେ ଏହି ପ୍ରକ୍ରିୟାକୁ ଜାରି ରଖିବା ପାଇଁ କାର୍ଯ୍ୟ କରିପାରିବେ। ରୁବିଓ କହିଥିଲେ ଯେ କେବଳ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ (ୟୁକ୍ରେନରେ) ଯୁଦ୍ଧ ଶେଷ କରିବାକୁ ସକ୍ଷମ।' ସେ କହିଛନ୍ତି, ମାତ୍ର କିଛି ମାସ ମଧ୍ୟରେ ରାଷ୍ଟ୍ରପତି ଟ୍ରମ୍ପ ସମଗ୍ର ବିଶ୍ୱ ଆଲୋଚନାକୁ ବଦଳାଇ ଦେଇଛନ୍ତି, କେବଳ ରାଷ୍ଟ୍ରପତି ଟ୍ରମ୍ପ ଏହା କରିପାରିବେ। କ୍ରେମଲିନ ବୈଦେଶିକ ବ୍ୟାପାର ପରାମର୍ଶଦାତା ୟୁରି ଉଶାକୋଭ କହିଛନ୍ତି ଯେ ରିୟାଦରେ ଆମେରିକା-ରୁଷ ଆଲୋଚନା "ସକାରାତ୍ମକ" ଅଗ୍ରଗତି ସହିତ ଶେଷ ହୋଇଛି। ଏହା ସମସ୍ତ ପ୍ରସଙ୍ଗରେ ଏକ ଗମ୍ଭୀର ଆଲୋଚନା ଥିଲା। ଉଭୟ ପକ୍ଷ ପରସ୍ପରର ସ୍ୱାର୍ଥକୁ ମନେ ରଖିବାକୁ ସହମତ ହୋଇଛନ୍ତି।




## ନୂଆ ନିର୍ବାଚନ କମିଶନର୍ ଦାୟିତ୍ୱ ନେଲେ ଜ୍ଞାନେଶ କୁମାର



**ନୂଆଦିଲ୍ଲୀ,୧୯।୨:** ଦେଶର ନୂଆ ମୁଖ୍ୟ ନିର୍ବାଚନ କମିଶନର ଭାବେ ଦାୟିତ୍ୱ ନେଇଛନ୍ତି ଜ୍ଞାନେଶ କୁମାର । ଜ୍ଞାନେଶ କୁମାରଙ୍କୁ ୨୬ତମ ମୁଖ୍ୟ ନିର୍ବାଚନ କମିଶନର ଭାବେ ନିଯୁକ୍ତି ଦିଆଯାଇଛି । ଏହି ପଦବୀରେ ୨୦୨୯ ମସିହା ଜାନୁଆରୀ ୨୬ ଯାଏ ଦାୟିତ୍ୱରେ ରହିବେ । ଗତକାଲି ସିଇସି ପଦରୁ ଅବସର ନେଇଥିସଲେ ରାଜୀବ କୁମାର । ୧୯୮୮ ବ୍ୟାଚର କେରଳ କ୍ୟାଡର ଆଇଏଏସ ଅଫିସର ଜ୍ଞାନେଶ କୁମାର । ଗତ ବର୍ଷ ମାର୍ଚ୍ଚ ମାସରେ ତାଙ୍କୁ ନିର୍ବାଚନ କମିଶନର ଭାବେ ନିଯୁକ୍ତି ମିଳିଥିଲା । ପୂର୍ବରୁ ସଂସଦୀୟ ବ୍ୟାପାର ମନ୍ତ୍ରାଳୟର ସଚିବ ଭାବେ କାର୍ଯ୍ୟ କରିଥିଲେ । କେନ୍ଦ୍ର ସମବାୟ ମନ୍ତ୍ରାଳୟର ସଚିବ ଭାବେ ଅବସର ଗ୍ରହଣ କରିଥିଲେ । ୨୦୧୯ରେ ଯେତେବେଳେ ଜମ୍ମୁ କଶ୍ମୀରରୁ ଧାରା ୩୭୦ ଉଚ୍ଛେଦ ଘୋଷଣା କରାଗଲା, ସେତେବେଳେ ସେ ଗୃହ ମନ୍ତ୍ରଣାଳୟର ଜମ୍ମୁକଶ୍ମୀର ଡେସ୍କ ଦାୟିତ୍ୱରେ ଥିଲେ । ୨୬ତମ ମୁଖ୍ୟ ନିର୍ବାଚନ କମିଶନର ଭାବରେ କାର୍ଯ୍ୟକାଳ ମଧରେ, ଜ୍ଞାନେଶ କୁମାର ଚଳିତ ବର୍ଷ ଶେଷରେ ବିହାର ବିଧାନସଭା ନିର୍ବାଚନ ଏବଂ ୨୦୨୬ରେ କେରଳ, ପୁଡୁଚେରୀ, ତାମିଲନାଡୁ ଏବଂ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପାଇଁ ଦାୟୀ ରହିବେ । କେନ୍ଦ୍ର ଗୃହ ମନ୍ତ୍ରଣାଳୟରେ କାର୍ଯ୍ୟକାଳ ମଧରେ ଜମ୍ମୁ-କଶ୍ମୀରରେ ସମ୍ବିଧାନର ଧାରା ୩୭୦ର କିଛି ବ୍ୟବସ୍ଥା ଉଚ୍ଛେଦ ପରେ ସେ ନିଷ୍ପତ୍ତି କାର୍ଯ୍ୟକାରୀ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ ଏବଂ ୧୫ ମାର୍ଚ୍ଚ ୨୦୨୪ରେ ନିର୍ବାଚନ କମିଶନର ଭାବରେ ଦାୟିତ୍ୱ ଗ୍ରହଣ କରିଥିଲେ । କାନପୁରର ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଆଇଆଇଟି)ରୁ ସିଭିଲ୍ ଇଞ୍ଜିନିୟରିଂରେ ବି.ଟେକ୍ ସମାପ୍ତ କରିବା ପରେ, ସେ ଆଇସିଏଫ୍ଏଆଇ ରେ ବ୍ୟବସାୟ ଫାଇନାନ୍ସ ଏବଂ ଆମେରିକାର ହାର୍ଭାର୍ଡ ବିଶ୍ୱବିଦ୍ୟାଳୟର ଏଚ୍ଆଇଆଇଡି ରେ ପରିବେଶଗତ ଅର୍ଥନୀତି ଅଧ୍ୟୟନ କରିଥିଲେ ।

## ଆଫଗାନିସ୍ତାନ ସୀମାରେ ପାକ୍ ସେନାକୁ ସଫଳତା, ୩୦ ଆତଙ୍କବାଦୀ ନିହତ

**ନୂଆଦିଲ୍ଲୀ,୧୯।୨:** ଆଫଗାନିସ୍ତାନ ସୀମାରେ ପାକ୍ ସେନାର ବଡ଼ ଅପରେସନ । ୩୦ ଆତଙ୍କବାଦୀ ନିହତ । ଦକ୍ଷିଣ ୱାଜିରସ୍ଥାନରେ ଟିଟିପି ଆତଙ୍କୀଙ୍କୁ ଟାର୍ଗେଟ କରାଯାଇଛି । ଆତଙ୍କବାଦୀ ସଂଗଠନ ବା ଟିଟିପିର କିଛି ସଦସ୍ୟ ଲୁଚିଥିଲେ। ଗୁଇନ୍ଦା ସୂତ୍ରରୁ ଖବର ପାଇ ଅପରେସନ ଆରମ୍ଭ କରିଥିଲା ପାକ ସେନା । ପାକ୍ ସୁରକ୍ଷା ବଳ ଆତଙ୍କୀଙ୍କ ଆଡ୍ଡାରେ ଗୁଳିମାଡ଼ କରିଥିଲେ । ଫଳରେ ପାକ୍ ସେନାକୁ ବଡ ସଫଳତା ମିଳିଛି । ଏହାକୁ ନେଇ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶାହବାଜ ଶରିଫ ଏବଂ ଗଭର୍ଣ୍ଣର ଖୈବର ପତଖୁନଖ୍ୱାରେ ସଫଳ ସୈନ୍ୟ ଅଭିଯାନ ପାଇଁ ପାକିସ୍ତାନ ସୁରକ୍ଷା ବଳକୁ ପ୍ରଶଂସା କରିଛନ୍ତି । ଗତକାଲି କୁମରେମ ଜିଲ୍ଲାରେ ଆତଙ୍କୀମାନେ ଉଦ୍ଧାର ସାମଗ୍ରୀ ନେଇ ଯାଉଥିବା ବେଳେ ଟ୍ରକ ଉପରେ ଆକ୍ରମଣ କରିଥିଲେ । ଏଥିରେ ଜଣେ ଟ୍ରକ ଡ୍ରାଇଭର ଏବଂ ସୁରକ୍ଷା ଅଧିକାରୀଙ୍କ ଜୀବନ ଚାଲିଯାଇଥିଲା । ଘଟଣାରେ ୧୫ ଜଣ ଆହତ ହୋଇଥିଲେ । ଚଳିତବର୍ଷ ଜାନୁଆରୀ ଆରମ୍ଭରୁ ପାକିସ୍ତାନରେ ଲଗାତାର ଆତଙ୍କବାଦୀ ଗତିବିଧି ବଢ଼ିଚାଲିଛି । ଯାହା ଗତବର୍ଷର ଡିସେମ୍ବର ଠାରୁ ୪୨ ପ୍ରତିଶତ ଅଧିକ । ଜବାବରେ ଆତଙ୍କୀ ବିରୋଧୀ ଅଭିଯାନ ଚଳାଇଛି ପାକ ସେନା । ଗତମାସରେ ୧୮୫ ଆତଙ୍କୀ ନିହତ ହୋଇଛନ୍ତି । ସୂଚନାଯୋଗ୍ୟ, ପାକିସ୍ତାନ ୧୬ ତାରିଖ ରାତିରେ ଆଫଗାନିସ୍ତାନ ଉପରେ ଏୟାରଷ୍ଟ୍ରାଇକ କରିଥିଲା । ରିପୋର୍ଟ ମୁତାବକ, ପାକିସ୍ତାନ ଆଫଗାନିସ୍ତାର ପକ୍ତିକା ଏବଂ ବରମଲରେ ଆତଙ୍କବାଦୀ ଆଡ୍ଡା ଉପରେ ଏୟାରଷ୍ଟ୍ରାଇକ କରିଛି । ପାକିସ୍ତାନର ଏୟାର ଷ୍ଟ୍ରାଇକ ଯୋଗୁଁ ୧୦୦ ନାଗରିକଙ୍କ ମୃତ୍ୟୁ ହୋଇଥିଲା । ଏହି ଅଞ୍ଚଳରେ ଥିବା ସାଧାରଣ ନାଗରିକଙ୍କ ଘରେ ବୋମା ମାଡ଼ ହୋଇଥିଲା। ଦକ୍ଷିଣ ବଜିରିସ୍ତାନରେ ରହୁଥିବା ଗୋଟିଏ ପରିବାରର ୮ ଜଣଙ୍କର ଜୀବନ ଚାଲିଯାଇଥିଲା ।

## ଶାଶୂକୁ ମାରିବା ପାଇଁ ମାଷ୍ଟରପ୍ଲାନ୍ କରିଥିଲା ବୋହୂ

● ଡାକ୍ତରଙ୍କୁ ମେଡ଼ିସିନ ପଚାରିବା ପଡ଼ିଲା ମହଙ୍ଗା

**ନୂଆଦିଲ୍ଲୀ,୧୯।୨:** ଶାଶୁକୁ ମାରିବା ପାଇଁ ମାଷ୍ଟରପ୍ଲାନ୍ କରିଥିଲା ବୋହୂ । ବେଙ୍ଗାଲୁରୁରେ ଏକ ଆଶ୍ଚର୍ଯ୍ୟଜନକ ଘଟଣା ସାମ୍ନାକୁ ଆସିଛି । ଯେଉଁଠାରେ ଜଣେ ମହିଳା ତାଙ୍କ ଶାଶୁଙ୍କଠାରୁ ମୁକ୍ତି ପାଇବା ପାଇଁ ଡାକ୍ତରଙ୍କୁ ବିଷାକ୍ତ ଔଷଧ ମାଗିଥିଲେ । ଏହି ଘଟଣା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ମହିଳାଙ୍କ ଦ୍ୱାରା ପଠାଯାଇଥିବା ମେସେଜ୍ ଦେଖିବା ପରେ, ଡାକ୍ତର ମଧ୍ୟ ବିଶ୍ୱାସ କରିପାରିଲେ ନାହିଁ ଯେ କେହି ଏତେ ତଳକୁ ଖସି ଯାଇପାରେ । ତେବେ ସମ୍ପୂର୍ଣ୍ଣ ଘଟଣା ଜାଣିଲେ ଆପଣ ବି ମୁଣ୍ଡରେ ହାତ ଦେବେ । ଜଣେ ଅଜଣା ମହିଳା ବାଙ୍ଗାଲୋରର ଜଣେ ଫେମସ୍ ଡାକ୍ତର ସୁନୀଲ କୁମାରଙ୍କୁ ହ୍ୱାଟସଆପରେ ମେସେଜ୍ କରିଥିଲେ । ସେହି ମେସେଜରେ ମହିଳା ଜଣକ ଲେଖିଥିଲେ, "ମୋ ଶାଶୁଙ୍କୁ ମାରିବା ପାଇଁ ମୋତେ କିଛି ବିଷାକ୍ତ ଔଷଧ ଦରକାର । କଣ ଏଭଳି କିଛି ଔଷଧ ଅଛି ଯାହାକୁ ଖାଇବା ଦ୍ୱାରା ଜଣେ ମରିଯିବ ?" ତେବେ ଏହି ମେସେଜ୍ ପଢ଼ିବା ପରେ ଡାକ୍ତରଙ୍କ ପାଦ ତଳୁ ମାଟି ଖସିଯାଇଥିଲା ଏବଂ ସେ ତୁରନ୍ତ ପୋଲିସକୁ ଏହା ବିଷୟରେ ଜଣାଇଥିଲେ। ଏହି ଘଟଣାକୁ ଏକ ମଜା ଭାବରେ ନେବା ପରିବର୍ତ୍ତେ ଡାକ୍ତର ଏହାକୁ ଗମ୍ଭୀରତାର ସହ ନେଇଥିଲେ ଏବଂ ସଞ୍ଜୟ ନଗର ପୋଲିସ ଷ୍ଟେସନରେ ଅଭିଯୋଗ କରିଥିଲେ । ପୋଲିସ ତଦନ୍ତରୁ ଜଣାପଡିଛି ଯେ ମହିଳା ଜଣକ ଇନଷ୍ଟାଗ୍ରାମ ମାଧ୍ୟମରେ ଡାକ୍ତରଙ୍କ ନମ୍ବର ପାଇଥିଲେ । ପ୍ରଥମେ ସେ ଡାକ୍ତରଙ୍କ ସହ ଔଷଧ ବିଷୟରେ ସାଧାରଣ କଥାବାର୍ତ୍ତା ହୋଇଥିଲେ ଏବଂ ତା'ପରେ ହଠାତ୍ ପଚାରିଲେ, "ଏଭଳି କିଛି ଔଷଧ ଅଛି କି ଯାହାକୁ ଖାଇବା ଦ୍ୱାରା ମଣିଷର ମୃତ୍ୟୁ ହୋଇପାରେ ?" ମହିଳାଙ୍କ ଏଭଳି ପ୍ରଶ୍ନ ଡାକ୍ତରଙ୍କୁ ବିଚଳିତ କରିଦେଇଥିଲା।

## ଅବିଶ୍ୱସନୀୟ: ୭ ମାସର ଶିଶୁକୁ ବଳାତ୍କାର, ଅଭିଯୁକ୍ତଙ୍କୁ ମୃତ୍ୟୁଦଣ୍ଡ



**କୋଲକାତା,୧୯।୨:** ଏକ ଐତିହାସିକ ନିଷ୍ପତ୍ତିରେ, କୋଲକାତାର ଏକ ସ୍ୱତନ୍ତ୍ର କୋର୍ଟ ସାତ ମାସର ଶିଶୁକନ୍ୟାକୁ ନିର୍ମମ ଭାବରେ ବଳାତ୍କାର କରିବା ଅଭିଯୋଗରେ ରାଜୀବ ଘୋଷଙ୍କୁ ମୃତ୍ୟୁଦଣ୍ଡ ଦେଇଛନ୍ତି। ଏହି ଅପରାଧକୁ "ବିରଳରୁ ବିରଳ" ଘୋଷଣା କରି, କୋର୍ଟ ପୀଡିତାଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଭୟଙ୍କର ଘଟଣା୩୦ ନଭେମ୍ବର, ୨୦୨୪ ରେ କୋଲକାତାର ବୁର୍ତୋଲା ଅଞ୍ଚଳରେ ଘଟିଥିଲା। ଶିଶୁଟିର ପିତାମାତା, ଯେଉଁମାନେ ଫୁଟପାଥ ରାସ୍ତାରେ ବାସ କରୁଥିବା ବେଳେ ହଠାତ ଶିଶୁକନ୍ୟା ଜଣକ ନିଖୋଜ ହୋଇଥିବା ଜାଣିବାକୁ ପାଇଥିଲେ। କିଛି ଘଣ୍ଟା ପରେ, ଶିଶୁଟି ଫୁଟପାଥରେ କାନ୍ଦୁଥିବା ଏବଂ ଗୁରୁତର ଆଘାତପ୍ରାପ୍ତ ଅବସ୍ଥାରେ ଠାବ କରିଥିଲେ ପରିବାର ଲୋକେ। ଡାକ୍ତରୀ ପରୀକ୍ଷାରୁ ଯୌନାଙ୍ଗରେ ଆଘାତ ହୋଇଥିବା ଜଣାପଡିଥିଲା ଏବଂ ଏହା ବଳାତ୍କାରକୁ ନିଶ୍ଚିତ କରିଥିଲା। ଘଟଣା ପରେ, ପୋଲିସ ତୁରନ୍ତ ଅଞ୍ଚଳର ସିସିଟିଭି ଫୁଟେଜ୍ ଯାଞ୍ଚ କରି ଅଭିଯୁକ୍ତ ରାଜୀବ ଘୋଷଙ୍କୁ ଚିହ୍ନଟ କରିଥିଲା। ଅପରାଧର କିଛି ଦିନ ପରେ ଗତ ବର୍ଷ ଡିସେମ୍ବର ୪ ତାରିଖରେ ପଶ୍ଚିମବଙ୍ଗର ଝାରଗ୍ରାମରେ ଘୋଷଙ୍କୁ ଗିରଫ କରାଯାଇଥିଲା। ପୋଲିସ ଘଟଣାର ତଦନ୍ତ ୨୬ ଦିନ ମଧ୍ୟରେ ଶେଷ କରି କୋର୍ଟରେ ଚାର୍ଜସିଟ୍ ଦାଖଲ କରିଥିଲା। ୧୭ ଫେବୃଆରୀ, ୨୦୨୫ରେ, କୋର୍ଟ ଘୋଷଙ୍କୁ ପୋକସୋ ଆଇନର ଧାରା ୬ (ଶିଶୁ ଉପରେ ଉତ୍ତେଜିତ ଯୌନ ନିର୍ଯାତନା) ଅନୁଯାୟୀ ଦୋଷୀ ସାବ୍ୟସ୍ତ କରିଥିଲେ।

## ଫୁଟବଲ ମ୍ୟାଚରେ ଅଘଟଣ: ବାଣଫୁଟି ୩୦ ଦର୍ଶକ ଗୁରୁତର




**କେରଳ,୧୯।୨:** ମଲପ୍ପୁରମ ଜିଲ୍ଲାରେ ମଙ୍ଗଳବାର ରାତିର ବଡ ଅଘଟଣ ଘଟିଛି। ଏଠାରେ ଫୁଟବଲ ଟୁର୍ଣ୍ଣାମେଣ୍ଟ ସମୟରେ ବାଣ ଫୁଟିଥିଲା। ହେଲେ ବାଣ ଅନିୟନ୍ତ୍ରିତ ହୋଇ ଦର୍ଶକ ବସୁଥିବା ଗ୍ୟାଲେରୀରେ ପଡିଥିଲା। ଫଳରେ ପାଖାପାଖି ୩୦ ଜଣ ଦର୍ଶକ ଜଳିଯାଇଥିଲେ। ସୂଚନା ମୁତାବକ, ଟୁର୍ଣ୍ଣାମେଣ୍ଟର ଉଦଯାପନୀ ସମୟରେ ଆତସବାଦୀ ହୋଇଥିଲା। ହେଲେ ବାଣରେ ନିଆଁ ଲାଗିବାମାତ୍ରେ ତାହା ଦର୍ଶକଙ୍କ ଗ୍ୟାଲେରୀ ଆଡକୁ ମାଡିଯାଇଥିଲା। ଫଳରେ ଦର୍ଶକ ବାଣ ନିଆଁରେ ପୋଡିଯାଇଥିଲେ। ଏବଂ ଅନ୍ୟ ଦର୍ଶକମାନେ ବିକଳରେ ଦୌଡିବାକୁ ଯାଇଥିଲେ। ଫଳରେ ଦଳଚକଟାରେ ବି କିଛି ଦର୍ଶକ ଆହତ ହୋଇଥିବା ଜଣାପଡିଛି। ଆହତଙ୍କୁ ବିଭିନ୍ନ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏହି ଘଟଣାରେ ୧୬ ବର୍ଷର ପୁଅ ଅଙ୍କନର ମୃତ୍ୟୁ ହୋଇଥିବାବେଳେ ଅନ୍ୟ ୩ ଦର୍ଶକଙ୍କ ଅବସ୍ଥା ଗୁରୁତର ରହିଛି।

## କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀଙ୍କୁ କ୍ଲିନଚିଟ୍

**କର୍ଣ୍ଣାଟକ,୧୯।୨:** ମୁଖ୍ୟମନ୍ତ୍ରୀଙ୍କ ବଡ଼ ଆଶ୍ୱସ୍ତି । ମୁଡା ମାମଲାରେ ସିଦ୍ଧରମୈୟାଙ୍କୁ ମିଳିଲା କ୍ଲିନଚିଟ୍। ମାମଲାର ତଦନ୍ତ କରୁଥିବା ଲୋକାୟୁକ୍ତ ସିଦ୍ଧରମୈୟା ଓ ତାଙ୍କ ପତ୍ନୀ ଏବଂ ସମ୍ପର୍କୀୟଙ୍କୁ କ୍ଲିନଚିଟ ଦେଇଛନ୍ତି । ମହୀଶୁର ଅର୍ବାନ ଡେଭଲପମେଣ୍ଟ ଅଥରିଟି ଅଧୀନସ୍ଥ କୋଟି କୋଟି ଟଙ୍କାର ଜମି ସିଦ୍ଧରମୈୟାଙ୍କ ପତ୍ନୀଙ୍କ ନାଁରେ ହେବା ନେଇ ଅଭିଯୋଗ ରହିଛି। ଗତବର୍ଷ ସେପ୍ଟେମ୍ବର ୨୫ରେ କର୍ଣ୍ଣାଟକ ସ୍ୱତନ୍ତ୍ର ଅଦାଲତ ଲୋକୟାକ୍ତଙ୍କୁ ତଦନ୍ତ କରିବାକୁ ଅନୁମତି ଦେଇଥିଲେ । ୨୭ରେ ସିଦ୍ଧରମୈୟା ଓ ପତ୍ନୀଙ୍କ ନାଁରେ ଏଫଆଇଆର ରୁଜୁ କରିଥିଲା ଲୋକୟୁକ୍ତ। ତେବେ ମାମଲାରେ ମୁଖ୍ୟମନ୍ତ୍ରୀ ଓ ତାଙ୍କ ପତ୍ନୀଙ୍କ ନାଁରେ ଯଥେଷ୍ଟ ପ୍ରମାଣ ନଥିବା କହିଛି ଲୋକାୟୁକ୍ତ । ଦୁର୍ନୀତି ନିବାରଣ କର୍ମ ସ୍ନେହମୟୀ କ୍ରିଷ୍ଣା ଦୁର୍ନୀତି ଅଭିଯୋଗ ଆଣିଥିଲେ ।

## ରମଜାନର ଘଣ୍ଟାଏ ପୂର୍ବରୁ ଅଫିସ ଛାଡିପାରିବେ ମୁସଲିମ୍ କର୍ମଚାରୀ



**ତେଲେଙ୍ଗାନା,୧୯।୨:** ରମଜାନ ମାସ ପୂର୍ବରୁ ମୁସଲିମ କର୍ମଚାରୀଙ୍କ ପାଇଁ ବଡ ଘୋଷଣା କରିଛନ୍ତି ତେଲେଙ୍ଗାନା ସରକାର। ମାର୍ଚ୍ଚ ୨ରୁ ୩୧ ପର୍ଯ୍ୟନ୍ତ ସମସ୍ତ ସରକାରୀ ମୁସଲିମ କର୍ମଚାରୀ ଏକଘଣ୍ଟା ପୂର୍ବରୁ ଘରକୁ ଯାଇପାରିବେ ନିଷ୍ପତି ନିଆଯାଇଛି। ତେବେ କାହିଁକି ଏହି କୋହଳ କରାଗଲା ବୋଲି ପ୍ରଶ୍ନ କରିଛି ବିଜେପି ।ଏହା ଏକ ଭୋଟ ବ୍ୟାଙ୍କ ରଣନୀତି ନା ପ୍ରକୃତରେ ମୁସଲିମ ଭାଇ-ଭଉଣୀଙ୍କ ପ୍ରତି ସଦଭାବନା ବୋଲି ବିଜେପି ପଚାରିଛି । ଏହାକୁ ତୁଷ୍ଟିକରଣ ରାଜନୀତିର ନାଁ ଦେଇଛି ବିଜେପି । ଯଦି ମୁସଲିମ କର୍ମଚାରୀଙ୍କୁ ଏଭଳି ସୁବିଧା ମିଳୁଛି ତେବେ ହିନ୍ଦୁଙ୍କ ଶିବରାତ୍ରୀ ଉପାସ ବା ଅନ୍ୟାନ୍ୟ ଉତ୍ସବରେ ସରକାର କାହିଁକି ଦେଉନାହାଁନ୍ତି ବୋଲି ପ୍ରଶ୍ନ ପଚାରିଛି ।କର୍ମକ୍ଷେତ୍ରରେ ସମସ୍ତଙ୍କ ପାଇଁ ସମାନ କୋହଳ ମନୋଭାବ ଆପଣାନ୍ତୁ ବୋଲି ରେଭନ୍ତ ରେଡ୍ଡୀ ସରକାରଙ୍କ ଦାବି ଜଣାଇଛି ପ୍ରଦେଶ ବିଜେପି ତେବେ ଘଟଣାରେ ନୂଆ ଟୁଇଷ୍ଟ ଆସିଛି ।

## ୨୦୨୮ରେ ପାକିସ୍ତାନର ଚନ୍ଦ୍ରମା ରୋଭର୍ ମିଶନ

**ଇସଲାମାବାଦ/ବେଜିଂ,୧୯।୨:** ପାକିସ୍ତାନର ମହାକାଶ ସଂସ୍ଥା ସୁପାରକୋ ଘୋଷଣା କରିଛି ଯେ ପାକିସ୍ତାନର ପ୍ରଥମ ଚନ୍ଦ୍ରମା ରୋଭର ମିଶନ ୨୦୨୮ରେ ଆରମ୍ଭ ହେବାକୁ ଯାଉଛି। ପାକିସ୍ତାନ ଏବଂ ଚାଇନା ମଧ୍ୟରେ ମହାକାଶ ସହଯୋଗ ଅଧୀନରେ ଏହି ଐତିହାସିକ ପଦକ୍ଷେପ ନିଆଯାଇଛି। ଏହି ମିଶନ ଅଧୀନରେ, ପାକିସ୍ତାନର ଚନ୍ଦ୍ରମା ରୋଭର ଚାଇନାର ଚାଙ୍ଗ'ଇ ୮ ମିଶନର ଏକ ଅଂଶ ହେବ, ଯାହା ଚନ୍ଦ୍ରର ଦକ୍ଷିଣ ମେରୁରେ ରୋବୋଟିକ ଅନୁସନ୍ଧାନ ଉପରେ ଧ୍ୟାନ ଦେବ। ଚାଇନାର ଚାଙ୍ଗ'ଇ ୯ମିଶନର ଅଂଶ ଭାବରେ ପାକିସ୍ତାନର ଚନ୍ଦ୍ରମା ରୋଭର ମିଶନ ଉତକ୍ଷେପଣ କରାଯିବ। ଦୁଇ ଦେଶ ଏହି ପ୍ରକଳ୍ପ ପାଇଁ ଏକ ବୁଝାମଣାପତ୍ର (ଏମ୍ଓୟୁ) ସ୍ୱାକ୍ଷର କରିଛନ୍ତି, ଯାହା ମହାକାଶ ଅନୁସନ୍ଧାନରେ ସେମାନଙ୍କର ବର୍ଦ୍ଧିତ ସହଯୋଗକୁ ପ୍ରତିଫଳିତ କରେ। ଚାଙ୍ଗ'ଇ ୮ମିଶନର ଲକ୍ଷ୍ୟ ଚନ୍ଦ୍ରର ଦକ୍ଷିଣ ମେରୁର ବିସ୍ତୃତ ଅନୁସନ୍ଧାନ କରିବା, ଏବଂ ପାକିସ୍ତାନର ରୋଭର ଏହି ମିଶନର ଏକ ଅବିଚ୍ଛେଦ୍ୟ ଅଂଶ ହେବ। ଏହି ମିଶନ ପ୍ରତି ଜନସାଧାରଣଙ୍କ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିବା ପାଇଁ, ସୁପାରକୋ ଏକ ଦେଶବ୍ୟାପୀ ପ୍ରତିଯୋଗିତା ଘୋଷଣା କରିଛି।




## ଅଗ୍ନିବୀର ନିଯୁକ୍ତିରେ ବଡ଼ ପରିବର୍ତ୍ତନ ▶ ଗୋଟିଏ ଫର୍ମରେ ୨ ପଦ ପାଇଁ ଆବେଦନ

**ନୂଆଦିଲ୍ଲୀ,୧୯।୨:** ଭାରତୀୟ ସେନା ଅଗ୍ନିବୀର ନିଯୁକ୍ତି ପ୍ରକ୍ରିୟାରେ ଏକ ବଡ଼ ପରିବର୍ତ୍ତନ କରିଛି। ଏବେ ପ୍ରାର୍ଥୀମାନେ ଗୋଟିଏ ଫର୍ମରେ ଦୁଇଟି ପଦବୀ ପାଇଁ ଆବେଦନ କରିପାରିବେ, କିନ୍ତୁ ଉଭୟ ପଦବୀ ପାଇଁ ପୃଥକ ଭାବରେ ଲିଖିତ ପରୀକ୍ଷା ଦେବାକୁ ପଡିବ। ଏପର୍ଯ୍ୟନ୍ତ ଅଗ୍ନିବୀର ନିଯୁକ୍ତି ପାଇଁ ଭିନ୍ନ ଭିନ୍ନ ପଦବୀ ପାଇଁ ପୃଥକ ପୃଥକ ଫର୍ମ ପୂରଣ କରିବାକୁ ପଡୁଥିଲା। ତେବେ ଆସନ୍ତୁ ଜାଣିବା ଅଗ୍ନିବୀର ନିଯୁକ୍ତି ପାଇଁ ଆବେଦନ ପ୍ରକ୍ରିୟା କେବେ ଆରମ୍ଭ ହେବ: ସେନା ଅଗ୍ନିବୀର ନିଯୁକ୍ତି ଅଧୀନରେ, ଜେନେରାଲ ଡ୍ୟୁଟି, ଟେକ୍ନିସିଆନ, ଟ୍ରେଡସମ୍ୟାନ ଏବଂ କ୍ଲର୍କ ପଦବୀ ପାଇଁ ନିଯୁକ୍ତି କରାଯିବ। ପୂର୍ବରୁ ପ୍ରାର୍ଥୀମାନେ କେବଳ ଗୋଟିଏ ପଦବୀ ପାଇଁ ଆବେଦନ କରିବାକୁ ଅନୁମତି ଥିଲା, ଯାହାକୁ ଏବେ ପରିବର୍ତ୍ତନ କରାଯାଇଛି। ସେନା ନିଯୁକ୍ତି କାର୍ଯ୍ୟାଳୟ ପିଥୋରାଗଡ଼ ଦ୍ୱାରା ଜାରି ସୂଚନା ଅନୁଯାୟୀ, ପ୍ରାର୍ଥୀମାନେ ଗୋଟିଏ ଫର୍ମରେ ଦୁଇଟି ପଦବୀ ପାଇଁ ଆବେଦନ କରିପାରିବେ, କିନ୍ତୁ ଉଭୟ ପଦବୀ ପାଇଁ ପୃଥକ ଭାବରେ ଲିଖିତ ପରୀକ୍ଷା ଦେବାକୁ ପଡିବ। ସେହଭଳି ଉଭୟ ପଦବୀ ପାଇଁ ଶାରୀରିକ ଦକ୍ଷତା ପରୀକ୍ଷା କେବଳ ଥରେ ଦେବାକୁ ପଡିବ। ଏହି ମାସ ଶେଷ ସୁଦ୍ଧା ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇପାରେ। ଅଗ୍ନିବୀର ନିଯୁକ୍ତି ୨୦୨୫: ପ୍ରଥମେ ପରୀକ୍ଷା ଦେବାକୁ ପଡିବ ସେନା ପକ୍ଷରୁ ଅଗ୍ନିବୀର ନିଯୁକ୍ତି ପ୍ରକ୍ରିୟାରେ ପରିବର୍ତ୍ତନ କରାଯାଇଛି। ଏବେ ପ୍ରଥମେ ପ୍ରାର୍ଥୀମାନଙ୍କୁ ଏକ ଲିଖିତ ପରୀକ୍ଷା ଦେବାକୁ ପଡିବ ଏବଂ ଏଥିରେ ସଫଳ ହୋଇଥିବା ବ୍ୟକ୍ତିମାନେ ହିଁ ନିଯୁକ୍ତି ରାଲିରେ ଅଂଶଗ୍ରହଣ କରିପାରିବେ। ନିଯୁକ୍ତି ରାଲିରେ ଭିଡ଼ କମ୍ କରିବା ପାଇଁ ଏହା କରାଯାଇଛି। ଏହି ପରିବର୍ତ୍ତନ ୨୦୨୪ ମସିହାରେ ସେନା ଦ୍ୱାରା କରାଯାଇଥିଲା। ଏ ସମ୍ପର୍କରେ ଅଧିକ ସୂଚନା ପାଇଁ, ଆପଣ ଭାରତୀୟ ସେନାର ଅଫିସିଆଲ ୱେବସାଇଟ ପରିଦର୍ଶନ କରିପାରିବେ। ଅଗ୍ନିବୀର ଭାରତୀ ୨୦୨୫: ପୂର୍ବତନ ଅଗ୍ନିବୀରମାନେ କେଉଁଠାରୁ ରିହାତି ପାଆନ୍ତି ? ରାଜସ୍ଥାନ, ହରିୟାଣା ଏବଂ ଉତ୍ତର ପ୍ରଦେଶ ସମେତ ଅନେକ ରାଜ୍ୟରେ ପୋଲିସ ନିଯୁକ୍ତିରେ ପୂର୍ବତନ ଅଗ୍ନିବୀରମାନଙ୍କୁ ଛାଡ଼ ପ୍ରଦାନ କରିବାର ବ୍ୟବସ୍ଥା କରାଯାଇଛି। ଏବେ ପୂର୍ବତନ ଅଗ୍ନିବୀରମାନଙ୍କୁ ମଧ୍ୟ ରାଜସ୍ଥାନ ଅଗ୍ନିଶମ ସେବାରେ ସଂରକ୍ଷଣ ଦିଆଯିବ। ଏହା ବ୍ୟତୀତ ସିଆରପିଏଫ୍, ବିଏସ୍ଏଫ୍,ଆଇଟିବିପି ସମେତ ଅର୍ଦ୍ଧସାମରିକ ବାହିନୀର ନିଯୁକ୍ତିରେ ୧୦ ପ୍ରତିଶତ ପଦବୀ ସଂରକ୍ଷଣ କରାଯାଇଛି।



## ମହାକୁମ୍ଭରେ ରାହୁଲଙ୍କ ଯୋଗଦାନ କାର୍ଯ୍ୟକ୍ରମ ନାହିଁ



**ନୂଆଦିଲ୍ଲୀ,୧୯।୨:** ଲୋକ ସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ତାଙ୍କ ସଂସଦୀୟ କ୍ଷେତ୍ର ରାୟବରେଲିକୁ ଦୁଇ ଦିନିଆ ଗସ୍ତରେ ଯାଉଛନ୍ତି, ସେଠାରେ ସେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ। ଏ ସମ୍ପର୍କରେ ଆମେଠି ଏମପି କେ.ଏଲ. ଶର୍ମା ତାଙ୍କ କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଥିଲେ। କେଏଲ ଶର୍ମା ମଧ୍ୟ ସଙ୍ଗମ ନଗରୀ ପ୍ରୟାଗରାଜରେ ହେଉଥିବା ମହାକୁମ୍ଭରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ସ୍ନାନ କରିବାକୁ ଯିବେ କି ନାହିଁ ସେ ବିଷୟରେ ସୂଚନା ଦେଇଥିଲେ। ଆମେଠି ଏମପି କେ.ଏଲ. ଶର୍ମା କହିଛନ୍ତି, 'ରାହୁଲ ଗାନ୍ଧୀ ପ୍ରଥମେ ଲକ୍ଷ୍ନୌ ବିମାନବନ୍ଦରରୁ ଦଳୀୟ କାର୍ଯ୍ୟାଳୟକୁ ଯିବେ ଏବଂ କର୍ମୀମାନଙ୍କୁ ଭେଟିବେ। ସେ ବିଭିନ୍ନ ଅଞ୍ଚଳର ମହିଳାଙ୍କ ସହ ଆଲୋଚନା କରିବେ। ପରଦିନ ସେ ପ୍ରତିନିଧିମଣ୍ଡଳୀଙ୍କୁ ଭେଟିବେ।' ସେ କହିଛନ୍ତି, ରାହୁଲ ଗାନ୍ଧୀ ମହାକୁମ୍ଭରେ ଅଂଶଗ୍ରହଣ କରିବାର କୌଣସି ଯୋଜନା ନାହିଁ। ଆମେ ଏପର୍ଯ୍ୟନ୍ତ ଆମ କାର୍ଯ୍ୟକ୍ରମରେ ଏପରି କିଛି କାର୍ଯ୍ୟକ୍ରମ ଯୋଡି ନାହୁଁ। ରାହୁଲ ଗାନ୍ଧୀ ମହାକୁମ୍ଭ ଯିବା ଆଲୋଚନାକୁ ନେଇ ରାଜନୈତିକ ବୟାନବାଜି ତୀବ୍ର ହୋଇଛି। ମହାକୁମ୍ଭରେ ସ୍ନାନ କରିବା ପାଇଁ ସାରା ବିଶ୍ୱରୁ ଭକ୍ତମାନେ ପ୍ରୟାଗରାଜରେ ପହଞ୍ଚିଛନ୍ତି। ମହାକୁମ୍ଭ ଶେଷ ହେବାକୁ ଆଉ କିଛି ଦିନ ବାକି ଅଛି। ଏହା ୨୬ ମାର୍ଚ୍ଚରେ ଶେଷ ହେଉଛି। ପୂର୍ବରୁ ଉତ୍ତର ପ୍ରଦେଶ କଂଗ୍ରେସ ରାଜ୍ୟ ସଭାପତି ଅଜୟ ରାୟ କହିଥିଲେ ଯେ ରାହୁଲ ଗାନ୍ଧୀ ଏବଂ ପ୍ରିୟଙ୍କା ଗାନ୍ଧୀ ସ୍ନାନ ପାଇଁ ମହାକୁମ୍ଭ ଯିବେ। ଅଜୟ ରାୟ କହିଥିଲେ, କଂଗ୍ରେସ ନେତାମାନେ ପୂର୍ବରୁ ମଧ୍ୟ କୁମ୍ଭ ଯାଉଛନ୍ତି।

## ନିଜ ଛୁଆକୁ ମାରିବା ପରେ ଜୀବନ ହାରିଲା ମା

**ବେଙ୍ଗାଲୁରୁ,୧୯।୨:** ଆଜିକାଲି କଣ ସବୁ ନଦେଖିବାକୁ ମିଳୁଛି ଏଇ ସମାଜରେ । ପ୍ରତିଦିନ ଆମ ଚାଲିପାଖରେ ଘଟିଚାଲିଛି ଅପରାଧ । ଯାହା ଥମିବାର ନା ହିଁ ଧରୁନି । ଖାସ୍ କରି ଏହି ଅପରାଧ ସବୁ ନିଜ ପରିବାର ଭିତରେ ହିଁ ଘଟୁଛି । କେଉଁଠି ଭାଇ ଭାଇକୁ ମାରୁଛି ତ, କେଉଁଠି ସ୍ୱାମୀ ସ୍ତ୍ରୀକୁ ମାରୁଛି । କିଏ ନିଜ ବାପା ମାଆକୁ ଜୀବନକୁ ମାରିଦେଉଛି ତ କିଏ ପାରିବାରିକ ଅଶାନ୍ତି କାରଣରୁ ନିଜ କଅଁଳ ଛୁଆକୁ ମାରି ଶୁଆଇ ଦେଉଛି । ଏଭଳି ଏକ ଛାତିଥରା ଘଟଣା ପୁଣି ସାମ୍ନାକୁ ଆସିଛି । ନିଜ ଛୁଆକୁ ହତ୍ୟା କରିବା ପରେ ନିଜେ ଜୀବନ ହାରିଛି ମାଆ। ବେଙ୍ଗାଲୁରୁରେ ଘଟିଛି ଏହି ଅଭାବନୀୟ ଘଟଣା। ହତ୍ୟା ପରେ ନିଜେ ଜୀବନ ହାରିବା ନେଇ ଏକ ଭୟଙ୍କର ଘଟଣା ପୁଣି ସାମ୍ନାକୁ ଆସିଛି । ଜଣେ ୩୪ ବର୍ଷୀୟା ମହିଳା ନିଜ ୪ ବର୍ଷର ଝିଅକୁ ହତ୍ୟା କରିବା ପରେ ନିଜେ ନେଇଛନ୍ତି ଚରମ ପଦକ୍ଷପ । ମୃତ୍ୟୁ ପୂର୍ବରୁ ଏକ ନୋଟରେ ସେ ଲେଖିଛନ୍ତି ଯେ ତାଙ୍କ ସ୍ୱାମୀ ତାଙ୍କୁ ସବୁବେଳେ ହଇରାଣ କରୁଥିଲେ । ତାଙ୍କର ଅନ୍ୟ ଜଣେ ମହିଳାଙ୍କ ସହିତ ଅବୈଧ ସମ୍ପର୍କ ରହିଛି । ଯେତେବେଳେ ସେ ଏହାର ପ୍ରତିବାଦ କରୁଥିଲେ, ସେ ଯୌତୁକ ଦାବି କରି ତାଙ୍କ ସହିତ ଝଗଡ଼ା କରୁଥିଲେ । ଏହି ଘଟଣା ସାମ୍ନାକୁ ଆସିବା ପରେ ପୋଲିସ୍ ଏହି ମାମଲାର ତଦନ୍ତ କରୁଛି । ସୂଚନା ଅନୁଯାୟୀ, ଘଟଣାଟି ରବିବାର ସନ୍ଧ୍ୟାରେ ନାଗାସାନ୍ଦ୍ରାର ରାମୈୟା ଲେଆଉଟରେ ଘଟିଛି । ପୀଡିତାଙ୍କ ନାମ ସ୍ମୃତି ବୋଲି କୁହାଯାଉଛି । ଯିଏ ପାବାଗଡା ଗ୍ରାମ ପଞ୍ଚାୟତର ଅଧ୍ୟକ୍ଷା ଥିଲେ । ଏହି ଘଟଣା ଘଟିବା ସମୟରେ ତାଙ୍କ ସ୍ୱାମୀ ଘରେ ଉପସ୍ଥିତ ନଥିଲେ । ସେ ପ୍ରଥମେ ତାଙ୍କ ଝିଅ ରୋଶନିକୁ ଏକ ସ୍କାର୍ଫ ସାହାଯ୍ୟରେ ହତ୍ୟା କରିଥିଲେ । ଏହାପରେ ନିଜେ ଜୀବନ ହାରିଥିଲେ । ଘଟଣାସ୍ଥଳରୁ ଏକ ନୋଟ୍ ଜବତ ହୋଇଥିବା । ଜଣେ ବରିଷ୍ଠ ପୋଲିସ ଅଧିକାରୀ କହିଛନ୍ତି ଯେ ଉକ୍ତ ନୋଟ୍ ରେ ଅନେକ କିଛି ଗୁମରର ଖୁଲାସା ହୋଇଛି । ମହିଳା ତାଙ୍କ ନୋଟରେ ଲେଖିଛନ୍ତି ଯେ ତାଙ୍କ ସ୍ୱାମୀ ତାଙ୍କୁ ଯୌତୁକ ପାଇଁ ହଇରାଣ କରୁଥିଲେ । ତାଙ୍କର ଅନ୍ୟ ଜଣେ ମହିଳାଙ୍କ ସହିତ ଅବୈଧ ସମ୍ପର୍କ ଥିଲା । ପ୍ରାଥମିକ ତଦନ୍ତରୁ ପୋଲିସ୍ ଜାଣିବାକୁ ପାଇଛି ଯେ, ମହିଳା ଜଣଙ୍କ ୨୦୧୪ ମସିହାରେ ଗୋପାଳକୃଷ୍ଣ ନାମକ ବ୍ୟକ୍ତିଙ୍କୁ ବିବାହ କରିଥିଲେ । ସେମାନଙ୍କ ମଧ୍ୟରେ ପ୍ରଥମରୁ ତିକ୍ତ ସମ୍ପର୍କ ରହି ଆସିଥିଲା । ଅଡିଟର ଭାବରେ କାମ କରୁଥିବା ଗୋପାଳକୃଷ୍ଣଙ୍କର ଅନ୍ୟ ଜଣେ ମହିଳାଙ୍କ ସହିତ ସମ୍ପର୍କ ଥିଲା । ଏହି କାରଣରୁ ସେମାନଙ୍କ ମଧ୍ୟରେ ପ୍ରାୟତଃ ଝଗଡ଼ା ହେଉଥିଲା । ଯାହା ପାରିବାରିକ ଅଶାନ୍ତିରେ ପରିଣତ ହୋଇଥିଲା । ମହିଳାଙ୍କ ପରିବାରର ଅଭିଯୋଗ ଅନୁଯାୟୀ, ପୋଲିସ୍ ଅଭିଯୁକ୍ତ ଗୋପାଳକୃଷ୍ଣଙ୍କ ବିରୋଧରେ ଏଭଳି ଏକ ଅଘଟକୁ ପ୍ରୋତ୍ସାହନ ଦେବା ଭଳି ଅଭିଯୋଗ କରିବା ସହ ଏକ ମାମଲା ରୁଜୁ କରିଛନ୍ତି । ଏହି ମାମଲାରେ ଅଧିକ ତଦନ୍ତ ଚାଲିଛି । ମହିଳାଙ୍କ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି । ଏହି ଘଟଣାରେ ମହିଙ୍କ ସ୍ୱାମୀ ଏବଂ ତାଙ୍କ ସହ ସମ୍ପର୍କ ଥିବା ମହିଳାଙ୍କୁ ପଚରାଉଚରା କରିବା ପାଇଁ ପ୍ରସ୍ତୁତି ଚାଲିଛି । ଆପଣଙ୍କୁ କହି ରଖୁଛୁ ଯେ ଗତ ମାସରେ ମଧ୍ୟ ସମାନ ଘଟଣା ସାମ୍ନାକୁ ଆସିଥିଲା, ଯେଉଁଥିରେ ପିତାମାତା ସେମାନଙ୍କ ପିଲାମାନଙ୍କୁ ହତ୍ୟା କରିବା ପରେ ନିଜେ ମୃତ୍ୟୁର ବାଟକୁ ଆପଣାଇ ନେଇଥିଲେ ।

## ମହାକୁମ୍ଭକୁ ନେଇ ତେଜୁଛି ରାଜନୀତି

## ଯୋଗୀଙ୍କ ଅଭିଯୋଗ: ବଦନାମ ପାଇଁ ହେଉଛି ଷଡ଼ଯନ୍ତ୍ର

**ଉତରପ୍ରଦେଶ,୧୯।୨:** ମହାକୁମ୍ଭରେ ଗୋଟିଏ ପରେ ଗୋଟିଏ ଅଘଟଣ ଘଟୁଛି । କେବେ ଦଳାଚକଟା ତ ପୁଣି କେବେ ଅଗ୍ନିକାଣ୍ଡ। ଆଉ କେବେ ପ୍ରୟାଗରାଜରେ ପହଁଚିବା ପୂର୍ବରୁ ଷ୍ଟେସନରେ ଚାଲିଛି ଶ୍ରଦ୍ଧାଳୁଙ୍କ ଜୀବନ । ଲଗାତାର ଘଟୁଥିବା ଗୋଟିଏ ପରେ ଗୋଟିଏ ଅଘଟଣକୁ ନେଇ ଉତରପ୍ରଦେଶ ସରକାରଙ୍କୁ ଦାୟୀ କରି ଆସୁଛନ୍ତି ବିରୋଧୀ। ଆଜି ଏହାର ଜବାବ ଦେଇ ସମାଲୋଚକଙ୍କ ମୁହଁ ଚୁପ କରିଛନ୍ତି ୟୁପି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ । ଆସ୍ଥାର କାଯ୍ୟକ୍ରମରେ ବଦନାମ କରିବା ଏକ ତୁଚ୍ଛ ରାଜନୀତି ବୋଲି କହିଛନ୍ତି ଯୋଗୀ ଅନ୍ୟପଟେ ତ୍ରିବେଣୀ ସଙ୍ଗମ ଜଳ ପ୍ରଦୁଷିତ ହେଉଥିବା, ବ୍ୟାକ୍ଟେରିଆର ବଢ଼ୁଥିବା ନେଇ ଯେଉଁ ରିପୋର୍ଟ ଦେଇଛି କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ତାକୁ ଖାରଜ କରିଛନ୍ତି ଉତରପ୍ରଦେଶ ସରକାର । ଏପରିକି ଆଜି ଗୃହରେ ଟେଷ୍ଟ ରିପୋର୍ଟ ଉପସ୍ଥାପନ କରିଛନ୍ତି। ମହାକୁମ୍ଭ ପରି ବିଶାଳ ଓ ଭବ୍ୟ ଆୟୋଜନ ପୂର୍ବ ସରକାର କେବେବି କରିନଥିଲେ କିନ୍ତୁ ବିଜେପି ସରକାର ସଫଳତାର ସହ ଆୟୋଜନ କରିବାକୁ ନେଇ ବିରୋଧୀ ଇର୍ଷାନିତ୍ୱ ହେଉଥିବା କହିଛନ୍ତି ଯୋଗୀ । ସେପଟେ ୟୁପି ସରକାର ନିଜ ବିଫଳତା ଲୁଚାଉଥିବା କହି ଟାର୍ଗେଟ କରିଛନ୍ତି ସପା ଓ ଟିଏମସି ଜାନୁଆରୀ ୧୩ରୁ ଆରମ୍ଭ ହୋଇଥିବା ମହାକୁମ୍ଭ ଫେବୃଆ ୨୬ରେ ଶେଷ ହେବ । ଏହା ଭିତରେ ଭିଭିଆଇପି ବ୍ୟକ୍ତିବିଶେଷଙ୍କ ସହ ବିରୋଧୀ ଦଳ ନେତାମାନେ ପହଁଚି ତ୍ରିବେଣୀ ସଙ୍ଗମରେ ବୁଡ ପକାଉଛନ୍ତି ।



# ଉଦ୍‌ଘାଟନୀ ମ୍ୟାଚ୍‌ରେ ପାକିସ୍ତାନକୁ ମାତ୍‌ଦେଲା ନ୍ୟୁଜିଲାଣ୍ଡ୍




କରାଚୀ,୧୯।୨(ସଂଚାର ବ୍ୟୁରୋ): ଆଜିଠାରୁ ଏଠାରେ ଚାମ୍ପିଅନ୍ସ ଟ୍ରଫି ଆରମ୍ଭ ହୋଇଥିବା ବେଳେ ଉଦ୍‌ଘାଟନୀ ମ୍ୟାଚ୍‌ରେ ଆୟୋଜକ ପାକିସ୍ତାନ ୬୦ ରନ୍‌ରେ ପରାସ୍ତ ହୋଇଛି। ପ୍ରଥମେ ବ୍ୟାଟିଂ ପାଇଥିବା ନ୍ୟୁଜିଲାଣ୍ଡ୍ ଦୁଇଟି ଶତକୀୟ ଇନିଂସ ସହାୟତାରେ ୫ ୱିକେଟ୍ ବିନିମୟରେ ୩୨୦ ରନ୍ କରିଥିଲା। ଏହାର ଜବାବରେ ପାକିସ୍ତାନ ୪୭.୨ ଓଭର୍‌ରେ ୨୬୦ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ୧୦୪ ବଲ୍‌ରେ ୧୦ଟି ଚୌକା ଓ ୩ଟି ଛକା ସହ ୧୧୮ ରନ୍ କରିଥିବା ଟମ୍ ଲାଥାମ୍ ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ନ୍ୟୁଜିଲାଣ୍ଡ୍ ପକ୍ଷରୁ ଡେଭନ୍ କୋନ୍‌ୱେ ୧୦, କେନ୍ ୱିଲିୟମ୍‌ସନ୍ ୧ ଓ ଡାରିଲ୍ ମିଚେଲ୍ ୧୦ ରନ୍ କରି ଆଉଟ୍ ହେବା ପରେ ଅନ୍ୟତମ ଓପନର ୱିଲ୍ ୟଙ୍ଗ୍ ଓ ଲାଥାମ୍‌ଙ୍କ ମଧ୍ୟରେ ଚତୁର୍ଥ ୱିକେଟ୍‌ରେ ୧୧୮ ରନ୍‌ର ଭାଗୀଦାରୀ ହୋଇଥିଲା। ଇତିମଧ୍ୟରେ ୟଙ୍ଗ୍ ତାଙ୍କର ଶତକୀୟ ଇନିଂସ ପୂରଣ କରିବା ସହ ୧୨ଟି ଚୌକା ଓ ଗୋଟିଏ ଛକା ସହ ୧୦୭ ରନ୍‌ରେ ଆଉଟ୍ ହୋଇଥିଲେ। ଏହାଛଡ଼ା ଗ୍ଲେନ୍ ଫିଲିପ୍‌ସ ମାତ୍ର ୩୯ ବଲ୍‌ରେ ୩ଟି ଚୌକା ଓ ୪ଟି ଛକା ସହ ୬୧ ରନ୍ କରିବା ସହ ଅପରାଜିତ ଥିବା ଲାଥାମ୍‌ଙ୍କ ସାଥୀରେ ଷଷ୍ଠ ୱିକେଟ୍‌ରେ ୧୨୫ ରନ୍ ଯୋଡ଼ିଥିଲେ। ଏହି ଭାଗୀଦାରୀ ଅବସରରେ ଲାଥାମ୍ ଦିନିକିଆ କ୍ରିକେଟ୍‌ରେ ତାଙ୍କର ଷଷ୍ଠ ଶତକ ପୂରଣ କରିଥିଲେ। ପାକିସ୍ତାନ ପକ୍ଷରୁ ନସୀମ୍ ଶାହ ଓ ହ୍ୟାରିସ୍ ରୌଫ୍ ୨ଟି ଲେଖାଏଁ ଏବଂ ଅବରାର୍ ଅହମ୍ମଦ ଗୋଟିଏ ୱିକେଟ୍ ନେଇଛନ୍ତି। ବ୍ୟାଟିଂରେ ପାକିସ୍ତାନ କ୍ରମାଗତ ବ୍ୟବଧାନରେ ୱିକେଟ୍‌ମାନ ହରାଇବା ଫଳରେ ବିଜୟ ଲକ୍ଷ୍ୟଠାରୁ ଢେର୍ ଦୂରରେ ରହିଯାଇଥିଲା। ଦଳର ଦୁଇ ଜଣ ବ୍ୟାଟ୍ସମ୍ୟାନ୍ ଓପନର ବାବର୍ ଆଜମ୍ ଓ ଖୁଶଦିଲ୍ ଶାହ ଯଥାକ୍ରମେ ୬୪ ଓ ୬୯ ରନ୍ କରିଥିବା ବେଳେ ସଲମାନ୍ ଆଗା ୪୨ ରନ୍‌ର ଯୋଗଦାନ ଦେଇଥିଲେ। ବାବର୍‌ଙ୍କ ଇନିଂସରେ ୬ଟି ଚୌକା ଓ ଗୋଟିଏ ଛକା ଏବଂ ଖୁଶଦିଲ୍‌ଙ୍କ ଇନିଂସରେ ୧୦ଟି ଚୌକା ଓ ଗୋଟିଏ ଛକା ରହିଥିଲା। ଏହାଛଡ଼ା ଫାଖର୍ ଜମାନ୍ ୨୪ ରନ୍ କରିଥିଲେ। ନ୍ୟୁଜିଲାଣ୍ଡ୍ ପକ୍ଷରୁ ୱିଲିୟମ୍ ଓରୁର୍‌କେ ଓ ଅଧିନାୟକ ମିଚେଲ୍ ସାଣ୍ଟନର୍ ୩ଟି ଲେଖାଏଁ, ମ୍ୟାଟ୍ ହେନ୍‌ରୀ ୨ଟି ଏବଂ ମାଇକେଲ୍ ବ୍ରେସ୍‌ୱେଲ୍ ଓ ନାଥନ୍ ସ୍ମିଥ୍ ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ।

## କୈଫଙ୍କ ହ୍ୱାଟ୍ସଆପ୍ ଆକାଉଣ୍ଟ ହ୍ୟାକ୍



ନୂଆଦିଲ୍ଲୀ,୧୯।୨: ଟିମ ଇଣ୍ଡିଆର ପୂର୍ବତନ ଖେଳାଳି ମହମ୍ମଦ କୈଫ ବଡ଼ ଅଡୁଆରେ ଫସି ଯାଇଛନ୍ତି। ତାଙ୍କର ହ୍ୱାଟ୍ସଆପ୍ ଆକାଉଣ୍ଟ ହ୍ୟାକ୍ ହୋଇଯାଇଛି। ସେ ଇନଷ୍ଟାଗ୍ରାମରେ ଏକ ପୋଷ୍ଟ ଶେୟାର କରି ପ୍ରଶଂସକମାନଙ୍କୁ ଏହି ସୂଚନା ଦେଇଛନ୍ତି। ଏହା ବ୍ୟତୀତ ସେ ଏକ ଅପିଲ ମଧ୍ୟ କରିଛନ୍ତି। ମହମ୍ମଦ କୈଫ ଇନଷ୍ଟାଗ୍ରାମରେ ଏକ ପୋଷ୍ଟ ଶେୟାର କରି ଲେଖିଛନ୍ତି, 'ନମସ୍କାର, ମୋର ହ୍ୱାଟ୍ସଆପ୍ ହ୍ୟାକ୍ ହୋଇଯାଇଛି।' ଆପଣଙ୍କୁ ଅନୁରୋଧ କରୁଛି ଯେ କୌଣସି ଗୁରୁତ୍ୱପୂର୍ଣ୍ଣ ସୂଚନା ଶେୟାର କରନ୍ତୁ ନାହିଁ ଏବଂ କାହାକୁ ବିଶ୍ୱାସ କରନ୍ତୁ ନାହିଁ। ମୋ ହ୍ୱାଟ୍ସଆପ୍ ରୁ ଭୁଲ ସୂଚନା ଯାଉଛି। ଧନ୍ୟବାଦ।' କହିରଖୁଛୁ,ପ୍ରତିଦିନ କୋଟି କୋଟି ବ୍ୟବହାରକାରୀ ଏହି ଆପ୍‌ରେ ସକ୍ରିୟ ରହୁଛନ୍ତି। ଏହି କାରଣରୁ ହ୍ୟାକର୍ସମାନେ ଏହି ଆପକୁ ନିଜର ନୂଆ ଠିକଣା କରିନେଇଛନ୍ତି। ତେବେ ଏହା ପ୍ରଥମ ଥର ନୁହେଁ, ଏହା ପୂର୍ବରୁ ମଧ ଅନେକ ବଡ଼ ଖେଳାଳିଙ୍କୁ ଏପରି ସମସ୍ୟାର ସମ୍ମୁଖୀନ ହେବାକୁ ପଡିଛି। କିନ୍ତୁ ଏଥର ମହମ୍ମଦ କୈଫ ଅସୁବିଧାରେ ପଡ଼ିଛନ୍ତି।

## ଆଜି ଭାରତ-ବାଂଲାଦେଶ ଲଢ଼େଇ

ଆଜିଠାରୁ ଚାମ୍ପିଅନ୍ସ ଟ୍ରଫି ଆରମ୍ଭ ହୋଇଥିବା ବେଳେ ଆସନ୍ତାକାଲିଠାରୁ ଭାରତୀୟ ଦଳର ଅଭିଯାନ ଆରମ୍ଭ ହେଉଛି। ଦଳ ତା'ର ଲିଗ୍ ପର୍ଯ୍ୟାୟର ସମସ୍ତ ମ୍ୟାଚ୍ ଦୁବାଇଠାରେ ଖେଳିବାକୁ ଥିବା ବେଳେ ପ୍ରଥମ ମ୍ୟାଚ୍‌ରେ ଗୁରୁବାର ବାଂଲାଦେଶକୁ ଭେଟିବ। ଦୁବାଇ ଇଣ୍ଟରନ୍ୟାସନାଲ୍ ଷ୍ଟାଡିୟମ୍‌ରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍ ମାଧ୍ୟମରେ ଉଭୟ ଦଳ ବିଜୟ ସହ ଅଭିଯାନ ଆରମ୍ଭ କରି ଟୁର୍ଣ୍ଣାମେଣ୍ଟ୍‌ରେ ନିଜ ନିଜର ଦବ୍‌ଦବା ହାସଲ କରିବାକୁ ଉଦ୍ୟମ କରିବେ। ଏହି ଟୁର୍ଣ୍ଣାମେଣ୍ଟ୍ ଇତିହାସରେ ଦୁଇ ଦଳ ମଧ୍ୟରେ ଦ୍ୱିତୀୟ ଥର ପାଇଁ ମୁକାବିଲା ହେବ। ଦୁଇ ଦେଶ ମଧ୍ୟରେ ଅଦ୍ୟାବଧି ଖେଳାଯାଇଥିବା ଦିନିକିଆ ମଧ୍ୟରେ ଭାରତର ପଲା ଭାରୀ ରହିଛି। ସର୍ବପ୍ରଥମେ ଦୁଇ ଦଳ ଗତ ୧୯୮୮ରେ ପରସ୍ପରକୁ ଭେଟିଥିବାବେଳେ ଏହା ପରଠାରୁ ୪୧ଟି ମ୍ୟାଚ୍ ପରସ୍ପର ମଧ୍ୟରେ ଖେଳିସାରିଛନ୍ତି। ଏଥିରୁ ଭାରତ ୩୨ଟିରେ ବିଜୟୀ ହୋଇଥିବା ବେଳେ ବାଂଲାଦେଶ ୮ଟିରେ ବିଜୟୀ ହୋଇଛି। ଏପରିକି ଭାରତ କ୍ରମାଗତ ୧୬ ବର୍ଷ ବାଂଲାଦେଶ ବିପକ୍ଷରେ ବିଜୟ ଧାରା ବଜାୟ ରଖିଥିଲା। ତେଣୁ ଆଗାମୀକାଲିର ମ୍ୟାଚ୍‌ରେ ଭାରତ ଫେବରିଟ୍ ରହିଛି, ଏହା କହିବା ଔପଚାରିକତା ମାତ୍ର। ମ୍ୟାଚ୍‌ଟି ଭାରତୀୟ ସମୟ ଅପରାହ୍ନ ସାଢ଼େ ୨ଟାରେ ଆରମ୍ଭ ହେବ।



## ଉଦ୍‌ଘାଟନୀ ମ୍ୟାଚ୍ ପୂର୍ବରୁ ଭୁଲ୍ ସୁଧାରିଲା ପାକିସ୍ତାନ



ନୂଆଦିଲ୍ଲୀ, ୧୯।୨: ବହୁପ୍ରତୀକ୍ଷିତ ଚାମ୍ପିଅନ୍ସ ଟ୍ରଫି ଆରମ୍ଭ ହୋଇ ଯାଇଛି। ଉଦଘାଟନୀ ମୁକାବିଲାରେ ମୁହାଁମୁହିଁ ହୋଇଛନ୍ତି ଆୟୋଜକ ପାକିସ୍ତାନ ଓ ନ୍ୟୁଜିଲାଣ୍ଡ। ଏହି ମ୍ୟାଚ୍ କରାଚିର ନ୍ୟାସନାଲ ଷ୍ଟାଡିୟମରେ ଖେଳାଯାଉଛି। ତେବେ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବା ପୂର୍ବରୁ ଉଦଘାଟନୀ ସମାରୋହରେ ସବୁ ଦେଶର ପତାକା ଲାଗିଥିବା ବେଳେ ଭାରତର ଜାତୀୟ ପତାକା ନ ଲାଗିବା ନେଇ ବିବାଦ ଦେଖା ଯାଇଥିଲା। ହାଇବ୍ରିଡ ମଡେଲ ଆଧାରରେ ଭାରତ ନିଜର ସମସ୍ତ ମ୍ୟାଚ୍ ଦୁବାଇରେ ଖେଳୁଥିବାରୁ ପାକିସ୍ତାନ ଷ୍ଟାଡିୟମରେ ଭାରତୀୟ ପତାକା ଲଗା ଯାଇ ନ ଥିବା କୁହାଯାଇଥିଲା। ଏହାକୁ ନେଇ ଭାରତରେ ବିରୋଧର ସ୍ୱର ଉଠିଥିଲା। ଏହାକୁ ନେଇ ପିସିବିକୁ ସ୍ପଷ୍ଟୀକରଣ ମଧ୍ୟ ଦେବାକୁ ପଡ଼ିଥିଲା। ତେବେ ଆଜି ଉଦଘାଟନୀ ମ୍ୟାଚ୍‌ରେ ପିସିବି ନିଜର ଭୁଲ୍ ସୁଧାରିଛି। ଉଦଘାଟନୀ ମୁକାବିଲାରେ ଟସ୍ ଜିତି ପାକିସ୍ତାନ ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଛି। ବ୍ୟାଟିଂ କରୁଥିବା ନ୍ୟୁଜିଲାଣ୍ଡ ଖବର ଲେଖା ଯିବା ସୁଦ୍ଧା ୩ ଓ୍ୱିକେଟ୍ ହରାଇ ୨୩ ଓଭରରେ ୧୦୫ ରନ କରିଛି। ଓ୍ୱିଲ ୟଙ୍ଗ ଦମଦାର ଅର୍ଦ୍ଧଶତକ ହାସଲ କରି ୭୧ ରନ କରି ଅପରାଜିତ ଅଛନ୍ତି। ତାଙ୍କ ସହ ଓ୍ୱିକେଟ୍ କିପର ବ୍ୟାଟର ଟମ ଲାଥମ(୧୦) ବ୍ୟାଟିଂ କରୁଛନ୍ତି। ଡେଭନ କନଓ୍ୱେ(୧୦), ଡାରିଲ ମିଚେଲ୍(୧୦) ଓ ଅଧିନାୟକ କେନ ଓ୍ୱିଲିୟମସନ(୧) ରନ କରି ଆଉଟ୍ ହୋଇଛନ୍ତି। ବୋଲିଂରେ ନସୀମ ଶାହ, ଅବରାର ଅହମ୍ମଦ ଓ ହାରିସ ରଉଫ ପ୍ରତ୍ୟେକ ଗୋଟିଏ ଲେଖାଏଁ ଓ୍ୱିକେଟ୍ ନେଇଛନ୍ତି। ସୂଚନାଯୋଗ୍ୟ, ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବା ପୂର୍ବରୁ ପାକିସ୍ତାନର କରାଚି ଷ୍ଟାଡିୟମରେ ଉଦଘାଟନୀ ସମାରୋହ ଆୟୋଜିତ ହୋଇଥିଲା। ଏହି ସମାରୋହରେ ଭାରତୀୟ ଜାତୀୟ ପତାକା ଲଗାଯାଇ ନ ଥିବାରୁ ବିବାଦ ସୃଷ୍ଟି ହୋଇଥିଲା।

## ଦୁବାଇରେ 'ଛାଭା' ଫିଲ୍ମ ଦେଖିବା ପରେ ଟ୍ରୋଲ ହେଉଛନ୍ତି ଗୌତମ

ନୂଆଦିଲ୍ଲୀ,୧୯।୨: ଚାମ୍ପିଅନ୍ସ ଟ୍ରଫି ୨୦୨୫ ଆଜିଠାରୁ ଅର୍ଥାତ ୧୯ ଫେବୃଆରୀରୁ ଆରମ୍ଭ ହେଉଛି। ଟୁର୍ନାମେଣ୍ଟରେ ଭାରତୀୟ ଦଳ ଫେବୃଆରୀ ୨୦ରେ ଦୁବାଇରେ ବାଂଲାଦେଶ ବିପକ୍ଷରେ ମ୍ୟାଚ୍ ଖେଳିବ। ଏହାଛଡ଼ା ଦଳ ୨୩ ଫେବୃଆରୀରେ ଏହାର ସବୁଠାରୁ ବଡ଼ ପ୍ରତିଦ୍ୱନ୍ଦ୍ୱୀ ଦଳ ପାକିସ୍ତାନ ସହିତ ମୁକାବିଲା କରିବ। ଏଥିପାଇଁ ଟିମ ଇଣ୍ଡିଆ ୪ ଦିନ ପୂର୍ବରୁ ଦୁବାଇରେ ପହଞ୍ଚି ସାରିଛି। ସେବେଠାରୁ ଖେଳାଳିମାନେ ନେଟ୍ସରେ ଅଭ୍ୟାସକୁ ଜୋରଦାର କରୁଛନ୍ତି। କିନ୍ତୁ ଏହି ପ୍ରସ୍ତୁତି



ମଧ୍ୟରେ ଦଳର ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର ଜୋରଦାର ଟ୍ରୋଲ ହେଉଛନ୍ତି। କାରଣ ସେ ଦୁବାଇରେ ବଲିଉଡ ଅଭିନେତା ବିକି କୌଶଳଙ୍କ ଫିଲ୍ମ 'ଛାଭା' ଦେଖିବାକୁ ଯାଇଥିଲେ। ଏହା ପରେ ସେ ଏକ ସୋସିଆଲ ମିଡିଆ ପୋଷ୍ଟ କରିଥିଲେ, ଯାହାକୁ ନେଇ ପ୍ରଶଂସକ ତାଙ୍କୁ ଟ୍ରୋଲ କରୁଛନ୍ତି। ରିଲିଜ ହେବା ଦିନଠାରୁ 'ଛାଭା' ଦର୍ଶକେ ବେଶ ପସନ୍ଦ କରୁଛନ୍ତି। ସେଥିପାଇଁ ଟିମ୍ ଇଣ୍ଡିଆର ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର ଏହାକୁ ଦୁବାଇରେ ଦେଖିବା ପାଇଁ ନିଷ୍ପତ୍ତି ନେଇଥିଲେ। ପରେ ସେ ତାଙ୍କ ସୋସିଆଲ ମିଡିଆରେ ଲେଖିଥିଲେ, 'ଛତ୍ରପତି ସମ୍ଭାଜୀ ମହାରାଜ, ମାତୃଭୂମି ପ୍ରତି ସମର୍ପଣ!' ଗମ୍ଭୀର ଏହା ପୋଷ୍ଟ କରିବା ମାତ୍ରେ ଟ୍ରୋଲ ହୋଇଥିଲେ। ଜଣେ ପ୍ରଶଂସକ ତାଙ୍କୁ ଚାମ୍ପିଅନ୍ସ ଟ୍ରଫି ଉପରେ ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ। ଆଉ ଜଣେ କହିଥିଲେ ଯେ 'ଭାଇ, ଆମକୁ ଚାମ୍ପିଅନ୍ସ ଟ୍ରଫିରେ ହରାଇବ ନାହିଁ।' ସେହିଭଳି ଆଉ ଜଣେ ବ୍ୟବହାରକାରୀ ଲେଖିଛନ୍ତି, 'କୋଚିଂ ଦିଅ ଭାଇ, ତୁମେ କ'ଣ ସିନେମା ଦେଖୁଛ'।

# ଆଇସିସି ର୍‍ୟାଙ୍କିଙ୍ଗ୍: ବାବରଙ୍କୁ ପଛରେ ପକାଇ ଶୁବମନ ନମ୍ବର-୧



**ନୂଆଦିଲ୍ଲୀ, ୧୯।୨:** ଆଜିଠାରୁ ଚାମ୍ପିଅନ୍ସ ଟ୍ରଫି ଆରମ୍ଭ ହୋଇଛି। ଏହା ପୂର୍ବରୁ ଓଡଉ ଦିନିକିଆ ର୍‍ୟାଙ୍କିଙ୍ଗ୍ ପ୍ରକାଶ କରିଛି। ଭାରତର ଷ୍ଟାର ବ୍ୟାଟସମ୍ୟାନ ଏବଂ ଉପ-ଅଧିନାୟକ ଶୁଭମନ ଗିଲ ବିଶ୍ୱର ନମ୍ବର ଦିନିକିଆ ବ୍ୟାଟସମ୍ୟାନ ହୋଇଛନ୍ତି। ସେ ବାବର ଆଜମଙ୍କୁ ପଛରେ ପକାଇ ଦେଇଛନ୍ତି। ଦିନିକିଆର ଶ୍ରେଷ୍ଠ ୧୦ ବ୍ୟାଟସମ୍ୟାନଙ୍କ ମଧ୍ୟରେ ଚାରି ଜଣ ଭାରତୀୟ ଖେଳାଳି ଅଛନ୍ତି। ଗିଲଙ୍କ ବ୍ୟତୀତ ରୋହିତ ଶର୍ମା ତୃତୀୟ ସ୍ଥାନରେ, ବିରାଟ କୋହଲି ଷଷ୍ଠ ସ୍ଥାନରେ ଏବଂ ଶ୍ରେୟସ ଆୟର ନବମ ସ୍ଥାନରେ ଅଛନ୍ତି। ବାବର ଦ୍ୱିତୀୟ ସ୍ଥାନକୁ ଖସି ଯାଇଛନ୍ତି। ଗିଲଙ୍କ ରେଟିଂ ୭୯୬ ଥିବାବେଳେ ବାବରଙ୍କ ରେଟିଂ ୭୭୩। ରୋହିତଙ୍କ ରେଟିଂ ପଏଣ୍ଟ ହେଉଛି ୭୬୧। ଦକ୍ଷିଣ ଆଫ୍ରିକାର ହେନରିଚ କ୍ଲାସେନ ୭୫୬ ରେଟିଂ ପଏଣ୍ଟ ସହିତ ଚତୁର୍ଥ ସ୍ଥାନରେ ଅଛନ୍ତି। ନ୍ୟୁଜିଲାଣ୍ଡର ଡାରିଲ ମିଚେଲ ୭୪୦ ରେଟିଂ ପଏଣ୍ଟ ସହିତ ପଞ୍ଚମ ସ୍ଥାନରେ ଅଛନ୍ତି। ୨୫ ବର୍ଷୀୟ ଗିଲ ସମ୍ପ୍ରତି ବହୁତ ଭଲ ଫର୍ମରେ ଅଛନ୍ତି। ସେ ଇଂଲଣ୍ଡ ବିପକ୍ଷ ତିନି ମ୍ୟାଚ ବିଶିଷ୍ଟ ଦିନିକିଆ ସିରିଜରେ ଗୋଟିଏ ଶତକ ଏବଂ ଦୁଇଟି ଅର୍ଦ୍ଧଶତକ ହାସଲ କରିଥିଲେ। ସେ ତିନୋଟି ମ୍ୟାଚ୍‌ରେ ୮୬.୩୩ ହାରରେ ଏବଂ ୧୦୩.୬୦ ଷ୍ଟ୍ରାଇକ ରେଟ୍‌ରେ ୨୫୯ ରନ କରିଥିଲେ। ଶ୍ରେୟସ ମଧ୍ୟ ବହୁତ ଭଲ ଫର୍ମରେ ଥିଲେ। ସେ ତିନୋଟି ମ୍ୟାଚ୍‌ରେ ୬୦.୩୩ ହାରରେ ଏବଂ ୧୨୩.୧୩ ଷ୍ଟ୍ରାଇକ ରେଟ୍‌ରେ ୧୮୧ ରନ କରିଥିଲେ। ରୋହିତ ମଧ୍ୟ ଶତକ ହାସଲ କରିଥିଲେ ଏବଂ ତେଣୁ ତୃତୀୟ ସ୍ଥାନ ବଜାୟ ରଖିବାରେ ସଫଳ ହୋଇଥିଲେ। ବୋଲରମାନଙ୍କ ମଧ୍ୟରେ ଜଣେ ନୂତନ ଖେଳାଳି ମଧ୍ୟ ପ୍ରଥମ ସ୍ଥାନରେ ପହଞ୍ଚିଛନ୍ତି। ଶ୍ରୀଲଙ୍କାର ମହେଶ ତିକ୍ଷଣା ନୂତନ ନମ୍ବର-୧ ଦିନିକିଆ ବୋଲର ହୋଇଛନ୍ତି। ତାଙ୍କର ୬୮୦ ରେଟିଂ ପଏଣ୍ଟ ଅଛି। ତିକ୍ଷଣା ଆଫଗାନିସ୍ତାନର ରସିଦ ଖାନଙ୍କୁ ପଛରେ ପକାଇ ଦେଇଛନ୍ତି। ରସିଦ ୬୬୯ ପଏଣ୍ଟ ସହିତ ଦ୍ୱିତୀୟ ସ୍ଥାନକୁ ଖସି ଯାଇଛନ୍ତି। ନାମ୍ବିଆର ବର୍ଣ୍ଣାର୍ଡ ସ୍କଲଜ ୬୬୨ ପଏଣ୍ଟ ସହିତ ତୃତୀୟ ସ୍ଥାନରେ ଅଛନ୍ତି। ସେହି ସମୟରେ, ଭାରତର କୁଲଦୀପ ଯାଦବ ଗୋଟିଏ ସ୍ଥାନ ଉନ୍ନତି କରି ୬୫୨ ରେଟିଂ ପଏଣ୍ଟ ସହିତ ଚତୁର୍ଥ ସ୍ଥାନରେ ପହଞ୍ଚିଛନ୍ତି। ତାଙ୍କ ବ୍ୟତୀତ ଶ୍ରେଷ୍ଠ ୧୦ରେ ମହମ୍ମଦ ସିରାଜ ଅଛନ୍ତି। ସେ ୧୦ମ ସ୍ଥାନରେ ଅଛନ୍ତି। ପାକିସ୍ତାନର ଶାହିନ ଆଫ୍ରିଦି ଗୋଟିଏ ସ୍ଥାନ ଖସି ପଞ୍ଚମ ସ୍ଥାନରେ ପହଞ୍ଚିଛନ୍ତି। ଦିନିକିଆ ଅଲରାଉଣ୍ଡରଙ୍କ ମଧ୍ୟରେ ଆଫଗାନିସ୍ତାନର ମହମ୍ମଦ ନବି ପ୍ରଥମ ସ୍ଥାନରେ, ଜିମ୍ବାୱେର ସିକନ୍ଦର ରାଜା ଦ୍ୱିତୀୟରେ, ଆଫଗାନିସ୍ତାନର ଆଜମାତୁଲ୍ଲା ଜାଜାଇ ତୃତୀୟରେ, ବାଂଲାଦେଶର ମେହେଦି ହାସନ ମିରାଜ ଚତୁର୍ଥରେ ଏବଂ ଆଫଗାନିସ୍ତାନର ରସିଦ ଖାନ ପଞ୍ଚମ ସ୍ଥାନରେ ଅଛନ୍ତି। ଶ୍ରେଷ୍ଠ ୧୦ ଜଣଙ୍କ ମଧ୍ୟରେ ଏକମାତ୍ର ଭାରତୀୟ ଖେଳାଳି ହେଉଛନ୍ତି ରବିନ୍ଦ୍ର ଜାଡେଜା। ସେ ଦଶମ ସ୍ଥାନ ଅଧିକାର କରିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ରେଖାଙ୍କ...

ଆନନ୍ଦଉଲ୍ଲାସର ସହ ଉତ୍ସବ ପାଳନ କରୁଥିବା ଦେଖିବାକୁ ମିଳିଥିଲା।ଏଥିସହ ଆସନ୍ତାକାଲି ସ୍ଥାନୀୟ ରାମଲୀଳା ମୈଦାନରେ ରେଖାଙ୍କ ଶପଥ ଗ୍ରହଣ ସମାରୋହ ଆୟୋଜିତ ହେବ। ଏଥିସକାଶେ ପ୍ରସ୍ତୁତି ବେଶ୍ ଜୋରସୋର ହୋଇଛି। ଆସନ୍ତାକାଲି ପ୍ରାୟ ମଧ୍ୟାହ୍ନ ୧୨ଟା ସମୟରେ ଶପଥପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାର ସମ୍ଭାବନା ରହିଛି। ଏଥିରେ ଯୋଗଦେବା ସକାଶେ ୨୦ରୁ ୩୦ ହଜାର ଲୋକଙ୍କୁ ଆମନ୍ତ୍ରଣ କରାଯାଇଛି। ସମାରୋହରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ, ଆତିଶୀ ଓ ଦିଲ୍ଲୀ କଂଗ୍ରେସର ପ୍ରଦେଶ ଅଧ୍ୟକ୍ଷ ଦେବିନ୍ଦର ଯାଦବଙ୍କୁ ଆମନ୍ତ୍ରଣ କରାଯାଇଥିବା ଜଣାପଡ଼ିଛି। ଏହାଛଡ଼ା ବିଭିନ୍ନ ବିଜେପି ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀ ଏବଂ ବରିଷ୍ଠ ପଦାଧିକାରୀ ଏହି ସମାରୋହରେ ସାମିଲ୍ ହେବେ।

### ଛାତ୍ର ରାଜନୀତିରୁ ଦିଲ୍ଲୀ ସିଂହାସନ

୧୯୭୪ ଜୁଲାଇ ୧୯ ତାରିଖରେ ହରିୟାନାର ଜୁଲାନାଠାରେ ଜନ୍ମଗ୍ରହଣ କରିଥିବା ରେଖା ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଜଣେ ସକ୍ରିୟ ସଦସ୍ୟା ଥିଲେ। ୧୯୯୨ରେ ଏବିଭିପିରେ ଯୋଗଦେବା ପରେ ତାଙ୍କର ରାଜନୈତିକ କ୍ୟାରିଅର ଆରମ୍ଭ ହୋଇଥିଲା। ସେତେବେଳେ ସେ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଦୌଲତରାମ କଲେଜରେ ପାଠ ପଢୁଥିଲେ। ୧୯୯୪-୯୫ରେ ସେ ଦୌଲତ ରାମ କଲେଜ ଓ ପରେ ୧୯୯୫-୯୬ରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଛାତ୍ରସଂଘ ସମ୍ପାଦକ ଭାବେ ରେଖା କାର୍ଯ୍ୟ କରିଥିଲେ। ୧୯୯୬-୯୭ରେ ଡିୟୁଏସ୍‌ୟୁ ସଭାପତି ଭାବେ କାର୍ଯ୍ୟ କରିଥିବା ରେଖା ୨୦୦୩-୨୦୦୪ ପର୍ଯ୍ୟନ୍ତ ଭାରତୀୟ ଜନତା ପାର୍ଟି ଯୁବ ମୋର୍ଚ୍ଚା ଦିଲ୍ଲୀର ସମ୍ପାଦକ ଦାୟିତ୍ୱ ତୁଲାଇଥିଲେ। ସେ ୨୦୦୭ ଓ ୨୦୧୨ରେ ଉତ୍ତର ପିତାମପୁରାର କାଉନସିଲର ଭାବେ ନିର୍ବାଚିତ ହୋଇଥିଲେ। ନଗର କାଉନସିଲର ହେବା ପରେ ରେଖା ୨୦୦୭-୨୦୦୯ ପର୍ଯ୍ୟନ୍ତ ମହିଳା କଲ୍ୟାଣ ଓ ଶିଶୁ ବିକାଶ କମିଟି ଅଧ୍ୟକ୍ଷା ଦାୟିତ୍ୱ ତୁଲାଇଥିଲେ। ଗତ ୨୦୨୦ରେ ସେ ସର୍ବପ୍ରଥମେ ବିଧାୟିକା ଭାବେ ଲଢ଼ିଥିଲେ ହେଁ ବନ୍ଦନାଙ୍କଠାରୁ ମାତ୍ର ୩୪୪୦ ଭୋଟରେ ହାରିଥିଲେ। କିନ୍ତୁ ପରାଜୟ ସତ୍ତ୍ୱେ ସେ ସାଧାରଣ ଲୋକଙ୍କ ସହ ରହିଆସିଥିଲେ, ଯାହାର ଫଳ ତାଙ୍କୁ ଗତ ବିଧାନସଭା ନିର୍ବାଚନରେ ମିଳିଛି।

### ଦିଲ୍ଲୀର ଚତୁର୍ଥ ମହିଳା ମୁଖ୍ୟମନ୍ତ୍ରୀ

ଆଜି ରେଖା ଗୁପ୍ତାଙ୍କୁ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଭାବେ ବିଜେପି ଦଳୀୟ ନେତୃବୃନ୍ଦ ଘୋଷଣା କରିବା ପରେ ସେ ଏ କ୍ଷେତ୍ରରେ ରାଜଧାନୀର ଚତୁର୍ଥ ମହିଳା ହୋଇଛନ୍ତି। ଏହା ପୂର୍ବରୁ ଦିଲ୍ଲୀ ସିଂହାସନରେ ୩ ଜଣ ମହିଳା ମୁଖ୍ୟମନ୍ତ୍ରୀ ଭାବେ ଆସୀନ ହୋଇସାରିଛନ୍ତି। ଏକ୍ଷେତ୍ରରେ ସର୍ବପ୍ରଥମ ମହିଳା ରହିଛନ୍ତି ସୁଷମା ସ୍ୱରାଜ। ପୂର୍ବତନ ବୈଦେଶିକ ବ୍ୟାପାର ମନ୍ତ୍ରୀ ସୁଷମା ୧୯୯୮ ଅକ୍ଟୋବରରେ ମୁଖ୍ୟମନ୍ତ୍ରୀ ଦାୟିତ୍ୱ ସମ୍ଭାଳିଥିଲେ। ସେ ଏହି ପଦରେ ଉକ୍ତ ବର୍ଷ ଡିସେମ୍ବର ପର୍ଯ୍ୟନ୍ତ ରହିଥିଲେ। ଏହାପରେ କଂଗ୍ରେସ କବ୍‌ଜାରେ ଦିଲ୍ଲୀ ସିଂହାସନ ଦେଢ଼ ଦଶନ୍ଧି ଧରି ରହିବା ଅବସରରେ ଶୀଲା ଦୀକ୍ଷିତ ମୁଖ୍ୟମନ୍ତ୍ରୀ ପଦ ଅଳଂକୃତ କରିଥିଲେ। ସେ ୧୯୯୮ରୁ ୨୦୧୩ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ, ଯାହାକି ଅଦ୍ୟାବଧି ଏକ ରେକର୍ଡ ରହିଛି। ଶୀଲାଙ୍କ ପରେ ଆପ୍‌ର ଆତିଶୀ ଗତ ବର୍ଷ ସେପ୍ଟେମ୍ବର ୨୧ ତାରିଖରେ ଦିଲ୍ଲୀର ତୃତୀୟ ମହିଳା ଭାବେ ମୁଖ୍ୟମନ୍ତ୍ରୀ ଆସନରେ ବସିଥିଲେ। ଆପ୍ ମୁଖ୍ୟ ଅରବିନ୍ଦ କେଜ୍ରିୱାଲ୍ ବିବାଦୀୟ ପରିସ୍ଥିତିରେ ମୁଖ୍ୟମନ୍ତ୍ରୀ ପଦ ଛାଡ଼ିବା ପରେ ଆତିଶୀଙ୍କୁ ଏହି ଆସନ ସମ୍ଭାଳିବାକୁ ପଡ଼ିଥିଲା।

### ବଧେଇ ଜଣାଇଲେ ମୋହନ

ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଭାବେ ରେଖା ଗୁପ୍ତାଙ୍କ ନାମ ଘୋଷଣା କରାଯିବା ପରେ ଏନେଇ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କୁ ବଧେଇ ଦେଇଛନ୍ତି। ଦିଲ୍ଲୀର ମୁଖ୍ୟମନ୍ତ୍ରୀ ଭାବେ ଶ୍ରୀମତୀ ଗୁପ୍ତା ସୁଶାସନ ପ୍ରଦାନ କରିବା ସହ ଦିଲ୍ଲୀର ବିକାଶକୁ ଯଥେଷ୍ଟ ଆଗକୁ ନିଅନ୍ତୁ ବୋଲି ଶ୍ରୀ ମାଝୀ କାମନା କରିବା ସହ ବିକଶିତ ଭାରତ ଗଠନରେ ସମସ୍ତେ ମିଳିମିଶି କାର୍ଯ୍ୟ କରିବା ସକାଶେ ପରାମର୍ଶ ଦେଇଛନ୍ତି। ସୋସିଆଲ୍ ମିଡିଆ 'ଏକ୍ସ'ରେ ମୁଖ୍ୟମନ୍ତ୍ରୀ ତାଙ୍କ ପ୍ରତିକ୍ରିୟାରେ ଏହା ଉଲ୍ଲେଖ କରିଛନ୍ତି।

### ଉଚ୍ଚସ୍ତରୀୟ...

କେବଳ ନେପାଳର ଛାତ୍ରଛାତ୍ରୀମାନଙ୍କ ପାଇଁ ସାଇନ ଡାଏ ଘୋଷଣା ହେବା ଓ ସେମାନଙ୍କୁ କ୍ୟାମ୍ପସରୁ ବଳପୂର୍ବକ ବହିଷ୍କାର କରିବା ବିଷୟରେ ତଦନ୍ତ କରିବ ଉଚ୍ଚସ୍ତରୀୟ କମିଟି । ସେମାନଙ୍କୁ ସୁରକ୍ଷିତ ଭାବରେ ଫେରାଇ ଆଣିବା ଓ କ୍ୟାମ୍ପସରେ ଥିବା ଛାତ୍ରଛାତ୍ରୀମାନଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ କର୍ତ୍ତୃପକ୍ଷଙ୍କ ଦ୍ୱାରା ନିଆଯାଇଥିବା ପଦକ୍ଷେପ ବିଷୟରେ ଉକ୍ତ କମିଟି ବିସ୍ତୃତ ତଦାରଖ କରିବ। କ୍ୟାମ୍ପସ ଛାଡ଼ି ଚାଲିଯାଇଥିବା ଛାତ୍ରଛାତ୍ରୀଙ୍କ ସୁରକ୍ଷିତ ପ୍ରତ୍ୟାବର୍ତ୍ତନ ସହିତ କ୍ୟାମ୍ପସରେ ଥିବା ଛାତ୍ରଛାତ୍ରୀଙ୍କ ସହାୟତା ନିମନ୍ତେ ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ଏକ ୨୪ଘଣ୍ଟିଆ ନିୟନ୍ତ୍ରଣ କକ୍ଷ କାର୍ଯ୍ୟକ୍ଷମ କରାଯାଇ ୪ଟି ଟୋଲ୍‌ଫ୍ରି ନମ୍ବର ମଧ୍ୟ ଜାରି କରାଯାଇଛି।

### ମନ୍ତ୍ରୀଙ୍କୁ ଭୁଲ...

ରଖିଛନ୍ତି, ଯେଉଁଥିରେ ଉଲ୍ଲେଖ କରାଯାଇଛି ଯେ ଓଡ଼ିଶା ପଞ୍ଚାୟତ ସମିତି ହିସାବ ପଦ୍ଧତି ନିୟମ, ୨୦୦୨ର ନିୟମ ୧୬(୨) ଅନୁଯାୟୀ ସମିତି ଅଧ୍ୟକ୍ଷ ୭ ଦିନ ମଧ୍ୟରେ ପଞ୍ଚାୟତ ସମିତି ବିଲଗୁଡ଼ିକରେ କାଉଣ୍ଟର ଦସ୍ତଖତ କରିବାର ବିଧି ବ୍ୟବସ୍ଥା ଅଛି। ସମୟ ସୀମା ମଧ୍ୟରେ କାଉଣ୍ଟର ଦସ୍ତଖତ ନ ଦେଲେ ଉକ୍ତ ବିଲ କାଉଣ୍ଟର ଦସ୍ତଖତ ପାଇଁ ଉପଜିଲ୍ଲାପାଳଙ୍କ ପାଖକୁ ପ୍ରେରଣ କରାଯାଏ। ସମିତି ଅଧ୍ୟକ୍ଷଙ୍କ ପରିବର୍ତ୍ତେ ଉପଜିଲ୍ଲାପାଳମାନେ ପ୍ରକଳ୍ପ ବିଲ ପାଇଁ କାଉଣ୍ଟର ଦସ୍ତଖତ କରିବାକୁ ଜିଲ୍ଲାପାଳମାନଙ୍କ ଦ୍ୱାରା ନିର୍ଦ୍ଦେଶ ଦିଆଯିବା ବିଷୟ ସରକାରଙ୍କ ଦୃଷ୍ଟିକୁ ଆସିନାହିଁ ବୋଲି ଦର୍ଶାଇଛନ୍ତି। ଏଥିରୁ ଜଣାପଡୁଛି ଯେ କଟକ ଜିଲ୍ଲାପାଳ ଏହିପରି ଏକାଧିକ ଘଟଣା ପଞ୍ଚାୟତିରାଜ ବିଭାଗ ବା ଓଡ଼ିଶା ସରକାରଙ୍କୁ ଲୁଚାଇଛନ୍ତି।

### ୫ ବର୍ଷ ଧରି ...

ଦୁର୍ନୀତିର କିପରି ଭରଣା କରାଯିବ, ସେନେଇ ସରକାର ଚିନ୍ତା କରୁଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି। ମନ୍ତ୍ରୀ ଆହୁରି ମଧ୍ୟ କହିଛନ୍ତି ଯେ କେନ୍ଦୁଝର ଜିଲ୍ଲାରେ ସର୍ବାଧିକ ୩୫ ହଜାର ୫୫୦ ଜଣ ମୃତ ବ୍ୟକ୍ତି ରାସନ କାର୍ଡ ହାତେଇଥିବା ବେଳେ ଗଞ୍ଜାମରେ ୨୫ ହଜାର ୭୮୯, ମୟୂରଭଞ୍ଜରେ ୨୩ ହଜାର ୭୯୯ ଓ ରାୟଗଡ଼ାରେ ୨୨ ହଜାର ୪୧୧ ଜଣ ମୃତ ବ୍ୟକ୍ତିଙ୍କ ନାଁରେ ଚାଉଳ ଉଠୁଥିଲା ବୋଲି ଆଜି ବିଧାନସଭାରେ ଲିଖିତ ଉତ୍ତର ରଖିବା ଅବସରରେ ମନ୍ତ୍ରୀ କହିଛନ୍ତି। ସେହିପରି ଅଦ୍ୟାବଧି ଆହୁରି କହିଛନ୍ତି ଯେ ଯେଉଁମାନେ ନୂଆ ରାସନ କାର୍ଡ ପାଇଁ ଆବେଦନ କରିଛନ୍ତି, ସେଗୁଡ଼ିକର ଯାଞ୍ଚ ଚାଲିଛି। ତା'ଛଡ଼ା ପୋର୍ଟାଲ ମାଧ୍ୟମରେ ମଧ୍ୟ ଆବେଦନ କରାଯାଇପାରିବ। ଇତିମଧ୍ୟରେ ୬ ଲକ୍ଷ ନୂଆ ହିତାଧିକାରୀ ଆବେଦନ କରିଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି।

### ମୁଲତବୀ ...

ଗୃହକୁ ହୁଲସ୍ଥୁଲ୍ କରି ବନ୍ଦ କରାଇଦେଲେ। ବିଜେଡି ମୁଲତବି ନୋଟିସ ଦେଇନଥିଲେ। ମିଶନ ଶକ୍ତି ମହିଳାଙ୍କ ଦାବି ପ୍ରତି ସରକାର ଗୁରୁତ୍ୱ ଦିଅନ୍ତୁ। ଏହି ଦାବିକୁ କେହି ବିରୋଧ କରୁନାହାଁନ୍ତି। କିନ୍ତୁ ମିଶନ ଶକ୍ତି ବିକ୍ଷୋଭ ପାଇଁ ରାଜ୍ୟର ଅନ୍ୟ ଜିଲ୍ଲାର ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ବିଧାନସଭାରେ ଆଲୋଚନା କରାଇନଦେବା କେଉଁ ସାମ୍ବିଧାନିକ ପରମ୍ପରା ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

ବିଜେଡି ସରକାରରେ ଥିବା ବେଳେ ବିରୋଧୀ ଯଦି ଗୃହ ଚଳାଇ ଦେଉନଥିଲେ, ତେବେ କେତେ କଥା କହୁଥିଲେ। ରାଜ୍ୟ ରାଜକୋଷର ଲକ୍ଷାଧିକ ଅର୍ଥ ଅପଚୟ ହେଉଛି। ବିରୋଧୀ ଆଲୋଚନାକୁ ଡରୁଛନ୍ତି। ଏବେ ବିଜେଡି ବିରୋଧୀ ଦଳ ଆସନରେ ବସିଥିବା ବେଳେ ଏସବୁ ଆକ୍ଷେପ ବିଜେଡି ନେତାଙ୍କ ପ୍ରତି ଲାଗୁ ହେଉନାହିଁ କି ବୋଲି କିଛି ପ୍ରଶ୍ନ କରୁଛନ୍ତି। ବିଜେପିର ବରିଷ୍ଠ ନେତା ଜୟନାରାୟଣ ମିଶ୍ର ମଧ୍ୟ ଅଭିଯୋଗ କରିଛନ୍ତି ଯେ ଅଚ୍ୟୁତ ସାମନ୍ତଙ୍କୁ ସୁରକ୍ଷା ଦେବାକୁ ବିଜେଡି ବିଧାୟକମାନେ ଗୃହ ଚଳାଇ ଦେଉନାହାଁନ୍ତି। ବିଜେଡି ବିଧାୟକମାନେ ଅଚ୍ୟୁତଙ୍କ ବିରୋଧରେ ବିଧାନସଭାରେ ଚର୍ଚ୍ଚା କରିବାର ସୁଯୋଗ ଦେଉନାହାଁନ୍ତି ବୋଲି ସେ ଅଭିଯୋଗ କରିଛନ୍ତି।

### ଓଡ଼ିଆ ଅସ୍ମିତାର...

ରକ୍ଷଣାବେକ୍ଷଣ ପାଇଁ ମଧ୍ୟ ଟେଣ୍ଡର ହେଉଛି। ହେଲେ ସେହିସବୁ ଟେଣ୍ଡରରେ ୭/୮ଟି କମ୍ପାନୀ ଅଂଶଗ୍ରହଣ କରୁଥିବାବେଳେ ଓପିଜିସିର ସମାନ କାର୍ଯ୍ୟର ଟେଣ୍ଡର ପାଇଁ କମ୍ ସଂଖ୍ୟକ କମ୍ପାନୀ ଆସିବା ଓ କାମ ହାତେଇନେବା ଏବେ ଆଲୋଚନାର ବିଷୟ ପାଲଟିଛି।

ଓପିଜିସିର ପରିଚାଳନା ନିର୍ଦ୍ଦେଶକଙ୍କ ଠାରୁ ଆରମ୍ଭକରି ଅପରେସନ ମୁଖ୍ୟ ପର୍ଯ୍ୟନ୍ତ ବଡ ବଡ ପଦବୀ ଦୀର୍ଘଦିନରୁ ଠିକାରେ ଚାଲିଥିବାବେଳେ ନିକଟରେ ଏହାର ନିୟମିତ ପରିଚାଳନା ମୁଖ୍ୟ କାର୍ଯ୍ୟରେ ଯୋଗ ଦେଇଛନ୍ତି । ନୂଆ ଏମ୍‌ଡିଙ୍କର ଦୀର୍ଘ ଅଭିଜ୍ଞତା ସହିତ ସେ ଜଣେ ବୈଷୟିକ ବିଶେଷଜ୍ଞ ହୋଇଥିବାରୁ ଏଭଳି ଟେଣ୍ଡର ଉପରେ କି ପ୍ରକାର ପଦକ୍ଷେପ ଗ୍ରହଣ କରୁଛନ୍ତି ତାହାକୁ ଓପିଜିସିର ବହୁ କର୍ମଚାରୀ ଚାହିଁ ବସିଛନ୍ତି।

### ପ୍ରକୃତିଙ୍କୁ...

ସମ୍ପୃକ୍ତ ଛାତ୍ରୀଙ୍କ ସହ ଶାରୀରିକ ସମ୍ପର୍କ ରଖିବା ସହ ଭିଡିଓ କରି ତାଙ୍କୁ ବ୍ଲାକମେଲ କରୁଥିଲେ ବୋଲି ବିଶେଷ ସୂତ୍ରରୁ ଜଣାପଡ଼ିଛି। ଏହି ଘଟଣାକୁ ନେଇ ପ୍ରକୃତି ପୂର୍ବରୁ କିଟ୍ ଇଣ୍ଟରନ୍ୟାସନାଲ ରିଲେସନ ଅଫିସ୍ (ଆଇଆର୍‌ଓ) ଅଧିକାରୀଙ୍କୁ ଅଭିଯୋଗ କରିଥିଲେ।
ସେ ବାରମ୍ବାର ଆଦ୍ୱିକ୍‌ଙ୍କ ବିରୋଧରେ ଅଭିଯୋଗ ଆଣିଥିଲେ ମଧ୍ୟ ଆଇଆରଓ ଅଧିକାରୀ ତାଙ୍କ କଥା ଶୁଣି ନ ଥିଲେ। ବରଂ ତାଙ୍କୁ କଲେଜରୁ ବ୍ୟାନ କରିଦେଇଥିଲେ।

ଗତ ୧୬ ତାଙ୍କ ବ୍ୟାନ୍‌ର ଶେଷ ତାରିଖ ଥିଲା। ଏହି ସମୟ ମଧ୍ୟରେ ଆଦ୍ୱିକ୍ ଫ୍ଲାଇଟ୍ ଟିକେଟ୍ ବୁକ୍ କରି ଫେରାର ହେବା ପ୍ଲାନରେ ଥିଲେ। ଠିକ୍ ସେହିଦିନ କିଛି ଉପାୟ ନପାଇ ଛାତ୍ରୀ ଜଣଙ୍କ ଆତ୍ମହତ୍ୟା କରିଥିଲେ।

## ଛତ୍ରପତି ଶିବାଜୀଙ୍କ ଜୟନ୍ତୀ



**ବେତନଟୀ,୧୯।୨(ସଂଚାର ବ୍ୟୁରୋ):** ବେତନଟୀ ଧର୍ମଶାଳା ଠାରେ ଶିବାଜୀ କ୍ଲବ ତରଫରୁ ଛତ୍ରପତି ଶିବାଜୀଙ୍କର ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଛତ୍ରପତି ଶିବାଜୀଙ୍କର ଫଟୋଚିତ୍ରରେ ପୁଷ୍ପମାଲ୍ୟ ଓ ଧୂପ ଦ୍ୱୀପ ପ୍ରଦାନ କରାଯାଇଥିଲା ଏବଂ ଶିବାଜୀ କ୍ଲବର ଦିବଂଗତ ସଦସ୍ୟ ମାନଙ୍କ ଉଦ୍ଦେଶ୍ୟରେ ଏକ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ଶିବାଜୀ କ୍ଲବର ସଦସ୍ୟ କବି ମନୋଜ କୁମାର ମହାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଜୟନ୍ତୀ ପାଳନ ଉତ୍ସବରେ ପଦ୍ମମାଳୀ ମହିଳା ସଙ୍ଗଠନର ସମ୍ପାଦିକା ପ୍ରଭାତୀ ମହାନ୍ତି, କାର୍ଯ୍ୟକାରୀ ସଭାପତି ଗୀତାଞ୍ଜଳୀ ଭୂୟାଁ, ଉପସଭାପତି ସୋନା ଖାତୁନ, କୋଷାଧ୍ୟକ୍ଷା ବିନୋଦିନୀ ମହାନ୍ତ, ସଦସ୍ୟା ମିନତୀ ସାହୁ, ସାମ୍ବାଦିକ ହରିଶ୍ଚନ୍ଦ୍ର ସାମଲ ପ୍ରମୁଖ ଅତିଥି ଭାବରେ ଯୋଗଦାନ କରି ବହୁମୂଲ୍ୟ ବକ୍ତବ୍ୟ ପ୍ରଦାନ କରିଥିଲେ । ଶିବାଜୀ କ୍ଲବର କୋଷାଧ୍ୟକ୍ଷ ଉପେନ୍ଦ୍ରନାଥ ମହାନ୍ତ, ସଦସ୍ୟ ଗଙ୍ଗାଧର ମହାନ୍ତ, ଜଗମୋହନ ମହାନ୍ତ, କରୁଣାକର ମହାନ୍ତ,କୃଷ୍ଣଚନ୍ଦ୍ର ମହାକୁଡ ଓ ଲାଲମୋହନ ନାଏକ ପ୍ରମୁଖ ବିଭିନ୍ନ କାର୍ଯ୍ୟ ପରିଚାଳନା କରିଥିଲେ। ଶେଷରେ ସମ୍ପାଦକ ଗତିକୃଷ୍ଣ ମହାନ୍ତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଆଜିଠୁ ୪ ଦିନ ଯାଏ ବର୍ଷା



**ଭୁବନେଶ୍ୱର,୧୯।୨ (ସଂଚାର ବ୍ୟୁରୋ):** ରାଜ୍ୟରେ ଆସନ୍ତାକାଲିଠାରୁ ବର୍ଷା ଆରମ୍ଭ ହେବ। ଆଗାମୀ ୪ ଦିନ ଯାଏ ଘଡ଼ଘଡ଼ି ସହ ବର୍ଷା ହେବ ବୋଲି ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଅର୍ଦ୍ଧାଧିକ ଜିଲ୍ଲାରେ ବର୍ଷା ସହ ଘଡ଼ଘଡ଼ି ନେଇ ୱାର୍ଣ୍ଣିଂ ମଧ୍ୟ ଜାରି କରାଯାଇଛି। ଆସନ୍ତାକାଲିର ବର୍ଷା ଓ ଘଡ଼ଘଡ଼ି ପାଇଁ ମୟୂରଭଞ୍ଜ, କେନ୍ଦୁଝର ଓ ବାଲେଶ୍ୱର ଜିଲ୍ଲାକୁ ଅରେଞ୍ଜ ଆଲର୍ଟ ଜାରି କରାଯାଇଥିବା ବେଳେ ୬ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଏଥିସହ ଢେଙ୍କାନାଳ, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର ଓ କଟକ ଆଦି ଜିଲ୍ଲାକୁ ୟେଲୋ ଆଲର୍ଟ ଜାରି କରାଯାଇଛି। ସେହିପରି ଆସନ୍ତା ୨୧ ପାଇଁ ୭ ଜିଲ୍ଲାକୁ ଅରେଞ୍ଜ ଓ ୧୨ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଥିବା ବିଭାଗ ପକ୍ଷରୁ କୁହାଯାଇଛି। ସେହିପରି ଆସନ୍ତା ୨୨ ଓ ୨୩ ତାରିଖରେ ମଧ୍ୟ, ଉତ୍ତର ଓ ଉପକୂଳ ଓଡ଼ିଶାରେ ବର୍ଷା ହେବା ନେଇ ପୂର୍ବାନୁମାନ କରାଯାଇଛି।

### ଟିଏଚ୍‌ଇ ୱାର୍ଲ୍ଡ ରେପୁଟେସନ୍ ର୍ୟାଙ୍କିଙ୍ଗ୍‌ସ

# ଦେଶର ୪ଟି ଶିକ୍ଷାନୁଷ୍ଠାନ ମଧ୍ୟରେ ସୋଆ

**ଭୁବନେଶ୍ୱର, ୧୯।୨ (ସଂଚାର ବ୍ୟୁରୋ) :** ଶିକ୍ଷା, ସ୍ୱାସ୍ଥ୍ୟସେବା ଏବଂ ଗବେଷଣା କ୍ଷେତ୍ରରେ ଏକ ଭିନ୍ନତା ସୃଷ୍ଟି କରିଥିବା ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ହାସଲ କରିଛି। ମଙ୍ଗଳବାର ପ୍ରକାଶିତ ଟାଇମ୍‌ସ ହାୟାର ଏଜୁକେସନ୍ (ଟିଏଚ୍‌ଇ) ୱାର୍ଲ୍ଡ ରିପୁଟେସନ୍ ର୍ୟାଙ୍କିଙ୍ଗ୍‌ସ୍ ୨୦୨୫ ତାଲିକାରେ ଦେଶର ୪ଟି ଶିକ୍ଷାନୁଷ୍ଠାନ ମଧ୍ୟରେ ସୋଆ ସ୍ଥାନିତ ହୋଇଛି। ଏହି ତାଲିକାରେ ସୋଆ ବ୍ୟତୀତ ସ୍ଥାନ ପାଇଥିବା ଦେଶର ଅନ୍ୟ ୩ଟି ଶିକ୍ଷାନୁଷ୍ଠାନ ହେଉଛି ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍‌ସ, ବେଙ୍ଗାଲୁରୁ, ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି, ଦିଲ୍ଲୀ ଏବଂ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି, ମାଡ୍ରାସ୍। ଦେଶର କେବଳ ଏହି ୪ଟି ଶିକ୍ଷାନୁଷ୍ଠାନ ଏହି ତାଲିକାରେ ସ୍ଥାନ ପାଇଥିବା ବେଳେ ସୋଆ ହେଉଛି ଏକମାତ୍ର ଘରୋଇ ଶିକ୍ଷାନୁଷ୍ଠାନ। ଏହି ୪ଟି ଶିକ୍ଷାନୁଷ୍ଠାନ ୨୦୧-୩୦୦ ର୍ୟାଙ୍କ ମଧ୍ୟରେ ସ୍ଥାନିତ ହୋଇଛନ୍ତି। ଏହି ବର୍ଷ ୩୮ଟି ଦେଶର ୩୦୦ ଶିକ୍ଷାନୁଷ୍ଠାନକୁ ନେଇ ଏହି ର୍ୟାଙ୍କିଙ୍ଗ ପ୍ରସ୍ତୁତ କରାଯାଇଛି।

ବିଶ୍ୱବ୍ୟାପୀ ସମସ୍ତ ଶିକ୍ଷାନୁଷ୍ଠାନ ମଧ୍ୟରୁ ଚଳିତ ବର୍ଷର ତାଲିକାରେ ହାରଭାର୍ଡ ବିଶ୍ୱବିଦ୍ୟାଳୟ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଲଗାତାର ୧୪ ବର୍ଷ ଧରି ଏହି ସ୍ଥାନ ବଜାୟ ରଖିଛି। ସେହିପରି ମାସାଚୁସେଟ୍‌ସ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଏମ୍‌ଆଇଟି) ଏବଂ ୟୁନିଭର୍ସିଟି ଅଫ୍ ଅକ୍ସଫୋର୍ଡ



ଯୁଗ୍ମ ଭାବେ ଦ୍ୱିତୀୟ ସ୍ଥାନ ହାସଲ କରିଥିବା ବେଳେ ଷ୍ଟାନ୍‌ଫୋର୍ଡ ୟୁନିଭର୍ସିଟି ଏବଂ ୟୁନିଭର୍ସିଟି ଅଫ୍ କେମ୍ବ୍ରିଜ ଯୁଗ୍ମ ଭାବେ ଚତୁର୍ଥ ସ୍ଥାନ ଅଧିକାର କରିଛନ୍ତି।

୨୦୨୪ ନ୍ୟାସ୍‌ନାଲ୍ ଇନ୍‌ଷ୍ଟିଚ୍ୟୁସ୍‌ନାଲ ର୍ୟାଙ୍କିଙ୍ଗ ଫ୍ରେମ୍‌ୱାର୍କ (ଏନଆଇଆରଏଫ୍) ର୍‌ୟାଙ୍କିଙ୍ଗରେ ସୋଆ ସାରା ଦେଶରେ ୧୪ ତମ ସ୍ଥାନରେ ରହିଥିବା ବେଳେ ନ୍ୟାସ୍‌ନାଲ୍ ଆସେସ୍‌ମେଣ୍ଟ ଆଣ୍ଡ ଆକ୍ରେଡିଟେସନ୍ କାଉନ୍‌ସିଲ (ନାକ୍) ଦ୍ୱାରା ସର୍ବୋଚ୍ଚ ଗ୍ରେଡ ଏ++ ଦ୍ୱାରା ପୁନଃସ୍ୱୀକୃତି ପାଇଛି। ସେହିପରି ସୋଆ ୨୦୨୨ ରେ ୟୁନିଭର୍ସିଟି ଗ୍ରାନ୍‌ଟସ କମିସନ୍ (ୟୁଜିସି) ପକ୍ଷରୁ କ୍ୟାଟେଗୋରୀ ୧ ଗ୍ରେଡେଡ୍ ଅଟୋନୋମୀ ଷ୍ଟାଟସ୍ ମାନ୍ୟତା ପାଇଛି। ଏହି ବିଶ୍ୱବିଦ୍ୟାଳୟ ବିଶ୍ୱ ସ୍ତରରେ କ୍ୟୁଏସ୍ ଏବଂ ଟିଏଚ୍‌ଇ ୱାର୍ଲ୍ଡ ୟୁନିଭର୍ସିଟି ର୍ୟାଙ୍କିଙ୍ଗ୍‌ସରେ ମଧ୍ୟ ସ୍ଥାନ ପାଇଛି।

# ସରକାରୀ ବାବୁଙ୍କ ରାଜଧାନୀ ମୋହ

### ବନ୍ଧାପଡ଼ିଛି କାକଟପୁର ଓ ଅସ୍ତରଙ୍ଗ ଅଞ୍ଚଳର ବିକାଶ

**କାକଟପୁର/ଅସ୍ତରଙ୍ଗ, ୧୯।୨ (ସଂଚାର ବ୍ୟୁରୋ) :** ଆଜ୍ଞା ସାରେ କି ମ୍ୟାଡ଼ମ୍ ନାହାନ୍ତି କି ? ନାଇଁ, ଫିଲିଡ ଯାଇଛନ୍ତି। କୋର୍ଟରେ ତାରିଖ ଥିଲା ଯାଇଛନ୍ତି। ବାବୁ କିମ୍ବା ମ୍ୟାଡମ କେତେ ବେଳେ ଫେରିବେ ତାହାର ଉତ୍ତର ମଧ୍ୟ କାହା ପାଖରେ ନ ଥାଏ। କିନ୍ତୁ ବାବୁ କିମ୍ବା ମ୍ୟାଡମ ଆଉ ଅଫିସକୁ ଆସନ୍ତି ନାହିଁ ଯଦି କେତେ ବେଳେ କାଁ ଭାଁ

- ଯା ଆସ କରୁଛନ୍ତି ୫୦ପ୍ରତିଶତ କର୍ମଚାରୀ
- ଛୁଟି ପୂର୍ବଦିନ ଅଧାରୁ ଫାଙ୍କା ପଡୁଛି ବିଭାଗ
- କୋର୍ଟ କଚେରୀ କାମ, କ୍ଷେତ୍ର ପରିଦର୍ଶନ ବାହାନା

ଆସନ୍ତି ବିଳମ୍ବରେ। ଦ୍ୱିତୀୟ ଶନିବାର, ଚତୁର୍ଥ ଶନିବାର, ରବିବାରକୁ ଲାଗି କରି ରହୁଥିବା ଛୁଟିର ପୂର୍ବଦିନ ପୁରୀ ଜିଲ୍ଲା କାକଟପୁର ଓ ଅସ୍ତରଙ୍ଗ ଅଞ୍ଚଳର ଏକାଧିକ ଅଫିସରେ ଏଭଳି ଅବସ୍ଥା ଦେଖିବାକୁ ମିଳିଥାଏ। କେବଳ ଅଫିସର ନୁହନ୍ତି, ଅନେକ କର୍ମଚାରୀଙ୍କ କ୍ଷେତ୍ରରେ ମଧ୍ୟ ସମାନ ଅବସ୍ଥା ହୋଇଯାଇଛି। କାକଟପୁର ଓ ଅସ୍ତରଙ୍ଗ ଅଞ୍ଚଳରେ ଅଫିସମାନଙ୍କୁ ରାଜଧାନୀ ମୋହ ପାଗଳ କରିଛି। ଡ୍ୟୁଟିକୁ ଯେନତେନ ପ୍ରକାରେ ସାରି ଦେଇ ଭୁବନେଶ୍ୱର ଦୌଡୁଛନ୍ତି। କାରଣ ପରିବାର, କେତେକ କର୍ମଚାରୀଙ୍କ ପିଲାଛୁଆ ଭୁବନେଶ୍ୱରରେ ରହୁଛନ୍ତି।

ସୂଚନା ଅନୁସାରେ, ପୁରୀ ଜିଲ୍ଲା କାକଟପୁର ଓ ଅସ୍ତରଙ୍ଗ ଅଞ୍ଚଳ ଅନେକ ସରକାରୀ କାର୍ଯ୍ୟାଳୟର ପ୍ରାୟ ୮୦ପ୍ରତିଶତ ବିଭାଗର ଅଧିକାରୀ ଭୁବନେଶ୍ୱର ରହୁଛନ୍ତି। ସେମାନଙ୍କ ମଧ୍ୟରୁ ପ୍ରାୟ ୫୦ପ୍ରତିଶତ ଦୈନିକ ଯିବା ଆସିବା କରୁଛନ୍ତି। ସରକାରୀ ଗାଡ଼ିରେ ସରକାରଙ୍କ ତହବିଲରୁ ତେଲ ଖର୍ଚ୍ଚରେ ଅନେକ ଯିବା ଆସିବା କରୁଛନ୍ତି। ଡ୍ୟୁଟି ସାରି ଦେଇ ପୁନର୍ବାର ଭୁବନେଶ୍ୱର ଦୌଡୁଛନ୍ତି। କାକଟପୁର ନିର୍ବାଚନ ମଣ୍ଡଳୀର କାକଟପୁର ଓ ଅସ୍ତରଙ୍ଗ ଅଞ୍ଚଳର ତହସିଲ, ବ୍ଲକ, ଜଳସମ୍ପଦ, ରାସ୍ତା ଓ କୋଠାବାଡ଼ି ବିଭାଜନ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର,ଆରଡବ୍ଲ୍ୟୁଏସଏସ, ଅନେକ ସମୟରେ ପୋଲିସ କର୍ମଚାରୀ, କୃଷି ବିଭାଗ, ଶିଶୁବିକାଶ କାର୍ଯ୍ୟାଳୟ ସହ ଏକାଧିକ ବିଭାଗରେ ଅବସ୍ଥା ସମାନ।

ବ୍ଲକରେ ଯନ୍ତ୍ରୀମାନେ ବିଳମ୍ବରେ ପହଂଚୁଥିଲେ ମଧ୍ୟ କେବଳ ଗୋଟିଏ ବାହାନା କ୍ଷେତ୍ର ପରିଦର୍ଶନ ଥିଲୁ, କିନ୍ତୁ କେବଳ ମିଥ୍ୟା ପ୍ରତିଶୃତି କହି ବିଳମ୍ବରେ କାର୍ଯ୍ୟାଳୟ ଆସୁଛନ୍ତି। ଖାଲି ସେତିକି ନୁହେଁ ଦୈନିକ ଯିବା ଆସିବା କରୁଥିବା କର୍ମଚାରୀ ବିଳମ୍ବରେ ପହଂଚୁ ଥିବା ଲକ୍ଷ୍ୟ କରାଯାଇଛି। ସାଧାରଣ ଲୋକ ଅଫିସର କିମ୍ବା କର୍ମଚାରୀଙ୍କୁ କାର୍ଯ୍ୟାଳୟ ନ ପାଇଁ ଅନେକ ସମୟରେ ନିରାଶରେ ଫେରିଛନ୍ତି। ଯାହାକୁ ନେଇ କାକଟପୁର ଓ ଅସ୍ତରଙ୍ଗର ବିକାଶ ଉପରେ ପ୍ରଶ୍ନଚିହ୍ନ ଲାଗିଛି। ବର୍ଷ ବର୍ଷ ଧରି ଏମିତି ଚାଲିଥିବା ବେଳେ ଜିଲ୍ଲା ପ୍ରଶାସନ ଯେମିତି ଆଖି ବୁଜି ଦେଇଛି। ଜଣେ ବରିଷ୍ଠ ପ୍ରଶାସକଙ୍କ କହିବା ଅନୁସାରେ, ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀଙ୍କ ଉପସ୍ଥାନ, କିଏ କେତେବେଳେ ଅଫିସଯିବା ଆସିବା କରୁଛନ୍ତି, ବିନା କାମରେ କିଏ ବିଳମ୍ବରେ ଆସୁଛନ୍ତି, ଛୁଟି ପୂର୍ବତନ କେଉଁ ଅଧିକାରୀ ଶୀଘ୍ର ପଳାଉଛନ୍ତି ତାହା ଯାଞ୍ଚ କରିବା ଜିଲ୍ଲା ପ୍ରଶାସନ କାମ। ତେଣୁ ନିୟମିତ ଯାଞ୍ଚ କରାଗଲେ ସେମାନଙ୍କ ମନରେ ଭୟ ସୃଷ୍ଟି ହୋଇପାରିବ।

## ପୁଅ ନିଖୋଜ ନେଇ ଥାନାର ଦ୍ୱାରସ୍ଥ ହେଲେ ବାପା

**ନାଉଗାଁ, ୧୯।୨ (ସଂଚାର ବ୍ୟୁରୋ):** ବାଙ୍ଗାଲୋରରୁ ଟ୍ରେନରେ ଆସୁଥିବା ସମୟରେ ଅଧବାଟରୁ ନିଖୋଜ ହେଲା ପୁଅ। ଥାନାର ଦ୍ୱାରସ୍ଥ ହେଲେ ବୃଦ୍ଧ ବାପା। ତେବେ ଏପରି ଘଟଣା ଦେଖିବାକୁ ମିଳିଛି ନାଉଗାଁ ଥାନା ଅଂଚଳର ଗୋଠଦା(ଇଚ୍ଛାପୁର) ଗ୍ରାମରେ। ଏହି ଗ୍ରାମର ନୃସିଂହ ଚରଣ ଦାସଙ୍କର ଏକମାତ୍ର ୩୨ ବର୍ଷୀୟ ପୁଅ ସୋମନାଥ ଦାସ ନିଜର ପରିବାର ପ୍ରତିପୋଷଣ ପାଇଁ ଏକ ବର୍ଷ ପୂର୍ବେ ବାଙ୍ଗାଲୁର ଯାଇ ଏକ



ଘରୋଇ କମ୍ପାନୀରେ କାର୍ଯ୍ୟକରି ଆସୁଥିଲା। ହେଲେ ଗତ ୧୫ ତାରିଖ ଦିନ ପ୍ରଶାନ୍ତି ଏକ୍ସପ୍ରେସ୍‌ରେ ନିଜ ଘର ଅଭିମୁଖେ ସୋମନାଥ ଆସୁଥିବା ସମୟରେ ୧୬ ତାରିଖ ଦିନ ନିଜ ପରିବାର ସହିତ ବିଶାଖାପାଟଣାରେ ଶେଷଥର କଥା ହୋଇଥିଲା । ତା ପରଠାରୁ ସୋମନାଥଙ୍କର ମୋବାଇଲ ଫୋନ ବନ୍ଦ ହୋଇଯାଇଥିଲା। ପରିବାର ଲୋକେ ଯେତେ ତାଙ୍କ ସହିତ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ବିଫଳ ହୋଇଥିଲେ । ଶେଷରେ ନିରାଶ ହୋଇ ସୋମନାଥଙ୍କର ବାପା ପୁଅ ନିଖୋଜ ନେଇ ଆଜି ନାଉଗାଁ ଥାନାର ଦ୍ୱାରସ୍ଥ ହୋଇ ଏକ ଲିଖିତ ଅଭିଯୋଗ କରିଛନ୍ତି। ନାଉଗାଁ ପୋଲିସ ଏହି ଅଭଯୋଗକୁ ଆଧାର କରି ଗୋଟେ ମିସିଙ୍ଗ କେସେ ୧୦/୨୫ ରୁଜୁ କରି ଘଟଣାର ପ୍ରାଥମିକ ତଦନ୍ତ ଆରମ୍ଭ କରିଥିବା ନେଇ ଥାନା ପକ୍ଷରୁ ସୂଚନା ମିଳିଛି।

## ଯୁବକଙ୍କୁ ଆକ୍ରମଣ ଘଟଣାରେ ୪ ଗିରଫ




**ହିଞ୍ଜିଳିକାଟୁ, ୧୯।୨ (ସଂଚାର ବ୍ୟୁରୋ):** ହିଞ୍ଜିଳି ଥାନା ଅନ୍ତର୍ଗତ ଶରଧାପୁର ଗ୍ରାମରେ ସୋମବାର ବିଳମ୍ବିତ ରାତିରେ ଘଟିଥିବା ଘଟଣାରେ ହିଞ୍ଜିଳି ପୋଲିସ ୪ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଶରଧାପୁର ଗ୍ରାମର ଗଣେଶ ପୃଷ୍ଟି (୩୫), ହିଞ୍ଜିଳି ସାନସାହିର କାହ୍ନୁ ଚୌଧୁରୀ (୩୦), ଚନ୍ଦନ ଚୌଧୁରୀ (୩୦) ଓ ପାଟଣା ସାହିର ରାମ ଚନ୍ଦ୍ର ସେନାପତି (୩୨)। ପ୍ରକାଶ ଥାଉ କି, ଏକ ବାହାଘର ପଟୁଆରରେ ଘୋଡାଗାଡ଼ି ଚଢ଼ାକୁ ନେଇ ଆହତ ଯୁବକ କାହ୍ନା ସାହୁ ଓ ଏମାନଙ୍କ ମଧ୍ୟରେ ଯୁକ୍ତିତର୍କ ଘଟି ଉକ୍ତ କାଣ୍ଡ ଘଟିଥିବା ଜଣାପଡିଛି। ମଙ୍ଗଳବାର ରାତିରେ ଆହତ କାହ୍ନୁର ବାପା ମଙ୍ଗୁଲୁ ସାହୁଙ୍କ ଏତଲାକ୍ରମେ ୧୨୫/୨୫ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଘଟଣାରେ ବ୍ୟବହୃତ ରକ୍ତଭିଜା କାତି,ସ୍କୁଟି ଓ ଘୋଡାଗାଡ଼ି ଜବତ କରିବା ସହ ୪ଜଣ କୋର୍ଟ ଚାଲାଣ ହୋଇଥିବା ଥାନାଧିକାରୀ ଶ୍ରୀନିବାସ ସେଠୀ ସୂଚନା ଦେଇଛନ୍ତି।

## ପାରିବାରିକ କଳହରୁ ମା’କୁ ପିଟିପିଟି ମାରିଦେଲା ପୁଅ

**ନୀଳଗିରି, ୧୯।୨ (ସଂଚାର ବ୍ୟୁରୋ):** ପାରିବାରିକ କୋଳହର ପରିଣାମ କେତେ ଯେ ଭୟଙ୍କର ହୋଇପାରେ, ତାହା ଆଜି ନୀଳଗିରିର ଦେଖିବାକୁ ମିଳିଛି। ଜନ୍ମକଲା ମାଆକୁ ଠେଙ୍ଗାରେ ପିଟିପିଟି ମାରିଦେଇଛି ପୁଅ। ଏଭଳି ଏକ ହୃଦୟ ବିଦାରକ ଘଟଣା ଘଟିଛି ବାଘମରା ଗାଁରେ। ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ ଜାମୁଡିହା ପଞ୍ଚାୟତ ବାଘମରା ଗ୍ରାମର ସ୍ୱର୍ଗତ ବାବାଜୀ ସିଂଙ୍କ ସ୍ତ୍ରୀ ଶଙ୍କି ସିଂ(୪୮)କୁ ପୁଅ ଦୁର୍ଗା ସିଂ (୨୫) ବୁଧବାର ଅପରାହ୍ନ ପ୍ରାୟ ୫ ଘଟିକା ସମୟରେ ମାଆ ଓ ପୁଅ ଘରେ ଥିବା ସମୟରେ କୌଣସି ପାରିବାରିକ ଘଟଣାକୁ ନେଇ ଝଗଡା ହେଇଥିଲା। ପୁଅ ଏଥିରେ ଉତ୍ତ୍ୟକ୍ତ ହୋଇ ମାନସିକ ଭାରସ୍ୟାମ ହରାଇ ପଶୁ ପାଲଟି ଯାଇଥିଲା। ଘରେ ଥିବା ଏକ ଠେଙ୍ଗାରେ ମାଆକୁ ନିର୍ଦ୍ଧୁମ ପିଟି ଚାଲିଥିଲା। ଘଟଣାସ୍ଥଳରେ ମାଆ ଶଙ୍କିର ମୃତ୍ୟୁ ହୋଇଥିଲା। ଖବର ପାଇ ନୀଳଗିରି ଏସ୍.ଡି.ପି.ଓ ପ୍ରମୋଦ କୁମାର ମଲ୍ଲିକ, ନୀଳଗିରି ଥାନା ଭାରପ୍ରାପ୍ତ ଆଇଆଇସି ସୁବର୍ଣ୍ଣା ବେହେରା ନେତୃତ୍ୱରେ ଏକ ଟିମ ଘଟଣା ସ୍ଥଳରୁ ପୁଅ ଦୁର୍ଗାକୁ କାବୁ କରି ନୀଳଗିରି ଥାନାକୁ ଆଣି ପଚରାଉଚୁରା କରୁଥିବା ବେଳେ ବ୍ୟବହୃତ ଠେଙ୍ଗାକୁ ପୋଲିସ ଜବତ କରିଛି। ଅନ୍ୟ ପଟେ ମାଆ ର ମୃତଦେହକୁ ବ୍ୟବଚ୍ଛେଦ ପାଇଁ ନୀଳଗିରି ଉପଖଣ୍ଡ ଡାକ୍ତର ଖାନାକୁ ପଠାଇ ପୋଲିସ ତଦନ୍ତ ଜାରି ରଖିଛି।

# କରୋନା ମହାମାରୀରେ ନର୍ସମାନଙ୍କ ତ୍ୟାଗ ଅଭୂତପୂର୍ବ: ସୋଆ ଉପସଭାପତି

**ଭୁବନେଶ୍ୱର, ୧୯।୨ (ସଂଚାର ବ୍ୟୁରୋ) :** ହସ୍ପିଟାଲ୍‌ରେ ରୋଗୀଟିଏ ନର୍ସମାନଙ୍କର ଚିକିତ୍ସା ଓ ସେବା ଦ୍ୱାରା ହିଁ ସୁସ୍ଥତା ପାଇଥାଏ। କରୋନା ମହାମାରୀ ସମୟରେ ସେମାନଙ୍କର ତ୍ୟାଗ ସମ୍ପୂର୍ଣ୍ଣ ସମାଜ ଉପଲବ୍ଧି କରିଛି ବୋଲି କହିଛନ୍ତି ଶିକ୍ଷା ଓ ଅନୁସନ୍ଧାନ (ସୋଆ) ର ଉପସଭାପତି ଶାଶ୍ୱତୀ ଦାସ। ସୋଆ ପରିଚାଳିତ ସମ୍ ନର୍ସିଂ କଲେଜର ଚଳିତ ଶିକ୍ଷା ବର୍ଷର ପ୍ରଥମ ବର୍ଷ ବିଏସ୍‌ସି ନର୍ସିଂ ଏବଂ ଜିଏନ୍‌ଏମ୍ ଛାତ୍ରଛାତ୍ରୀମାନଙ୍କର ଶପଥ ଗ୍ରହଣ ଏବଂ ପ୍ରଦୀପ ପ୍ରଜ୍ୱଳନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶ୍ରୀମତି ଦାସ କହିଥିଲେ ଯେ ଏଭଳି କାର୍ଯ୍ୟକ୍ରମ ନର୍ସିଂ ବୃତିରେ ଅଧ୍ୟୟନ ପାଇଁ ଆସିଥିବା ଛାତ୍ରଛାତ୍ରୀମାନଙ୍କ ଜୀବନରେ ଏକ ନୂଆ ଅନୁଭୂତି ଆଣିଦେବ।

କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ କଲେଜ ପକ୍ଷରୁ ଆୟୋଜିତ ପର୍ସନାଲିଟି ପ୍ରତିଯୋଗିତାର ମହିଳା ବିଭାଗରେ କଲେଜର ଦୁଇ ଜଣ ଆନ୍ତର୍ଜାତୀୟ ଛାତ୍ରୀ ବିଏସ୍‌ସି ନର୍ସିଂ ପ୍ରଥମରେ ଅଧ୍ୟୟନ କରୁଥିବା ଲିଲେ ଥାଣ୍ଡୋଲଉଥୁସିବୋଣ୍ଡଜା ‘ମିସ୍ ଏସ୍‌ଏନ୍‌ସି’ ଆଖ୍ୟା ହାସଲ କରିଥିବା ବେଳେ ବିଏସ୍‌ସି ନର୍ସିଂର ପ୍ରଥମ ବର୍ଷର ଆଉ ଜଣେ ବିଦେଶୀ ଛାତ୍ରୀ ଫେଥ



ଲିକାନ୍‌ଡୋମୁନିଡ ଦ୍ୱିତୀୟ ରନର ଅପ୍ ଆଖ୍ୟା ହାସଲ କରିଛନ୍ତି। ଥାଣ୍ଡୋଲଉଥୁସିବୋଣ୍ଡଜା ଆଫ୍ରିକାର ସ୍ୱାଜିଲ୍ୟାଣ୍ଡ ଦେଶରୁ ଆସିଥିବା ବେଳେ ଲିକାନ୍‌ଡୋମୁନିଡ ଜାମ୍ବିଆର ନାଗରିକ। ସେହିପରି ବିଏସ୍‌ସି ନର୍ସିଂ ଚତୁର୍ଥ ବର୍ଷର ଛାତ୍ରୀ ସୁଶ୍ରୀ ଦେବସ୍ମିତା ଦାସ ପ୍ରଥମ ରନର ଅପ୍ ଆଖ୍ୟା ହାସଲ କରିଛନ୍ତି। ସେମାନଙ୍କୁ ପୁରସ୍କୃତ କରିବା ଅବସରରେ ଶ୍ରୀମତି ଦାସ ନିଜର ଖୁସି ବ୍ୟକ୍ତ କରିଥିଲେ। ବିଦେଶରୁ ଆସି ସୋଆରେ ଅଧ୍ୟୟନ କରୁଥିବା ଛାତ୍ରୀ ନିଜ ପ୍ରତିଭାର ପରିପ୍ରକାଶ କରିବା ଆମ ପାଇଁ ଗର୍ବର ବିଷୟ ବୋଲି ସେ କହିଛନ୍ତି।

ଏହି ଅବସରରେ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇଥିବା ଷ୍ଟେଟ୍ ଆଡଭ୍ୱନ୍ ରିସର୍ଚ୍ଚ ଏଜେନ୍ସି (ସାରା), ଓଡ଼ିଶାର ଗଭର୍ଣ୍ଣିଂ ବଡି ସଦସ୍ୟା କାନ୍ତା ମହାନ୍ତି କହିଥିଲେ ଯେ ନର୍ସମାନେ କୋଭିଡ ସମୟରେ ନିଜ ଜୀବନକୁ ବାଜି ଲଗାଇ ଜନସାଧାରଣଙ୍କର ଜୀବନ ରକ୍ଷା କରିଥିଲେ। ତେଣୁ ନୂତନ ଭାବରେ ଏହି ପାଠ୍ୟକ୍ରମରେ ପ୍ରବେଶ କରି ଶପଥ ଗ୍ରହଣ କରିବା ପାଇଁ ଆସିଥିବା ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ଏହି ଶପଥ ଗୋଟିଏ ଦିନ ନୁହେଁ ବରଂ ସାରା ଜୀବନ ପାଇଁ ଏକ ସମର୍ପଣ ବୋଲି ସେ କହିଥିଲେ। । କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଡାଇରେକ୍ଟର ଅଫ୍ ମେଡିକାଲ୍ ଏଜୁକେସନ୍ ଆଣ୍ଡ ଟ୍ରେନିଂ ଓଡ଼ିଶାର ଅତିରିକ୍ତ ନିର୍ଦ୍ଦେଶକ ପ୍ରଫେସର (ଡାକ୍ତର) ବ୍ରଜକିଶୋର ଦାଶ, ଆଇଏମଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ଡିନ୍ ପ୍ରଫେସର (ଡାକ୍ତର) ସଂଘମିତ୍ରା ମିଶ୍ର ଓ ମେଡିକାଲ୍ ସୁପରିଟେଣ୍ଡେଂଟ ପ୍ରଫେସର (ଡାକ୍ତର) ପୁଷ୍ପରାଜ ସାମନ୍ତସିଂହାର ଯୋଗଦେଇ ବକ୍ତବ୍ୟ ରଖିଥିବା ବେଳେ ପ୍ରଫେସନାଲ ଗେଷ୍ଟ ଭାବେ ସୋମି, ଓଡ଼ିଶା ଶାଖାର ସଚିବ ପ୍ରଫେସର ଅମ୍ରିତା ଲେଙ୍କା ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ।

## ନାବାଳିକା ବିବାହ ରୋକିଲା ପ୍ରଶାସନ

**ଝରିଗାଁ, ୧୯।୨ (ସଂଚାର ବ୍ୟୁରୋ) :** ନବରଙ୍ଗପୁର ଜିଲ୍ଲା ଝରିଗାଁ ଥାନା ଅଧୀନ ବଡ଼ ଟେମରା ପଞ୍ଚାୟତର ପଡ଼ାଲ ଗୁଡ଼ା ଗ୍ରାମରେ ଅନୁଷ୍ଠିତ ହେବାକୁ ଥିବା ଏକ ବାଲ୍ୟ ବିବାହକୁ ପ୍ରଶାସନ ହସ୍ତକ୍ଷେପ କରିବା ପରେ ବିବାହ ସ୍ଥଗିତ ହୋଇଛି। ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ବିରୋଯା ମୋହିନୀ ପାଙ୍ଗି ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଶୋଭା ଏନ୍‌ଜିଓ କାଉନସିଲର ଆଶିଷ ରଂଜନ ନାୟକ, ଶିଶୁ ବିକାଶ ପ୍ରକଳ୍ପ ମହିଳା ପରିଦର୍ଶିକା ଟୁନି ଦେଇ ଜେନା ଏବଂ ଝରିଗାଁ ଥାନା ପକ୍ଷରୁ ମହିଳା କନଷ୍ଟେବଲ୍ ବାସନ୍ତୀ ପାତ୍ର ପହଞ୍ଚିବା ପରେ ବାଲ୍ୟ ବିବାହ ରଦ୍ଦ ହୋଇଛି। ସୂଚନା ପ୍ରକାରେ ପଡ଼ାଲ ଗୁଡ଼ା ନିବାସୀ ବାସୁ ମୁଦୁଲିଙ୍କ ଝିଅ ଦ୍ରପୌଦି ମୁଦୁଲି (୧୬) ଏବଂ ରାଇଘର ଥାନା ଅଧୀନ ମଣ୍ଡି ବେଡା ପଞ୍ଚାୟତ ଅନ୍ତର୍ଗତ ଭୀମା ଟିକିରା ଗ୍ରାମର ପୀତବାସ ଜାନୀ ଙ୍କ ପୁଅ ଧନପତି ଜାନୀ ( ୨୧) ସହ ଆଜି ଉଭୟ ପରିବାର ମଧ୍ୟରେ ବିବାହ କୁ ନେଇ ଦିନ ଧାର୍ଯ୍ୟ କରିବା ନିମନ୍ତେ ପ୍ରସ୍ତୁତ ହେଉଥିବା ବେଳେ କୌଣସି ସୂତ୍ରରୁ ଖବର ପାଇ ପଡ଼ାଲ ଗୁଡ଼ା ବାସୁ ମୁଦୁଲି ଙ୍କ ଘରେ ପ୍ରଶାସନ ପହଞ୍ଚିଥିଲା। ଉଭୟ ପରିବାର ଲୋକଙ୍କୁ ବାଲ୍ୟ ବିବାହ ଏକ ସାମାଜିକ ଅପରାଧ ଏନେଇ ଆଇନ ଅନୁସାରେ ଦଣ୍ଡିତ ପ୍ରାବଧାନ ରହିଥିବା ନେଇ ଚେତନା ଓ ପରାମର୍ଶ ପ୍ରଦାନ କରାଯାଇଥିଲା। ଏଥିରେ ଉଭୟ ପରିବାର ପ୍ରଶାସନର ତାଗିଦ୍ ଓ ପରାମର୍ଶ ପରେ ବିବାହକୁ ସ୍ଥଗିତ କରିବାକୁ ରାଜି ହୋଇଥିଲେ। ଝିଅ ଦ୍ରୌପଦୀ ବିବାହ ଯୋଗ୍ୟା ହେଲେ ପୁଅ ଧନପତି ସହ ଆଗାମୀ ଦିନରେ ବିବାହ କରାଯିବ ନେଇ ନିଷ୍ପତି ନିଆଯାଇଥିଲା । ଗ୍ରାମର ପ୍ରମୁଖ ବ୍ୟକ୍ତି ବିଶେଷଙ୍କ ମଧ୍ୟରେ କମଲୋଚନ ଯାନୀ, ଧନପତି ଯାନୀ, ରାମଧର ଯାନୀ, ଦୁର୍ଜ ଯାନୀ, ଡମାଏ ମୁଦୁଲି, ଯଶୋଦା ମୁଦୁଲି,ଅଗାଦୁ ମୁଦୁଲି, ସନବାରି ହରିଜନ ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ସଚେତନତା ଶିବିର

**ନବରଙ୍ଗପୁର, ୧୯।୨ (ସଂଚାର ବ୍ୟୁରୋ) :** ଜିଲ୍ଲା ଆଇନ ସେବା ପ୍ରାଧିକରଣ, ନବରଙ୍ଗପୁର ତରଫରୁ କୁକୁଡାବାଇ ଗ୍ରାମ ପଞ୍ଚାୟତ ଅଫିସ ପରିସରରେ “ପ୍ରବାସୀ ଶ୍ରମିକ ମାନଙ୍କର ବିଭିନ ପ୍ରସଙ୍ଗ ଓ ନାବାଳକ ନ୍ୟାୟ ଯତ୍ନ ଏବଂ ଶିଶୁ ମାନଙ୍କର ସୁରକ୍ଷା ଆଇନ” କୁ ନେଇ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ନବରଙ୍ଗପୁରର ଅଧ୍ୟକ୍ଷ ତଥା ଜିଲ୍ଲା ଦୌରାଜର୍ଜ ସୁବ୍ରତ ମହାନ୍ତିଙ୍କ ନିର୍ଦ୍ଦେଶ କ୍ରମେ ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର



ସଚିବ ଶ୍ରୀମତୀ ସାଇ ଅଭୀପ୍ସା ଗୋଛାୟତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମସ୍ତଙ୍କୁ ପ୍ରବାସୀ ଶ୍ରମିକ ମାନଙ୍କର ବିଭିନ ପ୍ରସଙ୍ଗ ଓ ନାବାଳକ ନ୍ୟାୟ ଯତ୍ନ ଏବଂ ଶିଶୁ ମାନଙ୍କର ସୁରକ୍ଷା ଆଇନ ବିଷୟରେ ଆଲୋକପାତ କରିଥିଲେ। ଅନ୍ୟାନ୍ୟ ଅତିଥି ଭାବେ ଛୋଟରାୟ ଟୁଡୁ, ଜିଲ୍ଲା ଶ୍ରମ ଅଧିକାରୀ, କିଶୋରୀ ପଟ୍ଟନାୟକ ତାଲିକାଭୁକ୍ତ ଆଇନଜୀବୀ, ରାଜ କିଶୋର ନାଗ, ଉପ ମୁଖ୍ୟ ଆଇନ ସହାୟତା ପ୍ରତିରକ୍ଷ୍ୟା ପରାମର୍ଶଦାତା, ରତ୍ନା ଯାନୀ, ସରପଞ୍ଚ କୁକୁଡାବାଇ ଗ୍ରାମ ପଞ୍ଚାୟତ ଏବଂ ପ୍ରବୀଣ କୁମାର ପ୍ରଧାନ ପିଇଓ, କୁକୁଡାବାଇ ଗ୍ରାମ ପଞ୍ଚାୟତ ପ୍ରମୁଖ ଯୋଗ ଦେଇଥିଲେ। ଏହି ଶିବିରରେ ଓଡିଶା ଅଣସଂଗଠିତ ସାମାଜିକ ସୁରକ୍ଷ୍ୟା ବୋର୍ଡ ଅଧୀନରେ ୧୫ ଜଣଙ୍କୁ ଅଣସଂଗଠିତ ଶ୍ରମିକ ପରିଚୟ ପତ୍ର ଓ ମୃର୍ତ୍ତୁ କାଳୀନ ସହାୟତା ବାବଦକୁ ୮ ଜଣ ହିତାଧିକାରୀଙ୍କୁ ମୋଟ ଟଙ୍କା ୧୨ ଲକ୍ଷର ସହାୟତା ପ୍ରଦାନ କରାଯାଇଥିଲା

## କିଟ୍ ପକ୍ଷରୁ ପ୍ରକୃତିଙ୍କ ନାମରେ ମେଧାବୃତ୍ତି ଘୋଷଣା

**ଭୁବନେଶ୍ୱର, ୧୯।୨ (ସଂଚାର ବ୍ୟୁରୋ) :** କିଟ୍ ଛାତ୍ରୀ ପ୍ରକୃତିଙ୍କ ମୃତଦେହ ତାଙ୍କ ବାପା ଓ ମାମୁଙ୍କୁ ହସ୍ତାନ୍ତର ପ୍ରକ୍ରିୟା କାର୍ଯ୍ୟ ଶେଷ ହେବା ପରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସେମାନଙ୍କ ସହ ସାକ୍ଷାତ କରିଥିଲେ। ପ୍ରକୃତିଙ୍କ ଅକାଳ ମୃତ୍ୟୁରେ ଶ୍ରୀ ସାମନ୍ତ ଗଭୀର ଦୁଃଖ ପ୍ରକାଶ କରିବା ସହ ସେମାନଙ୍କୁ ସାନ୍ତ୍ୱନା ଦେଇଥିଲେ। ଏହି ଅବସରରେ ପ୍ରକୃତିଙ୍କ ସ୍ମୃତି ଉଦ୍ଦେଶ୍ୟରେ ତାଙ୍କ ନାମରେ ଏକ ମେଧାବୃତ୍ତି ପ୍ରଦାନ କରାଯିବ ବୋଲି ଶ୍ରୀ ସାମନ୍ତ ଘୋଷଣା କରିଥିଲେ ।

## ଟ୍ରକକୁ ଧକ୍କା ଦେଲା ବାଇକ ଦୁଇ ମୃତ, ୧ ଗୁରୁତର

**ବୋରିଗୁମ୍ମା, ୧୯।୨ (ସଂଚାର ବ୍ୟୁରୋ) :** ବୋରିଗୁମ୍ମା ଥାନା ଅନ୍ତର୍ଗତ କେରାପୁଟଠାରେ ଠିଆ ହୋଇଥିବା ଏକ କାଠ ବୋଝେଇ ଟ୍ରକ କୁ ଗୋଟିଏ ବାଇକ ଧକ୍କା ଦେବା ଫଳରେ ଦୁଇ ଜଣ ଙ୍କ ମୃତ୍ୟୁ ହୋଇଥିବା ବେଳେ ଜଣେ ବ୍ୟକ୍ତି ଗୁରୁତର ହୋଇ ଚିକିତ୍ସାଧୀନ ହେଉଥିବା ଜଣାପଡ଼ିଛି। ମୃତ ଦୁଇ ଜଣ ହେଲେ ଲକ୍ଷ୍ମଣ ପରଜା ଓ କୁମ ପରଜା। ଗତକାଲି ରାତିରେ ବୋଦାଗୁଡା ଅଞ୍ଚଳର ତିନି ଯୁବକ ଏକ ବାଇକ ଯୋଗେ ବିସିଂପୁରରେ ଏକ ବିବାହ ଭୋଜିରେ ଯୋଗ ଦେଇ ନିଜ ଗାଁ ବୋଦାଗୁଡାକୁ ବାଇକ ଯୋଗେ ଫେରୁଥିବା ସମୟରେ କେରାପୁଟ ନିକଟରେ ରାସ୍ତା ଉପରେ ବିନା ପାର୍କିଙ୍ଗ ଲାଇଟ କାଠ ବୋଝେଇ ଟ୍ରକ ଠିଆ ହୋଇଥିବା ବେଳେ ବାଇକ ଚାଳକ ଜାଣି ନ ପାରି ଧକ୍କା ଦେଇଥିବା ଜଣାପଡିଛି। ବାଇକରେ ଥିବା ତୃତୀୟ ବ୍ୟକ୍ତି ପର୍ଶୁ ନାମକ ଗୁରୁତର ହୋଇଥିଲେ। ଖବର ପାଇ ବୋରିଗୁମ୍ମା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗୁରୁତରଙ୍କୁ ବୋରିଗୁମ୍ମା ମେଡ଼ିକାଲରେ ଭର୍ତ୍ତି କରିଥିଲା।



## ମଣ୍ଡଳସ୍ତରୀୟ ଜନଶୁଣାଣି ଶିବିର



**ନୟାଗଡ଼, ୧୯।୨ (ସଂଚାର ବ୍ୟୁରୋ) :** ନୟାଗଡ ପଞ୍ଚାୟତ ସମିତି ସମ୍ମିଳନୀ ଗୃହରେ ମନରେଗା ଏବଂ ପଞ୍ଚଦଶ ଅର୍ଥ କମିଶନ ସମ୍ପର୍କିତ ଜନଶୁଣାଣୀ ଶିବିର ଆଜି ଅନୁଷ୍ଠିତ ହୋଇଯାଇଛି। ମନରେଗା ଜନଶୁଣାଣି ଶିବିରରେ ଡେପୁଟି କଲେକ୍ଟର ମନିଶା ଗୁପ୍ତା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ନିକଟରେ ଶେଷ ହୋଇଥିବା ସାମାଜିକ ସମୀକ୍ଷାରେ ମନରେଗା ପାଇଁ ୧୧୫ ଗୋଟି ତୃଟି ଦର୍ଶାଯାଇଛି। ଯେଉଁଥିରୁ ଆର୍ଥିକ ବିଚ୍ୟୁତି ବାବଦ ୧୨ ଗୋଟି, ଆର୍ଥିକ ଅନିୟମିତତା ବାବଦ ୮ଗୋଟି, ପ୍ରକ୍ରିୟା ଉଲ୍ଲଂଘନ ବାବଦ ୮୪ ଗୋଟି ଏବଂ ଅଭିଯୋଗ ବାବଦ ୧୧ ଗୋଟି ସମସ୍ୟା ଉପରେ ଜନ ଶୁଣାଣୀ କରଯାଇଥିଲା । ଏଥି ସହ ପଞ୍ଚଦଶ ଅର୍ଥ କମିଶନ ଅନୁଦାନ ସମ୍ପର୍କିତ ୫୦ ଗୋଟି ତୃଟି ସଭାରେ ଉପସ୍ଥାପନ କରାଯାଇଥିଲା। ଏତଦ ମଧ୍ୟରୁ ଆର୍ଥିକ ଅନିୟମିତତା ୧୧, ନଥି ପତ୍ର ପରିଚାଳନା ଉଲଙ୍ଘନ ୩୦, ପ୍ରକ୍ରିୟା ଉଲଙ୍ଘନ ୦୯ ଗୋଟି ଓ ଏଥି ସହ ବର୍ତ୍ତମାନ ସୁଦ୍ଧା ଉକ୍ତ ଆର୍ଥିକ ବର୍ଷରେ ମନରେଗାର ସ୍ଥିତି ସମ୍ପର୍କରେ ଶିବିରରେ ଉପସ୍ଥାପନ କରଯାଇଥିଲା ।

### କୋଣାର୍କ ନୃତ୍ୟ ଓ ସଙ୍ଗୀତ ଉତ୍ସବ

## ପଞ୍ଚୀଦେବସ୍ତୁତି ମନ୍ତ୍ରମୁଗ୍ଧ କଲା

**କୋଣାର୍କ, ୧୯।୨ (ସଂଚାର ବ୍ୟୁରୋ) :** ସ୍ୱର୍ଗତ ପଦ୍ମଶ୍ରୀ ଗୁରୁ ଗଙ୍ଗାଧର ପ୍ରଧାନଙ୍କ ଦ୍ୱାରା ପ୍ରତିଷ୍ଠିତ କୋଣାର୍କ ନାଟ୍ୟ ମଣ୍ଡପ ପରିସରରେ ବୁଧବାର ସଂଧ୍ୟାରେ ୩୯ତମ କୋଣାର୍କ ନୃତ୍ୟ ଓ ସଙ୍ଗୀତ ଉତ୍ସବ ଉଦଘାଟିତ ହୋଇଛି। ଉତ୍ସବରେ ଅତିଥିଭାବେ ଜଗତସିଂହପୁର ସାଂସଦ ବିଭୁ ପ୍ରସାଦ ତରାଇ,ପୂର୍ବତନ ସାଂସଦ ପ୍ରସନ୍ନ ପାଟ୍ଟଶାଣୀ, କୋଣାର୍କ ଏନ୍‌ଏସି ଅଧ୍ୟକ୍ଷା ସଂଯୁକ୍ତା ତ୍ରିପାଠୀ, ନାଟ୍ୟମଣ୍ଡପ ସମ୍ପାଦକ ଶିବାଶିଷ ପ୍ରଧାନ, ସୁଲୋଚନା



ପ୍ରଧାନ ଯୋଗଦେଇ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତୀରେ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଘଣ୍ଟ ମର୍ଦ୍ଦଳ ଓ ଶଙ୍ଖ ଧ୍ୱନି ତାଳେତାଳେ ବାବା ବାଲୁଙ୍କେଶ୍ୱର ମହାଦେବଙ୍କ ଆଜ୍ଞାମାଳ ମଞ୍ଚରେ ବିଜେ ହେବା ପରେ ନାଟ୍ୟ ମଣ୍ଡପ ଓ ନୃତ୍ୟାଳୟା ଡାନ୍ସ ଏକାଡେମୀର କଳାକାରମାନେ ପରିବେଷଣ କରିଥିଲେ ପଞ୍ଚଦେବସ୍ତୁତି। ଏହା ଉପସ୍ଥିତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଦ୍ୱିତୀୟ ପର୍ଯ୍ୟାୟରେ କୋଲକତାର ସଙ୍କଳ୍ପ ନୃତ୍ୟାୟନ କଳାକାରଙ୍କ ପକ୍ଷରୁ ଓଡିଶୀ ନୃତ୍ୟ ପରିବେଷଣ ହୋଇଥିଲା। ଶେଷରେ ରଘୁରାଜପୁର ଦଶଭୁଜା ଗୋଟିପୁଅ ଓଡ଼ିଶୀ ନୃତ୍ୟ ପରିଷଦ ପକ୍ଷରୁ ପରିବେଷଣ ହୋଇଥିଲା ଗୋଟିପୁଅ ନୃତ୍ୟ। ଏହି ଅବସରରେ ୨୫ତମ କୋଣାର୍କ ସାହିତ୍ୟ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଂଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଅର୍ପିତା ସେନ, ନିରଞ୍ଜନ ପାଲତା ସଞ୍ଚାଳନ କରିଥିବାବେଳେ ନାଟ୍ୟମଣ୍ଡପର ସମସ୍ତ କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ।

### ମା’ ରାମଚଣ୍ଡୀ ମହୋତ୍ସବ ଉଦଯାପିତ

## ଗୀତ ଓ ନାଚରେ ଦୁଲୁକିଲା ମଞ୍ଚ

**ବ୍ରହ୍ମପୁର, ୧୯।୨ (ସଂଚାର ବ୍ୟୁରୋ) :** ଗଞ୍ଜାମ ବ୍ଲକ ଅନ୍ତର୍ଗତ ନୀଳାଦ୍ରିପୁର (କରପଡ଼ା) ଋଷିକୂଲ୍ୟା ତଟ ପ୍ରସିଦ୍ଧ ଶକ୍ତିପୀଠ ମା' ରାମଚଣ୍ଡୀଙ୍କ ମନ୍ଦିର ପ୍ରତିଷ୍ଠାର ଦ୍ୱିତୀୟ ବାର୍ଷିକୀ ଉତ୍ସବ ଅବସରରେ ଚାଲିଥିବା ମା'' ରାମଚଣ୍ଡୀ ମହୋତ୍ସବ ଉଦଯାପିତ ହୋଇଯାଇଛି। ମହୋତ୍ସବର ଅନ୍ତିମ ଦିନରେ ଟ୍ରଷ୍ଟ ମୁଖ୍ୟ ସୁଧାକର ପଣ୍ଡା, ସମାଜସେବୀ ଏ ସନ୍ତୋଷ ପାତ୍ର, ଟ୍ରଷ୍ଟି କାଶୀନାଥ ବ୍ରହ୍ମା, ମଞ୍ଜୁଳା ପଣ୍ଡା, ଲକ୍ଷ୍ମୀ ନୃସିଂହ ପଣ୍ଡା, ଉପଦେଷ୍ଟା ରବୀନ୍ଦ୍ରପଣ୍ଡା, ରାଜେଶ ମିଶ୍ର ,ଆଶିଷ ସାବତ, ଛତ୍ରପୁର ବିଜ୍ଞାନ ମହାବିଦ୍ୟାଳୟ ର ପ୍ରିନସିପାଲ ଡ଼ ଅଜୟ କୁମାର ତ୍ରିପାଠୀ ଓ ବ୍ୟାଙ୍କ ଅଫ ମହାରାଷ୍ଟ୍ର ର ଚିଫ ଜେନେରାଲ ମ୍ୟାନେଜର ଶ୍ରୀ ଦିଲୀପ ରାଉଳ, ସାମ୍ବାଦିକ ସମୀର ଆଚାର୍ଯ୍ୟ, ଦେବହରି ବେହେରା,କେ ସତ୍ୟନାରାୟଣ



ରେଡ୍ଡୀ ପ୍ରମୁଖ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଶେଷରେ ସେଣ୍ଟ ଜାଭିଅର ସ୍କୁଲ, ଛତ୍ରପୁର ର ଡାଇରେକ୍ଟର ଓ ପ୍ରିନସିପାଲଙ୍କୁ ସମ୍ମାନିତ କରାଯାଇଥିଲା। କଣ୍ଠଶିଳ୍ପୀ ପ୍ରଜ୍ଞା ହୋତା ଗୋଟିଏ ପରେ ଗୋଟିଏ ମନଛୁଆଁ ସଂଗୀତ ଗାନ କରି ଉପସ୍ଥିତ ଶ୍ରଦ୍ଧାଳୁ ଓ ଜନସାଧାରଣଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଓଡିଶା ସରକାର ଦ୍ୱାରା ସ୍ୱୀକୃତି ପ୍ରାପ୍ତ ଉତ୍କଳ କନ୍ୟା ପାଇକ ଆଖଡ଼ା, ଖୋର୍ଦ୍ଧା, ଜଗତ ଜନନୀ ସଂଗୀତ ସନ୍ଧ୍ୟା, ଭୁବନେଶ୍ୱର ଓ ପ୍ରସନ୍ନଙ୍କ୍ସି ପରି ବହୁ ଅନୁଷ୍ଠାନ ଏହି ମହୋତ୍ସବରେ ଭାଗ ନେଇଥିଲେ। ସେହିପରି ଶେଷ ଦିନରେ କୋରିଓଗ୍ରାଫର ଅଳକା ସାହୁ ଓ ବିବିଧା ଫାଉଣ୍ଡେସନ ଦ୍ୱାରା ଲୋକ କଳା ନୃତ୍ୟରେ ଦୁଲୁକିଥିଲା ମଞ୍ଚ । ଏହା ଦେଖିବା ପାଇଁ ଲକ୍ଷାଧିକ ଲୋକଙ୍କ ସମାଗମ ହୋଇଥିଲା । ଜିଲ୍ଲା ପ୍ରଶାସନର ସହଯୋଗ ଓ ଗଞ୍ଜାମ ଆଇଆଇସି ସୁମିତ୍ରା ପାତ୍ରଙ୍କ ତତ୍ତ୍ୱାବଧାନରେ ଶାନ୍ତିଶୃଙ୍ଖଳା ପାଇଁ ବ୍ୟାପକ ବନ୍ଦୋବସ୍ତ କରାଯାଇଥଲା।

# ବିଜେଡିର ଧାରଣାକୁ ମାହାଙ୍ଗା ବିଧାୟକ ସମର୍ଥକଙ୍କ ନିନ୍ଦା

## ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ମାଡ଼ିବସିଛନ୍ତି !



**ମାହାଙ୍ଗା,୧୯।୨(ସଂଚାର ବ୍ୟୁରୋ):** ମାହାଙ୍ଗା ରାଜନୀତି ରେ ଘଡ଼ିକେ ଗଡ଼ା ଛୁଟୁଛି, କେତେବେଳେ କଣ ହେଉଛି କହିବା ମୁସ୍କିଲ। ଏବେ ମାହାଙ୍ଗା ବ୍ଲକରେ ନିର୍ବାଚିତ ଜନପ୍ରତିନିଧିମାନଙ୍କୁ ବ୍ଲକ ପ୍ରଶାସନ ପକ୍ଷରୁ କୁଆଡ଼େ ଚରମ ଅବହେଳା ପ୍ରଦର୍ଶନ କରାଯାଉଛି। ଏହାର ପ୍ରତିବାଦରେ ବିଜେଡି ସମର୍ଥିତ ସରପଞ୍ଚ ଓ ସମିତି ସଭ୍ୟାଙ୍କ ସହ ନିଜେ ବ୍ଲକ ଅଧ୍ୟକ୍ଷଙ୍କ ସମେତ ଜିଲ୍ଲାପରିଷଦ ସଭ୍ୟସଭ୍ୟାମାନେ ଆଜି ମାହାଙ୍ଗା ପଞ୍ଚାୟତ ସମିତି ଅଧ୍ୟକ୍ଷା ଦୀପା ମଲ୍ଲିକଙ୍କ ନେତୃତ୍ୱରେ ବ୍ଲକ ପରିସରରେ ପ୍ରଶାସନ ବିରୋଧରେ ନାରାବାଜି କରିଛନ୍ତି। ଏଥିସହ ସେମାନଙ୍କ ହକ ପୂରଣ ପାଇଁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣାରେ ବସିଥିଲେ। ଅନ୍ୟପକ୍ଷରେ ମାହାଙ୍ଗା ବିଧାୟକଙ୍କ ସମର୍ଥକମାନେ ଏହାକୁ ନିନ୍ଦା କରିବା ସହ ଦୁର୍ଭାଗ୍ୟଜନକ ବୋଲି କହିଛନ୍ତି । କାରଣ ନିଜେ ବିଜେଡି ସମର୍ଥିତ ବ୍ଲକ ଅଧ୍ୟକ୍ଷା ଉନ୍ନତିମୂଳକ କାମର ଫାଇଲ ଓ ଇସ୍ୟୁ ରେଜିଷ୍ଟର ଭଳି ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ନିଜେ ତାଙ୍କ ଘରେ ରଖିଥିବା ବିଧାୟକଙ୍କ ସମର୍ଥକମାନେ ଅଭିଯୋଗ କରିଛନ୍ତି। ଧାରଣାରେ ବସିଥିବା ବିଜେଡି ସରପଞ୍ଚ ଓ ସମିତି ସଭ୍ୟାମାନେ କୁଆଡେ ମିଥ୍ୟା ବିଲ କରିବା ପାଇଁ ବ୍ଲକ ପ୍ରଶାସନ ଉପରେ ଚାପ ପକାଉଥିବା ସେମାନେ ଅଭିଯୋଗ କରିଛନ୍ତି। ଏପଟେ ଧାରଣାସ୍ଥଳରେ ବସିଥିବା ଲୋକପ୍ରତିନିଧିମାନଙ୍କ ସହ ଆଲୋଚନା ବେଳେ ବିଡିଓଙ୍କୁ ତଳେ ବସାଇ ସେମାନେ ଦୁର୍ବ୍ୟବହାର କରିଥିବା ମଧ୍ୟ ଅଭିଯୋଗ ହୋଇଛି।

# ଉତ୍ତରଓଡ଼ିଶା ବିକାଶ ପରିଷଦ ଗଠନ ନେଇ ଟାସ୍କଫୋର୍ସର ଚତୁର୍ଥ ବୈଠକ

**ଭୁବନେଶ୍ୱର,୧୯।୨(ସଂଚାର ବ୍ୟୁରୋ):** ରାଜ୍ୟରେ ଉତ୍ତର ଓଡ଼ିଶା ବିକାଶ ପରିଷଦ ଗଠନ ନେଇ ଗଠିତ ଟାସ୍କଫୋର୍ସର ଚତୁର୍ଥ ବୈଠକ ଆଜି ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ତଥା କମିଟିର ଅଧ୍ୟକ୍ଷ ଡାକ୍ତର କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ବୈଠକରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ, ତେଲକୋଇ ବିଧାୟକ ଫକୀରମୋହନ ନାୟକ, ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ, ଚମ୍ପୁଆ ବିଧାୟକ ସନାତନ ମହାକୁଡ, କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବ୍ରୁ, ସରକାରୀ ଦଳର ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ । ଆଜିର ବୈଠକରେ ଉତ୍ତରଓଡ଼ିଶା ବିକାଶ ପରିଷଦ ଗଠନନେଇ ପ୍ରସ୍ତୁତ ରିପୋର୍ଟ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଏହି ରିପୋର୍ଟ ଉପରେ ଯଦି କୌଣସି ସଦସ୍ୟଙ୍କର କିଛି ମତାମତ ଦେବାର ଥାଏ ତେବେ ଆସନ୍ତା ୨ଦିନ ଭିତରେ ତାଙ୍କର ମତ ଜଣାଇବାପାଇଁ କୁହାଯାଇଛି । ସେମାନଙ୍କର ମତାମତ ମିଳିବାପରେ ରିପୋର୍ଟଟିକୁ ପୂର୍ଣ୍ଣାଙ୍ଗ ଭାବେ ପ୍ରସ୍ତୁତ କରାଯାଇ ଆସନ୍ତା ମାସ ୧୦ତାରିଖ ସୁଦ୍ଧା ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯିବ ଏବଂ ଏହି ରିପୋର୍ଟଟି କ୍ୟାବିନେଟରେ ଉପସ୍ଥାପନ ହେବ । କ୍ୟାବିନେଟ ମଞ୍ଜୁରପରେ ବିଧିବଦ୍ଧ ଭାବେ ବିଧାନସଭାରେ ପରିଷଦ ଗଠନ ନେଇ ବିଧେୟକ ଅଣାଯିବାକୁ ନିଷ୍ପତ୍ତି ହୋଇଛି ।



● ଗ୍ରୀଡକୋ-ଏଜିପିଏଲ୍ ବୁଝାମଣାପତ୍ର ସ୍ୱାକ୍ଷରିତ

# ୨୫ ବର୍ଷ ପାଇଁ ମିଳିବ ସବୁଜ ପାୱାର୍ ବ୍ୟାଙ୍କିଂ ସୁବିଧା



**ଭୁବନେଶ୍ୱର,୧୯।୨(ସଂଚାର ବ୍ୟୁରୋ):** ଗ୍ରୀନ୍ ହାଇଡ୍ରୋଜେନ୍ ଓ ଆମୋନିଆ ବିକାଶ ପାଇଁ ଓଡ଼ିଶା ଦେଶର ଅଗ୍ରଣୀ ରାଜ୍ୟ ହୋଇଥିବା ବେଳେ ଅନୁକୂଳ ନୀତି, ବିକଶିତ ସାମୁଦ୍ରିକ ବନ୍ଦର ସହ ସବୁଜ ଶକ୍ତି ପାଇବା ପାଇଁ ଆବଶ୍ୟକୀୟ ଭିତ୍ତିଭୂମି, ସାର, ଇସ୍ପାତ ଓ ଅନ୍ୟାନ୍ୟ ଧାତୁ ଶିଳ୍ପ ଏବଂ ତୈଳ ବିଶୋଧନାଗାରରେ ସବୁଜ ହାଇଡ୍ରୋଜେନ୍/ଆମୋନିଆର ଆବଶ୍ୟକ ରହିଛି। ଏହି ଆବଶ୍ୟକତା ପୂରଣ କରିବା ସକାଶେ ଆଜି ଗ୍ରୀଡ୍‌କୋ ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗ ସହ ଗ୍ରୀନ୍ ଏନର୍ଜି ଓପନ୍ ଆକ୍ସେସ୍ ରେଗୁଲେସନ୍ସ, ୨୦୨୩ ଅଧୀନରେ ମେସର୍ସ ଅଭାଡା ଗ୍ରୀନ ଏଚ୍‌୨ ପ୍ରାଇଭେଟ ଲିମିଟେଡ୍ ପକ୍ଷରୁ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏହି ବୁଝାମଣା ଅନୁସାରେ, ଆଗାମୀ ୨୦୨୮ ଡିସେମ୍ବର ୩୧ରୁ ୨୫ ବର୍ଷ ପାଇଁ ଗଞ୍ଜାମର ଗୋପାଳପୁରରେ ବାର୍ଷିକ ୦.୫ ମେଟ୍ରିକ ଟନ ବିଶିଷ୍ଟ ଗ୍ରୀନ୍ ଆମୋନିଆ ପ୍ଲାଣ୍ଟ ପାଇଁ ୩୦୦ ମେଗାୱାଟ୍‌ର ସବୁଜ ପାୱାର ବ୍ୟାଙ୍କିଂ ସୁବିଧା ପ୍ରଦାନ କରାଯିବ। ଚୁକ୍ତି ସ୍ୱାକ୍ଷର ପାଇଁ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି ଯେ ଅଦ୍ୟାବଧି ସରକାର ରାଜ୍ୟରେ ପ୍ରାୟ ୨ ଲକ୍ଷ କୋଟି ଟଙ୍କାର ନିବେଶ ଓ ୨୨ ହଜାର ଲୋକଙ୍କ ପାଇଁ ନିଯୁକ୍ତି ସୁଯୋଗ ସହ ୧୪ଟି ସବୁଜ ହାଇଡ୍ରୋଜେନ୍/ଆମୋନିଆ ପ୍ରକଳ୍ପକୁ ଅନୁମୋଦନ ଦିଆଯାଇଛି। ରାଜ୍ୟରେ ସବୁଜ ହାଇଡ୍ରୋଜେନ୍ ଓ ଆମୋନିଆ ଶିଳ୍ପ ପ୍ରତିଷ୍ଠାରେ ଏହା ଏକ ଐତିହାସିକ ସଫଳତା। ଜଳ ବ୍ୟତୀତ ସବୁଜ ହାଇଡ୍ରୋଜେନ୍ ଓ ଆମୋନିଆ ଉତ୍ପାଦନ ପାଇଁ ନବୀକରଣୀୟ ଶକ୍ତି ହେଉଛି ମୁଖ୍ୟ ଉପାଦାନ। ରାଜ୍ୟରେ ଅକ୍ଷୟ ଶକ୍ତି ପ୍ରକଳ୍ପ ସ୍ଥାପନ ପାଇଁ ଓଡ଼ିଶା ସମସ୍ତ ସୁଯୋଗ ଓ ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି। ଯେହେତୁ ଅକ୍ଷୟ ଶକ୍ତି ବିଦ୍ୟୁତ୍ ଉତ୍ପାଦନ ଅସ୍ଥିର, ସେଥିସକାଶେ ସବୁଜ ଶକ୍ତିର ବ୍ୟାଙ୍କିଂ ପାଇଁ ବ୍ୟବସ୍ଥା କରାଯାଇଛି, ଯାହା ସବୁଜ ହାଇଡ୍ରୋଜେନ୍ ଓ ଆମୋନିଆ ଡେଭଲପରମାନଙ୍କୁ ୨୪ ଘଣ୍ଟା ସବୁଜ ଶକ୍ତି ଯୋଗାଇବ। ଦେଶରେ ସବୁଜ ଶକ୍ତି ବ୍ୟାଙ୍କିଂ ପ୍ରଚଳନ କରୁଥିବା ହାତଗଣତି ରାଜ୍ୟ ମଧ୍ୟରେ ଓଡ଼ିଶା ଅନ୍ୟତମ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି।

# ତାମିଲନାଡୁରେ ଓଡିଆ ମହିଳାଙ୍କୁ ଗଣଦୁଷ୍କର୍ମ: ୩ ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର,୧୯।୨(ସଂଚାର ବ୍ୟୁରୋ):** ସୁଦୂର ତାମିଲନାଡୁରେ ଜନୈକା ଓଡ଼ିଆ ମହିଳାଙ୍କୁ ଗଣଦୁଷ୍କର୍ମର ଶିକାର ହେବାକୁ ପଡ଼ିଛି। ଜନୈକ ଓଡ଼ିଆ ଦମ୍ପତି ଚାକିରି ଅନ୍ୱେଷଣରେ ଚେନ୍ନାଇରେ ପହଞ୍ଚିଥିଲେ ହେଁ ରାତିରେ ସ୍ୱାମୀଙ୍କ ଆଗରେ କେତେକ ଯୌନପିପାସୁ ତାଙ୍କ ପତ୍ନୀଙ୍କୁ ଗଣଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି। ଏହି ମାମଲାରେ ସ୍ଥାନୀୟ ପୁଲିସ୍ ୩ ଜଣଙ୍କୁ ଗିରଫ ମଧ୍ୟ କରିଛି। ଗତ ମଙ୍ଗଳବାର ରାତିରେ ଏପରି ଏକ ନିନ୍ଦନୀୟ ଘଟଣା ଘଟିଛି ଦକ୍ଷିଣଭାରତର କପଡ଼ା ରାଜଧାନୀ ଭାବେ ପରିଚିତ ତାମିଲନାଡୁର ତିରୁପୁରଠାରେ। ଏକ ଇଂରାଜୀ ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ ମୁତାବକ ମଙ୍ଗଳବାର ରାତିରେ ସେଠାକାର ରେଳ ଷ୍ଟେସନ୍‌ରେ ପହଞ୍ଚିବା ପରେ ୩ ଜଣ ଯୁବକ ସେମାନଙ୍କୁ ଚାକିରି ଲୋଭ ଦେଖାଇଥିଲେ। ସେମାନେ ଦମ୍ପତିଙ୍କୁ ଏକ ନିଛାଟିଆ ସ୍ଥାନକୁ ନେଇଯାଇଥିଲେ। ସେଠାରେ ଉକ୍ତ ତିନି ଅଭିଯୁକ୍ତ ମହମ୍ମଦ ନଦିମ୍ (୨୪), ମହମ୍ମଦ ଦାନିସ୍ (୨୫) ଓ ମହମ୍ମଦ ମୁରସିଦ୍ (୧୯) ସ୍ୱାମୀଙ୍କୁ ଛୁରୀ ଦେଖାଇ ହତ୍ୟା କରିବା ସକାଶେ ଧମକଚମକ ଦେଇଥିଲେଓ ତାଙ୍କ ସମ୍ମୁଖରେ ପତ୍ନୀଙ୍କୁ ଗଣଦୁଷ୍କର୍ମ କରିଥିଲେ। ପରେ ଏନେଇ ପୀଡ଼ିତାଙ୍କ ପକ୍ଷରୁ ତିରୁପୁର ଉତ୍ତର ପୁଲିସ ଷ୍ଟେସନରେ ଲିଖିତ ଅଭିଯୋଗ ହେବା ପରେ ପୁଲିସ୍ ମାମଲାକୁ ଗୁରୁତର ଭାବେ ନେଇ ତ୍ୱରିତ ପଦକ୍ଷେପ ସ୍ୱରୂପ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏହି ଘଟଣାରେ ତାମିଲନାଡୁ ବିଜେପି ମୁଖିଆ ଅନାମଲାଇ ଓ ଆଇଏଡିଏମକେ ସାଧାରଣ ସମ୍ପାଦକ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ପଲାନିସ୍ୱାମୀ କ୍ଷୋଭ ପ୍ରକାଶ କରିବା ସହ ଏହାକୁ ନିନ୍ଦା କରିଛନ୍ତି। ଏଥିସହ ହତ୍ୟା, ରାହାଜାନୀ, ଡକାୟତି, ଅପହରଣ ଓ ଯୌନ ନିର୍ଯାତନା ଭଳି ଘଟଣା ଦିନକୁ ଦିନ ବୃଦ୍ଧି ପାଉଥିବାରୁ ଏଥିପାଇଁ ଶ୍ରୀ ଅନାମଲାଇ ରାଜ୍ୟରେ କ୍ଷମତାସୀନ ଥିବା ପଲାନିସ୍ୱାମୀ ସରକାରକୁ ଦାୟୀ କରିଛନ୍ତି। ସେ କହିଛନ୍ତି ଯେ ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି ଦିନକୁ ଦିନ ଭୁଶୁଡ଼ିବାରେ ଲାଗିଛି। ଡିଏମକେ ସରକାରରେ ମହିଳା ଓ ଶିଶୁମାନଙ୍କ ପ୍ରତି ହିଂସା ଘଟଣା ମଧ୍ୟ ଦିନକୁ ଦିନ ବୃଦ୍ଧି ପାଉଛି ବୋଲି ସେ ଅଭିଯୋଗ ଆଣିଛନ୍ତି।

## ସ୍କୁଲ ପାଚେରୀ ଭୁଶୁଡ଼ି ଛାତ୍ର ମୃତ



**କଟକ,୧୯।୨ (ସଂଚାର ବ୍ୟୁରୋ):** ସ୍କୁଲ ପାଚେରୀ ଭୁଶୁଡ଼ି ଛାତ୍ର ମୃତ। କଟକ ଅଡଶପୁର ଅଞ୍ଚଳର ନୋଦା ପ୍ରାଇମେରୀ ସ୍କୁଲରେ ଅଘଟଣ। ଖେଳ ଛୁଟି ସମୟରେ ପାଚେରୀ ଭୁଶୁଡି ପଡିବା ଯୋଗୁଁ ଏଥିରେ ଚାପି ହୋଇ ୫ମ ଶ୍ରେଣୀ ଛାତ୍ର ସାଇ ସ୍ୱରୂପ ଭୋଇଙ୍କ ମୃତ୍ୟୁ ଘଟିଛି । ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ପ୍ରଥମେ ଅଡ଼ଶପୁର ମେଡ଼ିକାଲ ପରେ ଏସିବିକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ ଡାକ୍ତର । ଏହି ଘଟଣାରେ ଉତ୍ତ୍ୟକ୍ତ ଲୋକେ ରାସ୍ତା ଅବରୋଧ କରିଛନ୍ତି। ଛାତ୍ର ମୃତ୍ୟୁକୁ ନେଇ ଦେଖା ଦେଇଛି ଉତ୍ତେଜନା। ପରିବାର ଓ ଗ୍ରାମବାସୀ ଟାୟାର ଜାଳି ରାସ୍ତା ଅବରୋଧ କରିଛନ୍ତି। ଘଟଣା ସ୍ଥଳରେ ଗୋବିନ୍ଦପୁର ଥାନା ପୋଲିସ ଓ ସଦର ଉପଖଣ୍ଡ ଏସଡିପିଓ ଉପସ୍ଥିତ ଅଛନ୍ତି।

## ବେଙ୍ଗାଲୁରୁରୁ ଫେରିବା ପରେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

**ରାଜକନିକା,୧୯।୨ (ସଂଚାର ବ୍ୟୁରୋ):** ଯୁବକଙ୍କ ସନ୍ଦେହଜନକ ମୃତ୍ୟୁକୁ ନେଇ ଚିନ୍ତାରେ ପରିବାର । ଟ୍ରେନରେ ପୁଅକୁ ନିଶା ଦେଇ ଲୁଟ କରାଯାଇଥିବା ଅଭିଯୋଗ ଆଣିଛନ୍ତି ପରିବାର। ନିଶା ପାଇଁ ତାଙ୍କ ପୁଅର ଜୀବନ ଯାଇଛି । ଏବେ ନ୍ୟାୟ ପାଇଁ ଥାନାର ଦ୍ୱାରସ୍ଥ ହୋଇଛନ୍ତି ଘର ଲୋକଙ୍କ ଠାରୁ ଆରମ୍ଭ କରି ସାହି ପଡ଼ିଶା । ସୂଚନା ଅନୁସାରେ ବେଙ୍ଗାଲୁରୁରୁ ଟ୍ରେନରେ ଫେରିବା ପରେ ଜଣେ ଯୁବକଙ୍କ ସନ୍ଦେହଜନକ ଅବସ୍ଥାରେ ମୃତ୍ୟୁ ହୋଇଛି। କେନ୍ଦ୍ରାପଡା ଜିଲ୍ଲା ରାଜକନିକା ଥାନା ଅନ୍ତର୍ଗତ ବଳରାମପୁର ଗାଁର ଲୋକନାଥ ସାହୁଙ୍କ ୩୪ ବର୍ଷିୟ ପୁଅ ଗୁରୁଗୋବିନ୍ଦ ସାହୁ ଗତ ଶନିବାର ଦିନ ବେଙ୍ଗାଲୁରୁରୁ ଟ୍ରେନ ଯୋଗେ ଘରକୁ ଫେରୁଥିଲେ । ହେଲେ ଗତକାଲି ସେ ଘରକୁ ଫେରିବା ପରିବର୍ତ୍ତେ ପୁରୀ ରେଳଷ୍ଟେସନରେ ପହଞ୍ଚିଥିଲେ । ସେଠାରେ ଯୁବକ ଜଣକ ବାଉଳି ଚାଉଳି ହେଉଥିବା ଲୋକେ ଦେଖିବାକୁ ପାଇଥିଲେ । ତେଣୁ ତାଙ୍କ ମୋବାଇଲରୁ ଘର ଲୋକଙ୍କୁ ଖବର ଦେଇଥିଲେ ସେଠାକାର ଉପସ୍ଥିତି ଥିବା ଲୋକେ । ପୁଅର ଏମିତି ଅବସ୍ଥା ଶୁଣିବା ପରେ ପରିବାର ଲୋକେ ପୁରୀରେ ପହଁଚି ଗୁରୁଗୋବିନ୍ଦଙ୍କୁ ଏକ ଗାଡ଼ିରେ ଘରକୁ ଆଣିଥିଲେ । କିନ୍ତୁ ଆଜି ଘର ନିକଟରେ ପହଁଚିବା ପରେ ସେ ଚେତାଶୂନ୍ୟ ହୋଇପଡିଥିଲେ । ସଙ୍ଗେ ସଙ୍ଗେ ପରିବାର ଲୋକେ ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପୁଅକୁ ଭର୍ତ୍ତି କରିଥିଲେ । ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ମୃତ ଯୁବକ ଜଣଙ୍କ ଟ୍ରେନରେ ଆସିବା ବେଳେ କେହି ଦୁର୍ବୃତ୍ତ ତାଙ୍କୁ ନିଶା ଦେଇ ଜିନିଷପତ୍ର ଓ ଟଙ୍କା ଲୁଟି ନେଇଛନ୍ତି ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି । ଏନେଇ ରାଜକନିକା ପୋଲିସକୁ ପରିବାର ଲୋକେ ଜଣାଇବା ପରେ ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଛି । ଘଟଣାର ତଦନ୍ତ ଜାରି ରହିଛି । ଯୁବକଙ୍କ ମୃତ୍ୟୁକୁ ସହଜରେ ବିଶ୍ୱାସ କରିପାରୁ ନାହାନ୍ତି ପରିବାର ଲୋକେ । ପୁଅ ଆସିବ ବୋଲି ଘରେ ଖୁସିର ମାହୋଲ ଥିଲା । କିନ୍ତୁ ଅବେଳରେ ଏମିତି ପୁଅର ଜୀବନ ଯିବ କେହି କେବେ ବି ଭାବିନଥିଲେ । ତେଣୁ ଘଟଣାର ତଦନ୍ତ ପାଇଁ ଏବେ ପରିବାର ଲୋକେ ଦାବି କରିଛନ୍ତି ।

# କଲେଜ ଛାତ୍ରଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଉଦ୍ଧାର

## ହତ୍ୟାକାଣ୍ଡ ଅଭିଯୋଗ ଆଣିଲେ ଅଭିଭାବକ

**ଭୁବନେଶ୍ୱର,୧୯।୨(ସଂଚାର ବ୍ୟୁରୋ):** କଟକସ୍ଥିତ ଖ୍ରୀଷ୍ଟ କଲେଜର ଜଣେ ଯୁକ୍ତ ଦୁଇ ପ୍ରଥମ ଶ୍ରେଣୀ ଛାତ୍ରଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଉଦ୍ଧାର କରାଯାଇଛି। ମୃତ ଛାତ୍ର ଜଣଙ୍କ ହେଉଛନ୍ତି ଅଙ୍କନ ଦତ୍ତ ଓ ତାଙ୍କର ବୟସ ୧୭ ବର୍ଷ ବୋଲି ଜଣାପଡ଼ିଛି। ତାଙ୍କ ଘର ପଶ୍ଚିମବଙ୍ଗରେ ହୋଇଥିବାବେଳେ ସେ ବାପାମା'ଙ୍କ ସହ ପୁରୀଘାଟ ଥାନା ମଠସାହି ଗୋପାଳଜିଉ ଲେନରେ ଏକ ଭଡ଼ାଘରେ ରହିଆସୁଥିଲେ। ଗତକାଲି ବିଳମ୍ବିତ ରାତିରେ ସନ୍ଦେହଜନକ ଅବସ୍ଥାରେ ପୋଡ଼ି ହୋଇ ତାଙ୍କର ମୃତ୍ୟୁ ହୋଇଛି।

ଛାତ୍ର ଜଣଙ୍କ ନିଜ ଦେହରେ ଡିଜେଲ୍ ଢାଳି ନିଆଁ ଲଗାଇ ଆତ୍ମହତ୍ୟା କରିଥିବା ପ୍ରଥମେ ଅନୁମାନ କରାଯାଉଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଜଳୁଥିବା ଦେଖି ଅଗ୍ନିଶମ ବାହିନୀକୁ ସୂଚନା ଦେଇଥିଲେ। ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭାଇଥିଲେ ହେଁ ସେତେବେଳକୁ ଅଙ୍କନଙ୍କର ମୃତ୍ୟୁ ହୋଇସାରିଥିଲା। କିନ୍ତୁ ଏହି ଆତ୍ମହତ୍ୟା ଘଟଣାକୁ ଅଙ୍କନଙ୍କ ବାପା ସମ୍ପୂର୍ଣ୍ଣ ଖଣ୍ଡନ କରିବା ସହ ଏହା ଏକ ସୁଚିନ୍ତିତ ହତ୍ୟାକାଣ୍ଡ ବୋଲି ଅଭିଯୋଗ କରିଛନ୍ତି। ବ୍ୟାବସାୟିକ ଶତ୍ରୁତାକୁ କେନ୍ଦ୍ରକରି ତାଙ୍କ ପୁଅକୁ ହତ୍ୟା କରାଯାଇଥିବା ସେ କହିଛନ୍ତି। ତାଙ୍କ କହିବାନୁସାରେ, ଗତକାଲି ରାତିରେ କେହି ଜଣେ ଜଳୁଥିବା ଦେଖି ନିଆଁ ଲିଭାଇବାକୁ ସେ ପାଣି ଢାଳିଥିଲେ। ପରେ ସେ ପିଲାଟି ତାଙ୍କ ପୁଅ ବୋଲି ସେ ଜାଣିବାକୁ ପାଇଥିଲେ। ରାତି ପ୍ରାୟ ୧ଟା ସମୟରେ ଏହି ଘଟଣା ଘଟିଥିଲା। ସେତେବେଳେ ତାଙ୍କର କିଛି ପଡ଼ୋଶଶୀ ଚେଇଁଥିଲେ। କିନ୍ତୁ ଯଦି ତାଙ୍କ ପୁଅ ନିଜ ଦେହରେ ନିଆଁ ଲଗାଇ ଆତ୍ମହତ୍ୟା କରିଛି, ତା'ହେଲେ ନିଆଁରେ ଜଳିବା ସମୟରେ ସେ ଯନ୍ତ୍ରଣାରେ କାହିଁକି ଚିତ୍କାର କରି ନଥିଲା ବୋଲି ଅଙ୍କନଙ୍କ ବାପା ପ୍ରଶ୍ନ ଉଠାଇଛନ୍ତି। ତା'ଛଡ଼ା ଯଦି ତାଙ୍କ ପୁଅ ଚିଲେଇଥିଲା, ତା'ହେଲେ ସାଇପଡ଼ିଶାରେ ଚେଇଁଥିବା ଲୋକେ ଶୁଣିପାରିଲେନି କେମିତି ବୋଲି ମଧ୍ୟ ସେ ପ୍ରଶ୍ନ କରିଛନ୍ତି। ଏପରି ସ୍ଥିତିରେ ତାଙ୍କ ପୁଅକୁ କେହି ପ୍ରଥମେ ହତ୍ୟା କରି ପରେ ଦେହରେ ନିଆଁ ଢାଳି ପୋଡ଼ିଦେବା ସହ ଏହାକୁ ଆତ୍ମହତ୍ୟା ରୂପ ଦେବାକୁ ଉଦ୍ୟମ କରିଥିବା ସେ ଅଭିଯୋଗ କରିଛନ୍ତି। ସେହିପରି ଛାତ୍ରଙ୍କ ମା' ମଧ୍ୟ ତାଙ୍କ ପୁଅର ଆତ୍ମହତ୍ୟା ଘଟଣାକୁ ସହଜରେ ବିଶ୍ୱାସ କରିପାରିନାହାନ୍ତି। ସେ କହିଛନ୍ତି ଯେ ତାଙ୍କ ପୁଅ କଦାପି କୌଣସି ମାନସିକ ଚାପ କିମ୍ବା ଅବସାଦରେ ନଥିଲା। ତା'ର ଚାଲିଚଳଣ ବେଶ୍ ସ୍ୱାଭାବିକ ଥିଲା। ଏପରି ସ୍ଥିତିରେ ଅଚାନକ ସେ କାହିଁକି ଏପରି ଆତ୍ମହତ୍ୟା କରିବ ବୋଲି ଅଙ୍କନଙ୍କ ମା' ପ୍ରଶ୍ନ କରିଛନ୍ତି। ତେବେ ଖବର ପାଇ ଘଟଣାସ୍ଥଳରେ ପୁଲିସ୍ ପହଞ୍ଚି ଛାନ୍‌ଭିନ୍ କରିଥିଲେ ହେଁ ହତ୍ୟାକାଣ୍ଡ ସମ୍ପର୍କରେ କୌଣସି ପ୍ରକାର ପ୍ରତିକ୍ରିୟା ମିଳିପାରିନାହିଁ।

# ନିଯୁକ୍ତି ସ୍କାମ୍: ଏମ୍ସରେ ସିବିଆଇ ଚଢ଼ାଉ

**ଭୁବନେଶ୍ୱର,୧୯।୨(ସଂଚାର ବ୍ୟୁରୋ):** ଆଜି ଭୁବନେଶ୍ୱର ଉପକଣ୍ଠସ୍ଥ ସିଜୁଆଠାରେ ଥିବା ଏମ୍ସରେ ସିବିଆଇ ପକ୍ଷରୁ ଚଢ଼ାଉ କରାଯାଇଛି। ବଡ଼ ଧରଣର ନିଯୁକ୍ତି ସ୍କାମ୍ ନେଇ ଉକ୍ତ ହସ୍ପିଟାଲ୍‌ରେ ମାରାଥନ ଚଢ଼ାଉ ଚାଲିଥିବା ଜଣାପଡ଼ିଛି। ଏମ୍ସରେ ବିଭିନ୍ନ ପଦପଦବୀ ପାଇଁ ହୋଇଥିବା ନିଯୁକ୍ତିରେ ବଡ଼ ଧରଣର ଘୋଟାଲା ନେଇ ଅଭିଯୋଗ ହୋଇଥିଲା। ଅନେକ ପ୍ରାର୍ଥୀ ନିଯୁକ୍ତି ସମୟରେ ଜାଲ୍ ଡକ୍ୟୁମେଣ୍ଟ ଦେଇଥିବା ଅଭିଯୋଗ ହୋଇଥିବା ବେଳେ ଏହା ସ୍ପଷ୍ଟ କରିବା ସକାଶେ ସିବିଆଇ ପକ୍ଷରୁ ଯାଞ୍ଚ ହୋଇଥିଲା। ତେଣୁ ଆଜି ଏନେଇ ଠୋସ୍ ପ୍ରମାଣ ହାସଲ କରିବା ସକାଶେ ସିବିଆଇ ଅଧିକାରୀମାନେ ଏମ୍ସରେ ଚଢ଼ାଉ ଜାରି ରଖିଛନ୍ତି। ଏହି ଚଢ଼ାଉରେ ଏକ ୯ଜଣିଆ ଟିମ୍ ସାମିଲ୍ ଥିବା ବେଳେ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ମୋଟ ୨୭ ଜଣଙ୍କୁ ପଚରାଉଚରା କରାଯାଇଛି। ନିଯୁକ୍ତି ସ୍କାମ୍ ନେଇ ବହୁସଂଖ୍ୟକ ପିଟିସନ ପଡିବା ପରେ ଶେଷରେ ଆଜି ସିବିଆଇ ପକ୍ଷରୁ ତଦନ୍ତକୁ ବ୍ୟାପକ କରାଯାଇଛି। ଗାଜିଆବାଦ ଓ ଗୋରଖପୁରର ଜାଲ୍ ଡକ୍ୟୁମେଣ୍ଟ ଜରିଆରେ ଭୁବନେଶ୍ୱରର ୫ ଜଣ ଠିକା କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ମିଳିଥିବା ଅଭିଯୋଗ ହୋଇଛି। ସର୍ବଭାରତୀୟ ସ୍ତରରେ ଏମ୍ସରେ ନିଯୁକ୍ତି ପାଇଁ ପରୀକ୍ଷା କରାଯାଉଥିବା ବେଳେ ଭୁବନେଶ୍ୱର ଏମ୍ସ ନିଜସ୍ୱ ପରୀକ୍ଷା କରି ନିଯୁକ୍ତି ଦେଇଥିବା ଅଭିଯୋଗ କରାଯାଇଛି। ଏପରି ନିୟମ ବହିର୍ଭୂତ ନିଯୁକ୍ତି ପ୍ରକ୍ରିୟା ପଛର ରହସ୍ୟ ଜାଣିବା ସକାଶେ ଆଜି ଏକ ୯ଜଣିଆ ଟିମ ମାରାଥନ ଚଢ଼ାଉ କରିବା ସହ ଖୋଳତାଡ଼ ଚଳାଇଥିବା ଜଣାପଡ଼ିଛି। ଏପରିକି ଅଭିଯୋଗ ଅନୁସାରେ, ଗୋଟିଏ ପରିବାରର ୫ ଜଣ ସଦସ୍ୟ ତଞ୍ଚକତା ପୂର୍ବକ ଏମ୍ସରେ କେତେକ ଗୁରୁତ୍ୱପୂର୍ଣ୍ଣ ପଦବୀ ହାତେଇଥିବା କୁହାଯାଉଛି।

# ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ରେମୁଣା ତହସିଲଦାର ନିଲମ୍ବିତ



**ଭୁବନେଶ୍ୱର,୧୯।୨(ସଂଚାର ବ୍ୟୁରୋ):** ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ବାଲେଶ୍ୱର ଜିଲ୍ଲା ରେମୁଣା ତହସିଲଦାର ଶ୍ରୀ ବିଦ୍ୟାଧର ପତିଙ୍କୁ ରାଜ୍ୟ ସରକାର ନିଲମ୍ବିତ କରିଛନ୍ତି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ପ୍ରକାଶିତ ସରକାରୀ ନିର୍ଦ୍ଦେଶନାମା ଅନୁଯାୟୀ, ଶ୍ରୀ ପତିଙ୍କ ନାମରେ ଭିଜିଲାନ୍ସ ପକ୍ଷରୁ ୧୩/୦୨/୨୦୨୫ ରେ ଏ ସମ୍ପର୍କିତ କେସ୍ ଦାୟର୍ କରାଯାଇଥିବା ବେଳେ ସେ ଗିରଫ୍ ହୋଇ ଜେଲ୍ ଯାଇଥିଲେ। ଏହି ନିଲମ୍ବନ ନହିଟିବା ପର୍ଯ୍ୟନ୍ତ ଶ୍ରୀ ପତିଙ୍କ ମୁଖ୍ୟାଳୟ ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ସ୍ଥିର ହୋଇଛି । ଏହା ସହ ବିନା ଅନୁମତିରେ କୌଣସି ପ୍ରକାର ଛୁଟି ନେଇ ପାରିବେ ନାହିଁ ବୋଲି ନିଲମ୍ବନ ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି ।

# ଓମ୍‌ଫେଡ ଦୁଗ୍ଧ: କିଣା ୩୫, ବିକ୍ରି ୫୨




**ଭୁବନେଶ୍ୱର,୧୯।୨:** ଓମଫେଡ୍ ଚାଷୀଙ୍କଠାରୁ ଲିଟର ପିଛା ୩୫ ଟଙ୍କା ୫ପଇସା ଦରରେ କିଣୁଥିବା ଦୁଗ୍ଧକୁ ୫୨ ଟଙ୍କା ଦରରେ ବିକ୍ରି କରୁଛି। ଏଥିସହ ଓମଫେଡ୍ ଦୁଗ୍ଧ ଲିଟର ପ୍ରତି ସର୍ବାଧିକ ୫୬ ଟଙ୍କା ଦରରେ ବିକ୍ରି କରୁଥିବା ସୂଚନା ଦେଇଛନ୍ତି ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ।

ଆଜି ବିଧାନସଭାରେ ବିଜେଡି ବିଧାୟକ ଗୌତମବୁଦ୍ଧ ଦାସଙ୍କ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଶ୍ରୀ ମଲ୍ଲିକ ଉଲ୍ଲେଖ କରିଛନ୍ତି ଯେ ଓମଫେଡ୍ ଚାଷୀଙ୍କଠାରୁ ସଂଗ୍ରହ କରୁଥିବା ଦୁଗ୍ଧକୁ ପରୀକ୍ଷା କରି ସେଥିରେ ଥିବା ଘିଅ ଓ ଅଣଘିଅ ଅଂଶର ଶତକଡ଼ା ମାନ ଅନୁସାରେ ମୂଲ୍ୟ ପ୍ରଦାନ କରିଥାଏ। ତେବେ ଯେଉଁ ଦୁଗ୍ଧରେ ୪ ପ୍ରତିଶତ ଘିଅ ଅଂଶ ଓ ୮.୫ ପ୍ରତିଶତ ଅଣଘିଅ ଅଂଶ ରହିଥାଏ, ସେହି ଦୁଗ୍ଧ ପାଇଁ ଓମଫେଡ୍ ଚାଷୀମାନଙ୍କୁ ଲିଟର ପ୍ରତି ୩୫ ଟଙ୍କା ୫ ପଇସା ପ୍ରଦାନ କରିଥାଏ। ହେଲେ ସଂଗୃହୀତ ଦୁଗ୍ଧକୁ ଓମଫେଡ୍ ଭିନ୍ନ ଭିନ୍ନ ଦରରେ ବିକ୍ରି କରିଥାଏ। ଏହାର ସର୍ବନିମ୍ନ ଦର ଲିଟର ପ୍ରତି ୪୬ ଟଙ୍କା ଥିବାବେଳେ ସର୍ବାଧିକ ୫୬ ଟଙ୍କା ଧାର୍ଯ୍ୟ ହୋଇଛି। ଏହି ସୂଚନାନୁଯାୟୀ, ଓମଫେଡ୍ ବଜାରକୁ ଗୋଲ୍ଡ ପ୍ଲସ ନାମରେ ଛାଡୁଥିବା ଦୁଗ୍ଧ ଯେଉଁଥିରେ ଘିଅ ଅଂଶ ୪.୫ ପ୍ରତିଶତ ଓ ଅଣଘିଅ ଅଂଶ ୮.୫ ପ୍ରତିଶତ ରହୁଛି, ତା'ର ଦର ଲିଟର ପ୍ରତି ୫୬ ଟଙ୍କା ଧାର୍ଯ୍ୟ ହୋଇଛି।

ସେହିଭଳି ୪ ପ୍ରତିଶତ ଘିଅ ଓ ୮.୫ ପ୍ରତିଶତ ଅଣଘିଅ ଅଂଶ ରହିଥିବା ଦୁଗ୍ଧ ଲିଟର ପ୍ରତି ୫୨ ଟଙ୍କାରେ ବିକ୍ରି ହେଉଥିବା ବେଳେ ଓମଫେଡ୍‌ର ପ୍ରିମିୟମ ବ୍ରାଣ୍ଡ୍ ଦୁଗ୍ଧର ଲିଟର ପ୍ରତି ଦର ୫୨ ଟଙ୍କା ରହିଛି। ଏଥିରେ ଘିଅ ଅଂଶ ୩.୫ ପ୍ରତିଶତ ଥିବା ବେଳେ ଅଣଘିଅ ଅଂଶ ୮.୫ ପ୍ରତିଶତ ରହିଛି। ଟୋ' ସ୍ପେଶାଲ ନାମରେ ଓମଫେଡ୍ ବଜାରକୁ ଛାଡୁଥିବା ଦୁଗ୍ଧ ଲିଟର ୫୦ ଟଙ୍କାରେ ବିକ୍ରି ହେଉଛି। ଏଥିରେ ଘିଅ ଅଂଶ ୩.୨ ପ୍ରତିଶତ ରହୁଥିବାବେଳେ ଅଣଘିଅ ଅଂଶ ୮.୮ ପ୍ରତିଶତ ରହୁଛି। ତେବେ ବଜାରରେ ସର୍ବାଧିକ ବିକ୍ରି ହେଉଥିବା ଟୋନଡ ଦୁଗ୍ଧର ଲିଟର ପ୍ରତି ୪୬ ଟଙ୍କା ରହିଛି। ଏଥିରେ ଘିଅ ଅଂଶ ୩ ପ୍ରତିଶତ ଥିବା ବେଳେ ଅଣଘିଅ ଅଂଶ ୮.୫ ପ୍ରତିଶତ ରହିଛି।

ବଜାରରେ ଲିଟର ପ୍ରତି ୪୬ ଟଙ୍କା ଦରରେ ବିକ୍ରି ହେଉଥିବା ଦୁଗ୍ଧ ପର୍ଯ୍ୟାପ୍ତ ପରିମାଣରେ ଉପଲବ୍ଧ ହେଉଥିବା ବେଳେ ଅନ୍ୟ ଦୁଗ୍ଧଗୁଡ଼ିକ ପ୍ରାୟତଃ ଉପଲବ୍ଧ ହେଉନାହିଁ। ସେହିଭଳି ଚାଷୀଙ୍କଠାରୁ ଖରିଦ ଦୁଗ୍ଧ ଓ ବିକ୍ରି ହେଉଥିବା ଦୁଗ୍ଧ ମଧ୍ୟରେ ଲିଟର ପ୍ରତି ପାର୍ଥକ୍ୟ ୧୧ରୁ ୧୭ ଟଙ୍କା ରହୁଥିବାରୁ ବଜାର ଚାହିଦାକୁ ଦୃଷ୍ଟିରେ ରଖି ଚାଷୀଙ୍କୁ ଲିଟର ପ୍ରତି ଅଧିକ ଦର ପ୍ରଦାନ ପାଇଁ ଦାବି ହୋଇଆସୁଛି। (ତଥ୍ୟ)

# ଓଡ଼ିଶାରେ ୨୧୦୩ ହାତୀ, ମୟୂରଭଞ୍ଜରେ ସର୍ବାଧିକ

- ତାରବାଡ଼ ପାଇଁ ରିହାତି ଦେଉଛନ୍ତି ସରକାର
- ଗଜସାଥୀ ଦେଉଛନ୍ତି ଆଗୁଆ ସୂଚନା
- ହାତୀଙ୍କ ପ୍ରାକୃତିକ ବ୍ୟବସ୍ଥା ଉପରେ ଦିଆଯାଉଛି ଗୁରୁତ୍ୱ

**ଭୁବନେଶ୍ୱର,୧୯।୨(ସଂଚାର ବ୍ୟୁରୋ):** ଗତ ବର୍ଷ ନଭେମ୍ବରରେ ହୋଇଥିବା ହାତୀ ଗଣନା ଅନୁଯାୟୀ ରାଜ୍ୟରେ ଏବେ ୨୧୦୩ଟି ହାତୀ ଅଛନ୍ତି। ସେଥି ମଧ୍ୟରୁ ସର୍ବାଧିକ ୨୯୫ଟି ହାତୀ ମୟୂରଭଞ୍ଜ ଜିଲ୍ଲାରେ ଥିବା ବେଳେ ଢେଙ୍କାନାଳ ଜିଲ୍ଲାରେ ଦ୍ୱିତୀୟ ସର୍ବାଧିକ ୨୯୧ଟି ହାତୀ ରହିଛନ୍ତି। ଏହାଛଡ଼ା ୨୫୪ଟି ହାତୀ ଅନୁଗୁଳ ଜିଲ୍ଲାରେ ଥିବା ବେଳେ କଟକ ଜିଲ୍ଲାରେ ୧୩୨ଟି, ଖୋର୍ଦ୍ଧା ଜିଲ୍ଲାରେ ୮୩ଟି, ନୟାଗଡ଼ ଜିଲ୍ଲାରେ ୫୬ଟି, ବାଲେଶ୍ୱର ଜିଲ୍ଲାରେ ୫୪ଟି ଓ କେନ୍ଦୁଝର ଜିଲ୍ଲାରେ ୧୯୫ଟି ହାତୀ ଥିବା ଉକ୍ତ ଗଣନାରୁ ସ୍ପଷ୍ଟ ହୋଇଛି। ଏହାଛଡ଼ା ଗଞ୍ଜାମ ଜିଲ୍ଲାରେ ୯୩ଟି, ଗଜପତି ଜିଲ୍ଲାରେ ୯ଟି, କନ୍ଧମାଳ ଜିଲ୍ଲାରେ ୫୪ଟି, ବୌଦ୍ଧ ଜିଲ୍ଲାରେ ୧୬ଟି, ସୁବର୍ଣ୍ଣପୁର ଜିଲ୍ଲାରେ ୩ଟି, ବଲାଙ୍ଗିର ଜିଲ୍ଲାରେ ୪୨ଟି, ସମ୍ବଲପୁର ଜିଲ୍ଲାରେ ୧୪୦ଟି, କଳାହାଣ୍ଡି ଜିଲ୍ଲାରେ ୯୫ଟି, ସୁନ୍ଦରଗଡ଼ ଜିଲ୍ଲାରେ ୧୭୯ଟି, ଦେଓଗଡ଼ ଜିଲ୍ଲାରେ ୧୦୭ଟି, ବରଗଡ଼ ଜିଲ୍ଲାରେ ୩ଟି ଏବଂ ଝାରସୁଗୁଡ଼ା ଓ ରାୟଗଡ଼ା ଜିଲ୍ଲାରେ ଗୋଟିଏ ଲେଖାଏଁ ହାତୀ ଥିବା ଜଣାପଡ଼ିଛି। ସେହିପରି ରାଜ୍ୟରେ ଗତ ୩ ବର୍ଷର ତଥ୍ୟ ଆଧାରରେ ବାର୍ଷିକ ୮୧ଟି ହାତୀ ମୃତ୍ୟୁବରଣ କରୁଛନ୍ତି। ମୃତ୍ୟୁର କାରଣ ଶିକାର, ବିଦ୍ୟୁତ ଆଘାତ, ରେଳ ଦୁର୍ଘଟଣା, ସଡ଼କ ଦୁର୍ଘଟଣା, ବିଭିନ୍ନ ପ୍ରକାର ରୋଗ, ଲୋକମାନଙ୍କର ପ୍ରତିଶୋଧ ମନୋଭାବ ଏବଂ କଳହ, ପାହାଡ଼ରୁ ପଡ଼ି, ଦଳିହୋଇ, ବୟସାଧିକ ଇତ୍ୟାଦି ହାତୀମାନେ ସେମାନଙ୍କ ଖାଦ୍ୟର ସନ୍ଧାନରେ ଜଙ୍ଗଲରୁ ଜଙ୍ଗଲକୁ ଘୂରି ବୁଲୁଥାନ୍ତି। ବେଳେବେଳେ ସେମାନେ ଗ୍ରାମ ମଧ୍ୟକୁ ପଶିଆସିଥାନ୍ତି, ଯାହା ଫଳରେ ହାତୀ ଓ ମଣିଷମାନଙ୍କ ମଧ୍ୟରେ ସଂଘର୍ଷ ଘଟିଥାଏ ଏବଂ ତା'ର ପ୍ରତିକାର ପାଇଁ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି। ଜଙ୍ଗଲରେ ହାତୀମାନଙ୍କର ଖାଦ୍ୟ ଉପଯୋଗୀ ବୃକ୍ଷରୋପଣ, ଚାରଣ ଭୂମିର ବିକାଶ, କୃତ୍ରିମ ଜଳାଶୟ ସୃଷ୍ଟି, ଜଙ୍ଗଲ ନିଆଁରୁ ରକ୍ଷା, ଶିକାର ନିରୋଧକ ଶିବିର, ଜଙ୍ଗଲରେ ପଇଁତରା, ବୈଷୟିକ ଜ୍ଞାନକୌଶଳର ଉପଯୋଗିତା ଦ୍ୱାରା ବନ୍ୟପ୍ରାଣୀ ଓ ଶିକାରୀଙ୍କ ଗତିବିଧି ନିରୀକ୍ଷଣ, ସଚେତନତା ଇତ୍ୟାଦି ବ୍ୟବସ୍ଥା କରାଯାଇଛି। ଫସଲ, ଫଳ ଉଦ୍ୟାନ ଏବଂ ଅନ୍ୟାନ୍ୟ ଭିତ୍ତିଭୂମିକୁ ହାତୀ ଉପଦ୍ରବରୁ ରକ୍ଷା କରିବା ପାଇଁ ଅଧିକ ଉପଦ୍ରବ ପ୍ରବଣ ଗ୍ରାମମାନଙ୍କରେ 'ଜନ ସୁରକ୍ଷା ଓ ଗଜରକ୍ଷା' ନାମରେ ଏକ ଯୋଜନା ପ୍ରଣୟନ କରାଯାଇଛି। ଏଥିରେ ହାତୀ ଉପଦ୍ରବରୁ ରକ୍ଷା ପାଇଁ ସୌର ତାରବାଡ଼ ସ୍ଥାପନ ସକାଶେ ସରକାରଙ୍କ ପକ୍ଷରୁ ରିହାତି ଦିଆଯାଉଛି। ହାତୀ ନିରୋଧକ ଟ୍ରେଞ୍ଚ ଖୋଳାଯାଇ ଅନୁପ୍ରବେଶ ରୋକିବାକୁ ପଦକ୍ଷେପ ନିଆଯାଇଛି।



ବନ ସଂରକ୍ଷଣ ସମିତି (ଭିଏସ୍‌ଏସ୍) ଓ ପରିବେଶ ଉନ୍ନୟନ କମିଟି (ଇଡିସି) ମାଧ୍ୟମରେ ହାତୀ ଉପଦ୍ରବ ଦୃଷ୍ଟିରୁ ସମ୍ବେଦନଶୀଳ ଗ୍ରାମରେ 'ଗଜସାଥୀ' ନାମକ ସ୍ୱେଚ୍ଛାସେବୀ ଚିହ୍ନଟ କରାଯାଇ ସେହି ଗ୍ରାମବାସୀଙ୍କୁ ହାତୀ ଚଳାଚଳ ସମ୍ପର୍କରେ ସତର୍କ ସୂଚନା ପ୍ରଦାନ କରାଯାଉଛି। ବନ୍ୟପ୍ରାଣୀ ଉପଦ୍ରବ ରୋକିବା ପାଇଁ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଇ ଉପଦ୍ରବଜନିତ କ୍ଷୟକ୍ଷତି ପାଇଁ ସରକାରଙ୍କ ଧାର୍ଯ୍ୟ ନିୟମାବଳୀ ଅନୁଯାୟୀ ଅନୁକମ୍ପା ରାଶି ପ୍ରଦାନ କରାଯାଉଛି। ଏହାଛଡ଼ା ତ୍ୱରିତ ସହାୟତା ରାଶି ପ୍ରଦାନ ପାଇଁ ଏକ ସରଳ ଓ ସହଜ ପୋର୍ଟାଲ 'ଅନୁକମ୍ପା'ର ପ୍ରଚଳନ କରାଯାଇଛି ବୋଲି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ ବିଧାନସଭାରେ ଆଗତ ଏକ ପ୍ରଶ୍ନର ଉତ୍ତରରେ ଉଲ୍ଲେଖ କରିଛନ୍ତି।

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776
Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର






## ବଢ଼ିଲା ସୁନା ଦର

ଯଦି ଆପଣ ସୁନା ଏବଂ ରୁପା କିଣିବାର ପ୍ଲାନ୍ କରୁଛନ୍ତି ତେବେ ଆଜି ଆପଣଙ୍କୁ ପୂର୍ବ ଅପେକ୍ଷା ଅଧିକ ଟଙ୍କା ଖର୍ଚ୍ଚ କରିବାକୁ ପଡିବ । ଅର୍ଥାତ୍ ଆଜି ସୁନା ଦର ବୃଦ୍ଧି ପାଇଛି । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୮୬ ହଜାର ୬୫୦ ଟଙ୍କା ହୋଇଛି । ଏହାସହ ୨୨ କ୍ୟାରେଟ୍ ସୁନା ମୂଲ୍ୟ ୮୦ ହଜାର ୩୫୦ ଟଙ୍କା ଛୁଇଁଛି । ସେହିପରି ଆଜି ଭୁବନେଶ୍ୱରରେ ୨୨ କ୍ୟାରେଟ ସୁନାଦର ୮୦ ହଜାର ୩୫୦ ଟଙ୍କା ରହିଥିବା ବେଳେ ୨୪ କ୍ୟାରେଟ୍ ସୁନାଦର ୮୭ ହଜାର ୬୫୦ ହୋଇଛି । ମୁମ୍ବାଇରେ ୨୨ କ୍ୟାରେଟ୍ ଓ ୨୪ କ୍ୟାରେଟ୍ ମୂଲ୍ୟ ୮୦,୩୫୦ ଟଙ୍କା ଓ ୮୭,୬୫୦ ଟଙ୍କା ଥିବା ରେକର୍ଡ ହୋଇଥିବା ବେଳେ ନୂଆଦିଲ୍ଲୀରେ ୮୦, ୪୫୦ ଟଙ୍କା ଓ ୮୭, ୮୦୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୨ କ୍ୟାରେଟ ମୂଲ୍ୟ ୮୦,୩୫୦ ଟଙ୍କା ଥିବା ବେଳେ ୨୪ କ୍ୟାରେଟ ମୂଲ୍ୟ ୮୭, ୬୫୦ ଟଙ୍କା ଥିବା ରେକର୍ଡ ହୋଇଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୮୦,୩୫୦ ଟଙ୍କା ଓ ୮୭,୬୫୦ ଟଙ୍କା ରହିଛି । ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧,୦୦, ୫୦୦ ଟଙ୍କା ହୋଇଛି ।

### ଓଡ଼ିଶା ଯାତ୍ରୀ: ରାଜ୍ୟବ୍ୟାପୀ ପ୍ରଚଳନ ପାଇଁ ପ୍ରସ୍ତୁତି

# ୪୫ ଦିନରେ ଯାତ୍ରା କରିଛନ୍ତି ଲକ୍ଷାଧିକ

**ଭୁବନେଶ୍ୱର,୧୯।୨(ସଂଚାର ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉନ୍ମୋଚିତ ହେବାର ୪୫ ଦିନ ଭିତରେ ଯାତ୍ରୀସେବା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି ରାଜ୍ୟର ଅଗ୍ରଣୀ ଗତିଶୀଳତା ଆପ୍ 'ଓଡ଼ିଶା ଯାତ୍ରୀ'। ଏହି ୪୫ ଦିନ ମଧ୍ୟରେ ଏହି ସେବାର ଫାଇଦା ରାଜ୍ୟର ଲକ୍ଷେରୁ ଊର୍ଦ୍ଧ୍ୱ ଜନସାଧାରଣ ଉଠାଇସାରିଛନ୍ତି। ଫଳରେ ଏହି ଅନଲାଇନ୍ କ୍ୟାବ୍ ପୋର୍ଟାଲ୍ ଉପରେ ଭୁବନେଶ୍ୱର ଓ କଟକ ଯାତ୍ରୀଙ୍କ ବିଶ୍ୱାସ ଯଥେଷ୍ଟ ମାତ୍ରାରେ ବୃଦ୍ଧି ପାଇଛି। 'ଓଡ଼ିଶା ଯାତ୍ରୀ' ଏହାର ଯାତ୍ରୀମାନଙ୍କୁ ସୁରକ୍ଷା, ସ୍ୱଚ୍ଛତା ଓ ସୁବିଧା ପ୍ରଦାନ ପାଇଁ ପ୍ରତିଶ୍ରୁତିବଦ୍ଧ ଥିବା ବେଳେ ଆଗାମୀ ଦିନରେ ଏହା ରାଜ୍ୟର ସବୁ ସ୍ଥାନରେ ଉପଲବ୍ଧ ହେବା ଦିଗରେ ପ୍ରସ୍ତୁତି ଚାଲିଛି। ରାଜ୍ୟ ସରକାରଙ୍କ ସହାୟତାରେ 'ଓଡ଼ିଶା ଯାତ୍ରୀ' ଦୈନନ୍ଦିନ ଯାତ୍ରୀମାନଙ୍କ ପାଇଁ ପ୍ରଥମ ପସନ୍ଦ ଭାବେ ଉଭା ହୋଇଛି। ଯାତ୍ରୀ ସୁରକ୍ଷା ଓ ଡ୍ରାଇଭର ସଶକ୍ତିକରଣକୁ ପ୍ରାଥମିକତା ଦେବା ପାଇଁ ଡିଜାଇନ୍ କରାଯାଇଥିବା 'ଓଡ଼ିଶା ଯାତ୍ରୀ' ରିଅଲ୍-ଟାଇମ୍ ଟ୍ରିପ୍ ଟ୍ରାକିଂ, ସ୍ୱଚ୍ଛ ମୂଲ୍ୟ ନିର୍ଦ୍ଧାରଣ ଓ ଓଡ଼ିଶା ପୁଲିସ ୧୧୨ ଜରୁରୀକାଳୀନ ପ୍ରତିକ୍ରିୟା ବ୍ୟବସ୍ଥା ସହ ସମନ୍ୱୟ ଭଳି ପ୍ରମୁଖ ବୈଶିଷ୍ଟ୍ୟଗୁଡ଼ିକ ଉପରେ ଆଧାରିତ। ଯାତ୍ରୀମାନେ ସେମାନଙ୍କ ଯାତ୍ରା ବିବରଣୀ ପରିବାର ଓ ବନ୍ଧୁମାନଙ୍କ ସହ ଶେୟାର କରିବାର ବ୍ୟବସ୍ଥା ଓଡ଼ିଶା ଯାତ୍ରୀକୁ ସାଧାରଣ ଯାତ୍ରୀଙ୍କ ବିଶ୍ୱସନୀୟତା ବଢ଼ାଇପାରିଛି। ଏହି ବୈଶିଷ୍ଟ୍ୟଗୁଡ଼ିକ ଆପ୍‌ର ସରକାରୀ ସମର୍ଥନ ସହ ମିଳିତ ଭାବେ ବାରମ୍ବାର ବ୍ୟବହାର ଓ ବ୍ୟାପକ ସନ୍ତୋଷ ସୃଷ୍ଟି କରିଛି। ପାରମ୍ପରିକ ରାଇଡ୍ ପ୍ଲାଟଫର୍ମ ପରି ନୁହେଁ, ବରଂ ଓଡ଼ିଶା ଯାତ୍ରୀ ଏକ ଶୂନ୍ୟ-କମିସନ୍ ମଡେଲରେ କାର୍ଯ୍ୟ କରୁଛି, ଯାହା ଡ୍ରାଇଭରମାନଙ୍କୁ ସେମାନଙ୍କର ରୋଜଗାରର ଶତପ୍ରତିଶତ ସଂରକ୍ଷଣ ପାଇଁ ଅନୁମତି ଦେଉଛି। ଏହି ପରିବର୍ତ୍ତନମୂଳକ ପଦ୍ଧତି କେବଳ ହଜାର ହଜାର ଡ୍ରାଇଭରଙ୍କ ଜୀବିକାକୁ ଉନ୍ନତ କରୁନାହିଁ, ବରଂ ସେମାନଙ୍କୁ ଅଧିକ ସୁରକ୍ଷିତ ଏବଂ ଗ୍ରାହକ-ଅନୁକୂଳ ସେବା ପ୍ରଦାନ କରିବା ଦିଗରେ ପ୍ରୋତ୍ସାହନ ଯୋଗାଇଦେଉଛି। ଯାତ୍ରୀମାନେ ସୁଲଭ ଭଡ଼ା ଓ ଉନ୍ନତ ଯାତାୟାତ ଅଭିଜ୍ଞତା ଲାଭ କରୁଛନ୍ତି। ଏହି ଆପ୍‌ର ସମ୍ପ୍ରଦାୟଚାଳିତ ପଦ୍ଧତି ମଧ୍ୟସ୍ଥିଙ୍କ ଭୂମିକାକୁ ଦୂର କରି ଡ୍ରାଇଭରମାନଙ୍କ ସହ ସିଧାସଳଖ ସଂଯୋଗ କରୁଛି। ଫଳରେ ଏହା ଖୁବ୍‌ଶୀଘ୍ର ବ୍ୟବହାରକାରୀଙ୍କ ବିଶ୍ୱାସ ହାସଲ କରିଛି। ଏହାଦ୍ୱାରା ଓଡ଼ିଶା ଯାତ୍ରୀ ରାଜ୍ୟର ଗତିଶୀଳତା କ୍ଷେତ୍ରରେ ଏକ ଗେମ୍-ଚେଞ୍ଜର ସାବ୍ୟସ୍ତ ହୋଇପାରିଛି। ଏହି ସେବା ସମ୍ପର୍କରେ ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ଏବଂ ବାଣିଜ୍ୟ ଏବଂ ପରିବହନ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀ କହିଛନ୍ତି ଯେ ଓଡ଼ିଶା ଯାତ୍ରୀ ନୂତନ ମାନଦଣ୍ଡ ସ୍ଥାପନ କରିଚାଲିଛି। ଏହା ସୁରକ୍ଷା, ସ୍ୱଚ୍ଛତା ଓ ନବସୃଜନ ପ୍ରତି ଏହାର ପ୍ରତିବଦ୍ଧତାକୁ ପୁନଃନିର୍ଦ୍ଦେଶ କରୁଛି। ପ୍ରତ୍ୟେକ ଯାତ୍ରା ସହ ଏହି ଆପ୍ ଓଡ଼ିଶାକୁ ଏକ ସ୍ମାର୍ଟ, ଅଧିକ ସଂଯୁକ୍ତ ଭବିଷ୍ୟତର ନିକଟତର କରୁଛି, ଯାହା ସମସ୍ତଙ୍କ ପାଇଁ ସୁଗମ, ସୁରକ୍ଷିତ ଓ ସଶକ୍ତ ଭ୍ରମଣକୁ ପ୍ରାଥମିକତା ଦେଉଛି। ଏହାର ଦ୍ରୁତ ସଫଳତା ସହ ଓଡ଼ିଶା ଯାତ୍ରୀ

### ● ଯାତ୍ରୀ ସୁରକ୍ଷା ଓ ଡ୍ରାଇଭର ସଶକ୍ତିକରଣ ଉପରେ ଗୁରୁତ୍ୱ




ଏବେ ରାଜ୍ୟବ୍ୟାପୀ ଆହୁରି ବିସ୍ତାର ପାଇଁ ପ୍ରସ୍ତୁତ ହେଉଛି। ଭବିଷ୍ୟତର ଉନ୍ନତିରେ ରିଅଲ୍-ଟାଇମ୍ ପବ୍ଲିକ୍ ଟ୍ରାକିଂ, ଓଟିଡିସି ସହିତ ସମନ୍ୱୟ, ଏଆଇଚାଳିତ ସୁରକ୍ଷା ପ୍ରୋଟୋକଲ୍ ଓ ମଲ୍ଟି-ମୋଡାଲ୍ ଯାତ୍ରା ଯୋଜନା ଏଥିରେ ଅନ୍ତର୍ଭୁକ୍ତ। ଏହି ବିକାଶଗୁଡ଼ିକ ଓଡ଼ିଶାର ସ୍ମାର୍ଟ ଓ ସ୍ଥାୟୀ ଗତିଶୀଳତା ଇକୋସିଷ୍ଟମର ମେରୁଦଣ୍ଡ ଭାବେ ଓଡ଼ିଶା ଯାତ୍ରୀର ସ୍ଥିତିକୁ ଆହୁରି ସୁଦୃଢ଼ କରିବ ଏବଂ ଲକ୍ଷ ଲକ୍ଷ ଯାତ୍ରୀ ଓ ଡ୍ରାଇଭରଙ୍କୁ ସଶକ୍ତ କରିବ ବୋଲି ଶ୍ରୀମତୀ ପାଢ଼ୀ ଆଶା ପ୍ରକଟ କରିଛନ୍ତି।



## ଆଜିର ପେଟ୍ରୋଲ, ଡିଜେଲ ଦର

ଆଜି ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ୧୦୧. ୧୧ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨ . ୬୯ ପଇସା ରହିଛି । ସେହିପରି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି । ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୦୧ ଟଙ୍କା ଥିବାବେଳେ ଡିଜେଲ ଦର ୯୧ ଟଙ୍କା ୮୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି । ପେଟ୍ରୋଲ ଏବଂ ଡିଜେଲ ଦାମ୍ ଆପଣ SMS ମାଧମରେ ମଧ ଜାଣିପାରିବେ। ଇଣ୍ଡିଆନ ଅଏଲ ୱେବସାଇଟ ଅନୁଯାୟୀ ଆପଣଙ୍କୁ ଏବଂ ନିଜ ସହରର କୋଡ୍ ଲେଖି ୯୨୨୪୯୯୨୨୪୯ ନମ୍ବରକୁ ପଠାଇବାକୁ ହେବ । ପ୍ରତି ସହରର କୋଡ୍ ଅଲଗା ଅଲଗା ରହିଥାଏ। ଯାହା ଆପଣଙ୍କୁ ଆଇସିଓଏଲ ୱେବସାଇଟରୁ ମିଳିଯିବ । ପ୍ରତ୍ୟେକ ଦିନ ସକାଳ ୬ଟାରେ ପେଟ୍ରୋଲ ଏବଂ ଡିଜେଲ୍ ଦାମରେ ପରିବର୍ତ୍ତନ ହୋଇଥାଏ ।

### ପୁଣି ଧମକ ଦେଲେ ଟ୍ରମ୍ପ

# ଫାର୍ମା ସେକ୍ଟର ଶେୟାର କ୍ରାଶ



**ନୂଆଦିଲ୍ଲୀ,୧୯।୨:** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଟାରିଫ ବୋମା ଏବେ ଭାରତୀୟ ସେୟାର ବଜାରକୁ ବି ଦୋହଲାଇ ଦେଇଛି । ପୁଣିଥରେ ଟ୍ରମ୍ପ ତିନୋଟି ବଡ ସେକ୍ଟର ଅଟୋମୋବାଇଲ, ସେମିକଣ୍ଡକ୍ଟର ଓ ଫାର୍ମ ସେକ୍ଟର ଉପରେ ୨୫ ପ୍ରତିଶତ ଆମଦାନୀ କର ଲଗାଇବାକୁ ଧମକ ଦେଇଛନ୍ତି। ହେଲେ ଏହି ଟାରିଫ୍ କେଉଁ କେଉଁ ଦେଶ ଉପରେ ଲାଗିବ ତାହା ଟ୍ରମ୍ପ ସ୍ପଷ୍ଟ କରିନାହାଁନ୍ତି। ହେଲେ ଏହାର ପ୍ରଭାବ ଏବେ ଭାରତୀୟ ବଜାର ଉପରେ ପଡିଛି । ଏହି ଧମକ ପରେ ଭାରତୀୟ ସେୟାର ବଜାରରେ ଫାର୍ମା ସେକ୍ଟରର ସେୟାର ମୂଲ୍ୟ ଆଶାତୀତ ଭାବେ ହ୍ରାସ ପାଇଛି । ଏହି କ୍ରମରେ ଡ.ରେଡ୍ଡି' ଏବଂ ଜାଇଡସ ଭଳି କମ୍ପାନୀ ପ୍ରଭାବିତ ହୋଇଛି । ଡୋନାଲ୍ଡ ଟ୍ରମ୍ପ ଏବେ ଏବେ ଅଟୋ, ସେମିକଣ୍ଡକ୍ଟର ଓ ଫାର୍ମା ଉତ୍ପାଦ ଉପରେ ୨୫ ପ୍ରତିଶତ ଟାରିଫ୍ ଲଗାଯିବା ନେଇ କହିଥିଲେ। ଏହା ପୂର୍ବରୁ ମଧ ଆମେରିକା ରାଷ୍ଟ୍ରପତି ଷ୍ଟିଲ ଓ ଆଲୁମିନିୟମ ଆମଦାନୀ ଉପରେ ଅତିରିକ୍ତ ଟାରିଫ୍ ଘୋଷଣା କରିସାରିଛନ୍ତି। ଏହା ମାର୍ଚ୍ଚ ୨୦୨୫ ରୁ ଲାଗୁ ହୋଇପାରେ । ଟ୍ରମ୍ପଙ୍କ ଟାରିଫର ସବୁଠାରୁ ଖରାପ ପ୍ରଭାବ ଔଷଧ ନିର୍ମାତା କମ୍ପାନୀଗୁଡିକ ଉପରେ ପଡିବାରେ ଲାଗିଛି । ବୁଧବାର ଦିନ ଶେୟାର ବଜାର କାରବାର ଆରମ୍ଭରୁ ନିଫ୍ଟି ଫାର୍ମା ଇଣ୍ଡେକ୍ସ ପାଖାପାଖି ୩ ପ୍ରତିଶତ ତଳକୁ ଖସିଛି । ଏହି କ୍ରମରେ ଡ.ରେଡ୍ଡି' ୫ପ୍ରତିଶତ ତଳକୁ ଖସିଛି । ସେହିଭଳି ଜାଇଡସ ଲାଇଫସାଇନ୍ସର ସେୟାର ମଧ ୫ ପ୍ରତିଶତ ତଳକୁ ଖସିଛି । ସେହିଭଳି ଅରୋବିନ୍ଦୋ ଫାର୍ମାର ଷ୍ଟକ୍ ମୂଲ୍ୟ ୭ ପ୍ରତିଶତ ହ୍ରାସ ପାଇଛି ।

## ଭାରତରେ ଟେସ୍‌ଲାର ୫ବିଲିୟନ୍ ଡଲାର ପର୍ଯ୍ୟନ୍ତ ନିବେଶ ଯୋଜନା



**ନୂଆଦିଲ୍ଲୀ,୧୯।୨:** ଆମେରିକାର ବୈଦ୍ୟୁତିକ କାର ନିର୍ମାତା ଟେସଲା ଭାରତରେ ପ୍ରବେଶ କରିବାର ଯୋଜନା ସହିତ ଆଗକୁ ବଢ଼ୁଥିବା ପରି ମନେ ହେଉଛି। କାରଣ କମ୍ପାନୀର ଅଧିକାରୀମାନେ ଏପ୍ରିଲରେ ସେମାନଙ୍କର ରଣନୀତି ବିଷୟରେ ଆଲୋଚନା କରିବା ପାଇଁ ଆକ ଦେଶକୁ ଗସ୍ତ କରିବେ ବୋଲି ଶୁଣାଯାଉଛି। ଟେସଲାର କାର୍ଯ୍ୟନିର୍ବାହୀମାନେ ସେମାନଙ୍କ ଗସ୍ତ ସମୟରେ, ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ) ଏବଂ ଅନ୍ୟାନ୍ୟ ପ୍ରମୁଖ ମନ୍ତ୍ରଣାଳୟର ଅଧିକାରୀଙ୍କ ସହିତ ବୈଠକ କରିବେ। ଆଲୋଚନାରେ ଟେସଲାର ନିବେଶ ଯୋଜନା, ସମ୍ଭାବ୍ୟ କାରଖାନା ସ୍ଥାନ ଏବଂ ଭାରତରେ ବୈଦ୍ୟୁତିକ ଯାନ (ଇଭି) ଉତ୍ପାଦନ ସହିତ ଜଡିତ ସରକାରୀ ନୀତି ଉପରେ ଆଲୋଚନା ହେବ ବୋଲି ଆଶା କରାଯାଉଛି। ତେବେ ବହୁ ପୂର୍ବରୁ ଟେସଲା ଭାରତରେ ଏକ ଉତ୍ପାଦନ କେନ୍ଦ୍ର ସ୍ଥାପନ କରିବାକୁ ଆଗ୍ରହ ଦେଖାଇଛି। ପ୍ରାରମ୍ଭିକ ସୂତ୍ର ଅନୁଯାୟୀ, କମ୍ପାନୀ ଆରମ୍ଭରୁ ୩ ବିଲିୟନରୁ ୫ ବିଲିୟନ ଡଲାର ମଧ୍ୟରେ ନିବେଶ କରିପାରେ ବୋଲି ଅନୁମାନ କରାଯାଉଛି। ସରକାର ସମ୍ପ୍ରତି ଏକ ନୂତନ ଇଭି ନୀତି ପ୍ରଚଳନ କରିଛନ୍ତି। ଯାହାକି ସ୍ଥାନୀୟ ଉତ୍ପାଦନ ପ୍ରତି ପ୍ରତିବଦ୍ଧ କମ୍ପାନୀଗୁଡ଼ିକ ପାଇଁ ଆମଦାନୀ ଶୁଳ୍କ ରିହାତି ପ୍ରଦାନ କରୁଛି। ଏହି ନୀତି ଅନୁଯାୟୀ, ଟେସଲା ସମେତ ବିଦେଶୀ ଇଭି ନିର୍ମାତାମାନଙ୍କୁ ଶୁଳ୍କ ଲାଭ ପାଇବା ପାଇଁ ଏହି ଯୋଜନା ଅଧୀନରେ ଆବେଦନ କରିବାକୁ ପଡିବ। ଟେସଲା ଏହାର କାରଖାନା ସ୍ଥାପନ କରିବା ପାଇଁ ଭାରତର ବିଭିନ୍ନ ରାଜ୍ୟ ଆଖିକ ଆସୁଥିବା ବେଳେ ଆଗରେ ରହିଛି ମହାରାଷ୍ଟ୍ର ଏବଂ ଗୁଜରାଟ।

## ଓଡ଼ିଶାରେ ବେକାରି ହାର ୮.୭%କୁ ହ୍ରାସ

**ଭୁବନେଶ୍ୱର, ୧୯।୨(ସଂଚାର ବ୍ୟୁରୋ):** ସାରା ଦେଶରେ ବେକାରି ସ୍ଥିତିରେ ସୁଧାର ଘଟିଛି। ଓଡ଼ିଶାରେ ମଧ୍ୟ ତାହାର ପ୍ରତିଫଳନ ଦେଖିବାକୁ ମିଳିଛି। ୨୦୨୪ର ଅକ୍ଟୋବର-ଡିସେମ୍ବର ତ୍ରୈମାସିକରେ ସର୍ବଭାରତୀୟ ସ୍ତରରେ ବେକାରି ହାର ୬.୪ ପ୍ରତିଶତ ରହିଛି। ବର୍ଷକ ପୂର୍ବରୁ ସେହି ହାର ୬.୫ ପ୍ରତିଶତ ଥିଲା। ଏହି ତିନି ମାସରେ ଓଡ଼ିଶାର ବେକାରି ହାରରେ ଉଲ୍ଲେଖନୀୟ ଉନ୍ନତି ଘଟିଛି। ରାଜ୍ୟର ସହରାଞ୍ଚଳ ବେକାରି ହାର ୮.୭ ପ୍ରତିଶତକୁ ହ୍ରାସ ପାଇଛି, ଯାହା ତାହାର ପୂର୍ବ ତ୍ରୈମାସିକ (୨୦୨୪ ଜୁଲାଇ-ସେପ୍ଟେମ୍ବର)ରେ ୧୦.୬ ପ୍ରତିଶତ ଭଳି ଉଚ୍ଚା ଥିଲା। କେନ୍ଦ୍ର ସରକାରଙ୍କ ଅବଧି ଭିତ୍ତିକ ଶ୍ରମଶକ୍ତି ସର୍ବେକ୍ଷଣ ବା ପିଏଲ୍‌ଏଫ୍‌ଏସ୍ ରିପୋର୍ଟରୁ ଏହି ତଥ୍ୟ ସାମ୍ନାକୁ ଆସିଛି।

## ବର୍ଷେ ପର୍ଯ୍ୟନ୍ତ ବଢ଼ିବ ବୀମା 'ଫ୍ରି-ଲୁକ୍' ଅବଧି!

**ନୂଆଦିଲ୍ଲୀ,୧୯।୨:** ପଲିସି କିଣିବା ପରେ ଅକଳରେ ପଡ଼ିଯିବା କିମ୍ବା ଆବଶ୍ୟକ କରୁନଥିବା ପଲିସି ବାଧ୍ୟ ହୋଇ କିଣିବା ଭଳି ଘଟୁଥିବା ଘଟଣାକୁ କମ୍ କରିବା ଲାଗି ବୀମା ନିୟମରେ ପରିବର୍ତ୍ତନ ଆଣିବା ଉପରେ ସରକାର କାମ କରୁଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଆଗକୁ ବୀମା ପଲିସିକୁ କେବଳ ତାଲିମପ୍ରାପ୍ତ ଏଜେଣ୍ଟ ବିକ୍ରି କରିବେ। ଏହା ଦ୍ୱାରା ମିସ୍-ସେଲିଂ କମ୍ ହୋଇପାରିବ ବୋଲି ସରକାର ଭାବୁଛନ୍ତି। ନିୟମରେ ଆସିବାକୁ ଥିବା ଅନ୍ୟତମ ବଡ଼ ପରିବର୍ତ୍ତନ ହେଉଛି 'ଫ୍ରି-ଲୁକ୍' ଅବଧି। ବର୍ତ୍ତମାନ ଏହା ଏକ ମାସ ରହିଛି। ତାହାକୁ ବର୍ଷେ କରିବା ଉପରେ ବିଚାରବିମର୍ଶ ଚାଲିଛି। ତାହା ହେଲେ ଗ୍ରାହକମାନେ ପଲିସି କିଣିବାର ଏକ ବର୍ଷ ମଧ୍ୟରେ ତାହାକୁ ସମୀକ୍ଷା କରିପାରିବେ ଏବଂ ନିଜ ଆବଶ୍ୟକତା ପୂରଣ କରିପାରୁ ନଥିଲେ ସେହି ପଲିସିକୁ ବାତିଲ କିମ୍ବା ଫେରାଇ ପାରିବେ। ବୀମା କମ୍ପାନିଗୁଡ଼ିକ ଲାଗି ମଧ୍ୟ ନିୟମକୁ ସରଳ କରାଯିବ।

## ସୁନାର ମହଲ, ୩୩୫ ଅରବ ଡଲାର ସମ୍ପତ୍ତି, କିଏ ଏହି ଧନୀ ଶାସକ ?



**ନୂଆଦିଲ୍ଲୀ,୧୯।୨:** ସୁନାର ମହଲ, ୩୩୫ ଅରବ ଡଲାର ସମ୍ପତ୍ତି । ମହଲରେ ୧୦୦ରୁ ଅଧିକ ବଖରା । ଆଖି ଲାଖିଗଲା ଭଳି ପରିବ୍ୟାପ୍ତ ଜାଗା । ଯେଉଁଠି ଏକାସଂଗେ ରହିପାରିବ ୫୦୦ ଭଳି ଗାଡି । ପାଖରେ ଅଛି ପ୍ରାଇଭେଟ୍ ଏୟାରଲାଇନ୍ସ । ପରିବାର ଲୋକ ବି ଯାତ୍ରା କରନ୍ତି ସ୍ୱତନ୍ତ୍ର ପ୍ଲେନ୍‌ରେ । ଆଜ୍ଞା ହଁ ଆମେ କହୁଛୁ ଜଣେ ଧନୀ ଶାସକଙ୍କ କଥା । ଯିଏକି ଦେଖିବାକୁ ପୁରା ରାଜକୁମାରଙ୍କ ଭଳି । ଲମ୍ବା ଉଚ୍ଚତା, ଚେହେରା ବି ଫିଟ୍ ଆଣ୍ଡ ତଗଡା । ୧୦ ବର୍ଷରେ ଦ୍ୱିତୀୟ ଥର ପାଇଁ ଆସିଛନ୍ତି ଭାରତ । ଫୋକସରେ କତାର ଓ ଦୁଇ ଦେଶ ମଧରେ ଦ୍ୱିପାକ୍ଷିକ ବାଣିଜ୍ୟ ବ୍ୟବସାୟୀ ବୃଦ୍ଧି। ହେଲେ ଜାଣିଛନ୍ତି କିଏ ଏହି ଧନୀ ଶାସକ ? ଯାହାଙ୍କ ପାଇଁ ଭାରତର ପ୍ରଧାନମନ୍ତ୍ରୀ ଏୟାରପୋର୍ଟରେ ଭାଙ୍ଗିଦେଲେ ପ୍ରୋଟକଲ । କାହିଁକି ତାଙ୍କ ଲାଇଫ୍ ଷ୍ଟାଇଲକୁ ନେଇ ଚର୍ଚ୍ଚା ? ନା ତାଙ୍କର ଶେଖ୍ ତମିମ୍ ବିନ୍ ହମଦ୍ ଅଲ୍-ଥାନୀ । ୧୯୮୦ ମସିହା ଜୁନ୍ ୩ ରେ ଜନ୍ମ । ତମିମ୍ ପୂର୍ବ ଧନୀ ଶେଖ୍ ହମଦ୍ ବିନ୍ ଖଲିଫା ଅଲ୍ ଥାନୀଙ୍କ ଚତୁର୍ଥ ପୁଅ। ବ୍ରିଟେନରେ ପାଠପଢ଼ା ପରେ ୧୯୯୮ରେ କତାର ଆର୍ମିରେ ନେଇଥିଲେ ନେତୃତ୍ୱ। ୨୦୧୩ ସେ ପାଲଟିଗଲେ ହେଲେ କତାରର ଧନୀ । ଏହାପରଠୁ ବଢ଼ିଚାଲିଛି ତାଙ୍କର ଲୋକପ୍ରିୟତା । କେବଳ କତାର ନୁହେଁ ସାରା ଦେଶରେ ସେ ଏବେ ଚର୍ଚ୍ଚିତ ଶାସକ ।

## ଦରଦାମ୍ ଲଢ଼େଇରେ ସର୍ବାଧିକ ପ୍ରଭାବିତ ଚିନି: ମାସକରେ ୫ ଟଙ୍କା ମହଙ୍ଗା



**ଭୁବନେଶ୍ୱର, ୧୯।୨(ସଂଚାର ବ୍ୟୁରୋ):** ଦରଦାମ୍‌କୁ ନିୟନ୍ତ୍ରଣରେ ରଖିବା ଲାଗି କେନ୍ଦ୍ର ସରକାର ଓ ଭାରତୀୟ ରିଜର୍ଭ ବ୍ୟାଙ୍କ ଦୀର୍ଘଦିନ ଲଢ଼େଇ କରିବା ପରେ ଯେଉଁ ସଫଳତା ପାଇଛନ୍ତି, ସେଥିପ୍ରତି ଚିନି ଏକ ବଡ଼ ବିପଦ ଭାବେ ଉଭା ହୋଇଛି। ଉତ୍ପାଦନ କମିବାରୁ ମାସକ ଭିତରେ ଦେଶରେ ଚିନି କେଜି ୬.୫ ପ୍ରତିଶତ ମହଙ୍ଗା ହୋଇଛି। ଆଗକୁ ଦାମ୍ ଆହୁରି ବଢ଼ିବା ଆଶଙ୍କା କରାଯାଉଛି। ଚିନି ଦରବୃଦ୍ଧିର ପ୍ରତିଫଳନ ଓଡ଼ିଶା ବଜାରରେ ମଧ୍ୟ ଦେଖିବାକୁ ମିଳିଛି। ଓଡ଼ିଶା ବ୍ୟବସାୟୀ ମହାସଂଘର ମହାସଚିବ ସୁଧାକର ପଣ୍ଡାଙ୍କ ସୂଚନା ଅନୁଯାୟୀ ମାସକ ଭିତରେ ରାଜ୍ୟର ଖୁଚୁରା ବଜାରରେ ଚିନି କେଜି ୫ ଟଙ୍କା ମହଙ୍ଗା ହୋଇଛି। ପୂର୍ବରୁ କେଜି ୪୫ ଟଙ୍କା ଥିଲା। ଏବେ ତାହା ୫୦ ଟଙ୍କା ପାଖାପାଖି ବିକ୍ରି ହେଉଛି। ପାଇକାରୀ ବଜାରରେ ଚିନି କ୍ୱିଣ୍ଟାଲ ଦାମ୍ ୩୯୫୦ ଟଙ୍କା ଥିଲା। ସେହି ଦାମ୍ ବୃଦ୍ଧି ପାଇ ୪୩୦୦ ଟଙ୍କା ପାଖାପାଖି ହୋଇଯାଇଛି। ଅର୍ଥାତ ଦାମ୍‌ରେ କ୍ୱିଣ୍ଟାଲ ପିଛା ୩୫୦ ଟଙ୍କାର ବୃଦ୍ଧି ଘଟିଛି। ଚିନି ପାଇଁ ଓଡ଼ିଶା ସମ୍ପୂର୍ଣ୍ଣ ରୂପେ ବାହାର ରାଜ୍ୟ ଉପରେ ନିର୍ଭରଶୀଳ କହିଲେ ସମ୍ପୂର୍ଣ୍ଣ ଭୁଲ ହେବ ନାହିଁ। କାରଣ ନିଜ ଆବଶ୍ୟକତାର ମାତ୍ର ୫ ପ୍ରତିଶତ ଚିନି ରାଜ୍ୟରେ ଉତ୍ପାଦନ ହେଉଛି। ୯୫ ପ୍ରତିଶତ ବାହାରୁ ମଗାଇବାକୁ ପଡୁଛି। ଗଞ୍ଜାମର ଆସ୍କା, କଳାହାଣ୍ଡି, ନୟାଗଡ଼ରେ ଥିବା ଚିନି କଳ ବନ୍ଦ ରହିଛି। ଢେଙ୍କାନାଳରେ ଥିବା ଶକ୍ତି ସୁଗାରରୁ ଯାହା କିଛି ଉତ୍ପାଦନ ହେଉଛି। ଓଡ଼ିଶାରେ ବର୍ଷକୁ ୯.୫-୧୦ ଲକ୍ଷ ଟନ୍ ଚିନି ଦରକାର ହେଉଛି। ଦେଶରେ ଖରାପ ପାଣିପାଗ ଦ୍ୱାରା ଆଖୁ ଚାଷ ପ୍ରଭାବିତ ହେବା ଏବଂ ଦୀର୍ଘ ୨ ବର୍ଷ ବ୍ୟବଧାନ ପରେ ଚିନି ରପ୍ତାନି ପାଇଁ ଅନୁମତି ଦିଆଯିବାରୁ ବଜାରରେ ଚିନି ଯୋଗାଣ କମ୍ ହୋଇଛି। ତାହାର ପ୍ରଭାବରେ ଦାମ୍ ବଢ଼ୁଛି। ବହୁଳ ଭାବେ ବ୍ୟବହାର ହେଉଥିବା ମହାରାଷ୍ଟ୍ର ଚିନିର ଏକ୍ସ-ମିଲ୍ ଦାମ୍ ଯାହା ଦୁଇ ମାସ ପୂର୍ବେ କ୍ୱିଣ୍ଟାଲ ପିଛା ୩୩୮୦ ଟଙ୍କା ଥିଲା ତାହା ଏବେ ୩୭୯୦ ଟଙ୍କାକୁ ବୃଦ୍ଧି ପାଇଛି। ମାସକ ତଳେ ତାହାର ଦାମ୍ କ୍ୱିଣ୍ଟାଲ ପିଛା ୩୫୬୫ ଟଙ୍କା ଥିଲା।

# ଲିକ୍ ହେଲା ଟୟୋଟା ଇନୋଭା ଇଭିର ଫିଚର୍ସ




**ନୂଆଦିଲ୍ଲୀ, ୧୯।୨:** ନିକଟରେ ଟୟୋଟା ଇନୋଭା ଇଭି କୁ ଜାକର୍ତ୍ତାରେ ଅନୁଷ୍ଠିତ ଇଣ୍ଡୋନେସିଆ ଇଣ୍ଟରନ୍ୟାସନାଲ୍ ମୋଟର ଶୋ'ରେ ପ୍ରଦର୍ଶିତ କରାଯାଇଛି । ଏହି କାରଟି ୨୦୨୨ରେ ଅନୁଷ୍ଠିତ ମୋଟର ଇଭେଣ୍ଟରେ ପ୍ରଦର୍ଶିତ ହୋଇଥିଲା । କିନ୍ତୁ ଏବେ ଟୋୟୋଟା ଏହାର ଡିଜାଇନରେ ଅନେକ ପରିବର୍ତ୍ତନ କରିଛି । ଏହି ଇଭେଣ୍ଟ ସମୟରେ, କମ୍ପାନୀ ଏହି ଗାଡିର ପାୱାରଟ୍ରେନ୍ ଏବଂ ବ୍ୟାଟେରୀ ରେଞ୍ଜ ମଧ୍ୟ ପ୍ରକାଶ କରିଛି । ଟୟୋଟା ଇନୋଭା ଇଭି ପାୱାର: ଟୋୟୋଟାର ଏହି ସମ୍ପୂର୍ଣ୍ଣ ଇଲେକ୍ଟ୍ରିକ୍ କାରଟି ୫୯.୩ କେଡବ୍ଲୁଏଚ୍ ଲିଥିୟମ-ଆୟନ ବ୍ୟାଟେରୀ ସହିତ ଆସିବାକୁ ଯାଉଛି । ଏହି ବ୍ୟାଟେରୀ ୧୭୯ ଏପି ପାୱାର ଏବଂ ୭୦୦ ଏନ୍ଏମ୍ ଟର୍କ ଜେନେରେଟ କରେ । ଏହି ଇଲେକ୍ଟ୍ରିକ୍ କାରର ବ୍ୟାଟେରୀକୁ ଏସି ଏବଂ ଡିସି ଉଭୟ ଚାର୍ଜିଂ ସିଷ୍ଟମରେ ଚାର୍ଜ କରାଯାଇପାରିବ । ବ୍ୟାଟେରୀ ପ୍ୟାକ୍ ପ୍ରକାଶ କରିବା ପରେ ବି ଟୋୟୋଟା ଏପର୍ଯ୍ୟନ୍ତ ଗାଡ଼ିର ରେଞ୍ଜ ପ୍ରକାଶ କରିନାହିଁ । ଇନୋଭା ଇଭି ଡିଜାଇନ୍: ଟୋୟୋଟା ଇନୋଭାର ଏହି ଇଲେକ୍ଟ୍ରିକ୍ ମଡେଲର ଡିଜାଇନ୍ ଡିଜେଲ ପାୱାର୍ଡ ଇନୋଭା କ୍ରିଷ୍ଟା ଠାରୁ ଟିକିଏ ଭିନ୍ନ । କାରଟିର ଗ୍ରୀଲ୍ ପାଖରେ ଏଙ୍ଗୁଲାର ହେଡଲାଇଟ୍ ଲଗାଯାଇଛି, ଯାହା ଏକ ପତଳା ଷ୍ଟ୍ରିପ୍ ସହିତ କନେକ୍ଟ କରାଯାଇଛି । ଏହି ହେଡଲାଇଟରେ ନୂଆ ଏଲଇଡି ସିଗନେଚର ବ୍ୟବହାର କରାଯାଇଛି । ଏହାର ବମ୍ପରରେ ସ୍ଲିମର୍ ଫଗ୍ ଲାଇଟ୍ ମଧ୍ୟ ଲାଗିଛି । ଏହି ଇଲେକ୍ଟ୍ରିକ୍ କାରରେ ନୂଆ ୧୬ ଇଞ୍ଚ ଆଲଏ ହ୍ୱିଲ୍ ବ୍ୟବହାର କରାଯାଇଛି । ଇନୋଭା ଇଭି ଫିଚର୍ସ: ଟୋୟୋଟାର ଏହି ଇଲେକ୍ଟ୍ରିକ୍ କାରର କ୍ୟାବିନ୍ ଇନୋଭା କ୍ରିଷ୍ଟା ସହିତ ବହୁତ ସମାନ । କିନ୍ତୁ ଏହି ଗାଡ଼ିର ଏକ ସମତଳ ଫର୍ସ ଅଛି, ଯାହା ତଳେ ବ୍ୟାଟେରୀ ପ୍ୟାକ୍ ଲଗାଯାଇଛି । ଏହା କାରର ପଛରେ ବାସୁଥିବା ଯାତ୍ରୀମାନଙ୍କ ପାଇଁ ସ୍ପେସ ବୃଦ୍ଧି କରିଛି । ଏହି କାରରେ କୌଣସି ଗିଅର ଲିଭର ନାହିଁ । ଇନୋଭା ଇଭିର ବଡ଼ ଇନଫୋଟେନମେଣ୍ଟ ସ୍କ୍ରିନ୍, ଲେଦର କଭର୍ଡ ଷ୍ଟିଅରିଂ ହ୍ୱିଲ୍, ଦ୍ୱିତୀୟ ରୋ' ରେ କ୍ୟାପ୍ଟେନ ସିଟ୍, ୱାୟାରଲେସ୍ ଚାର୍ଜିଂ ଏବଂ ଆମ୍ବିଏଣ୍ଟ ଲାଇଟିଂ ଭଳି ଅନେକ ଫିଚର୍ସ ପ୍ରଦାନ କରାଯାଇଛି ।

# ଆମପାଣିକୁ ବ୍ଲକ ମାନ୍ୟତା ଦାବି

**କଳାହାଣ୍ଡି,୧୯।୨ (ସଂଚାର ବ୍ୟୁରୋ):** କୋକସରା ବ୍ଲକର ଆମପାଣି ପଞ୍ଚାୟତକୁ ନୂତନ ବ୍ଲକ ଘୋଷଣା ନିମନ୍ତେ ଦାବି ଯୋର ଧରିଛି। ବୁଧବାର ବ୍ଲକ ଗଠନ କ୍ରିୟାନୁଷ୍ଠାନ କମିଟି ସଭାପତି ଋତୁରାଜ ମାଝୀଙ୍କ ନେତୃତ୍ୱରେ କୋକସରା ବ୍ଲକର ୮ଟି ପଞ୍ଚାୟତ ସମେତ ଜୟପାଟଣା ବ୍ଲକର ୨ଟି ପଞ୍ଚାୟତର ଶତାଧିକ ମହିଳା ଓ ପୁରୁଷ ଏକତ୍ରିତ ହୋଇ ଧର୍ମଗଡ଼ ପଞ୍ଚାୟତ ପଡିଆଠାରୁ ବିଭିନ୍ନ ସ୍ଲୋଗାନ ଦେଇ ଦାବି ସମ୍ପର୍କିତ ପ୍ଲାକାର୍ଡ ଧରି ବିରାଟ ଶୋଭାଯାତ୍ରା ମାଧ୍ୟମରେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ଥିଲେ। ଏବଂ ଉପ ଜିଲ୍ଲାପାଳ ଅନୁପସ୍ଥିତ କାରଣରୁ ଡେପୁଟି କଲେକ୍ଟର ଚିତ୍ତରଞ୍ଜନ ମଲ୍ଲିକଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା।

କୋକସରା ବ୍ଲକର ଆମପାଣି ୧ ନମ୍ବର ଜିଲ୍ଲା ପରିଷଦ ଜୋନରେ ମୋଟ ୮ଟି ପଞ୍ଚାୟତ ବଡ଼ପୋଡ଼ାଗୁଡ଼ା, ବରାଡଙ୍ଗା, କାଉଡୋଲ, ମହିମା, ଡୁଡୁକାଠେଙ୍ଗା, ସାନ ପୋଡାଗୁଡା ଓ ଗୋତମୁଣ୍ଡା ପଞ୍ଚାୟତ ରହିଛି। ଏହି ପଞ୍ଚାୟତ ଗୁଡ଼ିକ ସାହାଜଖୋଲ ଜଙ୍ଗଲ ପାଦଦେଶରେ ରହିଛି। ମୂଳ ବ୍ଲକ କୋକସରା ଠାରୁ ୨୫ରୁ ୩୦ କିଲୋମିଟର ଦୂରରେ ଅବସ୍ଥିତ ଅଛନ୍ତି ଏହି ଗାଁ ଗୁଡ଼ିକ। ସେହି ପରି ଜୟପାଟଣା ବ୍ଲକର ବଡପୁଝାରୀଗୁଡା ଓ ଉଛୁଲା ପଞ୍ଚାୟତ ମଧ୍ୟ




## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ବଣ ଜଙ୍ଗଲ ଉପରାନ୍ତରେ ରହିଛନ୍ତି। ମୂଳ ଜୟପାଟଣା ବ୍ଲକକୁ ଯିବାକୁ ହେଲେ ଏହି ୨ ଗୋଟି ପଞ୍ଚାୟତକୁ ୩୫ କିଲୋମିଟର ଯିବାକୁ ପଡୁଛି, ନିକଟରେ ଆମପାଣି ୧୨. କିମି ଦୂରରେ ରହିଛି। ଏହି ପଞ୍ଚାୟତ ଗୁଡ଼ିକ ଭୌଗୋଳିକ ଦୃଷ୍ଟିକୋଣରୁ ପାହାଡ଼, ପର୍ବତ, ନଦୀ, ନାଳ ଓ ଜଙ୍ଗଲ ଘେରା ଅଞ୍ଚଳ ରହୁଛି। ଯାହା ଫଳରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାର ସଫଳତା ଲୋକଙ୍କ ନିକଟରେ ଠିକ୍ ସମୟରେ ପହଞ୍ଚି ପାରୁନାହିଁ। ଭୌଗଳିକ ଦୃଷ୍ଟି କୋଣରୁ ଆମପାଣି ଗ୍ରାମ ଏହି ଅଞ୍ଚଳର ମୂଖ୍ୟ ସ୍ଥାନ ହୋଇଥିବାବେଳେ ଏଠାରେ ବ୍ଲକ ଗଠନ ନିମିତ୍ତ ସବୁ ପ୍ରକାର ଭିତ୍ତିଭୂମି ରହିଛି। ସରକାର ଆମପାଣି ଗ୍ରାମ ପଞ୍ଚାୟତକୁ ନୂତନ ବ୍ଲକ ଘୋଷଣା କଲେ ସାଧାରଣ ଲୋକଙ୍କ ନିକଟରେ ଶିକ୍ଷା, ସ୍ୱାସ୍ଥ୍ୟ, ଜଳ, ପରିମଳ, ମହିଳା ଓ ଶିଶୁ ବିକାଶ ଯୋଜନା ଆଦି ଏହି ଅଞ୍ଚଳରେ ହାତ ପାଆନ୍ତାରେ ପହଞ୍ଚିବାରେ ସହଜ ହେବ ସହ ଅଞ୍ଚଳରେ ବିକାଶ ଆଗେଇ ଲୋକେ ଉପକୃତ ହୋଇପାରିବେ। ଏହି ଦାବିପତ୍ର ପ୍ରଦାନ ସମୟରେ କ୍ରିୟାନୁଷ୍ଠାନ କମିଟି ସଭାପତି ଋତୁରାଜ ମାଝୀଙ୍କ ସମେତ ୧୦ ଗୋଟି ପଞ୍ଚାୟତର ଶତାଧିକ ମହିଳା ଓ ପୁରୁଷ ସାମିଲ ହୋଇଥିଲେ।




## ଭାରସାମ୍ୟ ହରାଇ ଓଲଟିଲା କାର

**ହିଞ୍ଜିଳିକାଟୁ,୧୯।୨ (ସଂଚାର ବ୍ୟୁରୋ):** ବୁଧବାର ଭୋର ସମୟରେ ହିଞ୍ଜିଳିକାଟୁ ସହର ସ୍ଥିତ ସିନେମାହଲ ଛକରେ ଏକ କାର ଦୁର୍ଘଟଣା ଘଟିଛି । ଆସ୍କା ପଟୁ ବ୍ରହ୍ମପୁର ଆଡକୁ ଗତି କରୁଥିବା ଏକ କାର ନଂ (ଓଡ଼ି୦୭ଏପି୫୨୫୩) ଭାରସାମ୍ୟ ହରାଇ ଏକ ଜଳଖିଆ ଠେଲାଗାଡିକୁ ଧକ୍କା ଦେଇ ରାସ୍ତା କଡକୁ ଓଲଟି ପଡ଼ିଥିଲା । ନିକଟରେ ଥିବା ସ୍ଥାନୀୟ ଲୋକେ ପହଂଚି କାରକୁ ଉଠାଇ ଥିଲେ ଓ କାର ଭିତରେ ଥିବା ଚାଳକକୁ ଉଦ୍ଧାର କରିଥିଲେ । ଚାଳକ ସୁରକ୍ଷିତ ରହିଥିବା ବେଳେ କୌଣସି ସାଧାରଣ ଲୋକର ବି କ୍ଷତି ହୋଇନାହିଁ ବୋଲି ଜଣାପଡିଛି। କିନ୍ତୁ କାରଟି ଓଲଟି ପଡିଥିବା ଫଳରେ ଅଧାରୁ ଅଧିକ ସ୍ଥାନରେ ଭାଙ୍ଗିଯାଇଥିବା ବେଳେ ଠେଲାଗାଡିଟି ସମ୍ପୂର୍ଣ ଭାଙ୍ଗିଯାଇଛି।

## ବେତନଟୀ ପୁଲିସ ଉପଖଣ୍ଡ ଅଧିକାରୀଙ୍କୁ ସ୍ୱାଗତ



**ବେତନଟୀ,୧୯।୨ (ସଂଚାର ବ୍ୟୁରୋ):** ଯାଜପୁରରୁ ଭାରପ୍ରାପ୍ତ ଥାନା ଅଧିକାରୀର ଦାୟିତ୍ୱ ହସ୍ତାନ୍ତର କରି ପଦୋନ୍ନତି ପ୍ରକ୍ରିୟାରେ ବେତନଟୀ ପୋଲିସ ଉପଖଣ୍ଡ ଅଧିକାରୀ ଭାବେ ଗତକାଲି ନିଜ କାର୍ଯ୍ୟଭାର ଗ୍ରହଣ କରିଛନ୍ତି ମିନତୀ ବିଶ୍ୱାଳ। ଇତ୍ୟବସରେ ତାଙ୍କୁ ବିଭିନ୍ନ ସଂସ୍ଥା ତରଫରୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଆଜି ବେତନଟୀ ପ୍ରେସ କ୍ଲବର ସଭାପତି ପ୍ରକାଶ ବେହେରା, ବିମଳେନ୍ଦୁ ମହାପାତ୍ର, ସୀତାନାଥ ବେହେରା, ଦୀପକ ଦଣ୍ଡପାଟଙ୍କ ସମେତ ଜିଲ୍ଲା ସାମ୍ବାଦିକ ସଂଘ ସଭାପତି ଅରୁଣ କୁମାର ଓତା, ବେତନଟୀ ଅବସରପ୍ରାପ୍ତ କର୍ମଚାରୀ ସଂଘର ସଭାପତି ହରିଶ ଚନ୍ଦ୍ର ନନ୍ଦ ଗୋସ୍ୱାମୀ ଓ ସିଭିଲ ସୋସାଇଟି ର ସଂପାଦକ ସଚ୍ଚିଦାନନ୍ଦ ମହାନ୍ତି ପ୍ରମୁଖ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ସମ୍ବର୍ଦ୍ଧନା ପରେ ଉପସ୍ଥିତ ସାମ୍ବାଦିକମାନଙ୍କ ପ୍ରଶ୍ନର ଉତ୍ତରକ୍ରମେ ବେତନଟୀରେ ଆଇନଶୃଙ୍ଖଳା ରକ୍ଷା, ନିଶା କାରବାର ଓ ଲଘୁ ଜାତ ଖଣିଜ ଦ୍ରବ୍ୟ ଚୋରୀ ରୋକିବା ଭଳି ବିଭିନ୍ନ ପଦକ୍ଷେପ ଗ୍ରହଣ କରିବାର ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। ଏହାର ସାତବର୍ଷ ପୂର୍ବରୁ ଶ୍ରୀମତୀ ବିଶ୍ୱାଳ ବେତନଟୀ ଥାନାର ଭାରପ୍ରାପ୍ତ ଅଧିକାରିଣୀ ଥିବାରୁ ତାଙ୍କୁ କାର୍ଯ୍ୟ କରିବାରେ କିଛିଟା ସହଜ ହେବାର ସେ ଆଶା ପୋଷଣ କରିଛନ୍ତି।

## ବିଜେପିର ନୂତନ ଜିଲ୍ଲା ସଭାପତିଙ୍କୁ ସମ୍ବର୍ଦ୍ଧନା

**ଦଶରଥପୁର,୧୯।୨ (ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲାରେ ବିଜେପି ତାର ଜିଲ୍ଲା ନେତୃତ୍ୱ ଘୋଷଣା କରିସାରିଛି। ଯାଜପୁର ଜିଲ୍ଲାରେ ବିଜେପି ଖେଳିଛି ମହିଳା କାର୍ଡ। ବିଜେପିର ବରିଷ୍ଠ ନେତ୍ରୀ ଦେବଯାନୀ ପ୍ରଧାନଙ୍କ ଉପରେ ଭାରତୀୟ ଜନତା ପାର୍ଟିର ନେତୃମଣ୍ଡଳୀ ଆସ୍ଥା ପ୍ରକଟ କରିବା ସହ ତାଙ୍କୁ ଜିଲ୍ଲା ସଭାପତି ଭଳି ଗୁରୁ ଦାୟିତ୍ୱ ପ୍ରଦାନ କରିଛି ଦଳ। ଅଭିଜ୍ଞ ଓ ବରିଷ୍ଠତାକୁ ଆଧାର କରି ବିଜେପି ଜଣେ ମହିଳାଙ୍କୁ ଜିଲ୍ଲା ସଭାନେତ୍ରୀ ଭାବେ ଘୋଷଣା କରିଛି। ଏଥିପାଇଁ ଜିଲ୍ଲାର ବିଭିନ୍ନ ସ୍ଥାନରୁ ଶ୍ରୀମତୀ ପ୍ରଧାନଙ୍କ ନିକଟକୁ ଶୁଭେଚ୍ଛାର ସୁଅ ଛୁଟି ଆସିଛି। ଏହି ପରିପ୍ରେକ୍ଷୀରେ ଦଶରଥପୁର ବ୍ଲକର ଯୁବ ସଙ୍ଗଠକ ତଥା ଯୁବ ବିଜେପି ନେତା ସୋମନାଥ ନାୟକ, ବିଜେପିର ବରିଷ୍ଠ କାର୍ଯ୍ୟକର୍ତ୍ତା ପ୍ରତ୍ୟୁଷ କୁମାର ନାୟକ, ଚିତ୍ତରଞ୍ଜନ ବାରିକ, ଶ୍ରୀନିବାସ ପଣ୍ଡା, ମନୋଜ ପରିଡା ପ୍ରମୁଖ ଜିଲ୍ଲା ସଭାପତି ଭାବେ ନୂତନ କରି ଦାୟିତ୍ୱ ଗ୍ରହଣ କରିଥିବା ଦେବଯାନୀ ପ୍ରଧାନଙ୍କୁ ଭେଟି ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିବା ସହ ଆଗାମୀ ଦିନରେ ଶ୍ରୀମତୀ ପ୍ରଧାନଙ୍କ ମାଧ୍ୟମରେ ଦଶରଥପୁର ବ୍ଲକ ପାଇଁ ରାଜ୍ୟସରକାର ସ୍ୱତନ୍ତ୍ର ଦୃଷ୍ଟି ଆକର୍ଷଣ କରିବାକୁ ଅନୁରୋଧ କରିଥିଲେ।



## ଦିଗାମ୍ବର ଉପାଧ୍ୟାୟଙ୍କୁ 'ମିସନ ଗ୍ରୀନ ଆମ୍ବାସଡର' ସମ୍ମାନ



**ସୁନ୍ଦରଗଡ,୧୯।୨ (ସଂଚାର ବ୍ୟୁରୋ):** ଭୁବନେଶ୍ୱରର ବିବେକାନନ୍ଦ ଯୁବ କେନ୍ଦ୍ର ଠାରେ ଆୟୋଜିତ "ଦକ୍ଷିଣ ଏସିଆ ପରିବେଶିକ ସ୍ଥାୟିତ୍ୱ ରୋଟାରୀ ଏକ୍ସନ ଗୃପ"ର କର୍ମଶାଳାରେ ସୁନ୍ଦରଗଡର ସମାଜସେବୀ ଦିଗାମ୍ବର ଉପାଧ୍ୟାୟଙ୍କୁ ସମ୍ମାନୀତ କରଯାଇଛି। ଜଙ୍ଗଲ ଓ ପରିବେଶ ସୁରକ୍ଷା, ଜଳବାୟୁ ପରିବର୍ତ୍ତନ ଉପରେ ବ୍ୟାପକ ସଚେତନତା, ବିକଳ୍ପ ଆୟ ଭିତ୍ତିକ କାର୍ଯ୍ୟକ୍ରମ ମାଧ୍ୟମରେ ଜଙ୍ଗଲ ଉପରେ ନିର୍ଭରଶୀଳତା କମାଇବା ତଥା ତୃଣମୂଳ ସ୍ତରର ଅନୁଷ୍ଠାନ ମାନଙ୍କ ସୁଦୃଢ଼ୀକରଣ ନିମନ୍ତେ ଉଲ୍ଲେଖନୀୟ କାର୍ଯ୍ୟ କରିଛନ୍ତି। କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ଇସରାଗର ବିଶ୍ୱସ୍ତରୀୟ ଅଧ୍ୟକ୍ଷ୍ୟା ଡକ୍ଟର ମୀନାକ୍ଷୀ ଭେଙ୍କଟରମଣ ତାଙ୍କ କାର୍ଯ୍ୟକୁ ପ୍ରଶଂସା କରି କହିଥିଲେ। ଅନ୍ୟାନ୍ୟ ସମ୍ମାନିତ ଅତିଥିମାନଙ୍କ ମଧ୍ୟରେ ଇସରାଗର ଦକ୍ଷିଣ ଏସିଆର ଉପାଧ୍ୟକ୍ଷ ଅନୁପ ସିହ୍ନା, ଜିଲ୍ଲା ଗଭର୍ନରର ଯଜ୍ଞାଶିଶ ମହାପାତ୍ର ଶ୍ରୀ ଉପାଧ୍ୟାୟଙ୍କ ସଫଳତା ପାଇଁ ଅଭିନନ୍ଦନ ଜଣାଇଥିଲେ। ସୁନ୍ଦରଗଡ ଜିଲ୍ଲା ଲେଫ୍ରିପରା ବ୍ଲକ ଅନ୍ତର୍ଗତ ଝୁରିମାଲ ଗ୍ରାମର ଶ୍ରୀ ଉପାଧ୍ୟାୟ ଦୀର୍ଘ ୩୧ ବର୍ଷ ଧରି ସମାଜସେବା କ୍ଷେତ୍ରରେ ନିଜକୁ ନିୟୋଜିତ କରି ରଖିଛନ୍ତି ତଥା ବିଶେଷ କରି ଜଙ୍ଗଲ ଓ ପରିବେଶ ସୁରକ୍ଷା, ଜଳବାୟୁ ପରିବର୍ତ୍ତନ ଉପରେ ନିରନ୍ତର କାର୍ଯ୍ୟ କରି ଆସୁଛନ୍ତି । ବର୍ତ୍ତମାନ ସ୍ୱେଚ୍ଛାସେବୀ ଅନୁଷ୍ଠାନ "ସେବକ"ର ବରିଷ୍ଠ କାର୍ଯ୍ୟକ୍ରମ ନିର୍ଦ୍ଦେଶକ ଭାବରେ କାର୍ଯ୍ୟରତ,

## ଲୁହୁରାଢ଼ିପା ବସଷ୍ଟାଣ୍ଡରୁ ହଟିଲା ଜବରଦଖଲ

**ସୁନ୍ଦରଗଡ:୧୯।୨(ସଂଚାର ବ୍ୟୁରୋ):** ସୁନ୍ଦରଗଡ ଲୁହୁରାଢ଼ିପା ବସଷ୍ଟାଣ୍ଡ ମଧ୍ୟରେ ଜବର ଦଖଲ କରି ତାଙ୍କର ବିପଣିକ କେନ୍ଦ୍ର ଖୋଲିଥିବା ୩୫ ଜଣ ଜବର ଦଖଲକାରୀଙ୍କର ଜବର ଦଖଲ ଉଚ୍ଛେଦ ହେଲା । ତେବେ ଏଇ ଉଚ୍ଛେଦ ନେଇ ଗତ ୧୪ ତାରିଖ ଦିନ ପୌରପାଳିକା ନିର୍ବାହୀ ଅଧିକାରୀଙ୍କ ଦ୍ୱାରା ନୋଟିସ ସର୍ଭ କରା ଯାଇଥିଲା । ନୋଟିସରେ ୫ ଦିନର ଅବଧି ଦିଆଯାଇ ଥିଲା, ତେବେ ସମୟ ସୀମାର ଅବଧି ଗତ କାଲି ସରି ଥିବା ବେଳେ ଆଜି ଆଇନ ଅନୁଯାୟୀ ଉଚ୍ଛେଦ କରାଯାଇ ଥିଲା । ଏଇ ଉଚ୍ଛେଦ ପ୍ରକ୍ରିୟା ପୂର୍ବାହ୍ନ ୧୦.୩୦ ରୁ ଆରମ୍ଭ ହୋଇ ଅପରାହ୍ନ ୧.୫୦ ପର୍ଯ୍ୟନ୍ତ ଚାଲିଥିଲା । ମାଜିଷ୍ଟ୍ରେଟ, ପୋଲିସ ଓ ପୌରପାଳିକାଙ୍କ ଉପସ୍ଥିତିରେ ଡୋଜର ଲାଗିଥିଲା । ସୂଚନା ଥାଉ କି ଗତ ୮ ତାରିଖ ରାତ୍ରିରେ ଏଇ ଜବର ଦଖଲ କାରୀଙ୍କ ଦ୍ୱାରା ଏକ ଅପରାଧିକ କାଣ୍ଡ ଘଟିଥିଲା । ସେ ଅପରାଧୀଙ୍କ କାଣ୍ଡକୁ ନିୟନ୍ତ୍ରଣ କରିବାକୁ ଯାଇଥିବା ପୋଲିସ ବଳ ଙ୍କୁ ଅପରାଧୀ ମାନେ ଅଶ୍ରାବ୍ୟ ଭାଷା ପ୍ରୟୋଗ କରିବା ସହ କାଠ ଫାଳିଆରେ ଆକ୍ରମଣ କରିଥିଲେ, ଯାହାର ଭିଡିଓ ଭାଇରାଲ ହୋଇଥିଲା। ଯାହାକୁ ନେଇ ସାରା ସହରରେ ଚର୍ଚ୍ଚା ହୋଇଥିଲା ଏବଂ ସାଧାରଣ ଲୋକେ ନିଜକୁ ସୁରକ୍ଷିତ ମଣୁ ନ ଥିଲେ । ଏହାକୁ ନେଇ କେତେ ଜଣ ବୁଦ୍ଧିଜିବୀ ଜବର ଦଖଲକାରୀଙ୍କ ଆଡ୍ଡା ସ୍ଥଳ ଭାଙ୍ଗିବା ନେଇ ପ୍ରଶାସନ ଉପରେ ଚାପ ପକାଇ ଥିଲେ । ତାକୁ ଭିତ୍ତି କରି ପ୍ରଶାସନ କଡା ପଦକ୍ଷେପ ନେଇ ଏହି ଉଚ୍ଛେଦ କାର୍ଯ୍ୟକ୍ରମ ଅନୁଷ୍ଠାନ କରିଥିଲା । ଏହି କଡା ପଦକ୍ଷେପ ସହର ବାସୀଙ୍କ ମଧ୍ୟରେ ଏକ ଆଶ୍ୱାସନ ସୃଷ୍ଟି କରିଛି ଏବଂ ଆଗାମୀ ଦିନରେ ଏପରି ଅବୈଧ କାର୍ଯ୍ୟରେ ପ୍ରଶାସନ କୌଣସି ସୁଯୋଗ ଦେବ ନାହିଁ ବୋଲି ସୂଚନା ମିଳିଛି ।



## ପୁଲିସ ତରଫରୁ ଜନସମ୍ପର୍କ ଶିବିର

● ଖେଳ,କୁଦ ଓ ବିଭିନ୍ନ ଉପକରଣ ବଣ୍ଟନ

**ଖପ୍ରାଖୋଲ,୧୯।୨(ସଂଚାର ବ୍ୟୁରୋ):** ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ବ୍ଲକ ଭାନପୁର ପଞ୍ଚାୟତ ଗନ୍ଧମାର୍ଦ୍ଦନ ପାହାଡ଼ ତଳି ବୁରୋମାଲ ଗାଁ ଖେଳ ପଡିଆ ଠାରେ ପୋଲିସ ତରଫରୁ ଜନସଂପର୍କ ଶିବିର ଅନୁଷ୍ଠିତ ହୋଇଯାଇଛି। ଖପ୍ରାଖୋଲ ଥାନା ଅଧିକାରୀ ନରେନ୍ଦ୍ର ଛତର ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜନସଂପର୍କ ଶିବିର ରେ ମୁଖ୍ୟ ଅତିଥି ପାଟଣାଗଡ ଉପଖଣ୍ଡ ଆରକ୍ଷୀ ଅଧିକାରୀ ସଦାନନ୍ଦ ପୁଝାରୀ, ସମ୍ମାନୀତ ଅତିଥି ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ, ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ବଲାଙ୍ଗିର ଡ଼ି ଆଇ ଓ ସି ଆସିଷ୍ଟାଣ୍ଟ କମାଣ୍ଡେଣ୍ଟ ସୁଦୀପ୍ତ ସାହୁ, ରଙ୍ଗନିଧି ଜାନି, ସ୍ଥାନୀୟ ସରପଞ୍ଚ ରୀନା ଜାଲ ଯୋଗଦେଇଥିଲେ । ଏହି ଅବସରରେ ଯୁବକ ମାନଙ୍କ ମଧ୍ୟରେ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଥିବା ବେଳେ ବିଜେତା ଦଳ କୁ ଟ୍ରଫି ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ସେହି ପରି ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ମାଧ୍ୟମରେ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଓ ଔଷଧ ବଣ୍ଟନ କରାଯାଇଥିଲା । ଶତାଧିକ ବୃଦ୍ଧା ବୃଦ୍ଧ ଙ୍କୁ କମ୍ବଳ, ସାଲ, ଛତା,ଶାଢ଼ୀ ବଣ୍ଟନ କରାଯାଇଥିବା ବେଳେ ସୋଲାର ଲାଇଟ୍, ଟର୍ଚ୍ଚ ଓ ସାଂସ୍କୃତିକ ଦଳ କୁ ବାଦ୍ୟ ଯନ୍ତ୍ର ବଣ୍ଟନ କରାଯାଇଥିଲା । ପୋଲିସ ଓ ଜନସାଧାରଣ ମଧ୍ୟରେ ଉତ୍ତମ ସମ୍ପର୍କ ପାଇଁ ଏହି ଜନସଂପର୍କ ଶିବିର ଆୟୋଜିତ ହୋଇଥିଲା ।



## ଛେଲିଆନାଳ ଗ୍ରାମର ଦୁର୍ଦ୍ଦଶା

**ରାୟଗଡ,୧୯।୨(ସଂଚାର ବ୍ୟୁରୋ):** ରାୟଗଡ଼ ଜିଲ୍ଲାର ମୁନିଗୁଡ଼ା ବ୍ଲକ ଅନ୍ତର୍ଗତ ପାତ୍ରଗୁଡ଼ା ପଞ୍ଚାୟତର ଛେଲିଆନାଳ ଗ୍ରାମରେ ପାନୀୟ ଜଳ, ରାସ୍ତା ଏବଂ ଅନ୍ୟାନ୍ୟ ମୌଳିକ ସୁବିଧାର ଅଭାବ ଗ୍ରାମବାସୀଙ୍କ ଜୀବନକୁ ଦୁଃସହ କରିଛି । ଏହି ଅଭିଯୋଗ ଗ୍ରାମବାସୀ ନିରନ୍ତର ପଞ୍ଚାୟତ ଏବଂ ବ୍ଲକ ପ୍ରଶାସନ ସମ୍ମୁଖରେ ଉଠାଇ ଆସୁଥିଲେ କିନ୍ତୁ କୌଣସି ପ୍ରଭାବଶାଳୀ ପଦକ୍ଷେପ ଗ୍ରହଣ ହୋଇନଥିଲା। ଗତ ୧୭ ତାରିଖ ଦିନ, ମୁନିଗୁଡ଼ା ରେ ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ହୋଇଥିବା ଜନଅଭିଯୋଗ ଶୁଣାଣି ଅବସରରେ ଗ୍ରାମର ୨୦ରୁ ଅଧିକ ମହିଳା ଲିଖିତ ଆକାରରେ ଅଭିଯୋଗ କରିଥିଲେ । ଏହି ଅଭିଯୋଗ ଉପରେ ଅତିରିକ୍ତ ଜିଲ୍ଲାପାଳ ବ୍ଲକ ପ୍ରଶାସନକୁ ଶୀଘ୍ର ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଦୁଇ ଦିନ ବିତିଯାଇଥିଲେ ମଧ୍ୟ କୌଣସି ପ୍ରତିକ୍ରିୟା ଦେଖାଯାଇନଥିବାରୁ ମହିଳା ମାନେ ଆଜି ମୁନିଗୁଡ଼ା ଗଷ୍ଟିଉନ୍ନୟନ ଅଧିକାରୀଙ୍କୁ ଙ୍କୁ ଭେଟି ସେହି ପାଣିସମସ୍ୟା କୁ ନେଇ ପୁଣି ଥରେ ଲିଖିତ ଆକାର ଅଭିଯୋଗ ଦେଇଥିଲେ । ଦରଖାସ୍ତ ଦେଖିଲା ପରେ ବି.ଡି.ଓ ନିଜେ ଗ୍ରାମ କୁ ଜିବେ କହିଥିଲେ। ଗ୍ରାମର ମୌଳିକ ଅଭାବ ମଧ୍ୟରେ ପାନୀୟ ଜଳ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏଠି ଏକ ନଳକୂପର ପାଣି ରଙ୍ଗମାଟି ମିଶିଥିବା ଏବଂ ଅନ୍ୟଟିର ପାଣିରେ ଲୁହା ଗୁଣ୍ଡ ରହିଥିବା ଦେଖି ଗ୍ରାମବାସୀ ବ୍ୟତିବ୍ୟସ୍ତ। ଏହି ଦୂଷିତ ପାଣି ପିଇ ମହିଳା ଏବଂ ଶିଶୁମାନେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଏଥିପାଇଁ ଗ୍ରାମବାସୀ ଶୁଦ୍ଧ ପାନୀୟ ଜଳ ପାଇବା ଦାବି କରୁଛନ୍ତି। ଗ୍ରାମର ରାସ୍ତାର ଦୁରବସ୍ଥା ଏକ ବଡ଼ ଚିନ୍ତାର ବିଷୟ । ବର୍ଷା ହୋଇଲେ ଗାଁରୁ ବାହାରିବା ଏବଂ ଜୀବନ ଜାପନ ଅତ୍ୟନ୍ତ କଠିନ ହୋଇପଡ଼େ। ଏଥିସହ ଗ୍ରାମରେ ଷ୍ଟ୍ରିଟ୍ ଲାଇଟ୍ ନଥିବାରୁ ରାତିରେ ଗ୍ରାମବାସୀ ଅନ୍ଧାର ଏବଂ ଭୟଭୀତ ପରିବେଶରେ ରହିବାକୁ ବାଧ୍ୟ । ଏହି ସମସ୍ୟା ନେଇ ଗ୍ରାମବାସୀ ପ୍ରଶାସନଙ୍କୁ ଅନେକଥର ଜଣାଇଥିଲେ ମଧ୍ୟ କୌଣସି ଉପାୟ ହନଥିଲା। ସ୍ଥାନୀୟ ସରପଞ୍ଚଙ୍କୁ ଏହି ସମସ୍ୟା ବିଷୟରେ ପଚାରିଲେ, ସେ ତାଙ୍କ ଅସମର୍ଥତା ବ୍ୟକ୍ତ କରି କହିଲେ, ମୁଁ ସରପଞ୍ଚ ହେଇ ୩ ବର୍ଷ ହେଲା ।



## ନାବାଳକଙ୍କୁ ହତ୍ୟା ମାମଲା, ଯାଜପୁର ବ୍ଲକ୍ ଉପାଧ୍ୟକ୍ଷ ଗିରଫ

**ଯାଜପୁର,୧୯।୨(ସଂଚାର ବ୍ୟୁରୋ):** ନାବାଳକଙ୍କୁ ପିଟିପିଟି ହତ୍ୟା ଘଟଣାରେ ଯାଜପୁର ବ୍ଲକ୍ ଉପାଧ୍ୟକ୍ଷ ଗିରଫ । ଚାଓମିନ ମାଗିବାରୁ ବାପ ପୁଅଙ୍କୁ କାଠ ଫାଳିଆରେ ପିଟି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଥିଲା । ଏହି ଘଟଣାରେ ଯାଜପୁର ସଦର ପୋଲିସ ବ୍ଲକ୍ ଉପାଧ୍ୟକ୍ଷ କମଳ ମଲ୍ଲିକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସୂଚନା ଅନୁଯାୟୀ ଯାଜପୁର ସଦର ଥାନା ଅଧୀନ ସାହାସପୁର ପଞ୍ଚାୟତ ଗୋବିନ୍ଦପୁର ଗ୍ରାମର ଶୁକଦେବ ଦାସ ଗତ ୯ ତାରିଖ ରାତିରେ ସ୍ଥାନୀୟ ଶିବାଛକର ଏକ ଚାଓମିନ ଦୋକାନକୁ ଯାଇ ଚାଓମିନ ମାଗିଥିଲେ ।

## ଦୁଇ ଟ୍ରକ ମୁହାଁମୁହିଁ; ୧ ମୃତ, ଜଣେ ଗୁରୁତର

**ହରଭଙ୍ଗା,୧୯।୨(ସଂଚାର ବ୍ୟୁରୋ):** ଭୟଙ୍କର ଦୁର୍ଘଟଣା । ମୁହାଁମୁହିଁ ଧକ୍କା ହେଲା ଦୁଇ ଟ୍ରକ। ବୌଦ୍ଧ-ନୟାଗଡ ଜିଲା ସୀମାନ୍ତ ଖୋର୍ଦ୍ଧା ବଲାଙ୍ଗିର ୫୭ ନଂ ଜାତୀୟ ରାଜପଥ କାମୁଟିପଙ୍ଗା ଠାରେ ଦୁଇଟି ଟ୍ରକ ମଧ୍ୟରେ ଭୟଙ୍କର ଦୁର୍ଘଟଣା ଘଟିଛି। ଦୁର୍ଘଟଣାରେ ଜଣେ ଡ୍ରାଇଭରଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ଜଣେ ଡ୍ରାଇଭର ଗୁରୁତର ହୋଇଛନ୍ତି । ତାଙ୍କୁ ଦଶପଲ୍ଲା ମେଡିକାଲରେ ଭର୍ତ୍ତି କରାଯାଇଛି । ଗୋଟେ ଟ୍ରକ ଦଶପଲ୍ଲାରୁ ବୌଦ୍ଧ ଆସୁଥିବାବେଳେ ଅନ୍ୟ ଏକ ଟ୍ରକ ବୌଦ୍ଧରୁ ଦଶପଲ୍ଲା ଅଭିମୁଖେ ଆସୁଥିଲା । ୫୭ ନଂ ଜାତୀୟ ରାଜପଥ କାମୁଟିପଙ୍ଗା ଠାରେ ଦୁଇଟି ଟ୍ରକ ମଧ୍ୟରେ ଧକ୍କା ହୋଇଥିଲା ।



## ସରକାରୀ ଟଙ୍କା ହେରଫେର, ନିଲମ୍ବିତ ହେଲେ ପ୍ରମିଳାଙ୍କ ଅନୁଗତ

**ବିଞ୍ଝାରପୁର,୧୯।୨(ସଂଚାର ବ୍ୟୁରୋ):** ସରକାରୀ ଟଙ୍କା ହେରଫେର ଅଭିଯୋଗ ରେ ନିଲମ୍ବିତ ହୋଇଛନ୍ତି ଦଶରଥ ପୁର ବ୍ଲକ୍ ଅନ୍ତର୍ଗତ ଗ୍ରାମ ନନ୍ଦିପୁର ପଞ୍ଚାୟତ ର ସରପଞ୍ଚ ସଂଯୁକ୍ତା ମହାନ୍ତି।ସୂଚନା ଅନୁଯାୟୀ ଗ୍ରାମ ନନ୍ଦିପୁର ପଞ୍ଚାୟତ ର ସରପଞ୍ଚ ସଂଯୁକ୍ତା ମହାନ୍ତି ନିଜ ପୂର୍ବ ପିରିଡ ୨୦୧୨ ରୁ ୨୦୧୭ ରେ ସରପଞ୍ଚ ଥିବା ସମୟ ରେ ପଞ୍ଚାୟତ ଟଙ୍କା କୁ ବିଭିନ୍ନ ସରକାରୀ ଯୋଜନାରେ ଖର୍ଚ୍ଚ କରଯାଇଥିବା ଦର୍ଶାଇ ଉଠାଇଥିଲେ। ୨୦୧୫-୧୬ ଆର୍ଥିକ ବର୍ଷରେ ପଞ୍ଚାୟତ ର CFC ଆକାଉଣ୍ଟ ରୁ ୧୧,୭୨,୫୦୦ ଟଙ୍କା ଚେକ୍ ନମ୍ବର୍ ୩୯୬୭୮୧,୩୯୬୭୮୨,୩୯୬୭୮୪,୩୯୬୭୮୬,୩୯୬୭୮୭,୩୯୬୭୮୩ ରେ ନିଜ ସ୍ୱାମୀ ତଥା ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ ଙ୍କ ପୂର୍ବତନ ପ୍ରତିନିଧି ପ୍ରଦୀପ ମହାନ୍ତି ଙ୍କ ଆକାଉଣ୍ଟ୍ ରେ ଟ୍ରାନ୍ସଫର୍ କରି ଉଠାଇଥିଲେ। ଗ୍ରାମ ପଞ୍ଚାୟତ ଆଇନ ର ସେକ୍ସନ୍ ୧୯ ଅନୁଯାୟୀ ଥିବା ନିୟମାବଳୀ କୁ ଶ୍ରୀମତୀ ମହାନ୍ତି ଅବମାନନା କରିବା ସହିତ ନିଜ କ୍ଷମତା ର ଦୁରୁପଯୋଗ କରିବାର ସରକାର ଅନୁଭବ କରିବା ସହିତ ତାଙ୍କୁ ତୁରନ୍ତ ନିଲମ୍ବିତ କରାଯାଇଛି। ତା ୧୯/୦୨/୨୦୨୫ ରିଖ ରେ ଓଡ଼ିଶା ସରକାର ପଞ୍ଚାୟତି ରାଜ ଏବଂ ପାନୀୟ ଜଳ ଯୋଗାଣ ବିଭାଗ ର ଚିଠି ସଂଖ୍ୟା ୪୬୦୫ ରେ ଏହି ନିର୍ଦ୍ଦେଶ ଜାରୀ ହୋଇଛି। ପୂର୍ବରୁ ଶ୍ରୀମତୀ ମହାନ୍ତି ମନରେଗା ଯୋଜନାରେ ନିଜ ପୁଅ କୁ ମନରେଗା ଶ୍ରମିକ ସଜାଇ ମନରେଗା ଟଙ୍କା ଆତ୍ମସାତ କରିଥିବା ଅଭିଯୋଗ ହୋଇଥିଲା। ଶ୍ରୀମତୀ ମହାନ୍ତି ଙ୍କ ସ୍ୱାମୀ ପ୍ରଦୀପ ମହାନ୍ତି ବିଧାୟିକା ପ୍ରମିଳା ମଲ୍ଲିକ ଙ୍କ ପ୍ରତିନିଧି ଥିବାରୁ ଏବଂ ଖାସ୍ ହୋଇଥିବାରୁ ସରକାରୀ ନିୟମାବଳୀ କୁ ଭୃକ୍ଷେପ ନ କରି ଏଭଳି ଚଞ୍ଚକତା କରିଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ପୂର୍ବ ସରକାର ରେ ବାରଂବାର ଅଭିଯୋଗ ହେଉଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହେଉନଥିବା ବେଳେ ବର୍ତ୍ତମାନ ସରକାରଙ୍କ କାର୍ଯ୍ୟାନୁଷ୍ଠାନକୁ ପ୍ରଶଂସା କରିଛନ୍ତି ସ୍ଥାନୀୟ ବାସିନ୍ଦା।

### ବଢୁଛି ଚିନାବାଦାମ ଚାହିଦା

# ରାସ୍ତା କଡ଼ରେ ରାଜସ୍ଥାନୀ ପସରା

**କାକଟପୁର/ଅସ୍ତରଙ୍ଗ,୧୯।୨ (ସଂଚାର ବ୍ୟୁରୋ):** ଗତ କିଛି ମାସ ହେଲା ପୁରୀ ଜିଲ୍ଲା କାକଟପୁର ଓ ଅସ୍ତରଙ୍ଗ ବଜାର ସମେତ ବିଭିନ୍ନ ଅଞ୍ଚଳରେ ରାସ୍ତାକଡ଼ରେ ସୁଦୂର ଉତ୍ତର ପ୍ରଦେଶରୁ ଆସିଥିବା ବ୍ୟବସାୟୀ ରାଜସ୍ଥାନୀ ଚିନାବାଦାମ ପସରା ଖୋଲିଛନ୍ତି। ରାସ୍ତା କଡରେ ବସ୍ତା ବସ୍ତା ଚିନାବାଦାମ ଜମାଇଛନ୍ତି। କେବଳ ଗୋଟିଏ ଅସ୍ଥାୟୀ ଚୁଲି ଲଗାଇ ଗରମ୍ ଗରମ୍ ଚିନାବାଦାମ ବିକ୍ରି କରୁଛନ୍ତି। ରାସ୍ତାରେ ଯାଉଥିବା ଗ୍ରାହକ ବି ଅଟକି ଯାଇ କିଣୁଛନ୍ତି। ସକାଳ ସନ୍ଧ୍ୟା ଯାଏଁ ପ୍ରତ୍ୟେକ ଦିନ ଅସ୍ତରଙ୍ଗ ଓ କାକଟପୁର ମୁଖ୍ୟ ବଜାରରେ ବ୍ୟବସାୟୀ ୨ପ୍ୟାକେଟ ଚିନାବାଦାମ ବିକି ବେଶ ରୋଜଗାର କରୁଛନ୍ତି। କୃଷି ପ୍ରଧାନ ଅଞ୍ଚଳ କାକଟପୁର ଓ ଅସ୍ତରଙ୍ଗ ଅଞ୍ଚଳରେ ରାଜ୍ୟ ବାହାର ଚିନାବାଦାମ ବିକ୍ରିକୁ ନେଇ ବିଭିନ୍ନ ମହଲରେ ଆଲୋଚନା ବିଷୟ ହୋଇଛି।

ପୁରୀ ଜିଲ୍ଲା କାକଟପୁର ଓ ଅସ୍ତରଙ୍ଗ ଅଞ୍ଚଳରେ ଚିନାବାଦାମ ଚାହିଦା ବେଶ ରହିଛି। ଆବଶ୍ୟକତା ଅନୁଯାୟୀ ଉତ୍ପାଦନ ହେଉ ନଥିବାରୁ ଏଭଳି ସ୍ଥିତି ବୋଲି ଚିନାବାଦାମ ଚାଷୀ ମହଲରେ ଆଲୋଚନା ହେଉଛି। ପୁରୀ ଜିଲ୍ଲା କାକଟପୁର ଓ ଅସ୍ତରଙ୍ଗ ବ୍ଲକର କିଛି ନିର୍ଦ୍ଦିଷ୍ଟ ଅଞ୍ଚଳରେ ଚାଷୀ ଚିନାବାଦାମ ଚାଷ କରିଥାନ୍ତି। କିଛି ଚାଷୀ ଚିନାବାଦାମ ଖୋଲା ବଜାରରେ ବିକ୍ରି କରୁଥିବା ବେଳେ କିଛି ତେଲ ପ୍ରସ୍ତୁତି ପାଇଁ ମଧ୍ୟ ଚାଷ କରିଥାନ୍ତି। ଯଦିଓ ଏହା ଏକ ଅର୍ଥକାରୀ ଫସଲ ଭାବରେ ଚାଷ କରାଯାଇଥାଏ। ଆବଶ୍ୟକ ବୈଷୟିକ ଜ୍ଞାନ କୌଶଳ ତଥା ପ୍ରୋତ୍ସାହନ ଅଭାବ ଯୋଗୁଁ ୨୦୧୯ପରଠାରୁ ଖୁବ କମ୍ କାଁ ଭାଁ ଚାଷ ହେଉଥିବା ବିଭାଗୀୟ ତଥ୍ୟରୁ ସ୍ପଷ୍ଟ ହୋଇଛି। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ତାଳଦା, ନଗର, ଝାଡ଼ଲିଙ୍ଗ, ଆଳସାହି, ଆଳଙ୍ଗପୁର, ନଈଗୁଆଁ ଅଞ୍ଚଳରେ ଚାଷୀ ଚିନାବାଦାମ ଚାଷ କରୁଥିଲେ। ପ୍ରୋତ୍ସାହନ ଅଭାବରୁ ଚିନାବାଦାମରୁ ମୁହଁ ଫେରାଇ କିଛି ବର୍ଷ ହେଲା ଚାଷ କରୁନାହାନ୍ତି।

ଏହା ବ୍ୟତୀତ ୨୦୨୪ ଖରିଫରେ ଅସ୍ତରଙ୍ଗରେ ଜଳବାୟୁ ସହନଶିଳତା କୃଷି ପାଇଁ ଜମିରେ ଚିନାବାଦାମ ଚାଷ ନମୁନା ପ୍ରଦର୍ଶନ କରାଯାଇଥିବା କୃଷି ବିଭାଗ ପକ୍ଷରୁ ସୂଚନା ମିଳିଛି। ସ୍ଥାନୀୟ କାକଟପୁର ଓ ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ଚିନାବାଦାମ ବେଶ ଚାହିଦା ରହିଥିଲେ ସୁଦ୍ଧା ଆବଶ୍ୟକ ସରକାରୀ ପ୍ରୋତ୍ସାହନ ଅଭାବ ସାଙ୍ଗକୁ ବୈଷୟିକ ଜ୍ଞାନ କୌଶଳ ଅଭାବରୁ ଚାଷୀ ଏହି ଚାଷ ପ୍ରତି ମୁହଁ ମୋଡୁଛନ୍ତି। ଫଳରେ ଚିନାବାଦାମ ବେଶ ଚାହିଦା ରହିଥିଲେ ସୁଦ୍ଧା କ୍ରମାଗତ ଚାଷ ହ୍ରାସ ପାଇବାରେ ଲାଗିଥିବା ଦେଖାଯାଇଛି। ଏହାର ସୁଯୋଗ ନେଇ ବର୍ତ୍ତମାନ ଖୋଦ ଅସ୍ତରଙ୍ଗ ମୁଖ୍ୟ ବଜାର ସମେତ ଗ୍ରାମାଞ୍ଚଳ, କାକଟପୁର ନୂତନ ବସଷ୍ଟାଣ୍ଡ ପାଖ ରେ ଉତ୍ତର ପ୍ରଦେଶର କିଛି ବ୍ୟବସାୟୀ ରାଜସ୍ଥାନୀ ଚିନାବାଦାମ ଆଣି ବେଶ ଲାଭବାନ ହେଉଛନ୍ତି। ଏହି ଅର୍ଥକାରୀ ଫସଲର ଉତ୍ପାଦନ ବୃଦ୍ଧି ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ବିଭିନ୍ନ ମହଲରେ ଦାବୀ ହେଉଛି।



ପ୍ରୋତ୍ସାହନ ଅଭାବରୁ କାକଟପୁର ଓ ଅସ୍ତରଙ୍ଗ ଅଞ୍ଚଳରେ ହେଉନି ଚିନାବାଦାମ ଚାଷ

## ସୁରେନ୍ଦ୍ର ସାଏ ଦିବ୍ୟଦୃଷ୍ଟି ଯୋଜନା କାର୍ଯ୍ୟକ୍ରମ



**ସୁବର୍ଣ୍ଣପୁର,୧୯।୨(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ଅନ୍ତର୍ଗତ ସରକାରୀ ପ୍ରାଥମିକ ବିଦ୍ୟାଳୟ, ଶୁଖାଠାରେ ଶିକ୍ଷା ଓ ସ୍ୱାସ୍ଥ୍ୟ ବିଭାଗ ମିଳିତ ଆନୁକୂଲ୍ୟରେ ବ୍ଲକସ୍ତରୀୟ ସୁରେନ୍ଦ୍ର ସାଏ ଦିବ୍ୟଦୃଷ୍ଟି ଯୋଜନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ଫକିର ମୋହନ ସା ଉକ୍ତ କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଥିଲେ। ଡୁଙ୍ଗୁରିପାଲି ବ୍ଲକର ଇଚ୍ଛାପୁର, ସର୍ଗୁଲ୍ ଓ ଶୁଖା କ୍ଲଷ୍ଟରର ୧୫୪ ଜଣ ଛାତ୍ରଛାତ୍ରୀମାନଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ସେଥି ମଧ୍ୟରୁ ୮୬ ଜଣ ଛାତ୍ରଛାତ୍ରୀମାନଙ୍କୁ ପରବର୍ତ୍ତୀ ସମୟରେ ଚଷମା ପ୍ରଦାନ କରାଯିବ । ୬ ଜଣ ଛାତ୍ରଛାତ୍ରୀଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ,ସୁବର୍ଣ୍ଣପୁରକୁ ଉତ୍ତମ ଚିକିତ୍ସା ପାଇଁ ଯିବାକୁ ଉକ୍ତ ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି। ଡୁଙ୍ଗୁରିପାଲି ଗୋଷ୍ଠୀ ଚିକିତ୍ସାଳୟର ଚକ୍ଷୁ ବିଶେଷଜ୍ଞ ବିଦ୍ୟାଧର ସାହୁ ଏବଂ ବିନିକା ଗୋଷ୍ଠୀ ଚିକିତ୍ସାଳୟର ଚକ୍ଷୁ ବିଶେଷଜ୍ଞ ଅଶୋକ କୁମାର ମଲ୍ଲିକ ଛାତ୍ରଛାତ୍ରୀମାନଙ୍କ ଚକ୍ଷୁ ପରୀକ୍ଷା କରିଥିଲେ।

## କୋର୍ଟରେ ବିବାହ କରିବାକୁ ଆସି ପ୍ରେମୀଯୁଗଳ ହଟହଟା

**ବାରିପଦା,୧୯।୨(ସଂଚାର ବ୍ୟୁରୋ):** କୋର୍ଟରେ ବିବାହ କରିବାକୁ ଆସି ପ୍ରେମୀ ଯୁଗଳ ହଟହଟା । ଯାହାଙ୍କୁ ଧରିଲେ ସ୍ଥାନୀୟ କିଛି ଯୁବକ । ଦେଲେ ଉତ୍ତମ ମଧ୍ୟମ । ଯାହା ଖବର ମିଳିଛି, ଜଣେ ସ୍ୱାମୀ ପରିତ୍ୟକ୍ତା ମହିଳାଙ୍କ ସହ ପ୍ରଥମେ ପ୍ରେମ ସମ୍ପର୍କ ଓ ପରେ ବିହାହ କରିବାକୁ ନିଷ୍ପତ୍ତି ଏବେ ମୁର୍ଶିଦାବାଦଜବରୁ ମୟୁରଭଞ୍ଜ ଜିଲ୍ଲାକୁ ରାଜମିସ୍ତ୍ରୀ ଭାବେ କାର୍ଯ୍ୟକରିବାକୁ ଆସିଥିବା ଜଣେ ବ୍ୟକ୍ତିଙ୍କୁ ପଡିଛି ମହଙ୍ଗା । ବାହାଘର ଭୁଲି ଏବେ ଥାନା ପିଣ୍ଡାରେ ପ୍ରେମିକ । ଏଭଳି ଘଟଣା ଦେଖିବାକୁ ମିଳିଛି ମୟୁରଭଞ୍ଜ ଜିଲ୍ଲା ସଦର ମହକୁମା ବାରିପଦା ସ୍ଥିତ କୋର୍ଟ ସମ୍ମୁଖରେ । ଗତକାଲି ମୟୁରଭଞ୍ଜ ଜିଲ୍ଲାର କୁଳିଅଣା ଥନା ଅଞ୍ଚଳ ଜନୈକା ମହିଳା ଜଣେ ରାଜମିସ୍ତ୍ରୀ ଭାବେ କାମ କରୁଥିବା ଜଣେ ବ୍ୟକ୍ତିଙ୍କୁ ବିହାହ କରିବାକୁ ପହଁଚି ଥିଲେ ବାରିପଦା କୋର୍ଟ ପରିସର । କିଛି ସମୟ ପରେ ଯୁବକ ଜଣକ ମଧ୍ୟ ପହଁଚି ବିବାହ ପାଇଁ ପ୍ରସ୍ତୁତ ହେଉଥିଲା । ଏହି ସମୟରେ ସ୍ଥାନୀୟ କିଛି ଯୁବଗୋଷ୍ଠୀ ପହଁଚି ଉକ୍ତ ବ୍ୟକ୍ତିଙ୍କୁ ଅଟକ ରଖିବା ସହ ମହିଳାଙ୍କୁ ଭୁଲାଇ ଫୁସଲାଇ ବିବାହ କରୁଥିବା ଅଭିଯୋଗ ଆଣିଥିଲେ । ଏହାସହ ଅଟକ ପ୍ରେମିକକୁ ଉତ୍ତମ ମଧ୍ୟମ ଦେବା ସହ ପୋଲିସର ଜିମା ଦେଇଥିଲେ ଉତ୍ୟକ୍ତ ଲୋକେ ।

